# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୧୬/୨୦୧୯ (୨୦ପୃଷ୍ଠା) Sambalpur, Monday, December 16 / 2019 ★★

୧୬ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





KP GROUP
Quality Since 1965

Safal
PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୧୬/୨୦୧୯ | Sambalpur, Monday, December 16 / 2019 | ପୃଷ୍ଠା-୧




**ହେଟମେରଙ୍କ ଦ୍ରୁତ ଶତକ**

ଭାରତ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଦ୍ରୁତ ଶତକ ହାସଲ କରି ୱେଷ୍ଟଇଣ୍ଡିଜକୁ ମ୍ୟାଚ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଶିମରନ ହେଟମେର। **୧୩**


**୧୧**


**ଏୟାରପୋର୍ଟରେ କରୀନାଙ୍କ ସଜବାଜ**

ନୱାବ୍ ପରିବାରର ବୋହୂ କରୀନା କପୁର ଖାନ୍ ସମୟ ଅଭାବରୁ ସଜବାଜ ହୋଇପାରୁନାହାନ୍ତି । ତେଣୁ ସେ ଏୟାରପୋର୍ଟରେ ମେକ୍ଅପ୍ ନେଉଛନ୍ତି ।



## ■ ସିଏଏ-ଏନ୍ଆର୍ସି ଭୟ: କେଉଁଠି ଧୂଆଁ କେଉଁଠି ନିଆଁ

# ଆକ୍ରୋଶରୁ ଅରାଜକତା

**ନୂଆଦିଲ୍ଲୀ/କୋଲକାତା, ୧୫।୧୨**

ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ଲାଗୁ ହେବା ପରେ ଉପୁଜିଥିବା ଅଡୁଆ ନ ଛିଣ୍ଡୁଣୁ ଏହାକୁ ଜାତୀୟ ସ୍ତରରେ ପ୍ରୟୋଗ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ସରକାର। ଇତିମଧ୍ୟରେ ସଂଖ୍ୟା ଯୋଗାଡ଼ କରିବାରେ ସଫଳ ହୋଇଥିବା ମୋଦି ସରକାର ଗତ ସପ୍ତାହରେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ଗୃହୀତ କରାଇନେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନ (ସିଏଏ)ରେ ପରିଣତ ହୋଇଛି। ସିଏଏକୁ ବିରୋଧ କରି ସମଗ୍ର ଉତ୍ତରପୂର୍ବାଞ୍ଚଳରେ ଆନ୍ଦୋଳନର ନିଆଁ ଜଳୁଛି। ଆସାମ, ତ୍ରିପୁରା, ମଣିପୁର, ସିକିମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ଓ ମିଜୋରାମରେ ନବପ୍ରଣୀତ ନାଗରିକତ୍ୱ ଆଇନ ପ୍ରତିବାଦରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଭଙ୍ଗାରୁଜା ଓ ଜଳାପୋଡ଼ା କରୁଥିବାବେଳେ କେବଳ ଆସାମ ହିଂସାରେ ୫ ଜଣଙ୍କ ଜୀବନ ଗଲାଣି। ମୃତକଙ୍କ ମଧ୍ୟରୁ ୪ ବିକ୍ଷୋଭକାରୀ ପୋଲିସ ଗୁଳିରେ ଟଳିପଡ଼ିଛନ୍ତି। ସେହିପରି ତ୍ରିପୁରାରେ ରାସ୍ତା ଅବରୋଧ ଯୋଗୁ ହସ୍ପିଟାଲକୁ ଯାଉଥିବା ଏକ ଦୁଇମାସର ଶିଶୁ ବାଟରେ ଆଖି ବୁଜିଦେଇଛି। ଉତ୍ତରପୂର୍ବାଞ୍ଚଳ ସ୍ଥିତିରେ ସାମାନ୍ୟ ସୁଧାର ଆସୁଥିବାବେଳେ ଏହି ନିଆଁ କ୍ରମଶଃ


☞ପୃଷ୍ଠା-୨




ନୂଆଦିଲ୍ଲୀର ମଥୁରା ରୋଡ୍‌ରେ ବିକ୍ଷୋଭକାରୀମାନେ ଏକ ବସ୍‌ରେ ନିଆଁ ଲଗାଇଦେଇଛନ୍ତି।

- ■ **ପଶ୍ଚିମବଙ୍ଗରେ ଉଗ୍ର ହେଲା ଆନ୍ଦୋଳନ**
- ■ **ଭୟରେ ଜୀବନ ହାରିଲେ ମହିଳା**
- ■ **ଦିଲ୍ଲୀରେ ୪ ବସ୍ ଜାଳିଦେଲେ ଜେଏମ୍ଆଇୟୁ ଛାତ୍ର**
- ■ **ଆସାମରେ ଗଲାଣି ୫ ଜୀବନ, ତ୍ରିପୁରାରେ ଜଣେ**

### ସିଏଏ ବିରୋଧୀ ଆନ୍ଦୋଳନ: ଝାଡ଼ଖଣ୍ଡରେ ବର୍ଷିଲେ ମୋଦି

## ହିଂସା ପଛରେ କଂଗ୍ରେସ



**ଡୁମୁକା, ୧୫।୧୨ (ପି.ଟି./ଆଇଏଏନ୍ଏସ୍)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଉତ୍ତର-ପୂର୍ବ ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ଓ ଆନ୍ଦୋଳନ ଜାରି ରହିଛି। ଦିନକୁ ଦିନ ହିଂସା ବଢ଼ିବାରେ ଲାଗିଥିବାବେଳେ ଏଥିପାଇଁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଉପରେ ଦୋଷ ଲଦିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଝାଡ଼ଖଣ୍ଡର ଡୁମୁକାରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଦେଶକୁ ବଞ୍ଚାଇଛନ୍ତି। ହେଲେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଭାଜପା ଓ ମୋଦିଙ୍କୁ ବିରୋଧ କରୁଛନ୍ତି। ସେମାନେ ମୋଦିଙ୍କୁ ବିରୋଧ କରିବାକୁ ଯାଇ ଦେଶର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ପାକିସ୍ତାନୀମାନେ ଦୀର୍ଘ ସମୟ ଧରି ଯାହା କରିଆସୁଥିଲେ କଂଗ୍ରେସ ପ୍ରଥମଥର ପାଇଁ ତାହା କରିଛି। ବିଦେଶରେ ଭାରତର ଛବିକୁ ମଳିନ କରିବା ପାଇଁ କଂଗ୍ରେସ ଉଦ୍ୟମ ଚଳାଇଛି ବୋଲି ସେ ସମାଲୋଚନା କରିଛନ୍ତି। ଯେଉଁମାନେ ନିଆଁ ଲଗାଉଛନ୍ତି, ସେମାନଙ୍କୁ ତାଙ୍କର ପୋଡ଼ା ପୋଷାକରୁ ଚିହ୍ନଟ କରାଯାଇ ପାରିବ। ଜଳାପୋଡ଼ା ଓ ଭଙ୍ଗାରୁଜା କରୁଥିବା ଲୋକଙ୍କୁ ଟିଭି ଚ୍ୟାନେଲରେ ଚିହ୍ନି ହେବ ବୋଲି ମୋଦି କହିଛନ୍ତି।

### ବଜ୍ରକାପ୍ତା ଚାଲାଣରେ ଲଗାମ୍ ଲଗାଇବାକୁ ପ୍ରୟାସ

## ସୂଚନା ଦେଲେ ମିଳିବ ୧୦ହଜାର

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

■ **ଅଭିଯୁକ୍ତଙ୍କ ଫଟୋ ଥାନା, ବନଖଣ୍ଡ କାର୍ଯ୍ୟାଳୟରେ ଲଗାଯିବ**

ବଜ୍ରକାପ୍ତା ଚୋରାଚାଲାଣ ବନବିଭାଗର ନିଦ ହଜାଇ ଦେଇଛି। ବନ୍ୟପ୍ରାଣୀ ଚୋରାଚାଲାଣରେ ବଜ୍ରକାପ୍ତାର ସବୁଠାରୁ ଅଧିକ କାରବାର ହୋଇଥାଏ। ଗତ କିଛିମାସ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା କାରବାରରେ ବଜ୍ରକାପ୍ତା ଉଦ୍ଧାର କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ଏହାକୁ ରୋକିବା ଲାଗି ବନବିଭାଗ ବଡ଼ ପଦକ୍ଷେପ ନେଇଛି। ଏଣିକି ବଜ୍ରକାପ୍ତା ଚାଲାଣ ସମ୍ପର୍କରେ ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ମିଳିବ। ଏହାଛଡ଼ା ଚାଲାଣକାରୀଙ୍କ ଫଟୋ ଥାନା ଓ ବନଖଣ୍ଡ କାର୍ଯ୍ୟାଳୟରେ ଲଗାଯିବ। ଏନେଇ ଆଠଗଡ଼ ଡିଏଫ୍ଓ ସସ୍ମିତା ଲେଙ୍କା ସୂଚନା ଦେଇଛନ୍ତି।

ପୂର୍ବରୁ ଆଠଗଡ଼ ଅଞ୍ଚଳରୁ ବଜ୍ରକାପ୍ତା ଚୋରାଚାଲଣ ଅଭିଯୋଗରେ ବିଭିନ୍ନ ପର୍ଯ୍ୟାୟରେ ୧୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ରିମାଣ୍ଡରେ ଆଣି ବନବିଭାଗ ପଚରାଉଚୁରା ମଧ୍ୟ କରିଛି। ସେପଟେ ସୋସିଆଲ ମିଡିଆରେ ବଜ୍ରକାପ୍ତା ବେପାର ଚାଲିଥିବାବେଳେ କିଛିଦିନ ପୂର୍ବେ ବନବିଭାଗ ଏହାର ସୁରାକ୍ ପାଇଥିଲା। ଏନେଇ ଚୋରାଚାଲାଣକାରୀଙ୍କୁ ଧରିବା ଲାଗି ଅପରେଶନ ଆରମ୍ଭ କରାଗଲା। ଏହି କ୍ରମରେ ପ୍ରତ୍ୟେକ ଦିନ ନୂତନ ତଥ୍ୟ ସାମ୍ନାକୁ ଆସିଥିଲା। ଚାଲାଣକାରୀ ବଜ୍ରକାପ୍ତା ଉପରେ ୧୦ ଟଙ୍କିଆ ନୋଟ୍ ରଖିଥିବା ସୋସିଆଲ ଭିଡିଓରେ ଦେଖିବାକୁ ମିଳିଥିଲା, ଯାହାର ଅର୍ଥ ବଜ୍ରକାପ୍ତାର ଓଜନ ୧୦ କିଲୋ। ସେହିପରି ଏହାର ଆଉ ଏକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଯିଏ ବଜ୍ରକାପ୍ତା ନେବେ, ସେ ଏକ ନୋଟ୍ ବଜ୍ରକାପ୍ତା ଚାଲାଣକାରୀଙ୍କ ନିକଟକୁ ପଠାଇବା ସହ ଏହାର ନମ୍ବର ରଖିବେ। ଚାଲାଣକାରୀ ସେଇ ନୋଟ୍‌କୁ ବଜ୍ରକାପ୍ତା ଉପରେ ରଖି ଭିଡିଓ ପ୍ରସ୍ତୁତ କରି ଗ୍ରାହକଙ୍କ ନିକଟକୁ ପଠାଇବେ। ଏହା ହେଉଛି ଚାଲାଣକାରୀଙ୍କ ନିକଟରେ ବଜ୍ରକାପ୍ତା ରହିଥିବାର ଗ୍ରାହକଙ୍କ ପାଇଁ ପ୍ରମାଣ। ଏହାପରେ ବଜ୍ରକାପ୍ତା ନେଇ ଡିଲ୍ ଚୂଡ଼ାନ୍ତ ହୁଏ। ସେହିପରି ଅନ୍ୟ ଏକ ଭିଡିଓରେ ବଜ୍ରକାପ୍ତା ଦେହରେ ଟେଷ୍ଟର ଲଗାଯାଉଥିବା ଦେଖିବାକୁ ମିଳିଛି। ତେବେ ଏହାର ଅର୍ଥ ଏ ଯାଏ ସ୍ପଷ୍ଟ ହୋଇନାହିଁ। ଏପଟେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଏକ ବଡ଼ ର୍‍ୟାକେଟ୍‌ର ସନ୍ଧାନ ପାଇଛି ବନବିଭାଗ। ମୋବାଇଲ ଫୋନ୍ ତଥ୍ୟ ଆଧାରରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯାଇଛି। ର୍‍ୟାକେଟ୍‌ରେ ୨୫ରୁ ୩୦ ଜଣ ସଂପୃକ୍ତ ଥିବା ସୂଚନା ମିଳିଛି।

# ଖୋର୍ଦ୍ଧାରେ ଶିଶୁ ଡାକ୍ତରଙ୍କୁ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ, ୧୫।୧୨:**

- ■ **କ୍ଲିନିକରେ ରୋଗୀ ଦେଖୁଥିବାବେଳେ ଫୁଟିଲା ଗୁଳି**
- ■ **ଦୁର୍ବୃତ୍ତଙ୍କୁ ଧରିବାକୁ ଯାଇ ଗୁଳି ଖାଇଲେ ମେଡିସିନ ଦୋକାନୀ**

ପୂର୍ବରୁ ଭୁବନେଶ୍ୱର, ସୋନପୁର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ହତ୍ୟା ଏବଂ ମରଣାନ୍ତକ ଆକ୍ରମଣ ଭଳି ଘଟଣା ଘଟିଛି। ରବିବାର ସେହିଭଳି ଏକ ଘଟଣା ଘଟିଛି ଖୋର୍ଦ୍ଧା ସହରରେ। ସନ୍ଧ୍ୟା ସାଢ଼େ ୬ଟାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ବଡଶଙ୍ଖସ୍ଥିତ ଏକ ଘରୋଇ କ୍ଲିନିକ ଭିତରେ ଫୁଟିଛି ୩ ରାଉଣ୍ଡ ଗୁଳି। ସେଥିରୁ ୨ଟି ଗୁଳି ଶିଶୁରୋଗ ବିଶେଷଜ୍ଞ ଡା. ମାନସ ଦାସଙ୍କ ପେଟରେ ବାଜିଥିଲା। ଏହି ସମୟରେ ଦୁର୍ବୃତ୍ତଙ୍କୁ ଧରିବାକୁ ଯାଇ ମେଡିସିନ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷ ମଧ୍ୟ ଗୁଳିମାଡର ଶିକାର ହୋଇଛନ୍ତି। ତାଙ୍କର ମଧ୍ୟ ପେଟରେ ଗୁଳି ବାଜିଥିଲା। ସେଠାରେ ଆତଙ୍କ ଖେଳିଯିବା ପରେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ମାନସ ଓ ସନ୍ତୋଷଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଡାକ୍ତର ମାନସଙ୍କ ବଡଶଙ୍ଖ ଅଞ୍ଚଳରେ ଏକ କ୍ଲିନିକ୍ ରହିଛି। କ୍ଲିନିକ୍ ଭିତରେ ବଣିଆଟାଙ୍ଗିର ସନ୍ତୋଷ ମେଡିସିନ ଦୋକାନ କରିଛନ୍ତି। ରବିବାର ମାନସ କ୍ଲିନିକ୍‌ରେ ରୋଗୀ ଦେଖୁଥିଲେ। ଅପରାହ୍ନ ୫ଟାରେ କ୍ଲିନିକ୍ ବନ୍ଦ ହେବା କଥା। କିନ୍ତୁ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ସମୟ ବଢ଼ି ଯାଇଥିଲା। ଏହି ସମୟରେ ଦୁଇଜଣ ଯୁବକ ଚାଲି ଚାଲି କ୍ଲିନିକକୁ ଆସିଥିଲେ। ଜଣେ ଯୁବକ ମଙ୍କିକ୍ୟାପ ପିନ୍ଧି ରୋଗୀ ହିସାବରେ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ଗୁଳିମାଡ କରି ବାହାରକୁ ଆସୁଥିଲେ। ଭିତରୁ ଗୁଳିମାଡ ଶବ୍ଦ ସହ ରୋଗୀ ସମ୍ପର୍କୀୟଙ୍କ ପାଟି ଶୁଣି ସନ୍ତୋଷ ମୁଖାଧାରୀ ଯୁବକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ଯୁବକ ଜଣକ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲେ। ଗୁଳିମାଡ ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଖବରପାଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମା ପ୍ରସାଦ ସିଂ ଉକ୍ତ କ୍ଲିନିକ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଥିବା ଜଣାପଡିଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୪୬୭/୧୯ ନମ୍ବରରେ ମାମଲା ରୁଜୁ ହୋଇଛି।

## ଆଜିଠାରୁ ଏମ୍ଏନ୍‌ପି ଲାଗି ନୂଆ ନିୟମ

**ନୂଆଦିଲ୍ଲୀ, ୧୫।୧୨**



ଉପଭୋକ୍ତାଙ୍କୁ ନିଜ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍ଏନ୍‌ପି) କରିବା ପାଇଁ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ)ର ନୂଆ ନିୟମ ମୁତାବକ ଏମ୍ଏନ୍‌ପି ପୂର୍ବଠାରୁ ଅଧିକ ତ୍ୱରିତ ଏବଂ ସହଜ ହେବ ବୋଲି ଜଣାପଡ଼ିଛି। ଏନେଇ ଟ୍ରାଇର ନୂଆ ନିୟମ ୧୬ ଡିସେମ୍ବରଠାରୁ ଲାଗୁ ହେଉଛି। କୌଣସି ଗ୍ରାହକ ନିଜ ମୋବାଇଲ ନମ୍ବରକୁ ପୋର୍ଟ କରିବାକୁ ଯୋଗ୍ୟ ହେଲେ ଟ୍ରାଇ ପକ୍ଷରୁ ୟୁନିକ ପୋର୍ଟିଂ କୋଡ(ୟୁପିସି) ଜାରି କରାଯିବ। ମୋବାଇଲ ନମ୍ବର ପୋର୍ଟ କରିବା ଲାଗି ଟ୍ରାଇ ପକ୍ଷରୁ କିଛି ନିୟମାବଳୀ ଜାରି କରାଯାଇଛି। ଏହି ନିୟମ ମୁତାବକ ପୋଷ୍ଟ ପେଡ୍ ଗ୍ରାହକମାନେ ଟେଲିକମ୍ ଅପରେଟରଙ୍କ ସମସ୍ତ ବକେୟା ପ୍ରଦାନ କରିବାକୁ ହେବ। ପୋର୍ଟ କରାଯାଉଥିବା ନମ୍ବର ଅନ୍ତତଃ ପକ୍ଷେ ୩ ମାସ ପୁରୁଣା ହୋଇଥିବା ଆବଶ୍ୟକ। ଯଦି ଉପଭୋକ୍ତା ତାଙ୍କ ଟେଲିଫୋନ ନମ୍ବରର ମାଲିକାନା ପରିବର୍ତ୍ତନ ଲାଗି ପୂର୍ବରୁ ଅନୁରୋଧ କରିଛନ୍ତି ତେବେ ତାହା ପୋର୍ଟ ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ପୋର୍ଟ ହେଉଥିବା ନମ୍ବର କୌଣସି ମକଦ୍ଦମାର ଅଧୀନ ନ ଥିବ। ନମ୍ବରକୁ ପୋର୍ଟ କରାଇବା କ୍ଷେତ୍ରରେ କୌଣସି ଆଇନଗତ କଟକଣା ନ ଥିବ। ୩ଟି କାର୍ଯ୍ୟ ଦିବସରେ ନମ୍ବରକୁ ପୋର୍ଟ କରାଯାଇ ପାରିବ। ଏଥିଲାଗି ୬.୪୬ ଟଙ୍କା ଚାର୍ଜ ଲାଗିବ।

### ଆଜିର ସମ୍ପାଦକୀୟ

**ସୃଷ୍ଟିକର୍ତ୍ତା ଭାବି ବସିଲେଣି**

### ଆଜିର ମନ୍ତବ୍ୟ

" ସାମ୍ପ୍ରଦାୟିକ ଦଳଗୁଡ଼ିକ ପଶ୍ଚିମବଙ୍ଗରେ ହିଂସା ଉସୁକାଉଛନ୍ତି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**


Vencobb FRESH CHICKEN — Taste the difference!

15.12.2019

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 80 | 132 | 142 |
| BLS | 78 | 129 | 139 |
| ANG | 85 | 139 | 149 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


### ସିଏଏକୁ ବିରୋଧ ଜାରି, ଲଗାତର ୫ଦିନ ଟ୍ରେନ ବାତିଲ୍

## ସ୍ଥିତି ସୁଧୁରିଲେ ଚାଲିବ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

- ■ **ରବିବାର ୧୭ ଟ୍ରେନ୍ ଚଳାଚଳ ବନ୍ଦ**
- ■ **ସୋମବାର ୩ ଓ ମଙ୍ଗଳବାର ୧ ଟ୍ରେନ୍ ବାତିଲ**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ପଶ୍ଚିମବଙ୍ଗ, ଆସାମ ସମେତ କେତେକ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଆନ୍ଦୋଳନ ଓ ହିଂସା ଯୋଗୁ ଟ୍ରେନ୍ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ସମଗ୍ର ଆସାମ, ପଶ୍ଚିମବଙ୍ଗର ହାଓଡ଼ା ଓ ଉଲୁବେରିଆ ଅଞ୍ଚଳରେ ଆନ୍ଦୋଳନକାରୀ ଟ୍ରେନ୍‌କୁ ଟାର୍ଗେଟ କରିଛନ୍ତି। ଗୁରୁବାରଠାରୁ ହାଓଡ଼ା-ଖଡ଼ଗପୁର ସେକ୍ସନ ମଧ୍ୟରେ ରେଲରୋକୋ ଜାରି ରହିଛି। ଆନ୍ଦୋଳନକାରୀମାନେ ପଥର ମାଡ଼ ସହ ଷ୍ଟେଶନ ଓ ଟ୍ରେନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଯାତ୍ରୀମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଫଳରେ ଶୁକ୍ରବାରଠାରୁ ହାଓଡ଼ାରୁ ଅଧିକାଂଶ ଟ୍ରେନ୍‌କୁ ବାତିଲ୍ କରାଯାଇଥିବାବେଳେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବିଶାଖାପାଟଣା, ହାଇଦ୍ରାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁକୁ ରେଳ ସେବା ବାଧାପ୍ରାପ୍ତ ହୋଇଛି। ରବିବାର ଓଡ଼ିଶା ଦେଇ ଚଳାଚଳ କରୁଥିବା ୧୭ ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ୍ ଓ ଆଉକିଛି ଆଂଶିକ ବାତିଲ୍ ହୋଇଛି। ସୋମବାର ଓ ମଙ୍ଗଳବାର ପର୍ଯ୍ୟନ୍ତ ଆଉ କିଛି ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇଛି। ସୁରକ୍ଷା ସ୍ଥିତି ଓ ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କିଛି ସ୍ପେଶାଲ ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ହୋଇଛି। ଆବଶ୍ୟକସ୍ଥଳେ ସ୍ଥିତି ସ୍ୱାଭାବିକ ହେବା ମାତ୍ରେ ସ୍ପେଶାଲ ଟ୍ରେନ ଚାଲିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ରବିବାର ପୁରୀ-ଚେନ୍ନାଇ ଏକ୍ସପ୍ରେସ, ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର, ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜର, ତିରୁପତି-ହାଓଡ଼ା,


☞ପୃଷ୍ଠା-୨







ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶୁଭମ୍
ପରିବାରବର୍ଗ



ସୋମ୍
ପରିବାରବର୍ଗ



ସାଇଶ୍ରୀ
ପରିବାରବର୍ଗ



ଲିମୁନ୍
ପରିବାରବର୍ଗ



ଜ୍ୟୋତିଷ୍ମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ବିଦ୍ୟୁତ ବିତରଣକାରୀ କମ୍ପାନୀଗୁଡିକ ଉପରେ ଶକ୍ତି ଉତ୍ପାଦନକାରୀ କମ୍ପାନୀଗୁଡିକର ବକେୟା ୪୮% ବୃଦ୍ଧି ଘଟି ୮୧,୦୧୦ କୋଟି ଟଙ୍କା ଛୁଇଁଛି।
– ପିଆର୍‌ଏଏପିଟିଆଇ

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅନିତା ଶତପଥୀ



ସଂଗ୍ରାମ କେଶରୀ ପୃଷ୍ଟି



ଅଶୋକ କୁମାର ମିଶ୍ର



ଆଦ୍ୟାଶା ମହାପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଦୁଇଦିନ ପ୍ରବଳ କୁହୁଡ଼ି
# ଆଜି ୭ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେଉ ନ ଥିବାବେଳେ ଆସନ୍ତା ଦୁଇଦିନ ରାଜ୍ୟରେ ପ୍ରବଳ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଉତ୍ତର-ଓଡ଼ିଶା ଓ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ ଜିଲାର କିଛି ସ୍ଥାନରେ ଦୁଇଦିନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେପଟେ ପ୍ରବଳ କୁହୁଡ଼ିକୁ ଦୃଷ୍ଟିରେ ରଖି କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ ଓ କୋରାପୁଟ ଆଦି ୭ ଜିଲାରେ ପ୍ରବଳ କୁହୁଡ଼ି ହେବ। ତେଣୁ ଏହି ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳ କୁହୁଡ଼ି ଦେଖାଯାଇଥିଲା। ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ୧୨ ଜିଲାରେ କୁହୁଡ଼ି ହୋଇଥିବାରୁ ଏଠାରେ ୟେଲୋ ୱାର୍ନିଂ ଜାରି କରାଯାଇଥିଲା। ତେବେ ଆସନ୍ତା ୨୪ ଘଣ୍ଟା ଭିତରେ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ଆସନ୍ତା ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିଲା।

ପ୍ରଥମ ପୃଷ୍ଠାରୁ...

## ଆକ୍ରୋଶରୁ...

ଦେଶର ଅନ୍ୟ ଭାଗକୁ ବ୍ୟାପିବାରେ ଲାଗିଛି। ପଶ୍ଚିମବଙ୍ଗରେ ଶନିବାର ସଂଖ୍ୟାଲଘୁ ବିକ୍ଷୋଭକାରୀମାନେ ୧୫ ବସ୍ ଓ ୫ଟି ଟ୍ରେନ୍‌ରେ ନିଆଁ ଲଗାଇଦେବା ସହ ଭଙ୍ଗାରୁଜା କରିଥିଲେ। ଏହାର ଦିନକ ପରେ ପୂର୍ବ ବର୍ଦ୍ଧମାନ ଜିଲାରେ ଏନ୍‌ଆର୍‌ସି ଭୟରେ ଜଣେ ମହିଳା ନିଜ ବେକରେ ମଫଲର ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେପଟେ ରାଜଧାନୀ ଦିଲ୍ଲୀରେ ମଧ୍ୟ ସିଏଏକୁ ନେଇ ବିରୋଧ, ବିକ୍ଷୋଭ ଓ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ(ଜେଏମ୍‌ଆଇୟୁ) ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଲାଠିମାଡ଼ ପରେ ଯନ୍ତରମନ୍ତରଠୁ ନେଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଯାଏ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ରବିବାର ଜାମିଆ ନଗର ଅଞ୍ଚଳରେ ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ବିକ୍ଷୋଭକାରୀମାନେ ୪ଟି ବସ୍‌ରେ ନିଆଁ ଲଗାଇଦେବା ସହ ପୋଲିସକୁ ଟାର୍ଗେଟ କରିଛନ୍ତି। ଏଭଳି ସ୍ଥିତିରେ ଶାସକ-ବିରୋଧୀଙ୍କ ଆରୋପ-ପ୍ରତ୍ୟାରୋପ ଜାତୀୟ ରାଜନୀତିର ତାପମାତ୍ରା ବଢ଼ାଇଦେଇଛି। କାରଣ ଉତ୍ତର-ପୂର୍ବ ସମେତ ପଶ୍ଚିମବଙ୍ଗ, ପଞ୍ଜାବ, କେରଳ, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଭଳି ଅନେକ ରାଜ୍ୟର ସରକାର ସିଏଏକୁ ନିଜ ପ୍ରଦେଶରେ ଲାଗୁ କରିବାକୁ ମନାକରି ଦେଇଦେଇଛନ୍ତି। ହେଲେ କେନ୍ଦ୍ର ସରକାର କହୁଛନ୍ତି, ଏହା କେନ୍ଦ୍ରୀୟ ଆଇନ, ତୁମେ ମାନିବାକୁ ବାଧ୍ୟ। ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ ଦେଶବାସୀଙ୍କ ମନରେ ଥିବା ଭୟ କେତେବେଳେ କେଉଁ ରୂପ ନେବ ତାକୁ ନେଇ ଆକଳନ କରିବା କଷ୍ଟକର ବୋଲି ବିଶ୍ଳେଷକମାନେ କହିଲେଣି। କେନ୍ଦ୍ର ବିରୋଧରେ ଜନ ଆକ୍ରୋଶ ଏବେ ଅରାଜକତା ଆଡ଼କୁ ମୁହାଁଇଲାଣି।

ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ରବିବାର ଉଗ୍ରରୂପ ଧାରଣ କରିଛି। ଏହି ଆଇନକୁ ବିରୋଧ କରି ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିର ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ ପୂର୍ବରୁ ଲାଠିଚାର୍ଜ କରିଥିଲା। ଏଥିରେ ଅନେକ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହି ଦମନଲୀଳା ପ୍ରତିବାଦରେ ଦକ୍ଷିଣପୂର୍ବ ଦିଲ୍ଲୀର ମଥୁରା ରୋଡ୍‌ରେ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ପୁଣି ବଳପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ଏଥିରେ ଉତ୍ତ୍ୟକ୍ତ ହୋଇ ଦିଲ୍ଲୀ ପରିବହନ ନିଗମ (ଡିଟିସି)ର ଏକ ବସ୍ ଓ ଅଗ୍ନିଶମ ବାହିନୀର ଏକ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଅପରାହ୍ନ ୪ଟା ୪୨ରେ ସେମାନେ ପୋଲିସକୁ ଟେକାମାଡ଼ କରିବା ସହ ପରେ ଆଉ ଦୁଇଟି ବସ୍‌କୁ ଜାଳିଦେଇଥିବା ଜଣାପଡ଼ିଛି। ତେବେ ଏହି କାଣ୍ଡରେ ବିଶ୍ୱବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ସମ୍ପୃକ୍ତ ନ ଥିବା ଜେଏମ୍‌ଆଇୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ହିଂସାରେ ସମ୍ପୃକ୍ତ ଛାତ୍ରଙ୍କୁ ଧରିବା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ପଶିଛି ଦିଲ୍ଲୀ ପୋଲିସ।

ଅନୁରୂପ ଭାବେ ପଶ୍ଚିମବଙ୍ଗରେ ସିଏଏକୁ ବିରୋଧ କରି ଚାଲିଥିବା ବିକ୍ଷୋଭ ତୃତୀୟ ଦିନରେ ପହଞ୍ଚିଛି। ମାଲଦା, ଉତ୍ତର ଦିନାଜପୁର, ମୁର୍ଶିଦାବାଦ, ହାଓଡା, ଉତ୍ତର ୨୪ ପ୍ରଗଣା ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ଲୋକେ ଏହାକୁ ନେଇ ଆନ୍ଦୋଳନ କରୁଛନ୍ତି। ସେମାନେ ନାଗରିକତ୍ୱ ଆଇନ କପି ପୋଡ଼ିବା ସହ ଭଙ୍ଗାରୁଜା କରୁଛନ୍ତି। ସୋସିଆଲ ମିଡିଆରେ ଫେକ୍ ନ୍ୟୁଜ୍ ପ୍ରସାରଣ ଓ ଗୁଜବ ରୋକିବା ପାଇଁ ୬ ଜିଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁରୋଧକୁ କେହି ଶୁଣୁନାହାନ୍ତି। ନଦୀୟା, ବୀରଭୂମ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା ଏବଂ ହଓଡା ଜିଲାରେ ସାମ୍ପ୍ରଦାୟିକ ହିଂସା ସହ କେତେକ ଦୋକାନରୁ ଲୁଟ ଓ ରାହାଜାନି ହୋଇଥିବା ଖବର ଆସିଛି। ଆନ୍ଦୋଳନକାରୀ ରାସ୍ତା ଓ ରେଳପଥ ଅବରୋଧ କରିବା ଯୋଗୁ ବସ୍-ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବର୍ଦ୍ଧମାନ ଜିଲାର ସିପ୍ରା ଶିକ୍‌ଦେର ନାମ୍ନୀ ଜଣେ ୩୬ ବର୍ଷୀୟା ମହିଳା ନିଜ ବେକରେ ମଫଲର ଲଗାଇ ଆତ୍ମହତ୍ୟା କରିଛନ୍ତି। ଜଉଗ୍ରାମ ଅଞ୍ଚଳର ତେଲିସ୍ଥିତ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ତାଙ୍କର ମୃତଦେହ ଜବତ କରିଛି। ପାର୍ଲାମେଣ୍ଟରେ ସିଏବି ପାସ୍ ହେବା ପରଠୁ ସେ ଚିନ୍ତା ଓ ଭୟରେ ଥିଲେ। ତାଙ୍କ ୧୯ ବର୍ଷୀୟ ପୁଅ ପାଖରେ ଆଧାର କାର୍ଡ ଥିଲା। ହେଲେ ଭୋଟର କାର୍ଡ ଓ ଜନ୍ମ ପ୍ରମାଣପତ୍ର ନ ଥିଲା। ତେଣୁ ଏନ୍‌ଆର୍‌ସି ଲାଗୁ ହେଲେ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସିପ୍ରା ଭୟଭୀତ ହୋଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ସୁଭାଷ ଶିକଦେର ଅଭିଯୋଗ କରିଛନ୍ତି। ରାଜ୍ୟରେ ସୃଷ୍ଟି ହୋଇଥିବା ଦଙ୍ଗା ଓ ସଙ୍କଟର ସମାଧାନ ପାଇଁ ଭାଜପାର ଏକ ପ୍ରତିନିଧି ଦଳ ରବିବାର ଝାଡ଼ଖଣ୍ଡ ପ୍ରଚାର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି।

## ସ୍ଥିତି ସୁଧୁରିଲେ...

ଦୀଘା-ପୁରୀ ଏକ୍ସପ୍ରେସ, ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ, ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ, ଭାସ୍କୋଡ଼ାଗାମା-ହାଓଡ଼ା ଅମରାବତୀ ଏକ୍ସପ୍ରେସ, ସିକନ୍ଦରାବାଦ-ଗୁଆହାଟୀ ଏକ୍ସପ୍ରେସକୁ ବାତିଲ୍ କରାଯାଇଥିଲା। ସୋମବାର ପାଇଁ ସିଆଲ୍‌ଦା-ପୁରୀ ଏକ୍ସପ୍ରେସ, ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ, ଚେନ୍ନାଇ-ପୁରୀ ଏକ୍ସପ୍ରେସ ଓ ମଙ୍ଗଳବାର ପାଇଁ ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସକୁ ବାତିଲ୍ କରାଯାଇଛି।

## ସ୍ୱାଭିମାନ ଅଞ୍ଚଳରେ ପ୍ରତିଷ୍ଠା ହେବ ଶିକ୍ଷକ କ୍ଲଷ୍ଟର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ): ସ୍ୱାଭିମାନ ଅଞ୍ଚଳରେ ଶିକ୍ଷକ କ୍ଲଷ୍ଟର ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଅଞ୍ଚଳର ୭ଟି ପଞ୍ଚାୟତର ସ୍କୁଲ ଉପକୃତ ହେବ। ଏଥିପାଇଁ ୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି ଯେ, ଗୁରୁପ୍ରିୟା ସେତୁ ହେବାପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଦୁଇଟି ପଞ୍ଚାୟତ ପଣସପୁଟ, ଜଡାଆମ୍ବ ପଞ୍ଚାୟତର ସ୍କୁଲକୁ ଆସୁଥିବା ଶିକ୍ଷକମାନଙ୍କୁ ବିଶେଷ ଅସୁବିଧା ହେଉଛି। ସେହିପରି କ୍ଲଷ୍ଟର ପ୍ରସ୍ତୁତ ହେବାଦ୍ୱାରା ସ୍ୱାଭିମାନ ଅଞ୍ଚଳର ଅନ୍ୟ ୫ ପଞ୍ଚାୟତ ଯଥା ପାପରମେଟେଲା, ବଡପଦର, ଅଣ୍ଡରାପାଲି, ଜନ୍ତ୍ରୀ ଓ କାଜୁଲମାମୁଡ଼ିରେ ଥିବା ସ୍କୁଲର ଶିକ୍ଷକମାନେ ମଧ୍ୟ ଉପକୃତ ହେବେ। ସେହି ଅଞ୍ଚଳରୁ ଆସୁଥିବା ଶିକ୍ଷକମାନେ ଲଞ୍ଚରେ ଯିବା ଆସିବା କରୁଛନ୍ତି। ତେଣୁ ସେଠାରୁ ଆସୁଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଯିବା ଆସିବାରେ ୬ ଘଣ୍ଟା ଯାଉଛି। ସେମାନଙ୍କ ସମୟ ନଷ୍ଟ ନ ହେବା ସକାଶେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ କ୍ଲଷ୍ଟରରେ ୧୫ଜଣ ଶିକ୍ଷକ କ୍ଲଷ୍ଟରରେ ନିଯୁକ୍ତି ପାଇବେ ବୋଲି ସମୀର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ସ୍ୱଗୃହୀ ଚନ୍ଦ୍ର ଯୋଗୁ କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ। ମାତ୍ରାଧିକ ଭ୍ରମଣ, ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ।

**ବୃଷ** – ଭାଗ୍ୟସ୍ଥାନରେ ଶୁକ୍ର ଯୋଗୁ ମନୋରଞ୍ଜନ ସମେତ ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଏକ ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** – ଧନସ୍ଥାନରେ ଚନ୍ଦ୍ର ହେତୁ ଧନଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ମାଲିମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** – ଆଜି ସ୍ୱରାଶିସ୍ଥ ଚନ୍ଦ୍ର ପ୍ରଭାବରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ବାଣିଜ୍ୟ, ବ୍ୟବସାୟ ଏପରି କି ଯୋଗାଣ କାରବାରରେ ଉନ୍ନତି କରିପାରନ୍ତି।

**ସିଂହ** – ଆଜି କେନ୍ଦ୍ରସ୍ଥ ବୁଧାଦିତ୍ୟ ଯୋଗ ହେତୁ ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ରହିବ। ଅବଶ୍ୟ ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ।

**କନ୍ୟା** – ମୁଖ ଭାବରେ ଲାଲ୍‌ଗ୍ରହ ମଙ୍ଗଳ ଯୋଗୁ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ତୁଳା** – ଆଜିର ଗ୍ରହ ସ୍ଥିତି ପ୍ରଭାବରେ ଆପଣ ଯେତେପ୍ରକାର ଅନ୍ୟମାନଙ୍କର ମନଧରି କାମ କଲେ ମଧ୍ୟ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ, କିନ୍ତୁ ସମ୍ପୂର୍ଣ୍ଣ ସଫଳତା ପାଇବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ।

**ବିଛା** – ଦ୍ୱାଦଶସ୍ଥ ରାଶ୍ୟାଧିପ ଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବାରୁ ଖୁସି ରହିବେ।

**ଧନୁ** – ଆଜି ପାପଗ୍ରହମାନେ ରାଶିରେ ଅବସ୍ଥାନ କରିଥିବାରୁ ଯେକୌଣସି କ୍ଷେତ୍ର ହେଉନା କାହିଁକି ଆପଣ ବିଚାର ବିନା ସରଳ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସାମାନ୍ୟ ଶାରୀରିକ ସୁସ୍ଥତା ଫେରିପାଇବା ସହ ରୋଗପୀଡ଼ା ଉପଶମ ହୋଇପାରେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** – କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା ବୃଦ୍ଧି ପାଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** – ଆଜି ବିଳାସକାରକ ଗ୍ରହ ବ୍ୟୟଭାବସ୍ଥ ହେତୁ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନରେ ପୂର୍ବ ଭାଦ୍ରପଦ୍ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** – ଆଜି ବନ୍ଧୁମାନଙ୍କ ମଧୁର ବ୍ୟବହାର ସାଙ୍ଗକୁ ଅର୍ଥଲାଭ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଧନୁ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ, ପୌଷ କୃଷ୍ଣ ୫ମୀ ସୋମବାର, ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର। ସକାଳ ଘ.୯।୧୦ମି. ଗତେ ଘ.୧୧।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୨୦ମି. ଗତେ ଘ.୧୧।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୭।୩୯ମି. ଗତେ ଘ.୯।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

2BHK simplex 2600000 finishing Hanspal low cost plot available. 7853930213 D-68629

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525. D-68449

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**construction**

Construct your building as per your terms and condition. Contact: 9937064680. D-27284

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Full body herbal massage with refreshment expert therapist. 7381239385, 06 742540855. D-68915

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Sai herbal spa refresh your body with smart, expert therapist. 7608062524. D-68923

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Ayurvedic full body massage ladies & gents smart therapist, 9668814589. D-68723

Male therapist full body massage with relax, BBSR. Contact: 8328868891, D-15718

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


www.tvsxl.com
tvsxl
TVS
STOP
ଟ୍ରାଫିକ୍‌ରେ
କିଛି ପ୍ରୋବ୍ଲେମ୍ ନାହିଁ
ଆସିଗଲା XL100 COMFORT
i-TOUCH start
ସବୁଦିନ ଇଜୀ
କୋମ୍ପାକ୍ଟ୍ ଡିଜାଇନ୍
ଗିଅର୍ ଲେସ୍
ଚଳାଇବା ପାଇଁ ଇଜୀ / ବ୍ୟବହାର କରିବା ପାଇଁ ଇଜୀ / ପାର୍କିଙ୍ଗ୍ କରିବା ପାଇଁ ଇଜୀ / ଷ୍ଟାର୍ଟ୍ କରିବା ପାଇଁ ଇଜୀ / ଖର୍ଚ୍ଚ ବି କମ
ଆଇ-ଟଚ୍ ଷ୍ଟାର୍ଟ୍
ମୋବାଇଲ୍ ଚାର୍ଜିଙ୍ଗ୍ ପାଇଁ ଯାଗା
ହାଇଡ୍ରୋଲିକ୍ ସସ୍ପେନ୍ସନ୍
ବଡ଼ ଚକ
ସିଙ୍କ୍ ବ୍ରେକିଙ୍ଗ୍ ଟେକ୍ନୋଲୋଜୀ ସହିତ
କୁଶନ୍ ବ୍ୟାକ୍ ରେଷ୍ଟ
3ଟି ମନମୋହକ ରଙ୍ଗ
₹29 990 ରୁ ଆରମ୍ଭ#
ଡାଉନ ପେମେଣ୍ଟ ₹2 999 ରୁ ଆରମ୍ଭ##
ମିସ୍ଡ କଲ୍: 1800 3157 100
# Ex-showroom price of XL100 Comfort Kick Start variant. ## Finance at the sole discretion of the financier.
Schemes cannot be clubbed. Low down payment mentioned is applicable on select variants only. T&C apply.
TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph: 9778371171. BOLANGIR: Rajlaxmi TVS, Ph: 918260437538. BARGARH: Subhamm TVS, Ph: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph: 8114372182, 8114372181, Gurugobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732 Authorised Dealers: Rengali, Ph: 9437052831; Deogarh, Ph: 9437392892; Charbahal, Ph: 9853406294; Junagarh, Ph: 9437092284, 9437939586; Nuapara, Ph: 9937653638; Raj Khariar, Ph: 9439144433; Muniguda, Ph: 9583860028; Dharmagarh, Ph: 9938883405; Kutra, Ph: 6370312667, 7796501441; Belpahar, Ph: 9238581791; Binka, Ph: 7894255589; Attabira, Ph: 9853157276; Barpali, Ph: 9777703149; Patnagarh, Ph: 9938621078; Dungripally, Ph: 9937926986; Sundergarh, Ph: 06622-274361, 9437139011; Rajgangpur, Ph: 9861265188; San Balichuan, Ph: 8658502167; Khariar Road, Ph: 9938098888; Sohela, Ph: 9938739550; Thuvapali, Ph: 9937452169; Bhatli, Ph: 9090140103; Titlagarh, Ph: 9438096285; Boudh, Ph: 9439238768; Kantabanji, Ph: 9437210599; Gaisilat, Ph: 9937408645; Jaipatna, Ph: 9178280401;Padampur, Ph: 9938110070; Sambalpur, Ph: 9337016000; Bamra, Ph: 9437535172; Kuchinda, Ph: 9437058129; Tarbha: Ph: 9439135679; Redhakhol: Ph: 7978349822; Saintala: Ph: 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph: 9938119999, 9777822622; Laikera, Ph: 9938465363 Bheden, Ph: 7008024042, 7008822177; Godbhaga, Ph: 6372444931, 6372445813; Bangamunda, Ph: 9937526500; Tusura, Ph: 9437890955, 9439581200; Bandhabahal, Ph: 6371909005; Bagdehi, Ph: 7008977491; Udanbandh, Ph: 7326042333, 7326042335; Lathor, Ph: 7008086417; Kantamal, Ph: 7008225996.
dentsuindia/dha sam/41/19

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ୍ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନ୍‌ଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ

# ସୃଷ୍ଟିକର୍ତ୍ତା ଭାବି ବସିଲେଣି

କିଛି ବର୍ଷ ତଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପୋଲିସ ତରଫରୁ ସୂଚନାଫଳକ ଜରିଆରେ ଜଣାଇ ଦିଆଯାଇଥିଲା ଯେ, 'ଅଜଣା ବସ୍ତୁ ଦେଖିବାମାତ୍ରେ ସେଗୁଡ଼ିକୁ ଛୁଅନ୍ତୁ ନାହିଁ, ଯାହା ବୋମା ହୋଇଥାଇପାରେ'। ଭାରତ ସରକାର ଏବେ ସେଭଳି କାର୍ଯ୍ୟ କରୁଥିବା ପରି ମନେହେଉଛି। ସବୁ ଆଞ୍ଚଳିକ ସମସ୍ୟାକୁ ବୁଝିବା କଷ୍ଟକର ହୋଇଥିବା ବେଳେ ଏହି ସରକାର ମନଇଚ୍ଛା ଆଇନ ପ୍ରଣୟନ କରିଚାଲିଛନ୍ତି। ନିଜର ପୁରୁଣା 'ଏଜେଣ୍ଡା' ବା ରାଜନୈତିକ କାର୍ଯ୍ୟସୂଚୀକୁ ପୂରଣ କରିବାକୁ ଯାଇ ଅନେକ ଅନାବଶ୍ୟକ ବିଭ୍ରାଟ ସୃଷ୍ଟି କରିଦିଆଯାଉଛି। ବାସ୍ତବରେ ଦେଖିବାକୁ ଗଲେ ୧୯୪୭ ପୂର୍ବରୁ ଭାରତର ମାନଚିତ୍ର କେବେହେଲେ କଶ୍ମୀରରୁ କନ୍ୟାକୁମାରୀ- ଗୁଜରାଟରୁ ଅରୁଣାଚଳ ନ ଥିଲା। ଆଜିର ପିଢ଼ିକୁ ବୁଝିବାକୁ ହେବ ଯେ, ଐତିହାସିକ ସ୍ଥିତିକୁ ଦେଖିଲେ ଭାରତକୁ ଗୋଟିଏ ଦେଶ ବୋଲି କହିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଧର୍ମ ମାଧ୍ୟମରେ ରାଷ୍ଟ୍ର ସୃଷ୍ଟି ହୁଏ ନାହିଁ। ନାଗରିକର ଇଚ୍ଛା, ଅର୍ଥନୈତିକ ଉନ୍ନତି, ସାମାଜିକ ଶାନ୍ତି ଭଳି ଅନେକ ଇଣ୍ଡେକ୍ସ ବା ସୂଚକାଙ୍କର ମିଳନ ହେଲେ ଏକ ଆଧୁନିକ ଦେଶ ଗଢ଼ିଉଠେ। କୌଣସି ରାଜନୈତିକ ଦଳ, ଅମଲାତନ୍ତ୍ର କିମ୍ବା ବିଚାର ବ୍ୟବସ୍ଥା ମାଧ୍ୟମରେ ଦେଶ ସୃଷ୍ଟି କରାଯାଇପାରେ ନାହିଁ। ଅନ୍ୟ ବାଟରେ କହିବାକୁ ଗଲେ ନାଗରିକଙ୍କ ସହମତିରୁ ସୃଷ୍ଟି ହୋଇଥିବା ଦେଶରେ ଏମାନଙ୍କର ଦାୟିତ୍ୱ ରହିଥାଏ। ସୃଷ୍ଟିକର୍ତ୍ତା ଭାବେ ନୁହେଁ, କାର୍ଯ୍ୟକର୍ତ୍ତା ଭାବେ ଏମାନଙ୍କୁ ବିଭିନ୍ନ କର୍ତ୍ତବ୍ୟ କରିବାକୁ ପଡ଼େ। ଦୁଃଖର ବିଷୟ, ଭାରତବର୍ଷରେ ଏହି ଅଙ୍ଗଗୁଡ଼ିକ ଏବେ ରାଷ୍ଟ୍ରର ସୃଷ୍ଟିକର୍ତ୍ତା ବୋଲି ନିଜକୁ ଧରି ବସିଲେଣି। ସେଥିପାଇଁ ଭାରତ ଭଳି ଏକ ବିରାଟକାୟ ଦେଶର ବିବିଧତାକୁ ବୁଝିବାରେ ଅସମର୍ଥ ବ୍ୟକ୍ତିବିଶେଷ କେବଳ ସେମାନଙ୍କୁ ସୁହାଇଲା ଭଳି 'ଏକତା' ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ସେଭଳି ଏକତାକୁ ବଜାୟ ରଖିବା କେବଳ ଯେ କଷ୍ଟକର ତା' ନୁହେଁ, ଭବିଷ୍ୟତରେ ଏଭଳି ନିଷ୍ପତ୍ତି ଦେଶକୁ ଖଣ୍ଡବିଖଣ୍ଡ କରିପାରେ। କୌତୂହଳର ବିଷୟ ହେଉଛି, ଆଜି ଏକତା ପାଇଁ ଚିତ୍କାର କରୁଥିବା ସାଧାରଣ ନାଗରିକ ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଝଗଡ଼ା କରି ସମ୍ପର୍କ ତୁଟାଇ ଦେଉଥିବା ବେଳେ ଭୁଲିଯାଉଛି ଯେ ତାଙ୍କ ନିଜସ୍ୱ ପୂର୍ବ ରାଜନୈତିକ ଅନ୍ଧବିଶ୍ୱାସ ଯୋଗୁ ଦେଶରେ ଆଜିର ଦୁର୍ଦ୍ଦଶା ଦେଖିବାକୁ ପଡୁଛି। ସେଥିପାଇଁ ସଚେତନ ହୋଇ ପୁନର୍ବାର ଅନ୍ୟ ଏକ ଗାତରେ ପଡ଼ିବା ଉଚିତ ନୁହେଁ। ଅର୍ଥାତ୍ ଧର୍ମ ନାମରେ ରାଷ୍ଟ୍ରନୀତି ପରିଚାଳନାକୁ ସମର୍ଥନ ଜଣାଉଥିବା ନାଗରିକ ନିଜର ତ୍ରୁଟିକୁ ଭବିଷ୍ୟତରେ ପୁନର୍ବାର ଅନୁଶୋଚନା କରିବେ।

କିଛି ମାସ ପୂର୍ବରୁ ବିନା ପ୍ରସ୍ତୁତିରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଆସାମ ଓ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ଲାଗୁ କରାଇ ଦିଆଗଲା। ସେତେବେଳେ ଏଥିରେ ଅନେକ ତ୍ରୁଟିବିଚ୍ୟୁତି ରହିଥିବା ଲକ୍ଷ୍ୟ କରାଯାଇଥିଲା। ଧର୍ମ ଆଧାରରେ କେବଳ ନୁହେଁ, ବାସିନ୍ଦାଙ୍କ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଥିଲା। ଆସାମରେ ୧୯ ଲକ୍ଷରୁ ଅଧିକ ଲୋକ ବାଦ୍ ପଡ଼ିଥିଲେ। ଏପରି କି ଭାରତୀୟ ସେନାରେ କାର୍ଯ୍ୟ କରି ଅବସର ନେଇଥିବା ଯବାନ ନିଜର ନାଗରିକତ୍ୱ ପ୍ରମାଣ ଦେଇ ନ ପାରିବାରୁ ଦେଶବ୍ୟାପୀ ଏନ୍‌ଆର୍‌ସି ବିତର୍କର ବଳୟକୁ ପଳାଇ ଆସିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍ତର-ପୂର୍ବାଞ୍ଚଳରେ ଲାଗୁ ହୋଇଥିବା ଏନ୍‌ଆର୍‌ସିକୁ ସୁପ୍ରିମ୍‌କୋର୍ଟ ସିଧାସଳଖ ତଦାରଖ କରୁଥିଲେ। ଭାରତର ସର୍ବୋଚ୍ଚ ଅଦାଲତ ପାଖରେ ଏଭଳି ଏକ ପ୍ରୟାସକୁ ତଦାରଖ କରିବାର କେଉଁଭଳି ଶକ୍ତି ଥିଲା କିମ୍ବା ଅଛି, ବୁଝିବା କଷ୍ଟକର। ସ୍ଥିତି ଅସମ୍ଭାଳ ହେବା ପରେ ଭାଜପାଶାସିତ ଆସାମରେ ମୂଳବାସିନ୍ଦା ଏହା ବିରୋଧରେ ବିକ୍ଷୋଭ ଓ ପୋଡ଼ାଜଳା କରିଛନ୍ତି। ଏବେ କୁହାଗଲାଣି ସେଠାରେ ଏନ୍‌ଆର୍‌ସି ପ୍ରକ୍ରିୟାର ପୁନଃ ଯାଞ୍ଚ କରାଯିବ। ଦେଖିବାକୁ ଗଲେ ସେହିସବୁ ଅଞ୍ଚଳରେ ବହିରାଗତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ମୂଳବାସିନ୍ଦାମାନେ ସଂଖ୍ୟାଲଘୁ ହେବାରେ ଲାଗିଲେଣି। ଭୋଟ ବ୍ୟାଙ୍କ ବଢ଼ାଇବା ଲକ୍ଷ୍ୟରେ ରାଜନୈତିକ ଦଳଗୁଡ଼ିକ ଅନୁପ୍ରବେଶକୁ ପ୍ରଶ୍ରୟ ଦେଇଦେଉଥିବାରୁ ମୂଳ ଅଧିବାସୀଙ୍କ ଅଧିକାର କ୍ଷୁଣ୍ଣ ହେବାରେ ଲାଗିଛି। ଏହାଦ୍ୱାରା ବାହାରୁ ଆସିଥିବା ଲୋକମାନେ ଭୋଟ ପରିଚୟପତ୍ର, ରାଶନ କାର୍ଡ ପାଇବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସୁବିଧାକୁ ହାତେଇ ନେଉଛନ୍ତି। ଏଠାରେ ଏକ ଉଦାହରଣ ଦିଆଯାଇପାରେ। ପଶ୍ଚିମ ଓଡ଼ିଶାର ଅନେକ ପଞ୍ଚାୟତରେ ପଡ଼ୋଶୀ ରାଜ୍ୟର ଲୋକ ଅଧିକ ସଂଖ୍ୟାରେ ଆସି ବସବାସ କରିବାକୁ ଆରମ୍ଭ କଲେ ସେହି ଜିଲାର ଓଡ଼ିଆ ଅଧିବାସୀ ନିଜର ସ୍ଥିତି ହରାଇବସିବେ। ଭବିଷ୍ୟତର ସରପଞ୍ଚ ଯଦି ସେହି ବହିରାଗତଙ୍କ ମଧ୍ୟରୁ ହୁଅନ୍ତି, ତେବେ ମୂଳ ବାସିନ୍ଦା ଟଙ୍କିକିଆ ଚାଉଳଠାରୁ ଆରମ୍ଭ କରି ଜାତିଗତ ପ୍ରମାଣପତ୍ର ପର୍ଯ୍ୟନ୍ତ ସବୁକିଛି ସୁବିଧା ହରାଇବସିବେ। ଆସାମ ଓ ଅନ୍ୟ ରାଜ୍ୟରେ ଅନୁରୂପ ସମସ୍ୟା ଦେଖାଦେଉଛି। ଆସାମ ଲୋକଙ୍କ ଗ୍ରାମରେ ଅଧିକ ଅଣ-ଆସାମବାସୀ ରହିଯାଉଥିବାରୁ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି। ସେଭଳି ପ୍ରଚ୍ଛଦପଟରେ ମୂଳ ଗ୍ରାମବାସୀ ବହିରାଗତଙ୍କର ଧର୍ମକୁ ଦେଖୁନାହାନ୍ତି। ସେମାନଙ୍କ ପାଇଁ ଉଭୟ ହିନ୍ଦୁ କିମ୍ବା ମୁସଲମାନ ବହିରାଗତ ସଂଖ୍ୟାଗତ ସମସ୍ୟା ସୃଷ୍ଟି କରୁଛନ୍ତି।

ଏବେ ଆଉ ଏକ ବୋମାକୁ ଦେଖାଯାଇପାରେ। ବର୍ତ୍ତମାନ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ରେ ପରିଣତ ହୋଇଛି। ଏଥିରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ୩୧ ଡିସେମ୍ବର ୨୦୧୪ କିମ୍ବା ତା' ପୂର୍ବରୁ ଭାରତକୁ ଫେରିଥିବା ହିନ୍ଦୁ, ଜୈନ, ପାର୍ସୀ, ଶିଖ୍, ଖ୍ରୀଷ୍ଟିଆନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଇଛି। ପାର୍ଲାମେଣ୍ଟରେ ସିଏବି ଉପସ୍ଥାପିତ ହେବାଠାରୁ ତାହା ଆଇନରେ ପରିଣତ ହେବା ମଧ୍ୟରେ ଉତ୍ତର ପୂର୍ବାଞ୍ଚଳ ସମେତ ପଶ୍ଚିମବଙ୍ଗରେ ନିଆଁ ଲାଗି ଯାଇଛି। ପୋଡ଼ାଜଳା ସହ ଲୋକଙ୍କ ଜୀବନ ଯିବା ଏବଂ ଟ୍ରେନ୍ ଓ ବିମାନସେବା ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଦେଖିଲେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ପ୍ରଶ୍ନ ଉଠିଲାଣି। ଯେତେବେଳେ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ନିଯୁକ୍ତି ହାର କମି ଆସିଲାଣି, ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଛି, ଚାଷୀକୁଳର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି; ସେତେବେଳେ ଏହିଭଳି ବିରାଟକାୟ ବିଫଳତାରୁ ନଜର ହଟାଇବା ପାଇଁ ସମ୍ଭବତଃ ଅଣ-ପ୍ରସଙ୍ଗଗୁଡ଼ିକୁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଲା ଭଳି ମନେହେଉଛି। ଏନ୍‌ଆର୍‌ସି, ଅନୁଚ୍ଛେଦ ୩୭୦ ଓ ୩୫ଏ ହଟାଇବା, ଅଯୋଧ୍ୟା ଓ ବର୍ତ୍ତମାନ ସିଏଏ ଭଳି ପ୍ରସଙ୍ଗକୁ ଜାତୀୟକରଣ କରାଯାଇ ଭାଜପା ସରକାର ଯେଭଳି ଭାବେ ଦେଶବ୍ୟାପୀ ସବୁ ସମୟକୁ ଖବର ମଧ୍ୟରେ ରଖିବାକୁ ଚାହୁଁଛନ୍ତି, ତାହା ଦ୍ୱାରା ଜନକଲ୍ୟାଣ ଅପେକ୍ଷା ଅଧିକ ବିତର୍କିତ ବିଷୟକୁ ଭାରତବାସୀ ସାମ୍ନା କରିବାକୁ ବାଧ୍ୟ ହେଉଛନ୍ତି। ଯେହେତୁ ଦେଶବାସୀ ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଭାଜପାକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଦେଇଛନ୍ତି, ସେହେତୁ ଦଳର ନେତାମାନେ ଧରିନେଲେଣି ଯେ, ସେମାନଙ୍କ ସବୁ ନିଷ୍ପତ୍ତି ଗ୍ରହଣୀୟ ହୋଇଯିବ। କିନ୍ତୁ ପେଟ ଯେତେବେଳେ ଭୋକରେ ପୋଡ଼ିଯିବ, ସେତେବେଳେ କୌଣସି ମଠ ମନ୍ଦିରରେ ଖାଦ୍ୟ ମିଳିବ ନାହିଁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | A | 7 | D | | | | | | | | | 3 |
| | 0 | A | | | E | | | | | | | | 8 | |
| | 8 | | | | | B | 6 | | 5 | | | | 2 | |
| 7 | | | | 0 | | 3 | | | | | | 5 | | E |
| E | | | C | | 5 | 9 | A | | | D | | 7 | 6 | 1 |
| | | E | | | | | | | | 9 | A | D | 7 | 0 |
| | | 7 | | 3 | | | 8 | | | | 5 | | | 4 |
| | C | | 7 | 2 | | | | | 6 | B | D | | | |
| | | | | | 6 | 1 | 4 | 9 | | | 2 | | 5 | |
| | | | | | | | | C | 0 | 4 | | | | 8 |
| | 5 | 0 | | 8 | | | | B | | E | C | | D | |
| | | | | | 2 | | | D | 1 | 7 | | | | |
| | | | | B | | | 5 | | 9 | 0 | | | 3 | |
| 1 | 9 | | | | 3 | E | | 6 | | | 8 | C | A | |
| | | | | | 9 | | | | B | | 6 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 1 | 8 | 5 | 6 | B | 9 | 4 | 0 | A | 2 | 3 | 7 | E |
| 9 | 3 | 5 | 7 | A | E | C | D | 6 | B | 8 | 4 | 0 | 2 | 1 |
| 8 | B | 0 | 1 | 2 | C | A | 3 | E | 9 | 5 | 7 | 6 | D | 4 |
| 7 | 6 | 4 | B | D | 9 | 8 | 2 | 0 | 3 | E | 1 | C | A | 5 |
| 2 | A | E | 4 | 0 | 3 | 1 | 7 | 5 | D | C | 6 | B | 8 | 9 |
| 4 | 0 | 2 | A | B | 5 | D | E | 8 | C | 3 | 9 | 7 | 1 | 6 |
| A | D | C | 9 | 3 | 7 | 5 | 4 | 2 | 1 | 6 | 8 | E | B | 0 |
| 5 | E | 6 | 2 | 1 | 8 | 3 | 0 | C | A | 7 | B | 4 | 9 | D |
| 3 | 9 | B | E | 6 | 4 | 7 | 1 | A | 5 | 0 | D | 8 | C | 2 |
| 1 | 8 | 7 | 0 | C | D | 9 | 6 | B | 4 | 2 | E | 5 | 3 | A |
| 6 | 1 | 9 | 3 | 8 | 0 | E | B | 7 | 2 | D | 5 | A | 4 | C |
| E | 2 | 3 | 5 | 4 | B | 6 | A | D | 8 | 9 | C | 1 | 0 | 7 |
| C | 5 | A | 6 | 9 | 2 | 4 | 8 | 1 | 7 | B | 0 | D | E | 3 |
| 0 | 7 | 8 | D | E | 1 | 2 | C | 3 | 6 | 4 | A | 9 | 5 | B |
| B | 4 | D | C | 7 | A | 0 | 5 | 9 | E | 1 | 3 | 2 | 6 | 8 |

ଗତକାଲିର ଉତ୍ତର

# ଗାନ୍ଧିଜୀ ଓ ମଦମୁକ୍ତ ସମାଜର ସ୍ୱପ୍ନ



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାତ୍ମା ଗାନ୍ଧୀ କେବଳ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ନୁହନ୍ତି, ଅଧିକନ୍ତୁ ସେ ଥିଲେ ଜଣେ ଶ୍ରେଷ୍ଠ ସଂସ୍କାରକ ଓ ଦିଗ୍‌ଦର୍ଶକ। ଜାତୀୟ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ନିଶାମୁକ୍ତ ଭାରତବର୍ଷ ଗଠନ ଥିଲା ତାଙ୍କର ସ୍ୱପ୍ନ। ସେଥିପାଇଁ ତାଙ୍କ ଅଠରଦଫା ରଚନାତ୍ମକ କାର୍ଯ୍ୟକ୍ରମରେ ଅଗ୍ରାଧିକାର ଲାଭ କରିଥିଲା ନିଶା ନିବାରଣ। ଯେଉଁ ଗାନ୍ଧିଜୀ ନିଶା ନିବାରଣ ପାଇଁ ଦେଶରେ ଏତେବଡ଼ ଆନ୍ଦୋଳନ କଲେ, ସ୍ୱାଧୀନତା ପରେ ତାଙ୍କରି ନାମ ଉଚ୍ଚାରଣ କରି କ୍ଷମତାର ଡୋରି ଧରିଥିବା ନେତାମାନଙ୍କ ସ୍ୱାର୍ଥପରତା ପାଇଁ ନିଶା ନିବାରଣ ଆଇନ ଶୀତଳ ଭଣ୍ଡାରକୁ ଯିବା ସହିତ ଏକ ଭୋଟ୍‌କିଣା ତନ୍ତ୍ରରେ ପରିଣତ ହୋଇଗଲା ଆମ ଗଣତନ୍ତ୍ର। କେବଳ ଅର୍ଥ ନୁହେଁ, ଲୋକଙ୍କୁ ମଦ ପିଆଇ ହାସଲ କରାଗଲା ଭୋଟ୍। ତେଣୁ ରାଜନୈତିକ ଦଳଗୁଡ଼ିକର ନିର୍ବାଚନ ଇସ୍ତାହାରରେ ଆଉ ସ୍ଥାନ ପାଇଲାନାହିଁ ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅର୍ଥାତ୍ ଆମ ଗଣତନ୍ତ୍ର ଯେତେ ପରିପକ୍ୱ ହେଲା, ସେତେ ପ୍ରାସଙ୍ଗିକତା ହରେଇ ବସିଲା ଗାନ୍ଧୀ ବିଚାର। ଏକଦା ମଦକୁ ଏକ ଅଭିଶପ୍ତ ପାନୀୟ ଭାବୁଥିଲେ ଓଡ଼ିଶାର ଲୋକେ। ମହାଭାରତର ଆଖ୍ୟାନ ଅନୁସାରେ ଦାନବ ଗୁରୁ ଶୁକ୍ରାଚାର୍ଯ୍ୟ ମଦ୍ୟପାନଜନିତ ମସ୍ତବଡ଼ ଭୁଲ୍ କରିଥିବାରୁ ନିଜକୁ ଧିକ୍କାର କରିବା ସହିତ ମଦକୁ ଅଭିଶାପ ଦେଇ କହିଥିଲେ ଯିଏ ମଦ ପିଇବ, ସମାଜ ଆଖିରେ ସେ ହେବ ଏକ ନିନ୍ଦିତ ପ୍ରାଣୀ। ବାସ୍ତବରେ ସ୍ୱାଧୀନତା ପ୍ରାପ୍ତିର କେଇ ଦଶନ୍ଧି ପର୍ଯ୍ୟନ୍ତ ଆମ ରାଜ୍ୟରେ ମୁଷ୍ଟିମେୟ ସଂଭ୍ରାନ୍ତ ବ୍ୟକ୍ତି, ଧନୀ ବ୍ୟବସାୟୀ, ବଡ଼ ବଡ଼ ଅଫିସର ଓ ଅପରାଧୀଙ୍କୁ ବାଦ୍ ଦେଲେ ମଦର ପ୍ରସାର ନ ଥିଲା କହିଲେ ଚଳେ। ଏପରି କି କେହି ମଦ ପିଉଛି ବୋଲି ଜଣାପଡ଼ିଲେ ଲୋକଟା ବରବାଦ୍ ହୋଇଗଲା ବୋଲି କହି ସମାଜ ତାକୁ ଘୃଣା କରୁଥିଲା ଏବଂ ଏହି କାରଣରୁ କିଛି ଲୋକଙ୍କୁ ବାହାହେବା ପାଇଁ କନିଆଁ ମିଳୁ ନ ଥିଲା ସେତେବେଳେ। ଲୋକେ ମଦ ପିଉ ନ ଥିଲେ ସତ; କିନ୍ତୁ ପାନ, ଗୁଡ଼ାଖୁ, ବିଡ଼ି, ତାଡ଼ି, ଭାଙ୍ଗ, ଗଞ୍ଜେଇ ଆଦି ନିଶା ପ୍ରତି ଆସକ୍ତ ଥିଲେ, ଯାହାକୁ ଆମ ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ବୋଲି ଚିହ୍ନଟ କରିଥିଲେ ଗାନ୍ଧିଜୀ। ତାହାକୁ ଦୃଷ୍ଟିରେ ରଖି ୧୯୫୬ ମସିହାରେ ଆମ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ପ୍ରଣୟନ ହୋଇଥିଲା ନିଶା ନିବାରଣ ଆଇନ। ମାତ୍ର ସେ ଆଇନକୁ କାର୍ଯ୍ୟକାରୀ କରିବାକୁ ଦିଆଗଲା ନାହିଁ ପରବର୍ତ୍ତୀ ସମୟରେ। ଗାନ୍ଧିଜୀ କହୁଥିଲେ, ଦେଶ ସ୍ୱାଧୀନ ହେବାର ୨୪ଘଣ୍ଟା ମଧ୍ୟରେ ନିଶା ନିବାରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମାତ୍ର ସ୍ୱାଧୀନତାର ୭୦ବର୍ଷ ପରେ ଓଡ଼ିଶା ଭଳି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟର ଯୁବକଠାରୁ ବୁଢ଼ା ଯାଏ ଅନେକଙ୍କ ହାତରେ ଏବେ ମଦବୋତଲ।

ଲୋକଙ୍କୁ ସ୍ୱାବଲମ୍ବନଶୀଳ କରିବା ପାଇଁ ଗାନ୍ଧିଜୀ ଚାହୁଁଥିଲେ କୁଟୀରଶିଳ୍ପର ବିକାଶ। ଅର୍ଥାତ୍ ସମସ୍ତଙ୍କ ହାତକୁ କାମ ଯୋଗାଇବା ଥିଲା ଗାନ୍ଧୀ ଅର୍ଥନୀତିର ମୂଳକଥା। ମାତ୍ର ଗାନ୍ଧୀ ଅର୍ଥନୀତିକୁ ଅବଜ୍ଞା କରି ରାଜ୍ୟରେ ଏବେ କାର୍ଯ୍ୟକାରୀ ହେଉଛି ଭଳିକି ଭଳି ମାଗଣାଖିଆ ଯୋଜନା। ଜାତୀୟ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ଗାନ୍ଧିଜୀ ଚାହୁଁଥିଲେ ସମ୍ପୂର୍ଣ୍ଣ ନିଶା ନିବାରଣ। ମାତ୍ର ରାଜସ୍ୱ ଆୟ ବଢ଼େଇବା ଲକ୍ଷ୍ୟରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଗୁରୁତ୍ୱପୂର୍ଣ୍ଣ ସୁପାରିସ (୧୯୬୨)କୁ ଉପେକ୍ଷା କରି ମଦର ବ୍ୟାପକ ପ୍ରସାରକୁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରିନେଇଛନ୍ତି ରାଜ୍ୟ ସରକାର। ତେଣୁ ପରିବର୍ତ୍ତିତ ଅବକାରୀ ଆଇନ ଅନୁସାରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ବି ଖୋଲିଲାଣି ପର୍ଯ୍ୟାପ୍ତ ମଦ ଦୋକାନ। ଏଥିସହିତ ନିର୍ଦ୍ଦିଷ୍ଟ ପରିମାଣର ମଦ ବିକିବା ପାଇଁ ଦୋକାନୀକୁ ଚୁକ୍ତିବଦ୍ଧ କରାଯାଉଛି ଏବଂ ଅଗ୍ରଣୀ ବିକ୍ରେତାଙ୍କ ପାଇଁ ରଖାଯାଇଛି ପୁରସ୍କାର ବ୍ୟବସ୍ଥା। ଏଥିରେ ଉତ୍ସାହିତ ହୋଇ ସ୍ୱୀକୃତିପ୍ରାପ୍ତ ଦୋକାନୀମାନେ ସାହିବସ୍ତିରେ ଥିବା ଛୋଟ ଛୋଟ ପାନ ଓ ତେଜରାତି ଦୋକାନର ସହାୟତା ଲୋଡୁଛନ୍ତି, ଯାହାଫଳରେ ଗଳିକନ୍ଦିର ଅଧିକାଂଶ ଦୋକାନରେ ଏବେ ଉପଲବ୍ଧ ହେଉଛି ମଦ। ମଦର ବ୍ୟାପକ ପ୍ରସାର ଯୋଗୁ ବଢୁଥିବା ରାଜସ୍ୱ ଆୟକୁ ନେଇ ସରକାର ଉଲ୍ଲସିତ ହେବା ସହିତ ଘୋଷଣା କରି ଚାଲିଛନ୍ତି ନୂଆ ନୂଆ କଲ୍ୟାଣକାରୀ ଯୋଜନା। ସେପଟେ ହାତ ପାହାନ୍ତାରେ ମଦ ଉପଲବ୍ଧ ହେବା ଫଳରେ ବଦଳିଚାଲିଛି ଆମ ସାମାଜିକ ଓ ସାଂସ୍କୃତିକ ଜୀବନଧାରା। ଗାନ୍ଧିଜୀ କହୁଥିଲେ, ନିଶାର ବ୍ୟାପକ ପ୍ରସାର ହେଲେ ବିଗିଡ଼ିଯିବ ଦେଶର ମୌଳିକ ବ୍ୟବସ୍ଥା। ହୁଗୁଳା ହୋଇଯିବ ସାମାଜିକ ଶୃଙ୍ଖଳା ଓ ମାନବିକ ମୂଲ୍ୟବୋଧ। ବାସ୍ତବରେ ତାହା ହିଁ ଦେଖିବାକୁ ମିଳୁଛି ଆମ ସମାଜ ଜୀବନରେ। ପର୍ବପର୍ବାଣି ହେଉ କି ବାହାଘର ଭୋଜି, ପ୍ରଥମେ ଦରକାର ହେଉଛି ମଦ। ବାହାଘର ଶୋଭାଯାତ୍ରାରେ ଆଗେ ପୁରୁଷମାନେ ନାଚୁଥିଲେ, ଏବେ ମହିଳାମାନେ ନିଶାସକ୍ତ ହୋଇ ନାଚିଲେଣି ମଝିରାସ୍ତାରେ। ମଜୁରି ସହିତ ମଦ ପିଇବାକୁ ନ ଦେଲେ ଆଉ କ୍ଷେତରେ କାମ କରିବାକୁ ରାଜି ହେଉ ନାହାନ୍ତି କୃଷି ଶ୍ରମିକ। ଶବସଂସ୍କାର ବେଳେ ବି ମଦପାଇଁ ଅଡ଼ି ବସୁଛନ୍ତି ସାହିଭାଇ। ବୋଲବମ୍ ଭକ୍ତମାନେ ଶୈବପୀଠରେ ପହଞ୍ଚି ଖୋଜିଲେଣି ମଦଦୋକାନ। ଆରମ୍ଭ ହୋଇଗଲାଣି ବାପା ପୁଅ ସାଙ୍ଗରେ ବସି ମଦ ପିଇବା ପରମ୍ପରା।

ଅର୍ଥାତ୍ ନିଶା ଏବେ ଆମକୁ ଏମିତି ଗ୍ରାସିଛି ଯେ ତା'ର ପ୍ରଭାବରେ ସମାଜର ପ୍ରତିଷ୍ଠିତ ମୂଲ୍ୟବୋଧ, ଶୃଙ୍ଖଳା ଓ ନିରାପତ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସଡ଼କ ସୁରକ୍ଷା ସପ୍ତାହ ପାଳନ ବେଳେ କୁହାଯାଉଛି ଆମ ରାଜ୍ୟରେ ଯେତେ ଦୁର୍ଘଟଣା ଘଟୁଛି ତା'ର ୬୦ ପ୍ରତିଶତ ଦୁର୍ଘଟଣାର କାରଣ ହେଉଛି ମଦଜନିତ ନିଶା। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ରାଜ୍ୟରେ ଜେଲଦଣ୍ଡ ଭୋଗୁଥିବା ଅପରାଧୀଙ୍କ ମଧ୍ୟରେ ନିଶାଡ଼ିଙ୍କ ସଂଖ୍ୟା ପ୍ରାୟ ୮୦ ପ୍ରତିଶତ। ନିୟମିତ ମଦ ପିଇବା କାରଣରୁ ମଧୁମେହ, କର୍କଟ ଓ ଯକୃତ ରୋଗରେ ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି ଶହ ଶହ ଲୋକ। ଏଥିପାଇଁ କେତେ ମାଆର କୋଳ ଖାଲି ହୋଇଯାଉଛି, କେତେ ଶିଶୁ ବାପଛେଉଣ୍ଡ ହେଉଛନ୍ତି ଓ କେତେ ମହିଳା ବୈଧବ୍ୟ ଯନ୍ତ୍ରଣା ଭୋଗୁଛନ୍ତି ସେ ହିସାବ ରଖିନାହାନ୍ତି ସରକାର। ମଦ କିଣୁଥିବା ଶତକଡ଼ା ୩୨ ଭାଗ ଲୋକଙ୍କ ବୟସ ୧୪ରୁ ୨୫ ମଧ୍ୟରେ ଏବଂ ସେମାନଙ୍କ ଭିତରୁ ୪୨ ପ୍ରତିଶତ ହେଉଛନ୍ତି ଛାତ୍ର। ଅର୍ଥାତ୍ ମଦର ପ୍ରସାର ଯୋଗୁ ପଥଭ୍ରଷ୍ଟ ହେଉଛି ଆମ ଭବିଷ୍ୟତ ପିଢ଼ି।

ସରକାରଙ୍କ ଯୁକ୍ତି ଅନୁସାରେ ମଦ୍ୟପାନ ସବୁକାଳରେ ଥିଲା ଓ ରହିବ। ସେଥିରେ କଟକଣା କଲେ ଚୋରା ମଦ କାରବାର ବଢ଼ିବ ଓ ରାଜସ୍ୱ କ୍ଷତି ସହିବେ ସରକାର। ସରକାର କହୁଛନ୍ତି ମଦ ପିଇବା ବ୍ୟକ୍ତିଗତ ଅଧିକାର। ତାହା ସତ ହୋଇପାରେ, ମାତ୍ର ଜଣେ ମଦ ପିଇ ପରିବାରର ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରିବ କେଉଁ ଅଧିକାର ବଳରେ? ଘରେ ନିତ୍ୟ ଅଶାନ୍ତି ସୃଷ୍ଟି କରୁଥିବା ମଦୁଆ ବାପର ଆଚରଣ ପିଲାମାନଙ୍କ ଉପରେ ଯେଉଁ କୁପ୍ରଭାବ ପକାଉଛି ସେ କ୍ଷତିକୁ ସରକାର ମାପିବେ କେଉଁ ମାପକାଠିରେ? ସରକାର ଏ କଥା ବି ଜାଣି ରଖିବା ଉଚିତ ଖାଦ୍ୟ ସୁରକ୍ଷା ଆଇନ ବଳରେ ଲୋକଙ୍କ ପାଖକୁ ଯେଉଁ ଟଙ୍କିକିଆ ଚାଉଳ ଯାଉଛି, ତା'ର ଏକ ବଡ଼ ଅଂଶ ଖର୍ଚ୍ଚ ହେଉଛି ମଦକିଣାରେ। ସମାଜ ବିଜ୍ଞାନୀମାନେ କହନ୍ତି ଦାରିଦ୍ର୍ୟ ଓ ଅସାମାଜିକ କାର୍ଯ୍ୟ ସହ ମଦର ସମ୍ପର୍କ ଅତି ନିବିଡ଼। ତେଣୁ ସରକାର କ'ଣ ଚାହାନ୍ତି? ଜନତାଙ୍କ ମଙ୍ଗଳ ନା ଅନ୍ୟକିଛି?

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# ବଦଳାଇବାକୁ ହେବ ସ୍ୱାସ୍ଥ୍ୟସେବାର ଚିତ୍ର



ଅରୁଣ ଦାସ

ସେଦିନ ମାଉସୀଙ୍କୁ ଭୀଷଣ ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଲୁ। ଡାକ୍ତର କିଛି ଔଷଧ ଲେଖିଦେବା ସହ ରକ୍ତ ଓ ପରିସ୍ରା ପରୀକ୍ଷା ପାଇଁ କହିଲେ। ସେତେବେଳେ ସନ୍ଧ୍ୟା ହୋଇ ସାରିଥିବାରୁ ଆମେ ଘରକୁ ଫେରି ଆସିଥିଲୁ ଏବଂ ତା' ପରଦିନ ସକାଳ ସାତଟା ତିରିଶ ମିନିଟରେ ପୁଣିଥରେ ପହଞ୍ଚିଥିଲୁ ରକ୍ତ ଓ ପରିସ୍ରା ପରୀକ୍ଷା ପାଇଁ। ପ୍ରଥମେ ଟୋକନ ଆଣିବା ପାଇଁ ଲମ୍ବା ଧାଡିରେ ଛିଡା ହେବାକୁ ପଡିଲା। ପାଖାପାଖି ଏକଘଣ୍ଟା ପରେ ଆମକୁ ଟୋକନ ମିଳିଲା। ତା' ପରେ ଯାଇ ପହଞ୍ଚିଲୁ ରକ୍ତ ପରୀକ୍ଷା କେନ୍ଦ୍ରରେ। ସେଠାରେ କାର୍ଯ୍ୟରତ ଦରଓ୍ୱାନ ଆମଠାରୁ ଟୋକନ ନେଇ କହିଲେ ଯାଆନ୍ତୁ ଦୁଇଘଣ୍ଟା ପରେ ଆସିବେ। ମାଉସୀ ସେତେବେଳକୁ ଜ୍ୱରରେ ବ୍ୟତିବ୍ୟସ୍ତ ହେଉଥାଏ। ଦୁଇଘଣ୍ଟା ପରେ ଆସିଲାରୁ ସେମାନେ ରକ୍ତ ସଂଗ୍ରହ କରି ଚଉଦ ନମ୍ବର ରୁମ୍‌ରେ ଦାଖଲ କରିବା ପାଇଁ କହିଲେ। ତା' ପରେ ଚଉଦ ନମ୍ବର ରୁମ୍ ପାଖକୁ ଗଲାବେଳକୁ ସେଠାରେ ମଧ୍ୟ ଲମ୍ବା ଧାଡି। ଶେଷରେ ଚଉଦ ନମ୍ବରରେ ଦାଖଲ କଲାବେଳକୁ ସେଠାରେ ଥିବା କର୍ମଚାରୀ କହିଲେ, ଯାଆନ୍ତୁ ରିପୋର୍ଟ ଆସି ଅପରାହ୍ଣ ଚାରିଟାରୁ ଛଅଟା ଭିତରେ ନେଇଯିବେ। ଭାରାକ୍ରାନ୍ତ ହୋଇ ଘରକୁ ଫେରିବା ବେଳେ ସାମାନ୍ୟ ଏହି ପରୀକ୍ଷାରେ କେମିତି ଆମର ଗୋଟାଏ ଦିନ ଚାଲିଗଲା ସେଇ କଥା ଖାଲି ମୋ ମନକୁ ଆନ୍ଦୋଳିତ କରୁଥାଏ।

ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତିଟି ମଣିଷକୁ ବଞ୍ଚିବାର ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଦିଆଯାଇଛି। ସେହିପରି ଜାତିସଂଘର ଧାରା ୨୫ ଅନୁଯାୟୀ ପୃଥିବୀର ପ୍ରତିଟି ମଣିଷ ତା' ପରିବାର ସହ ଆବଶ୍ୟକତା ଅନୁସାରେ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା ସହ ବିଭିନ୍ନ ସାମାଜିକ ସେବା ପାଇବାର ଅଧିକାରରୁ କେବେ ବି ବଞ୍ଚିତ ହେବନାହିଁ ବୋଲି ୧୯୪୮ ମସିହା ବିଶ୍ୱ ମାନବିକ ଅଧିକାର ଘୋଷଣାନାମାରେ ଆଲୋଚନା କରାଯାଇଛି। ଏହାର ମାତ୍ର ଦୁଇବର୍ଷ ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରତିଷ୍ଠା ହୋଇ ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟସେବାର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାର ଆଭିମୁଖ୍ୟ ପୋଷଣ କରିଥିଲା। ଏସବୁ ପରେ ଏବେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଭାରତର ପ୍ରତିଟି ରାଜ୍ୟର ପ୍ରାଥମିକ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡିକରେ ନ୍ୟାଶ୍‌ନାଲ ହେଲ୍‌ଥ ମିଶନ, ଆୟୁଷ୍ମାନ ଭାରତ ଓ ନ୍ୟାଶ୍‌ନାଲ ମେଣ୍ଟାଲ ହେଲ୍‌ଥ କାର୍ଯ୍ୟକ୍ରମମାନ ଉପଲବ୍ଧ ହୋଇ ଆସୁଛି। ନିରାମୟ ଆଦି ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି।

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରୋଗୀମାନଙ୍କ ପାଇଁ ଚବିଶ ଘଣ୍ଟିଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସରକାରୀ ସଂସ୍ଥା ଓ ଏନ୍‌ଜିଓ ମାଧ୍ୟମରେ ସହରଠୁ ଆରମ୍ଭ କରି ଅପହଞ୍ଚ ଗାଁଗଣ୍ଡାରେ ଯାଇ ସ୍ୱାସ୍ଥ୍ୟଭିତ୍ତିକ ଜନସଚେତନତା କାର୍ଯ୍ୟକ୍ରମ ସବୁ ଆୟୋଜନ କରାଯାଉଛି। ତେଣୁ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ସ୍ମାର୍ଟ ନୁହେଁ ବୋଲି କହିହେବ କି? ଅଥଚ ଖୋଦ୍ ରାଜଧାନୀର ମୁଖ୍ୟ ସରକାରୀ ଚିକିତ୍ସାଳୟରେ ସାମାନ୍ୟ ରକ୍ତ ଓ ପରିସ୍ରା ପରୀକ୍ଷା ନିମନ୍ତେ ଜଣେ ସାଧାରଣ ଲୋକକୁ ଗୋଟିଏ ଦିନ ସମୟ ଦେବାକୁ ପଡୁଛି। ମେଡିକାଲ ପରିସରରେ ପ୍ରତିଟି ସରଞ୍ଜାମ ମହଜୁଦ ରହିବାଟା ବଡ଼ କଥା ନୁହେଁ। ବରଂ ଏହା କେତେ ଅଧିକ ପରିମାଣରେ ରହୁଛି ଓ ଏହାକୁ ନେଇ ଲୋକ କେତେ କମ୍ ସମୟ ଭିତରେ ନିଜର ସୁବିଧା ହାସଲ କରି ପାରୁଛନ୍ତି ତାହା ହିଁ ହେଉଛି ଆମ ପାଇଁ ବଡ ସଫଳତା। ଯଦି ଏଇ ରକ୍ତ ଓ ପରିସ୍ରା ପରୀକ୍ଷା କେନ୍ଦ୍ରଗୁଡିକ ଗୋଟିଏ ସ୍ଥାନରେ ନ କରି ମେଡିକାଲ ପରିସରର ବିଭିନ୍ନ ସ୍ଥାନରେ କରାଯାଆନ୍ତା ତେବେ ଲୋକମାନେ ସାରା ଦିନ ଧାଡି ଲଗେଇବାରୁ ରକ୍ଷା ପାଇବା ସହ ତ୍ୱରିତ ଚିକିତ୍ସାର ଲାଭ ଉଠେଇ ପାରନ୍ତେ।

ଏହାଛଡା ଆଉଟ୍‌ଡୋରରୁ ଟିକେଟ ଖଣ୍ଡେ ଆଣିବା ପାଇଁ ମଧ୍ୟ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଲମ୍ବା ଲାଇନରେ ଛିଡା ହେବା ପାଇଁ ପଡୁଛି। ସଙ୍କଟାପନ୍ନ ରୋଗୀମାନେ ତତକ୍ଷଣାତ୍ ଚିକିତ୍ସା ସେବା ଚାହୁଁଥିବା ବେଳେ ଧାଡିରେ ବିଳମ୍ବ ହେତୁ ମୃତ୍ୟୁମୁଖରେ ପଡୁଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ମଧ୍ୟ ସମଦଶା। କାରଣ ଏସବୁ ସହରର ମୁଖ୍ୟ ଚିକିତ୍ସାଳୟ ଏବଂ ଏହା ଉପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରି ଆସୁଛନ୍ତି। କେବଳ ଏକମାତ୍ର ବିକଳ୍ପ ହେଉଛି ଅଧିକ ସଂଖ୍ୟାରେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ସହ ଡାକ୍ତର, ନର୍ସ ଓ ମେଡିକାଲ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା। ତା'ହେଲେ ଲୋକମାନେ ପୂର୍ବାପେକ୍ଷା ଅଧିକ ଶୀଘ୍ର ଚିକିତ୍ସା ପାଇ ଆଶ୍ୱସ୍ତି ଲାଭ କରନ୍ତେ। ସେହିପରି ଅଧିକ ସଂଖ୍ୟାରେ ଟିକେଟ କାଉଣ୍ଟର ଖୋଲାଗଲେ ରୋଗୀମାନେ ଆଉ ବିଳମ୍ବଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତେ ନାହିଁ। ଆମେ ଏହି ମୌଳିକ ସମସ୍ୟାଗୁଡିକର ସମାଧାନ କରିବା ଉଚିତ। କାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବା ସହଜ ବ୍ୟାପାର ନୁହେଁ। ଏବେ ବି କିଛି ଅଞ୍ଚଳରେ ଗର୍ଭବତୀ ମହିଳାମାନେ ଭାର ସାହାଯ୍ୟରେ ନଦୀ ଉପରେ ହୋଇଥିବା ବାଉଁଶ ପୋଲକୁ ପାର ହୋଇ ଅନେକ ଲମ୍ବା ରାସ୍ତା ଅତିକ୍ରମ କରି ମେଡିକାଲ ଆସିବାର ଚିତ୍ର ଗଣମାଧ୍ୟମରୁ ଦେଖିବାକୁ ମିଳୁଛି। ତେଣୁ ଆମକୁ ଆଗାମୀ ଦିନରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ର ସମ୍ପୂର୍ଣ୍ଣ ନ ବଦଳାଇଲେ ମଧ୍ୟ କିଛି ମାତ୍ରାରେ ବଦଳାଇବାକୁ ହେବ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ରାଜ୍ୟ ପ୍ରଶାସନ ତରଫରୁ ବିହିତ ନିରାକରଣର ପଦକ୍ଷେପମାନ ଗ୍ରହଣ କରିବାକୁ ହେବ। ତେବେ ଯାଇ ବ୍ୟବସ୍ଥା ସୁଧୁରିବ।

ପତରପଡା, ବରମୁଣ୍ଡଲୀ, ଜଗତ୍‌ସିଂହପୁର,
ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

କିଛି ନିଆରା କରିବାର ଆଗ୍ରହ ଆଗକୁ ବାଟ କଢାଇନିଏ, ଯାହା ଘଟିଛି କେରଳର ଯସ୍ମିନ୍ ଅରିମ୍ବ୍ରାଙ୍କ ଜୀବନରେ। ଅରିମ୍ବ୍ରା ରହନ୍ତି ମାଲାପ୍ପୁରମ୍ ଜିଲା ଥେନ୍ନଲା ପଞ୍ଚାୟତରେ। ତାଙ୍କୁ ଏବେ ବୟସ ୩୫ ବର୍ଷ। ୯ମ ପରେ ପାଠ ଛାଡି ପିତାଙ୍କ ସହ କ୍ଷେତରେ କାମ କରୁଥିଲେ। ପରେ ନିଜ ଭାଗ୍ୟ ନିଜେ ଗଢିଛନ୍ତି। ଆଣିଛନ୍ତି ଧାନ ଚାଷରେ କ୍ରାନ୍ତି। କେବଳ ଏତିକି ନୁହେଁ ଜିଲାର ୫୦୦ ମହିଳାଙ୍କୁ ଶେୟାରହୋଲ୍‌ଡର ଭାବେ ତାଙ୍କ କମ୍ପାନୀ ସହ ସାମିଲ କରିଛନ୍ତି। ମହିଳାଙ୍କ ବିକାଶ ଲାଗି ସଚେତନତା ସୃଷ୍ଟି କରିବା ସହ ପ୍ରଶିକ୍ଷଣ ଓ ଆର୍ଥିକ ସହଯୋଗ ଦେଉଥିବା କୁଡୁମ୍ବଶ୍ରୀ ମିଶନ୍‌ରେ ୨୦୧୦ରେ ଯସ୍ମିନ୍ ଯୋଗଦେଇଥିଲେ। ଦୁଇ ବର୍ଷ ପରେ ସେ ଅଧିକ ମହିଳାଙ୍କୁ ଏକାଠି କରିବାରେ ସକ୍ଷମ ହୋଇ ପଞ୍ଚାୟତ ସ୍ତରରେ କୁଡୁମ୍ବଶ୍ରୀର ସଭାପତି ହୋଇଥିଲେ। ପଞ୍ଚାୟତର ସମସ୍ତ ସଭ୍ୟଙ୍କୁ ୧୨୬ଟି ଗ୍ରୁପ୍‌ରେ ଭାଗ କରି ପ୍ରତି ଗ୍ରୁପ୍‌ରେ ୪ଜଣ ମହିଳା ରଖିଥିଲେ। ପଞ୍ଚାୟତର ପଡିଆ ଜମିକୁ ଚାଷ ପାଇଁ ଲୋକଙ୍କଠାରୁ ଲିଜ୍‌ରେ ଆଣିବାପରେ ପ୍ରତି ଗ୍ରୁପକୁ ୧ରୁ ୩ ଏକର ଜମି ଲିଜ୍‌ରେ ପ୍ରଦାନ କରିଥିଲେ। ପ୍ରଥମରୁ ସେ ୧୨୬ ଏକର ଜମି ଲିଜ୍ ନେଇଥିଲେ ଓ ଏବେ ତାହା ୫୨୨ ଏକରରେ ପହଞ୍ଚିଛି। ୨୦୧୩ରେ ସେ ଲିଟେରାସି ମିଶନ୍ ମାଧ୍ୟମରେ ମାଟ୍ରିକ ପାସ୍ କରି ଏବେ ସମାଜ ବିଜ୍ଞାନରେ ଡିଗ୍ରୀ କରୁଛନ୍ତି। ୨୦୧୫ରେ ଯସ୍ମିନ୍ 'ଥେନ୍ନଲ ଆଗ୍ରୋ ଫାର୍ମର୍ସ ପ୍ରଡ୍ୟୁଶର କମ୍ପାନୀ ଲିମିଟେଡ୍' ଗଠନ କରି ଏହାର ମୁଖ୍ୟ ରହିବା ସହ ନିଜେ ୫ ଏକର ଚାଷ କରୁଛନ୍ତି।

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୪

- ଚିନି ଦୁର୍ନୀତି ଉପରେ ଗତକାଲି କେନ୍ଦ୍ର ବେସାମରିକ ଯୋଗାଣ ମନ୍ତ୍ରୀ ଏ.କେ. ଆଣ୍ଟୋନୀ ଇସ୍ତଫା ଦେବାପରେ ଆଜି ଖାଦ୍ୟ ରାଷ୍ଟ୍ରମନ୍ତ୍ରୀ କଳ୍ପନାଥ ରାୟଙ୍କ ଇସ୍ତଫା।
- ରାଜ୍ୟର ଅତି ଗରିବ ଲୋକଙ୍କୁ ଆସନ୍ତା ଜାନୁୟାରୀ ମାସ ପହିଲାରୁ କିଲୋ ପିଛା ଦୁଇଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଘୋଷଣା।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୮- ଦିଲ୍ଲୀର ଅନାଜ ମଣ୍ଡିରେ ନିଆଁ ଲାଗି ୪୩ ଜଣଙ୍କ ମୃତ୍ୟୁ।
୯- କର୍ନାଟକରେ ୧୫ ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଶାସକ ଭାଜପା ୧୨ଟି ଆସନରେ ବିଜୟୀ ହୋଇ ବାଜିମାତ୍ କରିଛି।
* ନାଗରିକତା ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ।
୧୦- ଆଣ୍ଟାର୍କଟିକା ଯାଉଥିବା ଚିଲିର ଏକ ସେନା ବିମାନ ନିଖୋଜ ହୋଇଯାଇଛି। ଏଥିରେ ଥିବା ସମସ୍ତ ୧୭ ଅଧିକାରୀ ଓ ବିମାନ କର୍ମଚାରୀଙ୍କ ସହ ୨୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।
୧୧- ନାଗରିକତା ସଂଶୋଧନ ବିଲ୍ ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି।
୧୨- ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆସ୍ଥିତ ଏକ ସେନା ଶିବିରକୁ ଇସ୍‌ଲାମିଷ୍ଟ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଏଥିରେ ୭୧ ସୈନ୍ୟ ଓ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୭ ଆତଙ୍କବାଦୀ ନିହତ ହୋଇଛନ୍ତି।
୧୩- ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି।

## ଆମ ସମସ୍ୟା

### ଜଟଣୀରେ ଆର୍‌ଟିଓ ଅଫିସ ଖୋଲାଯାଉ

ମହାଶୟ,

ଜଟଣୀ ସହର ଭୁବନେଶ୍ୱର କମିଶନରେଟ ପରିସରରେ ଯାଉଥିଲେ ମଧ୍ୟ କମିଶନରେଟ ଅଞ୍ଚଳର ସୁବିଧାସୁଯୋଗରୁ ବଞ୍ଚିତ। ରାଜ୍ୟ ପରିବହନ ବିଭାଗ ଗାଡିମୋଟର କାଗଜପତ୍ର ଏବଂ ଡ୍ରାଇଭିଂ ଲାଇସେନ୍ସ ପାଇଁ ୩ ମାସ ସମୟ ଦେଇଥିବା ବେଳେ ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ଥିବା ଆର୍‌ଟିଓ ଅଫିସରେ ଅସମ୍ଭବ ଭିଡ଼କୁ ଆଖିଆଗରେ ରଖି ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ନୂତନ ପରିବହନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ନ୍ୟାୟରେ ଜଟଣୀର ଲୋକସଂଖ୍ୟା ଏବଂ ଗାଡ଼ି ସଂଖ୍ୟା ଦେଖିଲେ ଖୋର୍ଦ୍ଧାଠାରୁ ଅଧିକ ଥିବାରୁ ଜଟଣୀ ଲୋକମାନେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଦୌଡ଼ି ଗାଡ଼ି କାଗଜପତ୍ର କରିବାକୁ ବହୁତ ଅସୁବିଧା ଭୋଗୁଛନ୍ତି। ଅନୁରୋଧ, ପରିବହନ ବିଭାଗ ସଚିବ ଏଥିପ୍ରତି ଦୃଷ୍ଟି ଦେଇ ଜଟଣୀରେ ପରିବହନ ଅଫିସ ଖୋଲିଲେ ସାଧାରଣ ଲୋକମାନେ ଉପକୃତ ହୋଇପାରନ୍ତେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ସର୍ବସାଧାରଣ ରାସ୍ତା ଦଖଲ କରି ବେପାର

ସମ୍ବଲପୁର ସହରରେ ବିଶେଷକରି ଅଇଁଠାପାଲି ଛକଠାରୁ ଫାଟକ ଓଭରବ୍ରିଜ୍ ମଧ୍ୟରେ ଅନେକ ଦୋକାନୀ ସର୍ବସାଧାରଣ ରାସ୍ତାପାର୍ଶ୍ୱ ସ୍ଥାନକୁ ଅକ୍ତିଆର କରିଛନ୍ତି। ଯଦି କୌଣସି ଯାନ ସେହି ସ୍ଥାନ ପାଖରେ ପାର୍କିଂ କରେ ତେବେ ସେମାନେ ସେହି ଯାନରେ ଆସିଥିବା ପୁରୁଷ କିମ୍ବା ମହିଳାଙ୍କୁ ସେହି ସ୍ଥାନରୁ ସଙ୍ଗେ ସଙ୍ଗେ ଚାଲିଯିବାକୁ କହୁଛନ୍ତି ଏବଂ ଦୁର୍ବ୍ୟବହାର ମଧ୍ୟ କରୁଛନ୍ତି। ଫଳରେ ଗଣ୍ଡଗୋଳ ଉପୁଜୁଛି। ଏହା ଗୋଟିଏ ଆଇନ ଶୃଙ୍ଖଳା ବିଷୟ। ଏଣୁ କର୍ତ୍ତୃପକ୍ଷ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ସଦାନନ୍ଦ ଭୋଇ, ବୁଢ଼ାରଜା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଇସ୍ରୋ ପରିଦର୍ଶନ ପାଇଁ ଅବିନାଶ ମନୋନୀତ



**କୋରୁକୋଣ୍ଡା, ୧୫।୧୨(ଡି.ଏନ.ଏ.):** ମାଲକାନଗିରି ଜିଲା ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀର ଛାତ୍ର ଅବିନାଶ ବେହେରା ଇସ୍ରୋ ପରିଦର୍ଶନ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ମନୋନୀତ ହୋଇଥିବା ୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅବିନାଶ ଅନ୍ୟତମ। ଗତ ୧୨ ତାରିଖରେ ଟାଟା ଷ୍ଟିଲ ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅବିନାଶଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା। ମାଲକାନଗିରି ଜିଲାରୁ ଅବିନାଶ ଏକମାତ୍ର ଛାତ୍ର ରୂପେ ଇସ୍ରୋକୁ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଅବିନାଶଙ୍କ ବାପା ଅନୁଭବ ବେହେରା ଜଣେ ଶିକ୍ଷକ। ମାଆ ଜଣେ ଗୃହିଣୀ। ତାଙ୍କର ଏହି ସଫଳତାର ଶ୍ରେୟ ସେ ମାଆବାପା ଓ ବିଦ୍ୟାଳୟର ଗୁରୁମା ଗୁରୁଜୀଙ୍କୁ ଦେଇଛନ୍ତି।

### ଗାଡ଼ି ଧକ୍କାରେ ହେଟାବାଘ ମୃତ

#### ନଖ, ଦାନ୍ତ କାଟିନେଲେ ଦୁର୍ବୃତ୍ତ



**କୋରୁକୋଣ୍ଡା, ୧୫।୧୨(ଡି.ଏନ.ଏ.):** ମାଲକାନଗିରି ଜିଲା ସଦର ମହକୁମା ବାଲିମେଳା ମୁଖ୍ୟ ରାସ୍ତାରେ ଶନିବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ହେଟାବାଘର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଏହା ଦେଖି କୋରୁକୋଣ୍ଡା ବନ ବିଭାଗକୁ ଖବର ଦେଇଥିଲେ। କୋରୁକୋଣ୍ଡା ବନ ବିଭାଗ ବନପାଳ ରାଜେଶ ସେଠୀ, ଗାର୍ଡ ସାରୁ କବାସୀ ପହଞ୍ଚି ହେଟାବାଘକୁ ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ତେବେ ଉଦ୍ଧାର ସମୟରେ ବାଘଟିର ନଖ ଓ ଦାନ୍ତ ନ ଥିବା ଦେଖିବାକୁ ମିଳିଥିଲା। କେହି ଦୁର୍ବୃତ୍ତ ଏହାକୁ କାଟି ନେଇଯାଇଛି। ଏକ ଅଜଣା ଗାଡି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବନପାଳ ସେଠୀ କହିଛନ୍ତି। ହେଟାବାଘର ନଖ ଓ ଦାନ୍ତ ଚୋରି ଘଟଣାର ତଦନ୍ତ ହେବ ବୋଲି ସେ କହିଛନ୍ତି।

#### କୋଇଲା ଉତ୍ତୋଳନରେ ଏମ୍‌ସିଏଲର ରେକର୍ଡ

### ଡିସେମ୍ବର ୧୪ରେ ୬.୪୬ ଲକ୍ଷ ଟନ୍

**ତାଳଚେର,୧୫।୧୨(ନି.ପ୍ର.)**

ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ)ଚଳିତ ଆର୍ଥିକ ବର୍ଷର ଡିସେମ୍ବର ୧୪ ତାରିଖରେ ୬.୪୬ ଲକ୍ଷ ଟନ କୋଇଲା ଉତ୍ତୋଳନ କରି ନୂତନ ରେକର୍ଡ କରିଛି। ତାଳଚେର କୋଲଫିଲ୍ଡସରୁ ୩.୯୭,୧୩୯ ମିଲିୟନ ଟନ ଏବଂ ଇବଭାଲିରୁ ୨.୪୯.୨୬୨ ମିଲିୟନ ଟନ କୋଇଲା ଉତ୍ତୋଳନ ହୋଇଛି। ଏ ସଂକ୍ରାନ୍ତରେ ଏମସିଏଲ ଜନସମ୍ପର୍କ ଅଧିକାରୀ ଡି. ମେହେରା ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ୨୦୧୮ ଡିସେମ୍ବର ୧୪ରେ ୪ ଲକ୍ଷ ୫୮ ହଜାର ୭ ଶହ ଟନ କୋଇଲା ଉତ୍ତୋଳନ ହୋଇଥିଲା। ସେହିପରି ଚଳିତ ଡିସେମ୍ବର ୧୪ରେ ଓଭର ବର୍ଡନ ରିମୁଭାଲ ୫,୧୭,୬୨୯ କ୍ୟୁବିକ୍ ମିଟର ଥିବାବେଳେ ଗତ ଡିସେମ୍ବର ୧୪ରେ ଏହା ଥିଲା ୪,୭୦,୪୦୦ କ୍ୟୁବିକ ମିଟର। ଲିଙ୍ଗରାଜ ଓ ହିଙ୍ଗୁଳା କ୍ଷେତ୍ର ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରିଥିବା ବିବୃତିରେ କୁହାଯାଇଛି। ଏହି ସଫଳତା ପାଇଁ ଏମସିଏଲର ସିଏମଡି ଭୋଳାନାଥ ଶୁକ୍ଳା ସମସ୍ତ ଅଧିକାରୀ, କର୍ମଚାରୀ ଓ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇ ପାରିଛି ଓ ଆଗାମୀ ଦିନରେ ଏମସିଏଲ ଅଧିକ ସଫଳତା ହାସଲ କରି ପାରିବ ବୋଲି ସେ କହିଛନ୍ତି।

## ଅସ୍ପଷ୍ଟ ଖଣିନୀତି

# ରାଜ୍ୟ ହରାଇବ ରାଜସ୍ୱ, ବଢ଼ିପାରେ ଖଣିଜ ଚୋରି

**ଯୋଡ଼ା, ୧୫।୧୨(ଡି.ଏନ.ଏ.)**

ରାଜ୍ୟ ସରକାର ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୨୦ଟି ଖଣିର ପୁନଃ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯ ଅକ୍ଟୋବର ୪,୧୪ ଓ ୧୮ ତାରିଖରେ ସରକାର ଡାକିଥିବା ଟେଣ୍ଡରକୁ ରଦ୍ଦ କରି ପୁନଃ ଟେଣ୍ଡର କରିବାକୁ ରାଜ୍ୟ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଖଣି ଓ ଇସ୍ପାତ ବିଭାଗ ଯୁଗ୍ମ ସଚିବ ମଞ୍ଜୁଲତା ସ୍ୱାଇଁ ଚିଠି ସଂଖ୍ୟା ୯୪୯୨, ତା ୦୨।୧୨।୨୦୧୯ ରିଖରେ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ନଭେମ୍ବର ୩୦ରେ ଅନୁଷ୍ଠିତ ବୈଷୟିକ ମୂଲ୍ୟାୟନ କମିଟି(ଟିଇସି) ଏବଂ ଉଚ୍ଚକ୍ଷମତାସମ୍ପନ୍ନ କମିଟି(ଏଚ୍‌ଏଲ୍‌ସି)ରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପୂର୍ବରୁ ଡକାଯାଇଥିବା ନିଲାମ ପ୍ରକ୍ରିୟାକୁ ରଦ୍ଦ କରାଯାଇ ଏକକାଳୀନ ୨୦ଟି ଖଣିର ପୁନଃ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ଉକ୍ତ ଚିଠିରେ ଦର୍ଶାଯାଇଛି। ପୂର୍ବରୁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବାଧିକ ଶତକଡା ୮୦ ପ୍ରତିଶତରୁ ଅଧିକ ହୋଇଥିବା ଜଣାପଡିଛି। ଖଣି ବିଶାରଦମାନେ ମତ ଦେଇଛନ୍ତି ଯେ, ନିଲାମ ଡାକୁଥିବା କମ୍ପାନୀ ଗୁଡ଼ିକ ବହୁ ପରିମାଣର ଅର୍ଥବ୍ୟୟ କରି ଖଣି ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। କେନ୍ଦ୍ର ସରକାରଙ୍କର ଅସ୍ପଷ୍ଟ ଖଣି ନୀତି ଯୋଗୁ ଖଣି ବ୍ୟବସାୟ ଅତ୍ୟଧିକ ବ୍ୟୟ ସାପେକ୍ଷ ହେବ। ଖଣି ବିଶାରଦଙ୍କ ମତରେ କେନ୍ଦ୍ର ସରକାରଙ୍କର ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଧାର୍ଯ୍ୟ ଖଣିଜର ମୂଲ୍ୟକୁ ଆଧାର କରି ୧୫ ପ୍ରତିଶତ ରାଜସ୍ୱ ରାଜ୍ୟ ସରକାର ପାଇଥାନ୍ତି। ଏହା ସହିତ ଉକ୍ତ ରାଜସ୍ୱର ୨ ପ୍ରତିଶତ ଏନ୍‌ଏମ୍‌ଇଟି ପାଇଥାଏ। ସେହିପରି ଉକ୍ତ ରାଜସ୍ୱର ୩୦ ପ୍ରତିଶତ ଖଣି ପ୍ରଭାବିତ



ଜିଲାର ବିକାଶ ପାଇଁ ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନକୁ ଯାଇଥାଏ। ଏହା ସହିତ ସଫଳ ନିଲାମକାରୀ ଯେତିକି ପ୍ରତିଶତ ନିଲାମ ଡାକି ଦେଇଥିବେ, ଶତକଡା ସେତିକି ପ୍ରତିଶତର ଅର୍ଥ ପୁନଃ ସରକାରଙ୍କୁ ଦେବା ସହିତ ନିଲାମ ପାଇଥିବା ଖଣି ଲିଜ୍‌ଧାରୀଙ୍କ ପାଇଁ ଖଣିଜ ଉତ୍ତୋଳନ ଖର୍ଚ୍ଚ ମୂଲ୍ୟ ପ୍ରତି ଟନ୍ ପିଛା ବୈଧାନିକ ଆବଶ୍ୟକତାର ଭରଣା ଅନୁମୋଦନ, ଲିଜ୍ ଟ୍ରାନ୍ସଫର ହେବା ଫଳରେ ଆବଶ୍ୟକ ପଡୁଥିବା ସରକାରୀ ଷ୍ଟାମ୍ପ ଡ୍ୟୁଟି ବ୍ୟୟ, ସାମାଜିକ ମୂଲ୍ୟବୋଧ ଜରିଆରେ ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ ପାଇଁ ଖର୍ଚ୍ଚ ସହିତ ଅନ୍ୟାନ୍ୟ ସରକାରୀ କର ସଫଳ ନିଲାମକାରୀଙ୍କୁ ପୈଠ କରିବାକୁ ପଡିବ। ଯାହାକି ଅତ୍ୟଧିକ ବ୍ୟୟସାପେକ୍ଷ।

ସୂଚନାଯୋଗ୍ୟ ୨୦୧୬-୧୭ ମସିହାରେ ୨ଟି ଖଣି ଲିଜ୍‌ଧାରୀମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ବୈଧାନିକ ଅନୁମୋଦନ ମିଳି ନ ଥିବାରୁ ଖଣି କାର୍ଯ୍ୟ ଆରମ୍ଭ ହୋଇ ନ ପାରି ବର୍ଷ ବର୍ଷ ଧରି ବନ୍ଦ ରହିଛି। ସେହିପରି ବର୍ତ୍ତମାନ ହେଉଥିବା ନିଲାମ ପ୍ରକ୍ରିୟାରେ ରାଜ୍ୟ ବାହାରୁ ଅନେକ କମ୍ପାନୀ ଆସି ବହୁଗୁଣା ବର୍ଦ୍ଧିତ ମୂଲ୍ୟ ଦେଇ ଖଣି ହାତେଇବାକୁ ଚେଷ୍ଟା କରୁଥିଲେ ହେଁ, ଏହା ମାତ୍ରାଧିକ ବ୍ୟୟବହୁଳ ହେଉଥିବାରୁ ଏହି ନୂତନ ଲିଜ୍‌ଧାରୀମାନେ କିପରି ଖଣି ଚଳାଇବେ ଏନେଇ ଖଣି ବିଶାରଦମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ଦ୍ୱାରା ଅସାଧୁ ଉପାୟ ଅବଲମ୍ବନ କରିବା ସମ୍ଭାବନା ରହିଛି ବୋଲି ବିଶାରଦମାନେ କହିଛନ୍ତି। ଲୁହାପଥରର ମାନ ଅନୁଯାୟୀ କେନ୍ଦ୍ର ସରକାରଙ୍କର ଆଇବିଏମ୍, ଖଣିଜର ମୂଲ୍ୟାୟନ କରୁଥିବା ମାନରେ ହେରଫେର କରି ଉନ୍ନତ ମାନର ଲୁହାପଥରକୁ ରପ୍ତାନି ଓ ପରିବହନ କରି ନିମ୍ନମାନର ଖଣିଜର ସରକାରୀ ଅନୁମୋଦନ ଦେବାର ସମ୍ଭାବନା ରହିଥିବା ମତ ଦେଇଛନ୍ତି। ଫଳରେ ଏହା ଏକ ହାଇଟେକ୍ ଚୋରି ବୃଦ୍ଧିରେ ସହାୟକ ହେବ ଏବଂ ସରକାର ଅଜସ୍ର ଅର୍ଥ ରାଜସ୍ୱ ହରାଇବେ। ଆହୁରି ମଧ୍ୟ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ଯେ, କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପାଉଥିବା ରାଜସ୍ୱକୁ ୧୫ ପ୍ରତିଶତ ପରିବର୍ତ୍ତେ ୧୦ ପ୍ରତିଶତ କରିବାକୁ ଯାଉଛନ୍ତି। ସେହିପରି ଖଣି ପ୍ରଭାବିତ ଜିଲାଗୁଡିକର ବିକାଶ ପାଇଁ ଜିଲାକୁ ମିଳୁଥିବା ୩୦ ପ୍ରତିଶତ ଅର୍ଥକୁ ହ୍ରାସ କରି ୧୦ ପ୍ରତିଶତ କରିବାର ଯୋଜନା ମଧ୍ୟ ରହିଛି। ଏହାଦ୍ୱାରା ରାଜ୍ୟର ଆମଦାନୀ ହ୍ରାସ ପାଇବା ସହିତ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେବ। ଅଞ୍ଚଳର ଭବିଷ୍ୟତ ନିଲାମ ପ୍ରକ୍ରିୟା ଏକ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା ଦ୍ୱାରା ଖଣି ଅଞ୍ଚଳରେ ପ୍ରାୟ ୧ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକ ରୋଜଗାର ହରାଇବେ ବୋଲି ଖଣି ଅଞ୍ଚଳର ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ ସୂଚନା ଦେଇଛନ୍ତି। ଓଡିଆ ଖଣିଲିଜଧାରୀମାନଙ୍କ ହାତରୁ ଖଣିଗୁଡିକ ଅନ୍ୟ ରାଜ୍ୟର ଅଣଓଡିଆଙ୍କ କବ୍‌ଜାକୁ ଚାଲିଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ , ନିଲାମ ନଥିପତ୍ରରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ତଥା କର୍ମଚାରୀମାନଙ୍କୁ ନୂତନ ନିଲାମ ଜରିଆରେ ଲିଜ୍ ନେଇଥିବା କମ୍ପାନୀଗୁଡିକ ସେମାନଙ୍କୁ ଥଇଥାନ କରିବେ କି ନାହିଁ ଏହାର କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। ଫଳରେ ବର୍ତ୍ତମାନ ଖଣିରେ କାର୍ଯ୍ୟରତ କର୍ମଚାରୀ, କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କ ମହଲରେ ଭବିଷ୍ୟତ ରୋଜଗାରକୁ ନେଇ ଏକ ଭୟ ସୃଷ୍ଟି ହୋଇଛି।

## କଲେଜ ଛାତ୍ରୀଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ

# ପାରିବାରିକ କଳହରୁ ଜୀବନ ଗଲା

**ବାଲୁଗାଁ,୧୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଗଙ୍ଗାନଗରରେ ଶନିବାର ରାତିରେ ଘଟିଥିଲା ଏକ ବୀଭତ୍ସ ହତ୍ୟାକାଣ୍ଡ। ବାଲୁଗାଁ କଲେଜର ଯୁକ୍ତ ୨ ଶେଷବର୍ଷ ଛାତ୍ରୀ ଶିବାନୀ ବେହେରା (୧୭)ଙ୍କୁ ତାଙ୍କ ଘରେ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା କରିଥିଲେ। ରବିବାର ପୋଲିସର ତଦନ୍ତ ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ ଜଣକ ଆଉ କେହି ନୁହନ୍ତି, ଖୋଦ୍ ଶିବାନୀଙ୍କ ଭାଉଜ କାବେରୀ ବେହେରା ବୋଲି ଜଣାପଡିଛି। ପାରିବାରିକ କଳହ ନେଇ ସେ ହତ୍ୟା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି ବୋଲି ବାଲୁଗାଁ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବାଲୁଗାଁର ୫ନଂ. ୱାର୍ଡ ଗଙ୍ଗାନଗରରେ ରୁହନ୍ତି ରାମଚନ୍ଦ୍ର ବେହେରାଙ୍କ ପରିବାର। ସ୍ତ୍ରୀ ବବିତା, ପୁଅ ଦିଲୀପ ଓ ଝିଅ ଶିବାନୀ ମଧ୍ୟ ସାଙ୍ଗରେ ରହୁଥିଲେ। ରାମଚନ୍ଦ୍ର ବ୍ୟବସାୟ କରୁଥିବାବେଳେ ଦିଲୀପ ଏକ ଦୋକାନରେ ରହି କାର୍ଯ୍ୟ କରନ୍ତି। ୫ ମାସ ପୂର୍ବେ ଦିଲୀପ ଟାଙ୍ଗୀ ଥାନା କୁହୁଡି ହାଟସାହିର କାବେରୀ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ଏହି ବାହାଘରରେ ପରିବାର ଲୋକେ ଖୁସି ନ ଥିଲେ। ବିଭିନ୍ନ କାରଣ ନେଇ ପରିବାରରେ କଳହ ଲାଗି ରହୁଥିଲା। କିଛିଦିନ ତଳେ ଜ୍ଞାତିକୁଟୁମ୍ବ ବୈଠକ କରି ଏହାର ସମାଧାନ କରିଥିଲେ। ବୋହୂ କାବେରୀ ମଧ୍ୟ ପରିବାରରେ ଆଉ ଗଣ୍ଡଗୋଳ କରିବି ନାହିଁ ବୋଲି ଲିଖିତ ଆକାରରେ ଦେଇଥିଲେ। ଏପରିସ୍ଥଳେ ଶନିବାର ରାତି ପ୍ରାୟ ୯ଟାରେ ଘରେ ଶାଶୁ ଅନୁପସ୍ଥିତ ଥିବାବେଳେ କାବେରୀ ରୁଟି ବେଲୁଥିଲେ ଓ ଶିବାନୀ ଟିଭି ଦେଖୁଥିଲେ। ରୋଷେଇ ସାରି କାବେରୀ ଟିଭି ଦେଖିବା ପାଇଁ ଯାଇଥିବାବେଳେ ଶିବାନୀ ହଠାତ୍ ରାଗିଯାଇ ତାଙ୍କୁ ଚାକରାଣୀ ବୋଲି କହି ରୁମ୍‌ରୁ ତଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ନଣନ୍ଦ ଓ ଭାଉଜଙ୍କ ମଧ୍ୟରେ ବଚସା ଉଗ୍ରରୂପ ଧାରଣ କରିଥିଲା। କାବେରୀ ଉତ୍‌କ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ ଛୁରି ଦ୍ୱାରା ଶିବାନୀଙ୍କ ଗଳା କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। କାବେରୀ ସେଠାରୁ ପଳାଇଯାଇ ବାଲୁଗାଁ ବଜାରର ଏକ ଦୋକାନରେ କାର୍ଯ୍ୟ କରୁଥିବା ସ୍ୱାମୀ ଦିଲୀପଙ୍କ ନିକଟରେ ପହଞ୍ଚି ଶିବାନୀଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଛି ବୋଲି କହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାରର ସମସ୍ତ ସଦସ୍ୟ ପହଞ୍ଚି ଶିବାନୀଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାଉଜଙ୍କୁ ମିଛ ଧରାଇ ଦେଲା



କାବେରୀ

ଶିବାନୀଙ୍କୁ କାହିଁକି ଓ କିଏ ହତ୍ୟା କଲା ସେ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥିଲା। ସୂଚନାଯୋଗ୍ୟ, ଶିବାନୀଙ୍କୁ କିଛିଦିନ ତଳେ ଉକ୍ତ ସାହିର ଜଣେ ଯୁବକ ପ୍ରେମ ନିବେଦନ କରି ବିଫଳ ହେବାପରେ କଲେଜ ଯିବା ରାସ୍ତାରେ ହଇରାଣ କରୁଥିଲେ। ଶିବାନୀ ଏ ଘଟଣା ଜଣାଇବା ପରେ ପରିବାର ଲୋକେ ଉକ୍ତ ଯୁବକଙ୍କୁ ତାଗିଦ୍ କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ ସେହି ଯୁବକଙ୍କ ହାତ ଥାଇପାରେ ବୋଲି କାବେରୀ ନାଟକ ରଚିଥିଲେ। ଶିବାନୀଙ୍କ ମା' ବବିତା ମଧ୍ୟ ପୋଲିସ ଆଗରେ ଉକ୍ତ ଯୁବକ ବିରୋଧରେ ବୟାନ ଦେଇଥିଲେ। ତେବେ ତଦନ୍ତ ବେଳେ କାବେରୀ ପୋଲିସକୁ ଦୁର୍ବୃତ୍ତଙ୍କ ଚେହେରା ସମ୍ପର୍କରେ ଯାହା କହିଥିଲେ ତାହା ଉକ୍ତ ଯୁବକଙ୍କ ଚେହେରା ସହ ଖାପ ଖାଇ ନ ଥିଲା। ଫଳରେ କାବେରୀ ମିଛ କହୁଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ଏହାପରେ ପୋଲିସ ଉକ୍ତ ଯୁବକ ଓ କାବେରୀଙ୍କୁ ଶନିବାର ରାତିରେ ଥାନାକୁ ଆଣିଥିଲା। ରବିବାର ପୂର୍ବାହ୍ନରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ଖୋର୍ଦ୍ଧା ଏସ୍‌ପି ସ୍ୱାଇଁ, ଏସ୍‌ଡିପିଓ ସୁନୀଲ ମହାନ୍ତି, ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ ଓ ବାଣପୁର ଥାନା ଆଇଆଇସି ସଞ୍ଜୟ ପଟ୍ଟନାୟକ କାବେରୀଙ୍କୁ ଜେରା କରିବାରୁ କାବେରୀ ନିଜେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା ଲୁଗା ଓ ବ୍ୟବହୃତ ଛୁରି ଜବତ କରିଛି। ଶିବାନୀଙ୍କ ମା' ବବିତା ବେହେରାଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଆଇପିସି ଦଫା ୩୦୨, ୪୫୦ରେ ଏକ ମାମଲା (କେସ୍ ନଂ.୧୬୦/୧୯) ରୁଜୁ କରିଛି। ସୋମବାର କାବେରୀଙ୍କୁ କୋର୍ଟ ଚାଲାଣ କରାଯିବ। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଶିବାନୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ବାଲୁଗାଁରେ ପହଞ୍ଚିଥିଲା।



## ଜିଲା ଚିଠି
### କଟକ

# ତୁଚ୍ଛା ପ୍ରଶଂସା

କିଏ କେତେ ପ୍ରକାର ଢଙ୍ଗରେ କଥା କହି ପ୍ରଶାସନକୁ ଟେକିପାରିବ ସେନେଇ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିଲା। କିଏ ଧନ୍ୟବାଦ ଦେଉଥାନ୍ତି ତ କିଏ କୃତଜ୍ଞତାରେ ପୋତି ପକାଉଥାନ୍ତି। ଏପରି କି 'ମୋ ଆଖି ଉଠିବା ଦିନଠାରୁ ଏଭଳି ଆୟୋଜନ ଦେଖି ନ ଥିବା' କହିବାକୁ ପଛାଇ ନ ଥିଲେ। ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ପ୍ରଶାସନ ପ୍ରତି ନେତାମାନଙ୍କ ଏଭଳି ତୁଚ୍ଛା ପ୍ରଶଂସା ଦେଖି ବାଲିଯାତ୍ରା ମଞ୍ଚ ସାମ୍ନାରେ ବସିଥିବା ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିମାନେ ମୁରୁକିହସା ମାରୁଥିଲେ। କାରଣ ବାଲିଯାତ୍ରାର ସଫଳ ଆୟୋଜନର ନାଁ ନେଇ ମଞ୍ଚାସୀନ ନେତାମାନେ ପ୍ରଶାସନକୁ ଟେକୁଥିବା ବେଳେ ମଞ୍ଚ ଆଗରେ ବସିଥିବା ଲୋକେ ଯାତ୍ରା ଆରମ୍ଭରୁ ଅବ୍ୟବସ୍ଥାକୁ ବାରି ପାରୁଥିଲେ। ଷ୍ଟଲ ଆବଣ୍ଟନକୁ ନେଇ ଆରମ୍ଭରୁ ବିବାଦ ଉପୁଜିଥିଲା। ବ୍ୟବସାୟୀମାନେ ଷ୍ଟଲ ପାଇଁ ଦେୟ ପଇଠ କରି ମଧ୍ୟ ଜାଗା ଦଖଲ କରିବା ଲାଗି ନାନା ସମସ୍ୟା ସାମ୍ନା କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଷ୍ଟଲ ନିର୍ମାଣ ପାଇଁ ବାଉଁଶ ପୋତି ଟେଣ୍ଟ ବାନ୍ଧି ସାରିବା ପରେ କେତେଜଣ ବ୍ୟବସାୟୀଙ୍କୁ ଟେଣ୍ଟ ଖୋଲିବାକୁ ପଡ଼ିଥିଲା। ଏଭଳି ପରିସ୍ଥିତି ଉପୁଜିବା ପଛର କାରଣ ଖୋଜିଲା ବେଳକୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦୁଇଜଣ ଶକ୍ତିଶାଳୀଙ୍କ ଭିତରେ କୁଆଡ଼େ ଶକ୍ତିପରୀକ୍ଷା ଚାଲିଥିଲା। ସେହିପରି ବାଲିଯାତ୍ରାରେ ମୋ ସାଇକେଲ, ମୋ ରିକ୍ସା, ମୋ ବାଲିଯାତ୍ରା ଭଳି ଆୟୋଜନ ଫସର ଫାଟିଥିବାବେଳେ ନୌବିହାର ପ୍ରହସନ ପାଲଟିଥିଲା। ବାଲିଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସର ବିଫଳତା ବୋଧହୁଏ ରେକର୍ଡ ସୃଷ୍ଟି କରିଛି। ଭିଡ଼ ଏଭଳି ନିୟନ୍ତ୍ରଣ ବାହାରକୁ ଯାଇଥିଲା ଯେ, ବାଲିଯାତ୍ରା ସାଂସ୍କୃତିକ ସନ୍ଧ୍ୟାକୁ ଅତିଥି ଭାବେ ଡକାଯାଇଥିବା ସମ୍ମାନନୀୟ ବ୍ୟକ୍ତିବିଶେଷ ମଞ୍ଚ ପାଖରେ ପହଞ୍ଚିବାରେ ସକ୍ଷମ ହୋଇ ନ ଥିଲେ। ଆରମ୍ଭରୁ ଶେଷ ଯାଏ ବାଲିଯାତ୍ରାରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ନେତାଏ କାହିଁକି ପ୍ରଶାସନର ଖୋସାମଦ କରୁଥିଲେ ତାହା ସାଧାରଣ ଲୋକ ଆଜି ପର୍ଯ୍ୟନ୍ତ ବୁଝିପାରୁନାହାନ୍ତି।

– ନିର୍ମଳ ପଣ୍ଡା

## ■ ରାଜଧାନୀରେ ବରଗଡ଼ ଜିଲା ପରିଷଦ ସଦସ୍ୟ ମୁହଁ ଖୋଲିଲେ

# ଅପହରଣ କରାଯାଇ ନାହିଁ, ନିଜ ଇଚ୍ଛାରେ ସାମିଲ ହୋଇଛୁ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

'ଆମକୁ ଅପହରଣ କରାଯାଇନାହିଁ। ଆମ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ଆସିଛୁ। ଭାଜପା ପକ୍ଷରୁ କରାଯାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ।' ରାଜଧାନୀ ଭୁବନେଶ୍ୱର ଶହୀଦନଗର ସ୍ଥିତ ଏକ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏପରି କଥା କହିଛନ୍ତି ବରଗଡ଼ ଜିଲାର ୯ ଜଣ ଜିଲା ପରିଷଦ ସଭ୍ୟା। ଏମାନଙ୍କ ମଧ୍ୟରେ ରହିଛନ୍ତି-ସଂଯୁକ୍ତା ମାଝି, ଉମେଶ ଚନ୍ଦ୍ର ବେହେରା, ସୁଷମା ଭୁଏ ଏବଂ ପାର୍ବତୀ ଭୁଏ ପ୍ରମୁଖ। ଚଳିତ ବର୍ଷ ମାର୍ଚ୍ଚ ୨୮ରୁ ସେମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ଅନ୍ୟ କୌଣସି ଦଳକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସଦସ୍ୟମାନେ କହିଛନ୍ତି।

ଏଠାରେ ସୂଚନାଥାଉ କି ଶାସକ ଦଳ ବିଜେଡି ପକ୍ଷରୁ ବରଗଡ଼ ଜିଲା ପରିଷଦର ୨ ସଭ୍ୟାକୁ ଅପହରଣ କରାଯାଇଥିବା ଭାଜପା ପକ୍ଷରୁ ଶନିବାର ଅଭିଯୋଗ କରାଯାଇଥିଲା। ଏପରି କି ବୈଦ୍ୟୁତିକ ଗଣମାଧ୍ୟମରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ମଧ୍ୟ ଦେଇଥିଲେ। ହେଲେ ଏହାର ଗୋଟିଏ ଦିନ ପରେ ଜିଲା ପରିଷଦ ସଭ୍ୟମାନଙ୍କ ବୟାନ ପରେ ଘଟଣାର ମୋଡ ବଦଳିଛି। ଜିଲା ପରିଷଦ ସଭ୍ୟା ସଂଯୁକ୍ତା କହିଛନ୍ତି ଯେ ଭାଜପାରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲୁ। ହେଲେ ଦୁଇ ବର୍ଷ ଯାଏ ନିଜ ଲୋକଙ୍କ ପାଇଁ କିଛି କରିପାରିଲୁ ନାହିଁ। ତେଣୁ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ବହୁ ପୂର୍ବରୁ ବିଜେଡିରେ ମିଶିସାରିଛୁ ବୋଲି ସେ କହିଥିଲେ। ସେହିପରି ଉମେଶ କହିଛନ୍ତି ଯେ ଶନିବାର ୨ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ସେମାନଙ୍କ ସ୍ତ୍ରୀ ନିଖୋଜ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏ କଥା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ୨ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀଙ୍କୁ ଫୋନ୍ କରାଯାଇଥିଲା, ହେଲେ ସେମାନଙ୍କ ଫୋନ୍ ସ୍ୱିଚ୍ ଅଫ ଥିଲା। ସେମାନଙ୍କୁ ଭାଜପା ପକ୍ଷରୁ ପ୍ରଭାବିତ କରାଯାଇଥିବ ବୋଲି ଉମେଶ କହିଛନ୍ତି।

ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ହେଲେ ସମସ୍ତ ଜିଲା ପରିଷଦ ସଭ୍ୟ ଏହାକୁ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ଏ ସମସ୍ତ ଘଟଣା ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ପ୍ରଦୀପ ପୁରୋହିତ ବିଜେଡିକୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଶାସକ ଦଳ ପକ୍ଷରୁ ଭାଜପାକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଉଛି। ତୃତୀୟ ମହଲା ନିର୍ଦ୍ଦେଶରେ ଏହି ସବୁ କାର୍ଯ୍ୟ କରାଯାଉଛି। ଭାଜପାରୁ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଭ୍ୟମାନେ ବିଜେଡିରେ ଯୋଗ ଦେଲେ ଦଳ ବିରୋଧୀ ଆଇନ ଲାଗୁ ହେବ। ଏ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରଦୀପ କହିଛନ୍ତି। ଅପରପକ୍ଷରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ଭାଜପା ପକ୍ଷରୁ ଯେଉଁ ଜିଲା ପରିଷଦ ସଭ୍ୟମାନଙ୍କୁ ନେଇ ଅଭିଯୋଗ କରାଯାଇଛି, ସେମାନେ ନିଜ ନିଜ ପକ୍ଷ ଗଣମାଧ୍ୟମରେ ରଖି ସାରିଛନ୍ତି। ତେଣୁ ଏହାକୁ ନେଇ ଅଯଥା ରାଜନୀତି କରା ନ ଯାଉ।



ବରଗଡ଼ର ଜିଲାପରିଷଦର ୯ ସଦସ୍ୟ ଶହୀଦ ନଗରସ୍ଥିତ ଏକ ପଡ଼ିଆରେ ସମବେତ ହୋଇଛନ୍ତି।

■ ଶାସକ ବିଜେଡି ବରଗଡ଼ ଭାଜପାକୁ ଭାଙ୍ଗିବାକୁ ପ୍ରୟାସ କରୁଛି: ପ୍ରଦୀପ

■ ଅଯଥା ରାଜନୀତି କରା ନ ଯାଉ:ଲେନିନ୍

## ■ ତାଳଚେର ବିଧାୟକଙ୍କ ଗାଡ଼ି ପୋଡ଼ି ଘଟଣା

# ୨ ଗିରଫ, ଜାମିନରେ ମୁକୁଳିଲେ

**ତାଳଚେର,୧୫।୧୨(ନି.ପ୍ର.)**

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଗାଡ଼ି ପୋଡ଼ାଯିବା ଘଟଣାରେ ବିକ୍ରମପୁର ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯୁବ ସମାଜସେବୀ ସଙ୍ଗଠନ ସଭାପତି ସ୍ୱାଧୀନ ଥମ୍ବ ଓ ଆବାହକ ଯତିନ ମହାନ୍ତି। ତେବେ କୋର୍ଟରେ ଉଭୟଙ୍କ ଜାମିନ ମଞ୍ଜୁର ହୋଇଯାଇଥିବା ଜଣାପଡିଛି। ଘଟଣାରେ ସମ୍ପୃକ୍ତି ଥିବା ନେଇ ପୋଲିସ ଶନିବାର ରାତିରେ ସ୍ୱାଧୀନ ଏବଂ ଯତିନଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ସ୍ୱାଧୀନ ଏବଂ ଯତିନ କହିଛନ୍ତି, ପୋଲିସ କ୍ୟାରେକ୍ଟର ଭେରିଫିକେଶନ ନାମରେ ଉଭୟଙ୍କୁ ଥାନାକୁ ଡାକିଥିଲା। ସେଠାରେ ବିଧାୟକଙ୍କ ଗାଡ଼ିକୁ ପୋଡିଛ ବୋଲି କହିବା ସହ ମାଡ଼ ମାରିଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ବିକ୍ରମପୁର ଆଇଆଇସି ଧୂଳେଶ୍ୱର ନାୟକଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିବା ସହ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖ ରାତିରେ କେହି ଦୁର୍ବୃତ୍ତ ବିଧାୟକଙ୍କ ଭରତପୁର କ୍ୟାମ୍ପ ଅଫିସ୍‌ରେ ଥିବା ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଏଥିରେ ବିଧାୟକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ନିକଟରେ ଥିବା ଆମ୍ବୁଲାନ୍ସ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପୋଲିସ ନଂ. ୧୪୨/୧୯ରେ ଏକ ମାମଲା ରୁଜୁ କରିଥିଲା।

# ଓଏମ୍‌ଇସିଏଲ ପାଇପାରେ ୨ଟି ଖଣି

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଆଗାମୀ ଦିନରେ ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଲିମିଟେଡ (ଓଏମ୍‌ଇସିଏଲ୍)କୁ ୨ଟି ଖଣି ଆବଣ୍ଟିତ କରାଯାଇପାରେ। ଏହି ଖଣି ୨ଟି ହେଉଛି-ସୁକିନ୍ଦା କ୍ରୋମାଇଟ୍ ଏବଂ ଗୁହାଳୀ ଲୁହାପଥର ଖଣି। ଓଡ଼ିଶା ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ସହ ଆଲୋଚନା କରୁଥିବା ଜଣାପଡିଛି। ଗତ ମାସରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ରାଜ୍ୟ ଗସ୍ତରେ ଆସିଥିଲେ। ଓଏମ୍‌ଇସିଏଲ୍‌କୁ ୨ ଖଣି ଦେବା ପାଇଁ ସେ ସମୟରେ ତାଙ୍କୁ ଅନୁରୋଧ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ରେ ଏହି ଦୁଇ ଖଣିର ପୂର୍ବ ଲିଜ୍ ଅବଧି ସମାପ୍ତ ହେଉଛି। ଚଳିତଥର ଖଣି ଖନନ ପରେ ସୃଷ୍ଟି ହେଉଥିବା ଗର୍ତ୍ତକୁ ପୋତିବା, ଆଖପାଖ ଅଞ୍ଚଳର ପରିବେଶ ସମ୍ପର୍କିତ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି।

## ନେପାଳରେ ଦୁର୍ଘଟଣା: ୧୪ ମୃତ

ନେପାଳର ସିନ୍ଧୁପାଲଚୋକ୍‌ସ୍ଥିତ ଜାତୀୟ ରାଜପଥରୁ ରବିବାର ଏକ ବସ୍ ୧୦୦ ମିଟର ତଳକୁ ଖସିପଡ଼ିବା ଫଳରେ ୧୪ ଯାତ୍ରୀଙ୍କ ମୃତ୍ୟୁ ହେବା ସହ ୧୮ ଜଣ ଆହତ ହୋଇଛନ୍ତି। ବସ୍‌ଟି ଡୋଲଖା ଜିଲାର କାଳିନଚୋକ୍‌ରୁ ଭକ୍ତପୁର ଯାଉଥିବାବେଳେ ଛା କିଲୋ ଅଞ୍ଚଳରେ ଏହା ରାସ୍ତାରୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୩ ଶିଶୁ ଅଛନ୍ତି।


ଗୁଆହାଟୀର ହାତୀଗାଓଁରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ବେଳେ ପୋଲିସ ଗୁଳିରେ ଦୁଇଦିନ ତଳେ ଆହତ ହୋଇଥିବା ୧୭ ବର୍ଷୀୟ ସାମ୍ ଷ୍ଟାଫୋର୍ଡ ରବିବାର ଆଖି ବୁଜିଦେଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।


ନୂଆଦିଲ୍ଲୀର ମଥୁରା ରୋଡ୍‌ରେ ବିକ୍ଷୋଭକାରୀ ଜାଳିଦେଇଥିବା ବସ୍।


କୋଲ୍‌କାତାରେ ପଶ୍ଚିମବଙ୍ଗ ମାନବାଧିକାର ସେଲ୍ ପକ୍ଷରୁ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ଶୋଭାଯାତ୍ରା।

### ■ ନିର୍ଭୟା ମାମଲାକୁ ୭ ବର୍ଷ: କେନ୍ଦ୍ର ଆଣିଛି କଠୋର ଆଇନ

# ତଥାପି ଥମୁନି ବର୍ବରତା

**ଠିକ୍ ସାତ ବର୍ଷ ପୂର୍ବେ ଦେଶକୁ ସ୍ତବ୍ଧ କରିଦେଇଥିଲା ନିର୍ଭୟା ମାମଲା। ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଫିଙ୍ଗିଦିଆଯାଇଥିଲା। ଜୀବନ ସହ ସଂଗ୍ରାମ କରି ସିଙ୍ଗାପୁର ହସ୍ପିଟାଲରେ ଶେଷରେ ଆଖି ବୁଜିଥିଲେ ପୀଡ଼ିତା। ଏହା ପରେ ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ଏକାଧିକ ଆଇନ ପ୍ରଣୟନ କରାଯାଇଛି। ହେଲେ ଆଇନକୁ ଫାଙ୍କି ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇଚାଲିଛନ୍ତି ଯୌନ ପିପାସୁ କାରଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ହାର ନଗଣ୍ୟ।**

ନୂଆଦିଲ୍ଲୀ,୧୫।୧୨(ପି.ଟି.)

୨୦୧୨ ଡିସେମ୍ବର ୧୬ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା ପରେ ମହିଳାଙ୍କ ପ୍ରତି ଯୌନ ଅପରାଧ ରୋକିବା ଲାଗି ଆଇନକୁ କଡ଼ାକଡ଼ି କରାଯାଇଥିଲା। ଘଟଣାକୁ ୭ ବର୍ଷ ପୂରିଥିବାବେଳେ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହାର ମାତ୍ର ୩୨.୨ ପ୍ରତିଶତ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର

**ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହାର ୩୨%**

୨୦୧୭ ତଥ୍ୟ ଅନୁଯାୟୀ ସେହିବର୍ଷ ୧,୪୬,୨୦୧ଟି ବଳାତ୍କାର ମାମଲା ବିଚାର ପାଇଁ ନିଆଯାଇଥିବାବେଳେ ସେଥିରୁ ମାତ୍ର ୫୮୨୨ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଏହି ମାମଲାରେ ଚାର୍ଜଶିଟ୍ ପ୍ରସ୍ତୁତ ହାର ମଧ୍ୟ ବହୁତ କମିଛି। ଅର୍ଥାତ ଅନେକ ମାମଲା କୋର୍ଟକୁ ଯାଇପାରୁ ନାହିଁ। ୨୦୧୩ରେ ବଳାତ୍କାର ମାମଲାରେ ଚାର୍ଜଶିଟ୍ ହାର ୯୫.୪ ପ୍ରତିଶତ ଥିବାବେଳେ ୨୦୧୭ରେ ଏହା ୮୬.୬ ପ୍ରତିଶତକୁ ହ୍ରାସ ପାଇଛି। ମାମଲାର ତଦନ୍ତ କରୁଥିବା ପୋଲିସ ଅଧିକାରୀ ଅଧିକ ଦକ୍ଷ ହେବା ଆବଶ୍ୟକ ବୋଲି ଓଡ଼ିଶାର ପୂର୍ବତନ ପୋଲିସ ଡିଜି ବି.ବି. ମହାନ୍ତିଙ୍କ ପୁଅ ବିତ୍ତିହୋତ୍ର ମହାନ୍ତିଙ୍କ ପାଇଁ ମାମଲା ଲଢୁଥିବା ଆଇନଜୀବୀ ଶିଳ୍ପୀ ଜୈନ କହିଛନ୍ତି। ଅଧିକାଂଶ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ପାଖରେ ଆବଶ୍ୟକ ସମ୍ବଳ ଓ ଅଭିଜ୍ଞତା ନାହିଁ ଓ ବହୁ କ୍ଷେତ୍ରରେ ସେମାନେ ଅତିମାତ୍ରାରେ ଦୁର୍ନୀତିଗ୍ରସ୍ତ ବୋଲି ଜୈନ କହିଛନ୍ତି।

## ରକ୍ତରେ ଚିଠି ଲେଖିଲେ ଶୁଟର୍

ଲକ୍ଷ୍ନୌ,୧୫।୧୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅପରାଧୀମାନଙ୍କୁ ଫାଶୀ ଦେବା ପାଇଁ ଆଗ୍ରହ ପ୍ରକାଶ କରି ଶୁଟର୍ ବର୍ତ୍ତିକା ସିଂ ରବିବାର କେନ୍ଦ୍ର ସରକାରଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ବଳାତ୍କାରୀଙ୍କୁ ଫାଶୀ ଦେବା ପାଇଁ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ଅନୁମତି ଚାହିଁଛନ୍ତି। ଏହାଦ୍ୱାରା ନାରୀ ହିଁ ନାରାୟଣୀ ଧାରଣା ପୁନର୍ବାର ସୁଦୃଢ଼ ହୋଇପାରିବ ବୋଲି ବର୍ତ୍ତିକା ଖବରଦାତାମାନଙ୍କୁ କହିଛନ୍ତି। ଏହି ବାର୍ତ୍ତା ସାରା ବିଶ୍ୱକୁ ଯାଉ ଓ ଭାରତରେ ବଳାତ୍କାରୀଙ୍କୁ ମହିଳା ଫାଶୀ ଦେଇପାରନ୍ତି ଏହା ସମସ୍ତେ ଜାଣନ୍ତୁ ବୋଲି ସେ କହିଛନ୍ତି। ଏଥିରେ ତାଙ୍କୁ ସମର୍ଥନ ଦେବାକୁ ସେ ମହିଳା ସୈନ୍ୟ, ଅଭିନେତ୍ରୀ, ଜନପ୍ରତିନିଧି ଓ ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ


ବର୍ତ୍ତିକା ସିଂ

**ନିର୍ଭୟା ବଳାତ୍କାରୀଙ୍କୁ ଫାଶୀ ଦେବାକୁ ଆଗ୍ରହୀ**

ଚଳନ୍ତା ବସ୍ ଭିତରେ ଗଣବଳାତ୍କାର କରାଯିବା ସହ ଆକ୍ରମଣ ହୋଇଥିଲା। ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ରେ କୋର୍ଟ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଜଣେ ଅପରାଧୀଙ୍କ ରିଭ୍ୟୁ ପିଟିଶନର ଶୁଣାଣି ମଙ୍ଗଳବାର ହେବାକୁ ଥିବାବେଳେ ୪ ବଳାତ୍କାରୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ନିର୍ଭୟାଙ୍କ ପରିବାର ସମେତ ବିଭିନ୍ନ ମହଲରୁ ଦାବି ହୋଇଛି।

## ସେନ୍‌ଗାରଙ୍କ ବିରୋଧରେ ରାୟ ଆଜି

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ଉନ୍ନାଓ ବଳାତ୍କାର ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କ ବିରୋଧରେ ଦିଲ୍ଲୀର ଏକ ଅଦାଲତ ସୋମବାର ରାୟ ପ୍ରଦାନ କରିବେ। ୨୦୧୭ରେ ଜଣେ ନାବାଳିକାଙ୍କୁ ବିଧାୟକ ସେନ୍‌ଗାର ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସିବିଆଇ ଏବଂ ଅଭିଯୁକ୍ତଙ୍କ ଚୂଡ଼ାନ୍ତ ଯୁକ୍ତି ଶୁଣିବା ପରେ ଜିଲା ଜଜ୍ ଧର୍ମେଶ ଶର୍ମା ୧୬ ତାରିଖକୁ ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାମଲାକୁ ଲକ୍ଷ୍ନୌରୁ ଦିଲ୍ଲୀ କୋର୍ଟକୁ ସ୍ଥାନାନ୍ତର କରାଯିବା ପରେ ଅଗଷ୍ଟ ୫ରୁ ଏହା ଉପରେ ଦୈନନ୍ଦିନ ଶୁଣାଣି ହୋଇଥିଲା। ପରେ ଭାଜପା ସେନ୍‌ଗାରଙ୍କୁ ଦଳରୁ ବହିଷ୍କାର କରିଥିଲା।

ଅଗଷ୍ଟ ୯ରେ ସେନ୍‌ଗାର ଓ



**ଉନ୍ନାଓ ମାମଲା**

ଅନ୍ୟତମ ଅଭିଯୁକ୍ତ ଶଶୀ ସିଂଙ୍କ ବିରୋଧରେ ଅଦାଲତ ଆଇପିସି ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ଚାର୍ଜଫ୍ରେମ୍ କରିଥିଲେ। ଜୁଲାଇ ୨୮ରେ ପୀଡ଼ିତାଙ୍କୁ ମାରିଦେବା ପାଇଁ ସେନ୍‌ଗାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଯାଉଥିବା କାରକୁ ଏକ ଟ୍ରକ୍ ଧକ୍କା ଦେଇଥିଲା, ଯେଉଁଥିରେ ପୀଡ଼ିତାଙ୍କ ଦୁଇଜଣ ଖୁଡ଼ୀଙ୍କ ମୃତ୍ୟୁ ହୋଇଥିଲା ।

## 'ସାରା ଦେଶରେ ଲାଗୁହେଉ ଦିଶା ଆଇନ'

ନୂଆଦିଲ୍ଲୀ,୧୫।୧୨

ବଳାତ୍କାର ସମେତ ମହିଳାଙ୍କ ପ୍ରତି ଅପରାଧ ହାର ବଢ଼ିଚାଲିଥିବାରୁ ଆନ୍ଧ୍ରପ୍ରଦେଶ ସରକାର ଆଣିଥିବା ଦିଶା ଆଇନକୁ ତୁରନ୍ତ ସାରା ଦେଶରେ ଲାଗୁ କରିବା ପାଇଁ ଦିଲ୍ଲୀ ମହିଳା କମିଶନ ଅଧକ୍ଷା ସ୍ୱାତୀ ମାଲିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଶୁକ୍ରବାର ଏହି ବିଲ୍ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଗୃହୀତ ହୋଇଥିଲା। ବଳାତ୍କାର ମାମଲାରେ ଅପରାଧୀଙ୍କୁ ୨୧ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ଦେବା ପାଇଁ ଦିଶା ବିଲ୍‌ରେ ବ୍ୟବସ୍ଥା ରହିଛି। ଏହି ଆଇନକୁ


ସ୍ୱାତୀ ମାଲିୱାଲ

ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଦେଶରେ ବଳାତ୍କାର ଘଟଣା ବଢୁଥିବାରୁ ଅପରାଧୀଙ୍କୁ ଫାଶୀ ଦେବା ଦାବିରେ ସ୍ୱାତୀ ୧୦ଦିନରୁ ଊର୍ଦ୍ଧ୍ୱ ଅନଶନରେ ବସିଥିଲେ। ରବିବାର ସକାଳେ ସେ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଛାତ୍ରୀଙ୍କୁ ଗଣବଳାତ୍କାର

ମାଉ,୧୫।୧୨(ପି.ଟି.)

ଉତ୍ତରପ୍ରଦେଶର ମାଉଠାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ଅଟକ ରଖି ଜେରା କରୁଥିବାବେଳେ ଅନ୍ୟମାନଙ୍କୁ ଖୋଜୁଛି। ମାଉ ଜିଲାର ମଧୁବନ ଥାନା ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଥିବା ଏସ୍‌ପି ଅନୁରାଗ ଆର୍ଯ୍ୟ କହିଛନ୍ତି। ଛାତ୍ରୀ ଜଣକ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିବାବେଳେ ତାଙ୍କୁ ବଳାତ୍କାର କରାଯାଇଥିବା ଖବର ପାଇଥିଲେ। ଘଟଣାସ୍ଥଳରେ ପୀଡ଼ିତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଚେତା ଫେରିବା ପରେ ଛାତ୍ରୀଜଣକ ସବୁ ଘଟଣା କହିଥିଲେ। ଆଇପିସି ଓ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି।

## ଫତେପୁର ପୀଡ଼ିତା ଗୁରୁତର

ବଣ୍ଡା,୧୫।୧୨(ପି.ଟି.)

ଉତ୍ତରପ୍ରଦେଶର ଫତେପୁର ସହରରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ଜାଳିଦେବା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଶରୀରର ୯୦ ଭାଗ ପୋଡ଼ିଯାଇଥିବାରୁ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି। ପୀଡିତାଙ୍କ ପରିବାର ପକ୍ଷରୁ ଦାଏର ଏତଲାକ୍ରମେ ଅଭିଯୁକ୍ତଙ୍କୁ

**ଅଭିଯୁକ୍ତ ଗିରଫ**

ଆଇପିସିର ଧାରା ୩୭୬ ଓ ୩୦୭ରେ ଗିରଫ କରାଯାଇଥିବା ଫତେପୁର ଏସ୍‌ପି ପ୍ରଶାନ୍ତ ବର୍ମା କହିଛନ୍ତି। ଅଭିଯୁକ୍ତ ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ଓ ତାଙ୍କ ସହ ପ୍ରେମ ସମ୍ପର୍କ ଥିଲା ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଲ୍ଲାହାବାଦ ଜୋନ୍) ସୁଜିତ ପାଣ୍ଡେ କହିଛନ୍ତି। ଏହା ଜଣାପଡିବା ପରେ ସେମାନଙ୍କ ଗାଁରେ ପଞ୍ଚାୟତ ବସିଥିଲା ଓ ପରସ୍ପରକୁ ଭେଟିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ପଞ୍ଚାୟତ ନିଷ୍ପତ୍ତିରେ ବିଚଳିତ ଯୁବତୀ ଜଣକ ଘରକୁ ଫେରି ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ପାଣ୍ଡେ କହିଛନ୍ତି। ଗ୍ରାମବାସୀ ଧୂଆଁ ଦେଖି ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

**[ଇତିହାସର ଆଇନାରେ] ଡିସେମ୍ବର ୧୬ର ପ୍ରମୁଖ ଘଟଣା**

୧୯୨୦ ଡିସେମ୍ବର ୧୬ରେ ଚାଇନାର ନିଙ୍ଗଜିଆ ପ୍ରଦେଶ ଅନ୍ତର୍ଗତ ହୈୟ୍ୱାନ କାଉଣ୍ଟିରେ ୮.୫ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାକୁ ଗାନ୍‌ସୁ ଭୂକମ୍ପ କୁହାଯାଇଥାଏ। ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୧୯୭୧ ଡିସେମ୍ବର ୧୬ରେ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ବାଂଲାଦେଶର ସୃଷ୍ଟି ହୋଇଥିଲା। ପାକିସ୍ତାନ ସେନାର ଲେଫ୍ଟନାଣ୍ଟ ଜେନେରାଲ ଏ.ଏ.କେ. ନିଆଜି ଆତ୍ମସମର୍ପଣ ଦଲିଲରେ ସ୍ୱାକ୍ଷର କରିବା ପରେ ବାଂଲାଦେଶକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।

## ମାନହାନି ମାମଲା କରିବେ ସଭରକରଙ୍କ ନାତି

ନୂଆଦିଲ୍ଲୀ,୧୫।୧୨

ବୀର ସଭରକରଙ୍କୁ ଅପମାନିତ କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବେ ବୋଲି ତାଙ୍କ ନାତି ରଞ୍ଜିତ ସଭରକର ରବିବାର କହିଛନ୍ତି। ରଞ୍ଜିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟି ରାହୁଲଙ୍କ ମନ୍ତବ୍ୟ ସମ୍ପର୍କରେ ଆଲୋଚନା କରିବେ। ରାହୁଲଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଶିବସେନା କଂଗ୍ରେସ ସହ ମେଣ୍ଟ ତୁଟାଇଦେବା ଉଚିତ ବୋଲି ସେ ଦାବି କରିଛନ୍ତି। ଏକଦା ଜବାହରଲାଲ୍ ନେହେରୁ ଶିବାଜୀଙ୍କୁ ଲୁଟେରା କହି ପରେ କ୍ଷମା ମାଗିଥିଲେ। ରାହୁଲ ତାଙ୍କ ପରିବାରର ଭୁଲ୍‌କୁ


ରଞ୍ଜିତ ସଭରକର

**ପରିବାରର ଭୁଲ୍‌କୁ ରାହୁଲ ଦୋହରାଉଛନ୍ତି: ରଞ୍ଜିତ**

ଦୋହରାଉଛନ୍ତି। କଂଗ୍ରେସ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ଧବ ଠାକ୍‌ରେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଅନୁରୋଧ କରିଛନ୍ତି।

### ■ ପଶ୍ଚିମବଙ୍ଗରେ ଟିଏମ୍‌ସି ଆନ୍ଦୋଳନ ଆଜି

## ମମତା-ରାଜ୍ୟପାଳ ମୁହାଁମୁହିଁ





କୋଲ୍‌କାତା,୧୫।୧୨

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିଠାରୁ ଏକ ବିଶାଳ ଶୋଭାଯାତ୍ରା କରିବେ। ମମତା କହିଛନ୍ତି, ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଆମେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବାବେଳେ କେତେକ ଧାର୍ମିକ ମୌଳବାଦୀ ଓ ସାମ୍ପ୍ରଦାୟିକ ଚିନ୍ତାଧାରାସମ୍ପନ୍ନ ଦଳ ରାଜ୍ୟରେ ହିଂସା ଉସୁକାଉଛନ୍ତି। ହିଂସାକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜଭବନରେ ରାଜ୍ୟପାଳ ଜଗଦୀପ ଧନଖର ଗଣମାଧ୍ୟମକୁ କହିଛନ୍ତି, ଏନ୍‌ଆର୍‌ସି ଏବଂ ସିଏଏକୁ ରାଜ୍ୟରେ ଲାଗୁ କରାଇଦିଆଯିବ ନାହିଁ ବୋଲି ମମତା ଯେଉଁ ବିଜ୍ଞାପନ ଦେଇଛନ୍ତି, ତାକୁ ପ୍ରଥମେ ପ୍ରତ୍ୟାହାର କରନ୍ତୁ। ଜନସାଧାରଣଙ୍କ ଅର୍ଥରେ ଜଣେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଏପରି ଅସାମ୍ବିଧାନିକ ବିଜ୍ଞାପନ ଦେଇପାରିବେ ନାହିଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ଲାଗିରହିଥିବା ବିକ୍ଷୋଭ ବିରୋଧରେ ବିଚାରବିଭାଗୀୟ ତଦନ୍ତ କରାଇବାକୁ ରାଜ୍ୟପାଳଙ୍କୁ କଂଗ୍ରେସ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିକ୍ଷୋଭ ବେଳେ ୪ ଜଣଙ୍କ ଜୀବନ ଗଲାଣି। ତେଣୁ ଗୁଆହାଟୀ ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛି।

### ■ ଉଗ୍ର ହେଲା ସିଏଏ ବିରୋଧୀ ଆନ୍ଦୋଳନ

# ଦିଲ୍ଲୀ ପାଲଟିଲା ରଣକ୍ଷେତ୍ର

ନୂଆଦିଲ୍ଲୀ,୧୫।୧୨

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ରବିବାର ଉଗ୍ରରୂପ ଧାରଣ କରିଛି। ବିକ୍ଷୋଭ ବେଳେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବାବେଳେ ଲୋକେ ଟେକାମାଡ଼ କରିବା ସହ ପେଟ୍ରୋଲ ବୋମା ଫିଙ୍ଗିଛନ୍ତି। ଏଥିରେ ପୋଲିସ କର୍ମଚାରୀଙ୍କ ସମେତ କେତେଜଣ ଗଣମାଧ୍ୟମ କର୍ମୀ ଆହତ ହୋଇଛନ୍ତି। ଜାମିଆ ମେଟ୍ରୋ ଷ୍ଟେଶନ ଏରିଆ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଦିଲ୍ଲୀର ସମସ୍ତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ରାତି ୯ଟାରେ ବିକ୍ଷୋଭ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିବାବେଳେ ଏଭଳି ସ୍ଥିତି ଉପୁଜିଛି। ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ୫ଟି ବସ୍‌ରେ ନିଆଁ ଲଗାଇଦେଇଥିବା ସି.ଭି. ରମଣ ମାର୍ଗରେ ପାନ ଦୋକାନ ଦେଇଥିବା ସୁଶୀଲ କୁମାର କହିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ଦୋକାନବଜାର ବନ୍ଦ ରହିଛି। ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଶୁକଦେବ ବିହାର ମେଟ୍ରୋ ଓ ଆଶ୍ରମ ଗେଟ୍ ମେଟ୍ରୋର ଗେଟ୍ ନମ୍ବର ୩କୁ ବନ୍ଦ କରିଦିଆଯାଇଛି।

### ଜାମିଆରେ ପଶିଲା ପୋଲିସ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ସିଏଏ ବିରୋଧରେ ଦକ୍ଷିଣ ଦିଲ୍ଲୀରେ ଆନ୍ଦୋଳନ ହିଂସାର ରୂପ ନେଇଥିବାବେଳେ ପୋଲିସ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରବେଶ କରିବା ସହ ଏହାର ଫାଟକକୁ ବନ୍ଦ କରିଦେଇଛି। କେତେକ ବାହାର ଲୋକ ଜାମିଆ କ୍ୟାମ୍ପସ୍‌ରେ ଆତ୍ମଗୋପନ କରିଥିବା ଖବର ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ପୋଲିସ ସେଠାରେ ପ୍ରବେଶ କରିଛି। ରବିବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ନିକଟରେ ଘଟିଥିବା ହିଂସା ଓ ପୋଡ଼ାଜଳାରେ ଜାମିଆର ଛାତ୍ର ଗୋଷ୍ଠୀ କିମ୍ବା ଶିକ୍ଷକ ସଂଗଠନ ସମ୍ପୃକ୍ତ ନ ଥିବା କହିଛନ୍ତି। ପୋଲିସ ଘେରାବନ୍ଦୀରେ ଛାତ୍ରମାନେ ହାତ ଉପରକୁ ଟେକି ହଷ୍ଟେଲରୁ ବାହାରୁଥିବା ଦେଖାଯାଇଥିଲା। ପୋଲିସ ଲାଇବ୍ରେରୀରେ ପ୍ରବେଶ କରି ଛାତ୍ରୀଛାତ୍ରଙ୍କୁ ହଇରାଣ କରିଥିବା ଅଭିଯୋଗ ହୋଇଛି। କ୍ୟାମ୍ପସ୍ ଭିତରେ ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।



**ସଂକ୍ଷେପରେ**

## ଧନକଉଡା ବ୍ଲକ ଶିକ୍ଷକ ସଂଘ ବୈଠକ

ସମ୍ବଲପୁର, ୧୫।୧୨ (ବ୍ୟୁରୋ): ଧନକଉଡା ବ୍ଲକ ଶିକ୍ଷକ ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ ରବିବାର ସମ୍ବଲପୁର ପ୍ରେସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ଏହାପରେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଜ୍ୟୋସ୍ନାମୟୀ ଦାଶ ସଭାପତି, ବିଜୟିନୀ ପ୍ରଧାନ ଓ ମୀନତି ସାହୁ ଉପସଭାପତି, ନବୀନ କୁମାର ନନ୍ଦ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି କୁନ୍ଦନ ଭୋଇ, ମନୋରମା ଦାଶ ସହସମ୍ପାଦକ, ରଞ୍ଜୁରାଣୀ ପଟ୍ଟନାୟକ ଓ ରାଧାରାଣୀ ସାହାଣୀ ସମୀକ୍ଷକ, ମାଲା ତାଏରି କୋଷାଧକ୍ଷ ଓ ବିଧୁମୋହନ ରାଉତ ପ୍ରଚାର ପ୍ରସାର କମିଟିରେ ରହିଛନ୍ତି । କାର୍ଯ୍ୟକାରୀ କମିଟିରେ ୧୧ଜଣ, ଉପଦେଷ୍ଟା ମଣ୍ଡଳୀରେ ୩ଜଣ ଓ ଆଇନ ପରାମର୍ଶଦାତା ଭାବେ ଜଣଙ୍କୁ ଚୟନ କରାଯାଇଛି । କର୍ମକର୍ତ୍ତା ଚୟନ ପରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ଏପ୍ରିଲ ମାସରେ ଶିକ୍ଷକ ସମାରୋହ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।





ରବିବାର ସମ୍ବଲପୁର ମହାନଗର ନିଗମ ଦ୍ୱାରା ଆୟୋଜିତ ରାହଗିରିରେ ସମ୍ବଲପୁରୀ ନୃତ୍ୟ (ବାମ)। ୫ବର୍ଷର କୁନି ଝିଅ ସିମରନ୍ ମେହେର ରସରକେଲି ନୃତ୍ୟ କରୁଛନ୍ତି (ମଝି)। ଡାଲଖାଇ ନୃତ୍ୟ ।





ରବିବାର ସମ୍ବଲପୁର ମହାନଗର ନିଗମ ଦ୍ୱାରା ଆୟୋଜିତ ରାହଗିରିରେ ମାର୍ଶଲଆର୍ଟ (ବାମ)। ରାହଗିରିରେ ମୋତିଲାଲ ଦୋରା ଗୀତ ଗାନ କରୁଛନ୍ତି (ମଝି)। ଡାଲଖାଇ ନୃତ୍ୟ । ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ।





ରବିବାର ସମ୍ବଲପୁର ମହାନଗର ନିଗମ ଦ୍ୱାରା ଆୟୋଜିତ ରାହଗିରିରେ ରଙ୍ଗୋଲି (ବାମ)। ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ନୃତ୍ୟ କରୁଛନ୍ତି (ମଝି)। ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରଙ୍କ ନାଟକ ।

# ରାହଗିରିରେ ସୁସ୍ଥ, ସ୍ୱଚ୍ଛ ସମ୍ବଲପୁର ବାର୍ତ୍ତା

**ସମ୍ବଲପୁର, ୧୫।୧୨ (ବ୍ୟୁରୋ)**

ସ୍ୱଚ୍ଛ ଓ ସୁସ୍ଥ ସମ୍ବଲପୁର ସଚେତନତା ବାର୍ତ୍ତା ନେଇ ରବିବାର ସକାଳେ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଂ-ରୋଡ ସମଲେଇ ମନ୍ଦିର ଛକରେ ଲୋକନୃତ୍ୟ, ଲୋକଗୀତ, ଲୋକବାଦ୍ୟ, ନାଟକ, ରଙ୍ଗୋଲି, ଚିତ୍ରାଙ୍କନ, ମାର୍ଶଲଆର୍ଟ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମାଧ୍ୟମରେ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବର୍ଜନ କରିବା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା । ରିଂ-ରୋଡରେ ସହରର ବିଭିନ୍ନ ଅଞ୍ଚଳରୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆୟୋଜକ ସମ୍ବଲପୁର ମହାନଗର ନିଗମର କମିଶନର ଲିଙ୍ଗରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ରାହାଗିରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଆହ୍ୱାନ ଦେଇଥିଲେ। ରାମାଶିଷ ତ୍ରିପାଠୀ, ସସ୍ମିତା ପଟ୍ଟନାୟକ ଓ ସଂସ୍କୃତିକା ପୁରୋହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସଂଗୀତଜ୍ଞ ମୋତିଲାଲ ଦୋରା ନିଜସ୍ୱ ରଚନାରୁ ଡାଲଖାଇରେ ସୁନ ସୁନ ଆଗ ମାଆ ବହେନେ, ଦଦା ଭାଇ ଅଛ ଯେ ଯେନଠାନେ, ଆମର୍ ସମଲ୍‌ପୁର ମହାନିଗମ୍ ନୀତି ପତି କରୁ ଅଛେ ଯତନ୍... ଗୀତ ଗାଇ ଥିଲେ । ଏହାପରେ ସୁଶ୍ରୀତା ପାଣିଗ୍ରାହୀ, କିଶୋର ବାଗ ଓ ଛାତ୍ରୀ ରଶ୍ମିତା ଶର୍ମା ସଚେତନତା ଧର୍ମୀ ଗୀତ ଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ । ସେହିପରି ଅତିଶ କୁମାର ଶତପଥୀଙ୍କ ନିର୍ଦ୍ଦେଶନାରେ ଅଦୃଶ୍ୟ ନାଟ୍ୟଆଶ୍ରମର କଳାକାରମାନେ ନାଟକ ପରିବେଷଣ କରିଥିଲେ । ୫ବର୍ଷର କୁନି ଝିଅ ସିମରନ୍ ମେହେର ରସରକେଲି ନୃତ୍ୟରେ ଦର୍ଶକଙ୍କୁ ଆନମନା କରିଥିଲେ। ଶେଷରେ ଡ. ଶ୍ୟାମସୁନ୍ଦର ଧର ରସରକେଲି ସ୍ୱରରେ ଗୀତ ଗାଇ ସମସ୍ତଙ୍କୁ ନଚାଇ ଥିଲେ । ସମସ୍ତେ ଏକାକାର ହୋଇ ସ୍ୱଚ୍ଛ ଓ ସ୍ୱସ୍ଥ ସମ୍ବଲପୁର ଲାଗି ଜୟଗାନ କରି ନୃତ୍ୟ କରିଥିଲେ । ଜିଲା ଜୁଡୋ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ମାର୍ଶଲଆର୍ଟ ଓ ଷ୍ଟ୍ରଙ୍ଗମ୍ୟାନ ଆସୋସିଏସନ୍ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମାଧ୍ୟମରେ ପ୍ଲାଷ୍ଟିକ ବର୍ଜନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ମହାନଗର ନିଗମ ଡେପୁଟି କମିଶନର ଦେବେନ୍ଦ୍ର ନନ୍ଦ ସୂଚନା ପ୍ରଦାନ କରିଥିବାବବେଳ ଶୁଭଙ୍କର ମହାନ୍ତି ସ୍ୱାଗତ ଜଣାଇଥିଲେ। ଶେଷରେ ଅପର୍ଣ୍ଣା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ହୀରାକୁଦ ହାଇସ୍କୁଲର ହୀରକ ଜୟନ୍ତୀ



ହୀରାକୁଦ ହାଇସ୍କୁଲର ହୀରକ ଜୟନ୍ତୀରେ ମଞ୍ଚାସୀନ ଅତିଥି।

**ହୀରାକୁଦ,୧୫।୧୨(ଡି.ଏନ.ଏ.)**

ହୀରାକୁଦ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଛି । ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁଭାଷ ଚୌହାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରାଜକୁମାର ବଡପଣ୍ଡା, ଆର୍ତ୍ତତ୍ରାଣ ମିଶ୍ର, ସୁରେନ୍ଦ୍ର କୁମାର ଚୌବେ, ହୀରାଧର ଖମାରୀ, ଶାନ୍ତନୁ ବଡପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ସରୋଜ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ପୁରାତନ ଶିକ୍ଷକ କ୍ଷୀତିଜ ପୁରୋହିତ ଏବଂ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର ଉସତରାମ ସାହୁ, ଆର୍ତ୍ତତ୍ରାଣ ମିଶ୍ର, ସୁରେନ୍ଦ୍ର ନାଥ ମହାପାତ୍ର, ପ୍ରଦୀପ ବାଗ, ସଂଯୁକ୍ତା ମିଶ୍ରଙ୍କୁ ଏହି ଉତ୍ସବରେ ସମ୍ମାନୀତ କରାଯାଇଥିଲା।

# ଜିଲାସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀ ମେଳା: ପ୍ରତିଭା ଦେଖାଇଲେ ୧୦୯ ଛାତ୍ରୀଛାତ୍ର

**ସମ୍ବଲପୁର,୧୫।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃ ନିକେତନ ହାଇସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ୯ଟି ବ୍ଲକର ମୋଟ ୧୦୯ ଜଣ ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ ।ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ସମ୍ମାନୀୟ ଅତିଥି ଭାବେ ଯୁଯୁମୁରା ବ୍ଲକ ଅଧକ୍ଷ ସନ୍ତୋଷିନୀ ନାଏକ, ବ୍ଲକ୍ ଶିକ୍ଷା ଅଧିକାରୀ ଜୟକଷ୍ଣ ପିଙ୍ଗ, ବୀରସିଂଗଡ ସରପଞ୍ଚ ରୀପାରାଣୀ ବେହେରା, ସମିତି ସଭ୍ୟା ମୌଥିଲି ପ୍ରଧାନ ଯୋଗ ଦେଇଥିଲେ । ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଫକିର ମୋହନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ସନ୍ଧାରାଣୀ ପୃଷ୍ଟି ଓ ସତ୍ୟନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନିୟର ବର୍ଗରେ ମୋହିନୀ ମାଝି, ଟିଙ୍କୁନ ପ୍ରଧାନ, ଚାନ୍ଦନୀ ସୁନାର, ସ୍ୱସ୍ତିକ ପୂଜାରୀ, ଅମ୍ଳାନ ଜ୍ୟୋତି ସାହୁ, ନିରୁପମା ସାହୁ, ନିରୁପମା ବାଗ, ସିନିୟର ବର୍ଗରେ ଜଲି ନାଏକ, ଅଙ୍କିତ ଭୋଇ, ଯୋଗରାଜ ପଟେଲ, ରାଜେଶ୍ୱରୀ ପ୍ରଧାନ, ବିକାଶ ରଣା, ସ୍ନେହକାନ୍ତି ସାହୁଙ୍କ ପ୍ରକଳ୍ପ ଗୁଡିକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ପାଇଁ ଚୟନ କରାଯାଇଛି। ତେବେ ଏହି ଜିଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାରେ ରୁନୁ ମେହେର, ସମୀର ନାଏକ, ସୀମରନ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତୃତୀୟ ଶ୍ରେଣୀରେ ରହିଛନ୍ତି। ସେହିପରି କୁଇଜ ପ୍ରତିଯୋଗିତାର ଜୁନିୟରରେ ଯୋଗରାଜ ପଟେଲ, ସିନିୟରରେ ଶବାନୀ ସାହୁ ଚାମ୍ପିୟନ ହୋଇଥିଲେ । ଭାବନୀ ପ୍ରସାଦ ବାଗ, ପ୍ରଫୁଲ୍ଲ ଭୋଇ, ତ୍ରିଲୋଚନ ସ୍ୱାଇଁ, ବନୋଜ ସାହୁ, ପ୍ରିୟବ୍ରତ ଗୋଚ୍ଛାୟତ, ପ୍ରଦ୍ୟୁମ୍ନ ରଥ, ଉମାକାନ୍ତ ବିଶ୍ୱାଳ, ଜୟନାରାୟଣ ଶତପଥୀ, ସଞ୍ଜୀବ ଦାସ ବିଚାରକ ରହିଥିଲେ । ଜିଲାସ୍ତରୀୟ ବିଜ୍ଞାନ କମିଟି କର୍ମକର୍ତ୍ତା, ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଏନ୍‌ସିସି କ୍ୟାଡେଟ, ମୋ ସ୍କୁଲ ସଭାପତି ସୁଶୀଳ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।



କସ୍ତୁରବା ଗାନ୍ଧୀ ମାତୃନିକେତନ ହାଇସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନ ମେଳାରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।



ରବିବାର ସମ୍ବଲପୁର ଧନକଉଡା ବ୍ଲକ ସ୍ତରୀୟ ଓଷ୍ଟା ଶିଶୁ ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।

# ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ

**ସମ୍ବଲପୁର, ୧୫।୧୨ (ବ୍ୟୁରୋ)**

ଧନକଉଡା ବ୍ଲକସ୍ତରୀୟ ଶିଶୁ ଉତ୍ସବ ରବିବାର ଦେହେରିପାଲି ବୁଢ଼ାରଜା ଗାର୍ଲ୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗ ଦେଇଥିଲେ । ଏକକ ଅଭିନୟ, କବିତା ଲିଖନ, ସଂଗୀତ, କବିତା ଆବୃତି, ବକ୍ତୃତା, କ୍ଷୁଦ୍ରଗଳ୍ପ ଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, କୁଇଜ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ଯଥାକ୍ରମେ ଲକି ଦେବତା, କୁନ୍ତି ମୁଣ୍ଡା, ରୁଦ୍ର ପ୍ରସାଦ ଆଚାର୍ଯ୍ୟ, ଖୁସ୍‌ବୁ ବନଛୋର, ଶ୍ରେୟା ନନ୍ଦ, କିଶୋର ଚନ୍ଦ୍ର ପ୍ରଧାନ, ଆରତୀ କୁମାରୀ, ରାହୁଲ ପଟ୍ଟନାୟକ, ସଞ୍ଜନା ଶର୍ମା, ଶିବାନୀ ସିଙ୍ଘାର ଶ୍ରେଷ୍ଠ ସ୍ଥାନ ହାସଲ କରି ଜିଲାସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି । ଓଷ୍ଟା ବ୍ଲକ ସଭାପତି ନିତ୍ୟାନନ୍ଦ ବଢ଼େଇଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ପାଦକ ଆନନ୍ଦ ତନସନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ବ୍ଲକ ଉନ୍ନୟନ ଅଧିକାରୀ ନରେନ୍ଦ୍ର କୁମାର ପ୍ରଧାନ ମୁଖ୍ୟଅତିଥି, ଗାର୍ଲ୍ସ ହାଇସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ଧନୱାର, ଇଂ. ସୁଦର୍ଶନ କ୍ଷେତୀ, କାଇଁଶିର ହାଇସ୍କୁଲ ପ୍ରଧାନଶିକ୍ଷକ ଧନପତି ମହାପାତ୍ର, ଓଷ୍ଟା ଜିଲା ସଭାପତି ଗଗନ ବିହାରୀ ସ୍ୱାଇଁ, ବୁଢ଼ାରଜା ଗାର୍ଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସତ୍ୟ କୁମାରୀ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କୃତି ଶିକ୍ଷୟତ୍ରୀ ସୁରମା ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭୀମସେନ ବାରିକ ଓ ଘନଶ୍ୟାମ ବଢ଼େଇ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ତେଲେନପାଲି ଅଲେଖ ମହିମା ଆଶ୍ରମରେ ଅଖଣ୍ଡ ବ୍ରହ୍ମଯଜ୍ଞ

**ଲଖନପୁର,୧୫।୧୨(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ଗ୍ରାମ ଅଲେଖ ମହିମା ଆଶ୍ରମରେ ରବିବାର ବିଶ୍ୱଶାନ୍ତି ଓ ଜଗତ କଲ୍ୟାଣ ପାଇଁ ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌଷ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ସାମୂହିକ ପ୍ରାର୍ଥନା ଓ ଭୀମ ଭୋଇଙ୍କ ଜଣାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ପ୍ରମୁଖ କ୍ଷେତ୍ରବାସୀ ବାବାଙ୍କ ତତ୍ତ୍ୱାବଧାନରେ କ୍ଷୀରଧର ବାବା, କିଶୋର ବାବା, ସୁଦର୍ଶନ ଦାସ, ଚୈତନ ଦାସ, ଫକୀର ଦାସ, ସଞ୍ଜୟ ଦାସ ପ୍ରମୁଖ ସାଧୁସନ୍ଥମାନେ ଯୋରନ୍ଦା ମହିମା ଗାଦିରୁ ପହଞ୍ଚି ବ୍ରହ୍ମଧୂନୀରେ ଘୃତାହୁତି ପ୍ରଦାନ କରିଥିଲେ। ଆଶ୍ରମରେ ସାଧୁସନ୍ଥ ଓ ଅଲେଖଧର୍ମୀ ଶ୍ରଦ୍ଧାଳୁମାନେ ଅହରାତ୍ର ଭଜନ ଜଣାଣ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲାବେଳେ ତେଲେନପାଲି ଓ ଆଖପାଖ ଗ୍ରାମବାସୀ ସହଯୋଗ କରିଥିଲେ।

### ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲିଲେ ବିଧାୟିକା

# ମଣ୍ଡି ଦେଖିଲେ, କୃଷକଙ୍କ ସମସ୍ୟା ବୁଝିଲେ

**ସୁନ୍ଦରଗଡ଼, ୧୫।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ନିଜ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଅଞ୍ଚଳ ରବିବାର ବୁଲିଥିଲେ। ଧାନମଣ୍ଡି ବୁଲି ଦେଖିବା ସହ କୃଷକଙ୍କ ସମସ୍ୟା ପଚାରି ବୁଝିଥିଲେ। ବିଧାୟିକା ନିଜ ନିର୍ବାଚନମଣ୍ଡଳୀର ଲେଫ୍ରିପଡା ବ୍ଲକ ବଡବଙ୍ଗା ପଞ୍ଚାୟତର ଧାନମଣ୍ଡି, ଟାଙ୍ଗରପାଲି ବ୍ଲକର ଉଜ୍ଜଳପୁର, ସାନପତ୍ରାପାଲି ଏବଂ ସଦର ବ୍ଲକର ମଝାପଡା ଲ୍ୟାମ୍ପସ ଠାରେ ପହଞ୍ଚି କୃଷକମାନଙ୍କ ସହିତ ତାଙ୍କର ସୁବିଧା, ଅସୁବିଧା ବୁଝିବା ସହିତ ସେମାନଙ୍କର ସମସ୍ୟା ନେଇ ଲ୍ୟାମ୍ପସ୍ ଏମ୍‌ଡିମାନଙ୍କ ସହିତ ଆଲୋଚନା କରିଥିଲେ। କେତେକ ସ୍ଥାନରେ ଚାଷୀମାନେ ୨୮ଟଙ୍କା ଦେଇ ଖାଲିବସ୍ତା କିଣୁଥିବା ବେଳେ ତାଙ୍କୁ ମଣ୍ଡିରେ ୧୦ଟଙ୍କା ଦେଉଛନ୍ତି। ଫଳରେ ତାଙ୍କୁ ୧୮ଟଙ୍କାର କ୍ଷତି ସହିବାକୁ ପଡୁଛି। ଆଉ କେତେକ ସ୍ଥାନରେ ମଜୁରିଆ ମାନେ ବସ୍ତା



ସୁନ୍ଦରଗଡ଼ ବିଧାୟିକା କୁସୁମ ଧାନମଣ୍ଡି ପରିଦର୍ଶନ କରୁଛନ୍ତି।

ବୋହିବା ପିଛା ୬ରୁ ୭ଟଙ୍କା ଗତ ବର୍ଷ ମିଳୁ ଥିବା ବେଳେ ଚଳିତବର୍ଷ ତା'ଠାରୁ କମ୍ ପାଉଣା ମିଳୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ବିଧାୟିକା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସମସ୍ତ ସମସ୍ୟା ବୁଝିବା ପାଇଁ ଅବଗତ କରିଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସମାଜ ସଂସ୍କାରକଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ପଡିଆବାହାଲ, ୧୫।୧୨ (ଡି.ଏନ.ଏ)**

ହାତୀବାରି ମିରାଶ୍ରୀ ପାଠଚକ୍ର ଓ ଉପେନ୍ଦ୍ର ସ୍ମୃତି ସଂସଦ ଦ୍ୱାରା ମହୁଲପାଲିସ୍ଥିତ ଶ୍ରୀ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ଗ୍ରାମାଞ୍ଚଳ ସମାଜ ସଂସ୍କାରକ ସ୍ୱର୍ଗତ ଉପେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି।



ଭେଡ଼ାବାହାଲ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

### ଭେଡାବାହାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଭବାନୀପୁର ଫୁଟବଲ କ୍ଲବ ଚାମ୍ପିୟନ

**ସୁନ୍ଦରଗଡ଼, ୧୫।୧୨ (ଡି.ଏନ୍.ଏ.)**

ସଦର ବ୍ଲକ ଅନ୍ତର୍ଗତ ଭେଡାବାହଲ ଲିଟିଲ ଷ୍ଟାର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଇନାଲ ଖେଳର ଶୁଭାରମ୍ଭ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ମେଘନାଦ ନାଏକ, ସମିତି ସଭ୍ୟ ବିଶିକେଶନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବର ସଭାପତି ସୀତାରାମ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ପାଦକ ଲିଙ୍କନ ପ୍ରଧାନ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ରୋମାଞ୍ଚ ଭୈଷାଁଲ ଅତିଥି ପରିଚୟ ଓ ପ୍ରସାଦ ନାଏକ ମଞ୍ଚ ପରିଚାଳନା କରି ଧାରାବିବରଣୀ ପ୍ରଦାନ କରିଥିଲେ। ୨ଦିନ ଧରି ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାର ଶ୍ରେଷ୍ଠ ୧୬ଟି ଦଳ ମଧ୍ୟରେ ଖେଳ ହୋଇଥିଲା।

ସୁନ୍ଦରଗଡ ଭବାନୀପୁର ଫୁଟବଲ କ୍ଲବ ଓ ଝାରସୁଗୁଡା ଜିଲାର ଦୁର୍ଲଗା ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଖେଳର ୧୨ ମିନିଟରେ ଏକ ପେନାଲିଟୀ ଗୋଲ ମାରି ଭବାନୀପୁର ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଭବାନୀପୁର ଦଳର କିଶୋର ଖଡିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରୀ ନିତ୍ୟାନନ୍ଦ ମେହେର, ସନ୍ୟାସୀ ମୁଣ୍ଡା, ପ୍ରଦୀପ ପ୍ରଧାନ ଓ ରାଜୀବ ସେଠ ପରିଚାଳନା କରିଥିଲେ। ଆୟୋଜକ ଲିଟିଲ ଷ୍ଟାର କ୍ଲବର ହିମାଂଶୁ ନାଏକ, ଅଲିଭାଂଶୁ ମହାନନ୍ଦିଆ, ରାଜ ମହାନନ୍ଦିଆ, ହରି ରାଉତ, ଆଦିତ୍ୟ ବେସନ, ସମୀର ମଗର, ସୁନୀଲ ସୁନାନୀ, ଅକ୍ଷୟ ଓରାମ, କୁଲଦୀପ ମାଝିଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହୋଇଥିଲା।

### ସାଇକେଲ -ବାଇକ୍ ଧକ୍କା: ବାଇକ୍ ଆରୋହୀ ମୃତ

**ସୁନ୍ଦରଗଡ଼,୧୫।୧୨ (ଡି.ଏନ୍.ଏ)**

ସଦର ଥାନା ସମରଡିହି ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ସାଢେ ୩ଟାବେଳେ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଓ ସାଇକେଲ ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୁଷ୍ମନ୍ତ ନେଟି (୨୨)। ତାଙ୍କ ଘର ସଦର ବ୍ଲକ ସେମନାରେ। ଦୁଷ୍ମନ୍ତ ଓ ତାଙ୍କ ଜଣେ ସାଙ୍ଗ ଦୟା ସା (୨୫) ଙ୍କ ସହ ବାଇକ ଯୋଗେ ବାରଗାଡ ପଟୁ ସୁନ୍ଦରଗଡ ପଟକୁ ଆସୁଥିଲେ । ଏହି ସମୟରେ ସମରଡିହି ଛକ ବୁଲାଣୀ ରାସ୍ତାରେ ହଠାତ ଏକ ସାଇକେଲ ଆରୋହୀ ଚାଲିଆସିବାରୁ ତାଙ୍କ ସହ ଧକ୍କା ହୋଇଥିଲା। ପରେ ଭାରସାମ୍ୟ ହରାଇ ବାଇକରେ ଥିବା ଦୁଷ୍ମନ୍ତ ଓ ଦୟା ଛିଟିକି ତଳେ ପଡିଯାଇଥିଲେ। ଘଟଣାସ୍ଥଳରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଦୟାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ସଦର ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି।

### ମା' କରମସାନି କ୍ଲବ ଫୁଟବଲ ଟୁର୍ନାମେଣ୍ଟ

# ବାଗଡ଼ିହିକୁ ହରାଇ ଗ୍ରୀଣ୍ଡୋଲା ଚାମ୍ପିୟନ

**ବେଲପାହାଡ଼,୧୫।୧୨ (ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଖୁଖେରମାଲ ଗାଁସ୍ଥିତ ମା' କରମସାନି କ୍ଲବ ପକ୍ଷରୁ ୨ଦିନିଆ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିବାର ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ବାଗଡ଼ିହି ଓ ଗ୍ରୀଣ୍ଡୋଲା ଦଳ ଫାଇନାଲ ମ୍ୟାଚ୍ ପାଇଁ ଉତ୍ତୀର୍ଣ୍ଣ ହୋଇଥିଲେ। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମାତ୍ର ମ୍ୟାଚ୍ ପାଇଁ ନିର୍ଦ୍ଧାରିତ ସମୟ ୯୦ ମିନିଟି ମଧ୍ୟରେ ଉଭୟ ଦଳ ପକ୍ଷରୁ ଗୋଟିଏ ବି ଗୋଲ ସ୍କୋର ହୋଇ ନ ଥିଲା। ଶେଷରେ ରେଫେରିଙ୍କ ନିଷ୍ପତ୍ତିକ୍ରମେ ହୋଇଥିବା ପେନାଲଟିକ କିକ୍‌ରେ ଗ୍ରୀଣ୍ଡୋଲ ଦଳ ୪-୨ ଗୋଲରେ ବାଗଡ଼ିହିକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ବେଲପାହାଡ଼ ପୌରପରିଷଦ କାଉନସିଲର ଲମ୍ବୋଦର ରୋହିଦାସ ଓ ଖୁଖେରମାଲ ଗାଁର ବରିଷ୍ଠ ନାଗରିକ ସମାରୁ ତହଡ଼ିଆ ଅତିଥି ଭାବରେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ କାର୍ତ୍ତିକ ଦାଶ, ରମଣି ମାଝି, ମହେନ୍ଦ୍ର ବଗର୍ତ୍ତି, ରତ୍ନାକର ସାଏ ଓ ମାନସ କିଶାନ ରେଫେରି ଭାବରେ ବିଭିନ୍ନ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିମାନଙ୍କ ସହିତ ଫାଇନାଲ ମ୍ୟାଚ୍ ଖେଳିଥିବା ବାଗଡ଼ିହି ଓ ଗ୍ରୀଣ୍ଡୋଲା ଦଳର ଖେଳାଳି।



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଓ ଅନ୍ୟମାନେ ଉପସ୍ଥିତ।

# ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**ସୁନ୍ଦରଗଡ, ୧୫।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ସେଲ ସହାୟତାରେ ଛାତ୍ରୀଛାତ୍ରମାନଙ୍କର କର୍ମନିଯୁକ୍ତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ନିଯୁକ୍ତି ପାଇଁ ଏହି କ୍ୟାରିୟର କାଉନସେଲିଂ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି ସହ ମାର୍ଗ ଦର୍ଶନ କରିଛି ବୋଲି କହିଥିଲେ । ଏହି କର୍ମଶାଳାରେ ଭୁବନେଶ୍ୱରରୁ ଆଗତ ଏମବିଏ ଗାଇଡ ଡାଇରେକ୍ଟର ଆଦର୍ଶ ପଣ୍ଡା, ସହକାରୀ ଅଧିକାରୀ ପ୍ରତାପ ବଗର୍ତ୍ତୀ ଏବଂ ଉଦ୍ୟୋଗିକ ଶିକ୍ଷାମଣ୍ଡଳର ଧୀର୍ତ୍ତିମାନ ଚକ୍ରବର୍ତ୍ତୀ ଛାତ୍ରୀଛାତ୍ରମାନଙ୍କୁ ଏମ୍‌ବିଏ ପାଠ୍ୟକ୍ରମର ବିଭିନ୍ନ ଦିଗ ତଥା କର୍ମନିଯୁକ୍ତି ଉପରେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ସାମ୍ପ୍ରତିକ ଘଟଣାବଳୀ ଉପରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ମହାବିଦ୍ୟାଳୟର ୩ଶହ ଛାତ୍ରୀ ଛାତ୍ର ଭାଗ ନେଇଥିଲେ। ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ସେଲର କୋର୍ଡି-ନେଟର ପ୍ରାଧ୍ୟାପକ ଡ. ଲଳିତ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କର ଏହି କାର୍ଯ୍ୟକ୍ରମ ପ୍ରତି ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଛି।

### ବନ୍ଧବାହାଲ ଦୁଇଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

# ବଳିଆମୁଣ୍ଡାକୁ ହରାଇ ମାଝିପଡ଼ା ଚାମ୍ପିୟନ

**ଲଖନପୁର,୧୫।୧୨ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଖେଳପଡିଆରେ ତ୍ରିରଙ୍ଗା ଫୁଟ୍‌ବଲ୍ ଆସୋସିଏଶନ୍ ଓ ସ୍ଥାନୀୟ ଟ୍ୟାକ୍ସିଷ୍ଟାଣ୍ଡ ସଂଘର ମିଳିତ ଆନୁକୂଲ୍ୟରେ ୨ଦ୍ୱିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ମାଝିପଡା ଜେବିବି କ୍ଲବ୍ ଓ ବଳିଆମୁଣ୍ଡା ଆଦିବାସୀ କ୍ଲବ୍ ଫାଇନାଲକୁ ପ୍ରବେଶ କରିଥିଲା। ଏହି ୨ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ପେନାଲ୍‌ଟି ଗୋଲ୍ ମରାଯାଇଥିଲା। ଏଥିରେ ୩-୨ଗୋଲ୍‌ରେ ବଳିଆମୁଣ୍ଡା ଆଦିବାସୀ କ୍ଲବ୍‌କୁ ହରାଇ ମାଝିପଡା ଜେବିବି କ୍ଲବ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସଞ୍ଜୟ ସାହୁ, ଟାର୍ଜନ ବିଶ୍ୱାଳ, ନବୀନ ଦେଓ, ସଞ୍ଜୟ ଦାସ, ଦୁର୍ଯ୍ୟୋଧନ ପାତ୍ର, ଗଣେଶରାମ ବାଗ୍ ଓ କ୍ଷମାଶୀଳ କିଷାନ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ଦୁବେ ଓ ନରେଶ ବାରିକ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ଦିବସରେ କିଶୋର ଖରସେଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିଭଳି ଦିତୀୟ ଦିବସ ପ୍ରାରମ୍ଭରେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହିତ କରମର୍ଦ୍ଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ନିରଞ୍ଜନ କରାଳୀ, ସାଲେଗ୍ରାମ ନାୟକ, ସୁବ୍ରତ ପ୍ରଧାନ, ସଞ୍ଜୟ ସିଂହ, ପ୍ରଦୀପ ସେନାପତି, ପ୍ରେମାନନ୍ଦ ସାହୁ, ଉମାକାନ୍ତ ପଣ୍ଡା, ବିଜୟ ପତି, କୃଷ୍ଣଚନ୍ଦ୍ର ପ୍ରଧାନ, କ୍ଷୀରୋଦ ଦୁବେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୀଷ୍ମଦେବ ପାତ୍ର ପରିଚାଳନା କରିଥିଲେ। ବିଜେତା ମାଝିପଡା ଜେବିବି କ୍ଲବ୍‌କୁ ଚାମ୍ପିୟନ ଟ୍ରଫି ସହ ୨୫ଶହ ଟଙ୍କା ଓ ଉପବିଜେତା ବଳିଆମୁଣ୍ଡା ଆଦିବାସୀ କ୍ଲବ୍‌କୁ ରନର୍ସ ଟ୍ରଫି ସହ ୧୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସରୋଜ ସା, କିଶୋର ସିଂହ, ରଣଜିତ କିଷାନ, ଗଣେଶ କର୍ତ୍ତା, ଡମ୍ବରୁଧର ପ୍ରଧାନ, ପ୍ରଦୀପ ସାହୁ, କେଶବ ଠାକୁର, ପ୍ରଦୀପ କରାଳୀ, ଟଙ୍କଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବେଦବ୍ୟାସ, ୧୫।୧୨ (ଡି.ଏନ.ଏ)-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଓଭର ବ୍ରିଜ ନିକଟରେ ଶନିବାର ରାତ୍ର ପ୍ରାୟ ସାଢ଼େ ୧୦ଟା ବେଳେ ଏକ ଗାଡି ଧକ୍କାରେ ବେଦବ୍ୟାସ ଦୁର୍ଗା ମଣ୍ଡପ ଗଳିରେ ରହୁଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ରାଜୁ ଓରଫ ରାଜେଶ ଶାଓ (୨୮)। ସେ ରାଉରକେଲାର ଏକ ଘରୋଇ ମେଡିସିନ ଦୋକାନରେ କାମ କରୁଥିଲେ। କାମ ସାରି ବେଦବ୍ୟାସ ଫେରୁଥିବା ବେଳେ ବେଦବ୍ୟାସ ଟିସିଆଇ ଛକ ଓଭର ବ୍ରିଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇପଡିଥିଲେ । ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ, ଏଏସଆଇ କିଶୋର କୁମାର ମହାକୁଡ, ହାବିଲଦାର ବ୍ରଜମୋହନ ଖମାରୀ ପ୍ରମୁଖ ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ରବିବାର ଘର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ ଏକ ଦୁର୍ଘଟଣା ମାମଲା (ନଂ. ୩୦୬/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଉଛି। ରବିବାର ଆଇଜିଏଚର ମର୍ଗହାଉସରେ ରଖାଯାଇଥିବା ରିତେଶଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ରିତେଶଙ୍କ ମୃତ୍ୟୁଖବର ପାଇଁ ସ୍ଥାନୀୟ ଲୋକେ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦାବିରେ ବ୍ରାହ୍ମଣୀତରଙ୍ଗ ଥାନାରେ ଗହଳି କରିଥିଲେ। ଏଏସଆଇ କିଶୋର କୁମାର ମହାକୁଡ, ଏସଆଇ ବିକାଶ କଲେଟ ଓ ଥାନା ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ ବୁଝାସୁଝା କଲାପରେ ଗହଳି ଭାଙ୍ଗିଥିଲା।

### ବର୍ଷା ଯୋଗୁ କୋହଲା ପାଗ

**ନୂଆଗାଁ, ୧୫।୧୨(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ରବିବାର ବର୍ଷା ହୋଇଛି। ଫଳରେ ଅଞ୍ଚଳରେ ଶୀତପ୍ରକୋପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ରାତି ପ୍ରାୟ ସାଢେ ୭ଟାରୁ ୮ଟା ପର୍ଯ୍ୟନ୍ତ ବ୍ଲକର ନୂଆଗାଁ, ବାରିଲେପ୍ଟା, ସୋରଡ଼ା, ଉର୍ମେଇ, ଚିତାପେଡ଼ି, ବାଗଡ଼େଗା ଅଞ୍ଚଳରେ ବର୍ଷା ହୋଇଥିଲା। ଖଳାରେ ଥିବା ଚାଷୀଙ୍କ ଧାନ ଭିଜିଯାଇଥିବା ଜଣାପଡ଼ିଛି।

## ଅନନ୍ତ ବଳିଆ ସେବାସଂଘ ପକ୍ଷରୁ ସେକ୍ଟର ୮ରେ ଗୀତା କଥାମୃତ
# 'ଗୀତା ହେଉଛି ମାନବୀୟ ଦର୍ଶନର ମୂଳମନ୍ତ୍ର'

**ରାଉରକେଲା ଅଫିସ,୧୫।୧୨**

ଷ୍ଟିଲ ସିଟିର ସେକ୍ଟର ୮ ଡ଼ି ବ୍ଲକ ପଡ଼ିଆରେ ୩ ଦିନ ବ୍ୟାପି ଗୀତା କଥାମୃତ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ବାବା ବଳିଆ କହିଥିଲେ, ଗୀତା ହେଉଛି ମାନବୀୟ ଦର୍ଶନର ମୂଳମନ୍ତ୍ର ଓ ତତ୍ତ୍ୱ। ଜୀବନ ବଞ୍ଚିବାର ସାହା ଓ ରାହା। ସତ୍ୟ ସନ୍ଧାନର ପ୍ରକୃଷ୍ଟ ମାର୍ଗ। ଏହା ଏପରି ଶାସ୍ତ୍ର ଯାହାର ପଠନ, ମନନ ମାତ୍ରେ ହିଁ ପୁଣ୍ୟାର୍ଜନ ହୋଇଥାଏ। ମଣିଷ ପ୍ରଥମେ ଅଜ୍ଞାନ, ପରେ କାରଣ ଓ ଶେଷରେ ମୋକ୍ଷ ପ୍ରାପ୍ତ ହୁଏ। ମୁକ୍ତିରୁ ମୋକ୍ଷ ଓ ପରେ ନିର୍ବାଣର ସାନ୍ନିଧ୍ୟ ପାଇଥାଏ। ସତ୍‌ସଙ୍ଗ ହେଉଛି ଏକ ବଡ ସାଧନା। ଗୀତା ମାନବୀୟ ସମ୍ବିଧାନ। ଏହା ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ। ଏହାକୁ ଜାଣିଲେ, ବୁଝିଲେ ଜୀବନ ଧନ୍ୟ ହୁଏ। ଅନୁସରଣ କଲେ ଦିବ୍ୟତ୍ୱ ସନ୍ଧାନର ବାଟ ମିଳିଯାଏ। ଆମେ ଏନେଇ ଆଗ୍ରହୀ ହେବା ଉଚିତ ବୋଲି ବଳିଆ କହିଥିଲେ। ଏହି ଅବସରରେ ସେ ସାମାଜିକ ଉଚ୍ଛୃଙ୍ଖଳତା ଓ ପ୍ରଦୂଷଣ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମନୁଷ୍ୟକୃତ କାର୍ଯ୍ୟକୁ ମନ୍ଦିର ବା ମଜସିଦ କେବେ ରୋକି ପାରେନି। ପ୍ରଦୂଷଣକୁ ରୋକିବ ଗଛ। ଏଣୁ ବ୍ୟାପକ ବୃକ୍ଷ ରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ୟକ୍ତି ସ୍ତରରେ ଜଣେ ଅତି କମରେ ୫ଟି ଗଛ ଲଗାଇବାକୁ ବାବା ବଳିଆ ଆହ୍ୱାନ ଦେଇଥିଲେ। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପାରେଶ୍ୱର ବିଶ୍ୱାଳ, ଆର୍‌ଏସ୍‌ପିର ଅବସରପ୍ରାପ୍ତ ଅଧିକାରୀ ପ୍ରତାପ ରାୟ, ଶିକ୍ଷାବିତ ମଧୁସୂଦନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ଅନନ୍ତ ବଳିଆ ସେବାସଂଘ ରାଉରକେଲା ଶାଖା ପକ୍ଷରୁ ଆୟୋଜନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଉତ୍ତମ ପଣ୍ଡା, ଶରତ ରାଉତ, ସୁବାଶ ମଲ୍ଲିକ ଓ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅନନ୍ତ ବଳିଆ ସେବାସଂଘ ପକ୍ଷରୁ ଆୟୋଜିତ ଗୀତା କଥାମୃତ କାର୍ଯ୍ୟକ୍ରମରେ ବାବା ବଳିଆ ଓ ଅନ୍ୟମାନେ ଉପସ୍ଥିତ।

### ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ

**ବାଲିଶଙ୍କରା, ୧୫।୧୨ (ଡି.ଏନ.ଏ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ଜୁରାଜାମରୁ ନିଜ ଘର କଛାରଯୋର ଯାଉଥିବା ସମୟରେ ରବିବାର ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଉଦୟ କୁମାର (୨୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ ବାଇକ୍ ନଂ. ଓଡି ୧୬ ଏଫ- ୭୨୦୭ ଯୋଗେ ଉଦୟ ଯାଉଥିବା ସମୟରେ ଦେଓଭୁବନପୁର କଲଭର୍ଟରେ ପିଟିହୋଇ ଅଚେତ ହୋଇଥିଲେ। ତାଙ୍କୁ ସିକାଯୋର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଗୁରୁତର ହେବାରୁ ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଞ୍ଜିରକେଲା ପୋଲିସ ଅପମୃତ୍ୟୁ ମାମଲା (ନଂ. ୭୬/୧୯) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା।

## ଜଗଦା ମହୋତ୍ସବର ଦ୍ୱିତୀୟ ରବିବାର
# ନୃତ୍ୟ, ସଙ୍ଗୀତ, ମେହେନ୍ଦି ପ୍ରତିଯୋଗିତା




ଜଗଦା ମହୋତ୍ସବରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା।

**ରାଉରକେଲା ଅଫିସ, ୧୫।୧୨**

ଜଗଦା କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ଜଗଦା ମହୋତ୍ସବର ଦ୍ୱିତୀୟ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତିଆ ସ୍ମୃତି ସଂସଦର କାର୍ଯ୍ୟକର୍ତ୍ତା ଗୌତମ ମିଶ୍ର ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଜଗଦା ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ, ମେହେନ୍ଦି ଭଳି କେତେକ ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଯୋଗ ଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଭଳି ନିଆରା କାର୍ଯ୍ୟକ୍ରମକୁ ଅତିଥି ମିଶ୍ର ପ୍ରଶଂସା କରି କହିଥିଲେ, ଯୁବ ବର୍ଗଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ପାଇଁ ଆକର୍ଷଣ ସାଜିଛି। ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଏହି ଉତ୍ସବ ଆସନ୍ତା ୨୯ରେ ଉଦ୍‌ଯାପିତ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏଥିରେ ଶରତ ପଣ୍ଡା, କିଶୋର ମହାନ୍ତି, ଦେବେନ୍ଦ୍ର ମହାରଣାଙ୍କ ସମେତ ଦୀପକ ସାହୁ, ଅମିୟରଞ୍ଜନ ଦାସ, ହରେଶ ସିଂ ସାମନ୍ତ, ରଞ୍ଜନ ସାହୁ, ରାଧାକାନ୍ତ ପାତ୍ର, ଆଶିଷ ସିଂ, ସୁରେଶ ସ୍ୱାଇଁ ଓ ବନ୍ଦିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧ଗୁରୁତର

**ଲେଫ୍ରିପଡା,୧୫।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଯୋର ନାଳ ନିକଟରେ ରବିବାର ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ବାଲେଶର ବିଲୁଙ୍ଗ ଏବଂ ଗୁରୁତର ଥିବା ଯୁବକ ଜଣକ ରାଜେଶ ବିଲୁଙ୍ଗ। ସେମାନେ ସୁଆରୀଯୋର ଗ୍ରାମର ବୋଲି ଜଣାପଡିଛି। ଉଭୟ ଯୁବକ ଗୋଆଠାରୁ କାମ କରି ସୁନ୍ଦରଗଡରୁ କୌଣସି ବନ୍ଧୁଙ୍କ ସହିତ ଏକ ବାଇକ୍ ଯୋଗେ ଦିନେ କିମ୍ବା ଦୁଇ ଦିନ ପୂର୍ବରୁ ଗ୍ରାମକୁ ଆସିଥିଲେ। ରବିବାର ସକାଳେ ସୁନ୍ଦରଗଡରୁ ଆସିଥିବା ବନ୍ଧୁଙ୍କ ସହିତ ମୃତ ଏବଂ ଗୁରୁତର ରହିଥିବା ଯୁବକ ଦ୍ୱୟ ଲେଫ୍ରିପଡା ଆଡକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ନାଳ ନିକଟରେ ରହିଥିବା ଏକ ହନୁମାନ ମନ୍ଦିରରେ ବାଡେଇ ହୋଇ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ବାଲେଶର ବିଲୁଙ୍ଗଙ୍କ ମୃତ୍ୟୁ ହୋଇଥିଲା। ରାଜେଶ ବିଲୁଙ୍ଗ ଗୁରୁତର ରହିଥିବା ବେଳେ ଅନ୍ୟ ଜଣେ ବନ୍ଧୁ ଘଟଣାସ୍ଥଳରୁ ବାଇକ୍ ନେଇ ଫେରାର୍ ହୋଇଯାଇଥିଲେ। ଖବରପାଇ ଲେଫ୍ରିପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ମୃତଦେହ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ ଏବଂ ଗୁରୁତର ଥିବା ବ୍ୟକ୍ତିଙ୍କୁ ଚିକିତ୍ସା ସକାଶେ ସୁନ୍ଦରଗଡ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଦକ୍ଷିଣ ରାଉରକେଲାରେ ଏଟିଏମ ସେବା ବାଧାପ୍ରାପ୍ତ, ଗ୍ରାହକ ହନ୍ତସନ୍ତ

**ରାଉରକେଲା ଅଫିସ, ୧୫। ୧୨**

ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ସହ ବହୁ ଘରୋଇ ଏଟିଏମ ରହିଥିବା ବେଳେ ଏଥିରୁ ଅନେକ ଅଚଳ ପଡିଛି। ଗତ କିଛି ଦିନ ହେବ ଅର୍ଦ୍ଧାଧିକ ଏଟିଏମ କାଉଣ୍ଟରର ସଟର ଟଣା ଯାଇଥିବା ଦେଖିବାକୁ ମିଳିଛି। ଟାଉନଶିପରେ ୧୦ରୁ ଊର୍ଦ୍ଧ୍ୱ ଏଟିଏମ ରହିଥିବା ବେଳେ ରବିବାର ମାତ୍ର ଗୋଟିଏ କାଉଣ୍ଟର ଖୋଲାଥିଲା। ଯେଉଁଠି ଗ୍ରାହକଙ୍କ ଲମ୍ବା ଧାଡି ନଜରକୁ ଆସିଥିଲା। ଫର୍ଟିଲାଇଜର ଟାଉନଶିପ ଅନ୍ତର୍ଗତ 'ଇ' ବ୍ଲକଠାରେ ଥିବା ଏଟିଏମ୍ କାଉଣ୍ଟରେ ଗ୍ରାହକଙ୍କ ଧାଡ଼ି ଲମ୍ବିଥିବା ଦେଖିବାକୁ ମିଳିଥିଲା। ଏମାନଙ୍କ ମଧ୍ୟରୁ ଅନେକ ନିରାଶ ଗ୍ରାହକ ୧୦କି.ମି ଦୂର ରାଉରକେଲା ସହରକୁ ଆସି ଟଙ୍କା ଉଠାଇଥିବା ସୂଚନା ମିଳିଛି। ନିୟମିତ ଭାବେ ଏସବୁ ଏଟିଏମ ବନ୍ଦ ରହୁଥିବାରୁ ସ୍ୱାଭାବିକ ବ୍ୟାଙ୍କରେ ଭିଡ ଜମୁଛି। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।




ଫର୍ଟିଲାଇଜର ଟାଉନଶିପ୍ ଅଞ୍ଚଳରେ ଏକ ଏଟିଏମ୍ କାଉଣ୍ଟରରେ ଗ୍ରାହକଙ୍କ ଲମ୍ବା ଧାଡ଼ି।

# ଫୁଲବାରୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡ଼ଗାଁ, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମରେ ରବିବାର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୪୦ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଫିକ୍ସଚର୍ ଅନୁଯାୟୀ ଖେଳ ହେବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା ମୁଖ୍ୟଅତିଥି ଓ ୱାର୍ଡ ମେମ୍ବର ଚମିନ୍ଦ୍ର କିଷାନ ଓ ରାଧା କିଣ୍ଡୋ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୯ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ । ଡିଲେଶ୍ୱର ଓ ରାଜେଶ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବର କର୍ମକର୍ତ୍ତା ପ୍ରଦ୍ୟୁମ୍ନ ବିଶି, ବିନୟ କିଷାନ, କର୍ଣ୍ଣ କିଷାନ, ଘନଶ୍ୟାମ ପୃଷେଟ, ଅନନ୍ତ କିଷାନ, ବିକାଶ ବାଗ, ଅଭିମନ୍ୟୁ କିଷାନ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।



ଅତିଥିଙ୍କ ଗହଣରେ ଉଦ୍‌ଘାଟନୀ ମ୍ୟାଚର ଖେଳାଳି ।

### ମଦ କାରବାର ବଢୁଛି, ପାଟ୍ରୋଲିଂ ଦାବି

**କୁଆଁରମୁଣ୍ଡା, ୧୫।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଛି। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେହିପରି ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଚୋରି, ଛିନତାଇ ବୃଦ୍ଧି ପାଉଛି। ଏଣୁ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସହ ମଦ କାରବାର ଉପରେ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଚଢାଉ ପାଇଁ ଦାବି ହେଉଛି।

## ବନ୍ଧମୁଣ୍ଡାରେ ଫୁଟବଲ ପ୍ରତିଯୋଗିତା
# ପ୍ରଗତି କ୍ଲବ ୧ -୦ ଗୋଲରେ ବିଜୟୀ

**ରାଉରକେଲା ଅଫିସ,୧୫।୧୨**

ବନ୍ଧମୁଣ୍ଡା ଠାରେ ଥିବା ଓସିଅନ କ୍ଲବ ଓ ମିଲନ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆର୍‌ପିଏଫ୍ ଗ୍ରାଉଣ୍ଡରେ ୬ଷ୍ଠ ସାରନ୍ୟ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଯାଇଛି। ଆସନ୍ତା ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଉଛନ୍ତି। ଏଥିରେ ସୁନ୍ଦରଗଡ ଜିଲା ସମେତ ଜିଲା ବାହାର ଝାଡ଼ଖଣ୍ଡ ଦଳ ମଧ୍ୟ ଭାଗ ନେଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା ରେଳବାଇ ଆର୍‌ପିଏଫ୍ ମୁଖ୍ୟ ଏନ. ସୋନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବି. ବୁଦ୍ଧେଶ୍ୱର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୧ମ ମ୍ୟାଚ ପ୍ରଗତି କ୍ଲବ ଓ ଶଙ୍କର କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ପ୍ରଗତି କ୍ଲବ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳର ଅନ୍ତିମ ମ୍ୟାଚ ଆସନ୍ତା ୧୭ରେ ଖେଳାଯିବ। ବିଜୟୀ ଦଳକୁ ୧୬ ହଜାର ଓ ରନର୍ସ ଅପକୁ ୧୧ ହଜାର ପୁରସ୍କାର ପ୍ରଦାନ କରାଯିବ। ଫୁଟବଲ ଭଳି ଲୋକପ୍ରିୟ ତଥା ଅଞ୍ଚଳର ପ୍ରସିଦ୍ଧ ପ୍ରତିଯୋଗିତା ଦେଖିବାକୁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ଏହି ଖେଳ ଆୟୋଜନ କରିବାରେ ଜନ ଭେଙ୍ଗ୍ରା, ଗୋପି ମୁଖୀ, ମନଜିତ ପ୍ରସାଦ, ଦୁର୍ଗା ହାଁସଦା, ରାଜକିଶୋର ସୟ, ମନୋଜ ପାତ୍ର, ସନ୍ତୋଷ ରାଓ, କ୍ରିଷ୍ଣା ଛତ୍ରି, ରାଉତ ହୋନଙ୍ଗା, ବିମଲ ଦାସ ଓ ଆୟୁଷ ବାନ୍ଦ୍ରା ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ଖେଳ ପରିଚାଳନାରେ ରୋଷନ ଖାନ, ସୈନିକ ତିର୍କୀ, ଅଶ୍ୱିନୀ ବେହେରା, ସୁରେଶ ଓରାମ ଓ ମନୋଜ ପାଣ୍ଡେ ସହଯୋଗ କରିଥିଲେ।




ସାରନ୍ୟ କପ ଫୁଟବଲ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ଖେଳାଳି।

# ଜରିମାନା ବାବଦକୁ ୫କୋଟି ୮୩ ଲକ୍ଷ ଆଦାୟ

**ରାଉରକେଲା ଅଫିସ,୧୫।୧୨**

ବିରଜାପାଲ୍ଲୀ ଠାରେ ଥିବା ନୂଆ କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସମୁଦାୟ ୨୬୩ ମାମଲାର ଫଇସଲା କରାଯାଇ ଥିଲା। ଏହା ଦ୍ୱାରା ଜରିମାନା ତଥା କ୍ଷତିପୂରଣ ବାବଦକୁ ମୋଟ ୫କୋଟି ୮୩ଲକ୍ଷ ୯୪ ହଜାର ୫୯୬ଟଙ୍କା ଆଦାୟ ହୋଇ ପାରିଛି। ବିଭିନ୍ନ ବେଞ୍ଚରେ ଜିଲା ଜଜ୍ ପ୍ରଦୀପ ମହନ୍ତ, ଆଇନଜୀବୀ କୈଳାସ ପ୍ରଧାନ, ସାମାଜିକ କର୍ମୀ ସ୍ନେହଲତା ପଟ୍ଟନାୟକ, ଜିଲା ଜଜ୍ ଦୀପକ କୁମାର, ଆଇନଜୀବୀ ବୈଷ୍ଣବ ନାୟକ ଓ ସାମାଜିକ କର୍ମୀ ବବିତା ମହପାତ୍ର, ସୁନ୍ଦରଗଡ ଅତିରିକ୍ତ ଜିଲା ଜଜ୍ ପାର୍ଥସାରଥି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମାମଲାର ଶୁଣାଣି କରିଥିଲେ। ଆଇନଜୀବୀ ବସନ୍ତ ପାତ୍ର, ସାମାଜିକ କର୍ମୀ ଉର୍ମିଳା ରାୟ ଉପସ୍ଥିତ ଥିଲେ। ମୋଟର ଦୁର୍ଘଣା ଜନିତ ୯୮ଟି ମାମଲା ମଧ୍ୟରୁ ୯୦ଟିର ଫଇସଲା କରାଯାଇ ଥିଲା। କ୍ଷତିପୂରଣ ବାବଦକୁ ୪କୋଟି ୩୭ ଲକ୍ଷ ୪୭୬ଟଙ୍କା ଆଦାୟ ନେଇ ନିର୍ଦ୍ଦେଶ ଜାରି କରାଯାଇ ଥିଲା। ସେହିଭଳି ମନି ରିକଭରି ଘଟଣାରେ ୫୨୭ ମାମଲାରୁ ୧୬୮ ଘଟଣାର ଫଇସଲା କରାଯାଇ ୯୧ ଲକ୍ଷ ୪୨ ହଜାର ୬୦୯ ଟଙ୍କା ଜରିମାନା କରାଯାଇ ଥିଲା। ଏନ୍‌ଆଇ ଆକ୍ଟରେ ଆସିଥିବା ୬୫ କେଶରୁ ୧୪ଟି ଫଇସଲା କରାଯାଇ ୫୫ଲକ୍ଷ ୧୧ହଜାର ୪୭୬ ଜରିମାନା ଆଦେଶ କରାଯାଇ ଥିଲା। ବିଏସ୍‌ଏନ୍‌ଏଲ କର୍ତ୍ତୃପକ୍ଷଙ୍କ ୫୭ ମାମଲା ଫଇସଲା କରାଯାଇ ୯୨ ହଜାର ୭୭୪ ହଜାର ଅସୁଲି କରିବାକୁ ଆଦେଶ ଜାରି କରାଯାଇଛି। ଅନ୍ୟ ୬ଟି ମନି ରିକଭରି ମାମଲାର ଶୁଣାଣି କରି ଜରିମାନା ବାବଦକୁ ୧ଲକ୍ଷ ୯୫ ହଜାର ୯୨୯ ଟଙ୍କା ଆଦାୟ ପାଇଁ ଆଦେଶ ପ୍ରଦାନ କରାଯାଇଛି। ଏଥିରେ ବିଚାର ପାଇଁ ଆସିଥିବା ଅନ୍ୟ ୩୩ ମାମଲା ମଧ୍ୟରୁ ୫ଟିର ଫଇସଲା କରାଯାଇ ଥିଲା। ଏ ବାବଦକୁ ୫ଲକ୍ଷ ୧୮ ହଜାର ୧୯୧ ଟଙ୍କା ଜରିମାନା ଆଦେଶ ହୋଇଛି। ଏହି ଅବସରରେ ବିଚାର ପାଇଁ ଆସିଥିବା ଶ୍ରମ ବିବାଦ ଓ ଘରୋଇ ହିଂସା ଭଳି କେତେକ ମାମଲାର ଶୁଣାଣି କରାଯାଇ ଥିଲା। ଏହି ବିଚାର ପ୍ରକ୍ରିୟାରେ ପରିବାର ଅଦାଲତର ବିଚାରପତି ଧନୁର୍ଦ୍ଧର ସେନାପତି, ଏସିଜେଏମ ସଦାଶିବ ଜେନା, ସିନିୟର ସିଭିଲ ଜଜ ନରେଶ ମହାନ୍ତି, ଏସ୍‌ଡିଜେଏମ ରଞ୍ଜନ ପ୍ରଧାନ, ସିଭିଲ ଜଜ ନେହା ଅଗ୍ରୱାଲ, ପ୍ରଥମ ଶ୍ରେଣୀ ବିଚାରପତି(ଗ୍ରାମ୍ୟ) ସିଦ୍ଧାର୍ଥ ସେନାପତି ଓ ବିଚାରପତି ଇତିଶ୍ରୀ ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ଓକିଲ ସଂଘ ସଭାପତି ରମେଶ ବଳ, ଡିଏନ ପଣ୍ଡା, ବିଏନ ପଢିହାରି, ଅମୂଲ୍ୟ ମହାପାତ୍ର, ନିର୍ମାଳ ସ୍ୱାଇଁ, ଏସ୍.କେ ବାରିକ ଓ ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଜାତୀୟ ଲୋକ ଅଦାଲତ**



ରାଉରକେଲା କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତରେ ଜଜ୍ ଓ ଅନ୍ୟମାନେ ଉପସ୍ଥିତ।

## ସଂକ୍ଷେପରେ

### ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ବରଗଡ଼ ଅଫିସ୍,୧୫।୧୨ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ସୁରଭି ଚିତ୍ରଶିକ୍ଷା ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କଳା ଶିକ୍ଷକ ଦୁଃଖୀସେବକ ସାହୁ, ସମାଜସେବୀ ମନୋଜ ସେଠ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଗ୍ନି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ୫ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୪୮ଜଣ ଛାତ୍ରଛାତ୍ରୀ ଏବଂ ୯ଜଣ କଳାଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ବରଗଡ଼ ବିଦ୍ୟାସାଗର ଏକାଡ଼େମୀର ଅଧ୍ୟକ୍ଷ ଜୟଦେବ ଭୋଇଙ୍କୁ ଚିତ୍ରଶିକ୍ଷାର ପ୍ରଚାର, ପ୍ରସାରରେ ଅବଦାନ ପାଇଁ ପୃଷ୍ଠପୋଷକ ସମ୍ମାନ ପ୍ରଦାନ କରାଯାଇଥିଲା। ରମାକାନ୍ତ ସିଂ ଅକେଲା, ଶଶିକାନ୍ତ ରାୟ, ସୁବ୍ରତ କୁମାର ସରାଫ, କୈଳାଶ ଦାଶ, ପ୍ରେରଣା ଭୁଏ, ଶାଶ୍ୱତ ଦାଶ, ସୁନୀଲ ଅଗ୍ରୱାଲ, ପ୍ରଭାତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।





ସମ୍ବଲପୁର ମହୋତ୍ସବ ମଞ୍ଚରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଗୀତ ଗାଉଛନ୍ତି (ବାମ)। ରଙ୍ଗଫରୁଆ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି (ମଝି)। ସମ୍ବଲପୁରିଆ ବାବୁ ମଣ୍ଟୁ ଛୁରିଆ ତାଙ୍କ ଟିମ୍ ସହ ଗୀତ ପରିବେଷଣ କରୁଛନ୍ତି ।

# ନଚେଇଲା ରଙ୍ଗବତୀ, ସମ୍ବଲପୁରିଆ ବାବୁ

**ସମ୍ବଲପୁର, ୧୫।୧୨ (ବ୍ୟୁରୋ)**

ଅଇଁଠାପାଲି ପିଏଚଡି ପଡିଆଠାରେ ଚାଲିଥିବା ସମ୍ବଲପୁର ମହୋତ୍ସବ-୨୦୧୯ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ପ୍ରୀତିନନ୍ଦା ମିଶ୍ରଙ୍କ କଣ୍ଠରୁ ରଙ୍ଗବତୀ ଗୀତ ଝରି ପଡିଥିଲା । ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଏହି ଲୋକଗୀତ ତାଳରେ ଦର୍ଶକ ଝୁମି ଉଠିଥିଲେ । ସେହିପରି ସମ୍ବଲପୁରୀଆ ବାବୁ ମଣ୍ଟୁ ଛୁରିଆଙ୍କ ଗୀତ ଦର୍ଶକଙ୍କ ମନ ମୋହିଥିଲା । ସମ୍ବଲପୁରୀଆ ବାବୁଙ୍କ ଗୀତ ଶୁଣିବା ପାଇଁ ସମ୍ବଲପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲି, ମାନେଶ୍ୱର ଅଞ୍ଚଳରୁ ଶହସ୍ରାଧିକ ସ୍ରୋତାଙ୍କ ଭିଡ ଜମିଥିଲା।

**ସମ୍ବଲପୁର ମହୋତ୍ସବ ଉଦ୍‌ଯାପିତ**

ଏଥିସହ ସମ୍ବଲପୁରୀ ପୋଷାକ ଫେଶନ ସୋ ମହୋତ୍ସବକୁ ସଂସ୍କୃତି ଓ ପରମ୍ପରାର ଝଲକ ଦେଇଥିଲା । ପୁଷ୍ପରାଜ ସୁନା, ପଦ୍ମିନୀ ପାଣିଗ୍ରାହୀ, ଦୁର୍ଗା ଦାଶ ଗୀତ ଗାଇ ଥିଲେ । ରଙ୍ଗଫରୁଆ ଓ କେନ୍ଦୁଝରର ଅଦ୍ୟମ ଓଡିଶା ସ୍ୱିଜା କଳାକାରମାନେ ସମ୍ବଲପୁରୀ ନୃତ୍ୟର ଫ୍ୟୁଜନ୍ ପରିବେଷଣ କରିଥିଲେ । ମହୋତ୍ସବ ମୁଖ୍ୟ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା । ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପ୍ରଫେସର ସାଧୁଚରଣ ପଣ୍ଡା, ସମ୍ବଲପୁର ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ସୁବ୍ରତ ପାଣିଗ୍ରାହୀ, ଡା. ଶଙ୍କର ରାମଚନ୍ଦାନୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଗୌତମ ମିଶ୍ରଙ୍କ ସମ୍ବଲପୁର ସିନେମା ଡିଭାଇନ୍ ଡକ୍ଟର ପୋଷ୍ଟର ଓ ଟ୍ରିଜର୍ ଉନ୍ମୋଚନ ହୋଇଥିଲା ।



ବ୍ରଜରାଜନଗର ଖଲିଆକାନୀ କ୍ରିକେଟ ପଡିଆରେ ଚାଲିଥିବା ପ୍ରଦୀପ ମେମୋରିଆଲ କ୍ରିକେଟର ଫାଇନାଲ ମ୍ୟାଚରେ ଚାମ୍ପିୟନ ସାନଯୋବ ଓ ରନର୍ସ ଅପ୍ ଖଲିଆକାନି ଦଳର ଖେଳାଳି।




ସମ୍ବଲପୁର ଯୁଯୁମୁରା ନିକଟରେ ଶନିବାର ଭୋରରେ ଏକ ଲୁହାପଥର ବୋଝେଇ ଟ୍ରକ୍ ସହ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଟ୍ୟାଙ୍କରରୁ ରବିବାର ଏଲ୍‌ପିଜି ଗ୍ୟାସ୍‌କୁ ତୈଳ କମ୍ପାନୀର ସ୍ୱତନ୍ତ୍ର ଗାଡ଼ି ସହାୟତାରେ ଅନ୍ୟ ଏକ ଟ୍ୟାଙ୍କରକୁ ରିଫିଲିଂ କରାଯାଉଛି ।

କବରାପାଲିରେ ୫୫ତମ ଫୁଟବଲ ପ୍ରତିଯୋଗିତା

# ଝାରସୁଗୁଡାକୁ ହରାଇଲା ବେଲପାହାଡ଼

**ପଡିଆବାହାଲ, ୧୫।୧୨ (ଡି.ଏନ.ଏ.)**

କବରାପାଲି ପଞ୍ଚାୟତର ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଝାରସୁଗୁଡା ଜୟ ଯାବନ କ୍ଲବକୁ ହରାଇ ବେଲପାହାଡ ବେଲେ କ୍ରିଷ୍ଟ ବୟଏ କ୍ଲବ ବିଜୟୀ ହୋଇଛି। ସନ୍ତୋଷ ପ୍ରଧାନ, ଗୌରାଙ୍ଗ ପାଣ୍ଡେ, ସନ୍ତୋଷ ଗଡତିଆ, ସୁରେନ୍ଦ୍ର ବଗର୍ତ୍ତି ଖେଳ ପରିଚାଳନା କରଇଥିଲେ। ଏହି ଅବସରରେ ଉଦ୍‌ଯାପନୀ ସଭାରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, କବରାପାଲି ସରପଞ୍ଚ ତିଲୋତ୍ତମା ବାଗ, ଯୁଯୁମୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ, ଯୁଯୁମୁରା ୧ ଜିଲା ପରିଷଦ ସଦସ୍ୟ ବିଭୀଷଣ ପ୍ରଧାନ, ଡା. ରାଜାରାମ ଷଡଙ୍ଗୀ, ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଫିରୋଜ ଖାନଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ରାଜୀବ ବେହେରାଙ୍କୁ ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ କରାଯାଇଛି। ତେବେ ସ୍ଥାନୀୟ ସରପଞ୍ଚ ତିଲୋତ୍ତମା ବାଗ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସଭାପତି ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମନୋଜ ବଡ଼ାଇ, ହେମନ୍ତ ସାହୁ, ସୁକଧାରୀ ବାଗ, ଦିଲୀପ ବଡ଼ାଇ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି ଅବସରରେ ଫୁଟବଲ ଖେଳରେ ପାରଦର୍ଶିତା ଲାଭ କରିଥିବା କ୍ଷୀରୋଦ ସାହୁ, ସନ୍ଦୀପ ସାହୁ ଓ ସରୋଜ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଭବାନୀପାଟଣା, ୧୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ମେର୍ଘରା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାମ ସୁରେନ୍ଦ୍ର ମାଝି (୨୦)। ସୁରେନ୍ଦ୍ର ନିଜ ଘରେ ମୋବାଇଲ ଚାର୍ଜ କଲାବେଳେ ତାଙ୍କ ଡାହାଣ ହାତରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରତର ହୋଇଥିଲେ। ପରେ ଘର ଲୋକେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବା ଅବସ୍ଥାରେ ଅଧା ରାସ୍ତାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## କଳା ଓ କଳାକାର ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

**ସମ୍ବଲପୁର, ୧୫।୧୨ (ବ୍ୟୁରୋ)**

କଳା ଓ କଳାକାରର ୨୫ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ରବିବାର ସମ୍ବଲପୁର କଳାପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସଞ୍ଜୟ କୁମାର ସାହୁଙ୍କ ଅଧକ୍ଷତାରେ ଏହି ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, କାର୍ଟୁନିଷ୍ଟ ଅଶ୍ୱିନୀ ଅବନୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୧୫୦ଜଣ କୃତୀ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ମନୋଜ ଚୌଧୁରୀ ଏବଂ ସୁଧାଂଶୁ ନାୟକଙ୍କୁ କଳା ଓ କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା । ସୁଦାମ ପଣ୍ଡା, ଜଗନ୍ନାଥ ବେହେରା, ପବିତ୍ର ବେରିହା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ରବିବାର ସମ୍ବଲପୁର କଳା ଓ କଳାକାର ଉତ୍ସବରେ ପୁରସ୍କୃତ କୃତୀ ଚିତ୍ରକରମାନେ ଅତିଥିଙ୍କ ସହ ।

# ଭୁବନେଶ୍ୱରରୁ ପଳାଇ ଆସିଥିବା ୪ ଛାତ୍ର ଉଦ୍ଧାର

**ଜମନକିରା,୧୫।୧୨(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ରବିବାର ୪ ଜଣ ଛାତ୍ରଙ୍କୁ ପୋଲିସ ଉଦ୍ଧାର କରି କୁଚିଣ୍ଡା ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏମାନଙ୍କ ଘର ସମ୍ବଲପୁର ଜିଲା ଜମନକିରା ଥାନା ବଲବସପୁର, କୁଚିଣ୍ଡ, ବଲାଙ୍ଗୀର ଜିଲା ଖରମୁଣ୍ଡା ଓ ଗଜପତି ଜିଲା ରାଇପଙ୍କ ଗାଁରେ। ଏମାନେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଥିବା ଝାରପଡା ଜେଲ ନିକଟ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନ ଛାତ୍ରାବାସରେ ରହି ଷଷ୍ଠ, ୪ର୍ଥ, ୫ମ ଓ ୨ୟ ଶ୍ରେଣୀରେ ପଢୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

ପୋଲିସର ସୂଚନା ଅନୁସାରେ, ବିଭିନ୍ନ ମାମଲାରେ ଆଜୀବନ ସଜା କାଟୁଥିବା ବନ୍ଦୀଙ୍କ ପିଲା ଛୁଆଙ୍କୁ ସରକାରଙ୍କ ପକ୍ଷରୁ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ରଖି ପାଠ ପଢ଼ା ଯାଉଛି। ଏହି ୪ ଜଣ ମଧ ସେଠାରେ ରହି ପଢୁଛନ୍ତି। ତେବେ ସେଠାରେ ଠିକ୍‌ରେ ଖାଦ୍ୟପେୟ ଦିଆ ଯାଉ ନାହିଁ ବୋଲି ଏମାନେ ପୋଲିସରେ ଅଭିଯୋଗ କରିଛନ୍ତି। ଏମାନେ ପ୍ରଥମେ ଛାତ୍ରାବାସରୁ ବାହାରି ଟ୍ରେନ୍ ଯୋଗେ ସମ୍ବଲପୁରରେ ପହଞ୍ଚି ଥିଲେ। ରବିବାର ଭୋର ସାଢ଼େ ୪ ଟାରେ ଏକ ଘରୋଇ ବସ୍‌ରେ ସମ୍ବଲପୁରରୁ ଜମନକିରା ଆସିବା ପାଇଁ ଗାଡ଼ିରେ ବସିଥିଲେ। ବଡ଼ରମା ମନ୍ଦିର ନିକଟରେ ବସ୍ କଣ୍ଡକ୍ଟର ଏମାନଙ୍କୁ ଭଡ଼ା ମାଗିବାରୁ ଟଙ୍କା ନ ଥିବା କହିଥିଲେ। ଏଥିରେ କଣ୍ଡକ୍ଟର ତାଗିଦ କରିବା ବେଳେ ଜମନକିରା କଦଳୀମୁଣ୍ଡାର ଜଣେ ଆଙ୍ଗନବାଡ଼ି କର୍ମୀ ପିଲାଙ୍କ ଭଡ଼ା ଟଙ୍କା ଦେବା ସହ ନିଜ ଘରକୁ ନେଇ ଖାଦ୍ୟପେୟ ଦେଇ ପୋଲିସକୁ ଜଣାଇଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି କୁଚିଣ୍ଡା ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା।

## ଫଟୋରେ ଖବର





ସମ୍ବଲପୁର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବାଳକ ୨୦ବର୍ଷ ବର୍ଗ ଚାମ୍ପିୟନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରମାନେ (ବାମ)। ୧୬ ବର୍ଷ ବାଳିକା ବର୍ଗ ଦଳଗତ ଚାମ୍ପିୟନ ଅମ୍ବଲିଖମନ ସ୍କୁଲ ଛାତ୍ରୀମାନେ (ମଝି)। ୧୪ ବର୍ଷ ବାଳିକା ଚାମ୍ପିୟନ ଫାଶିମାଲ ଗର୍ଲ୍ସ ହାଇସ୍କୁଲ ଛାତ୍ରୀମାନେ ।



ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ କରିନା କପୁର ଖାନ୍ ଦୀର୍ଘଦିନର ବ୍ୟବଧାନ ପରେ ପୁଣିଥରେ ସ୍କ୍ରିନ୍‌ରେ ନିଆଁ ଲଗାଇବାକୁ ଯାଉଛନ୍ତି। ଏହି ଷ୍ଟାର ଯୋଡିଙ୍କ 'ଗୁଡ ନ୍ୟୁଜ'ଫିଲ୍ମର 'ଲାଲ୍ ଘାଘରା' ଗୀତ ଦୃଶ୍ୟକୁ ଅକ୍ଷୟ ଟୁଇଟ୍ କରିଛନ୍ତି। ଡିସେମ୍ବର ୨୭ରେ ଏହି ସିନେମା ରିଲିଜ ହେବ।



# ଏୟାରପୋର୍ଟରେ ସଜେଇ ହେଲେ ବେବୋ

**ମୁମ୍ବାଇ:** ବଲିଉଡ୍ ନାୟିକା ତଥା ନୱାବ୍ ପରିବାରର ବୋହୂ କରୀନା କପୁର ଖାନ ଓରଫ୍ ବେବୋ ଆଜିକାଲି ଭାରି ବ୍ୟସ୍ତ। ତାଙ୍କର ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍' ରିଲିଜ୍ ହେବାକୁ ଯାଉଛି। ଏନେଇ ଫିଲ୍ମ ପ୍ରମୋଶନରେ ବେବୋ ପୂରା ବ୍ୟସ୍ତ ଅଛନ୍ତି। ସେ ଏତେ ବ୍ୟସ୍ତ ଯେ, ତାଙ୍କୁ ସଜବାଜ ହେବାକୁ ମଧ୍ୟ ସମୟ ମିଳୁନି। ଏଣୁ ଏୟାରପୋର୍ଟରେ ହିଁ ତାଙ୍କୁ ମେକ୍‌ଅପ୍ ନେବାକୁ ପଡ଼ିଛି। ଜାଣି ଆଶ୍ଚର୍ଯ୍ୟ ହେଉଛନ୍ତି କି? ତେବେ ଜାଣନ୍ତୁ କ'ଣ ଥିଲା ପରିସ୍ଥିତି... ଏୟାରପୋର୍ଟରେ ବେବୋ ହେଉଛନ୍ତି ସଜବାଜ। ନିକଟରେ ଏକ ଷ୍ଟୋର୍ ଲଞ୍ଚିଂ ପ୍ରୋଗ୍ରାମରେ ଯୋଗଦେବାକୁ ଏବଂ ଫିଲ୍ମ ପ୍ରମୋଶନ ପାଇଁ ସେ ବେଙ୍ଗାଲୁରୁ ଯାଇଥିଲେ। ଏହି ଅବସରରେ ତାଙ୍କୁ ନିଜ ସମ୍ପର୍କୀୟ ଭାଇ ଅର୍‌ମାନ ଜୈନଙ୍କ ନିର୍ବନ୍ଧରେ ମଧ୍ୟ ସାମିଲ ହେବାର ଥିଲା। ତେବେ ବିଜି ବେବୋ ସମୟ ଅଭାବରୁ ଏୟାରପୋର୍ଟରେ ହିଁ ବସି ସଜବାଜ ହେବାକୁ ଆରମ୍ଭ କରିଦେଲେ। ତେବେ ଏ ସମସ୍ତ ଦୃଶ୍ୟ ଭିଡିଓ ହୋଇ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବେବୋ ଭାଇଙ୍କ ନିର୍ବନ୍ଧରେ ସାମିଲ ହେବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି। ମେକ୍‌ଅପ୍ ଆର୍ଟିଷ୍ଟ ଏବଂ ହେୟାର ଡିଜାଇନର୍ ମଧ୍ୟ ତାଙ୍କୁ ସଜେଇବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ନାଲି ରଙ୍ଗର ଏକ ଟ୍ରାଡିଶନାଲ ଡ୍ରେସ୍ ପିନ୍ଧି କରୀନା ହାତରେ ଆଇନା ଧରି ବେଶ୍ ଉତ୍ସାହିତ ଦେଖାଯାଉଛନ୍ତି। ତେବେ ଏଥିରୁ ଜଣାପଡୁଛି ଯେ, ବେଗମ୍ ସାହିବା କରୀନା କପୁର ଖାନ୍ ଫିଲ୍ମ ପ୍ରମୋଶନ ପାଇଁ କେତେ ବ୍ୟସ୍ତ, ଯେଉଁଥିପାଇଁ ତାଙ୍କୁ ଏୟାରପୋର୍ଟରେ ହିଁ ନିଜର ମେକ୍‌ଅପ୍ ନେବାକୁ ପଡ଼ିଥିଲା। ଅନ୍ୟପଟେ କରୀନାଙ୍କ ସମ୍ପର୍କୀୟ ଭାଇ ଅର୍‌ମାନ ଜୈନ୍ ନିଜ ଗର୍ଲଫ୍ରେଣ୍ଡ ଅନିଶା ମାଲ୍‌ହୋତ୍ରାଙ୍କୁ ବିବାହ କରିବାକୁ ଯାଉଛନ୍ତି। ସେ ୨୦୧୪ରେ 'ଲେକର ହମ୍ ଦିୱାନା ଦିଲ୍' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏପଟେ ବେବୋ ମଧ୍ୟ 'ଗୁଡ୍ ନ୍ୟୁଜ୍' ଫିଲ୍ମ ପରେ ଇର୍‌ଫାନ୍ ଖାନଙ୍କ ସହ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍' ଏବଂ କରଣ ଜୋହରଙ୍କ ମଲ୍‌ଟି ଷ୍ଟାରର୍ ଫିଲ୍ମ 'ଲଖ୍‌ତ'ରେ ନଜରକୁ ଆସିବେ।

## ବୀରତ୍ୱର ଗାଥା ଗାଏ

# ବିଜୟ ଦିବସ

ଦେଶରେ ପ୍ରତିବର୍ଷ ୧୬ ଡିସେମ୍ବରକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ବିଜୟ ଗୌରବ ଗାଥାକୁ ସ୍ମରଣ କରାଯାଏ। ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ମଧ୍ୟ ଦିଆଯାଇଥାଏ। ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇ ବିଜୟଲାଭ କରିଥିଲା। ମାତ୍ର ୧୩ ଦିନରେ ଭାରତର ବିଜୟ ହୋଇଥିଲା ଓ ପୂର୍ବ ପାକିସ୍ତାନ ସ୍ୱାଧୀନତା ଲାଭ କରିବା ପରେ ବାଂଲାଦେଶ ଗଠିତ ହୋଇଥିଲା। ଭାରତର ୩,୯୦୦ ଯବାନ ଏହି ଯୁଦ୍ଧରେ ଶହୀଦ ହେବା ସହ ୯,୮୫୧ ଯବାନ ଆହତ ହୋଇଥିଲେ। ପୂର୍ବପାକିସ୍ତାନରେ ପାକିସ୍ତାନୀ ସେନାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏ.କେ .ନିୟାଜି ଭାରତର ସେତେବେଳର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜଗଜିତ ସିଂ



ଆରୋରାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ୯୩,୦୦୦ ପାକିସ୍ତାନୀ ଯବାନ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଯୁଦ୍ଧବନ୍ଦୀ ଭାବେ ରଖାଯାଇଥିଲା। ପୂର୍ବପାକିସ୍ତାନରେ ମୁକ୍ତି ସଂଗ୍ରାମକୁ ଚପାଇ ଦେବା ପାଇଁ ୨୫ ମାର୍ଚ୍ଚ ୧୯୭୧ରେ ସେଠାରେ ପାକିସ୍ତାନୀ ସୈନ୍ୟ ଦମନଲୀଳା ଆରମ୍ଭ କରିଦେବା ପରେ ଶେଖ୍ ମୁଜିବୁର ରହମନଙ୍କୁ ଗିରଫ କରିନେଲେ। ଏହି ସମୟରେ ବହୁ ଶରଣାର୍ଥୀ ଭାରତ ଆସିବାରେ ଲାଗିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ସ୍ଥଳ ସେନାଧ୍ୟକ୍ଷ ଶାମ୍ ମାନେକ୍‌ଶାଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆକ୍ରମଣ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ୩ ଡିସେମ୍ବର, ୧୯୭୧ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କଲିକତା(କୋଲକତା)ରେ ଏକ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ପାକିସ୍ତାନୀ ବାୟୁସେନା ଭାରତୀୟ ସୀମା ଅତିକ୍ରମ କରି ପଠାନକୋଟ,ଅମୃତସର , ଶ୍ରୀନଗର ଆଦି ଏୟାର ବେସ୍ ଉପରେ ଆକ୍ରମଣ କରିବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ୧୪ ଡିସେମ୍ବରରେ ଢାକାର ଗଭର୍ନମେଣ୍ଟ ହାଉସରେ ପାକିସ୍ତାନୀ ପ୍ରଶାସନ ଅଧିକାରୀଙ୍କର ଏକ ଗୁପ୍ତ ବୈଠକ ହେବାର ଗୁପ୍ତ ସୂଚନା ମିଳିବା ପରେ ବୈଠକ ଚାଲୁଥିବା ସମୟରେ ଭାରତୀୟ ବାୟୁସେନା ସେହି ହଲ୍ ଉପରେ ଆକ୍ରମଣ କରି ତା' ଛାତ ଉଡାଇ ଦେଇଥିଲା। ଭାରତ ପାଖରେ କମ୍ ସୈନ୍ୟ ରହିଥିଲେ ବି ଯୁଦ୍ଧକୁ ନିଜ କବ୍‌ଜାକୁ ଆଣିବାରେ ସକ୍ଷମ ହୋଇଥିଲା। ୧୬ ଡିସେମ୍ବର ସକାଳେ ଆତ୍ମ ସମର୍ପଣ ଲାଗି ସବୁ କିଛି ପ୍ରସ୍ତୁତ କରିବା ପାଇଁ ଢାକାରେ ପହଞ୍ଚିବାକୁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.ଏଫ୍.ଆର. ଜ୍ୟାକବ୍‌ଙ୍କୁ ମାନେକ୍‌ଶା ଖବର ଦେଇଥିଲେ। ଜ୍ୟାକବ୍ ନିୟାଜିଙ୍କ ରୁମ୍‌ରେ ପ୍ରବେଶ କରିବା ସମୟରେ ଆତ୍ମସମର୍ପଣ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ ହୋଇ ରହିଥିଲା। ଏହାପରେ ଜେନେରାଲ ଆରୋରା ଢାକାରେ ପହଞ୍ଚିବା ପରେ ନିୟାଜି ଓ ଆରୋରା ଆତ୍ମସମର୍ପଣ କାଗଜପତ୍ରରେ ସ୍ୱାକ୍ଷର କରିଥିଲେ। ନିୟାଜି ତାଙ୍କ ବେଲ୍ଟ ଓ ରିଭଲଭର ଆରୋରାଙ୍କୁ ଦେଇଥିଲେ। ଏହି ସମୟରେ ନିୟାଜିଙ୍କ ଆଖିରେ ଲୁହ ଆସିଯାଇଥିଲା। ସନ୍ଧ୍ୟା ବି ହୋଇଆସୁଥିଲା। ପୂରା ଅନ୍ଧାର ଛାଇ ହୋଇଯିବା ପରେ ଲୋକମାନଙ୍କ ଆକ୍ରୋଶରୁ ନିୟାଜିଙ୍କୁ ରକ୍ଷାକରିବା ଲାଗି ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଚାରିପାଖରେ ଘେରି ରହି ବାହାରକୁ ଆଣିଥିଲେ। ଏହି ବିଜୟରେ ପୂରା ଦେଶରେ ଆନନ୍ଦର ଲହରି ଖେଳିଯାଇଥିଲା।

## ପବନରୁ ପ୍ରସ୍ତୁତ ହେଉଛି ପାଣି, ବୋତଲର ଦାମ୍ ୮ଟଙ୍କା

ଆଜିକାଲି ଦୁନିଆରେ କୌଣସି କଥା ଅସମ୍ଭବ ନୁହେଁ। ବୈଜ୍ଞାନିକମାନେ ସବୁ ଅସମ୍ଭବକୁ ସମ୍ଭବ କରିଦେଉଛନ୍ତି। ତେଲେଙ୍ଗାନାର ସିକନ୍ଦରାବାଦ ରେଲୱେ ଷ୍ଟେଶନକୁ ଦେଖୁନାହାନ୍ତି, ଏଠାରେ କେମିତି ପବନରୁ ପାଣି ପ୍ରସ୍ତୁତ ହୋଇ ବିକ୍ରି ହେଉଛି। ଗୋଟିଏ ବୋତଲର ପାଣି କିଣିଲେ ଦେବାକୁ ପଡ଼ିଥାଏ ମାତ୍ର ୮ ଟଙ୍କା। ଯଦି ଆପଣ ବୋତଲ ନେଇ ଯିବେ ତେବେ ୫ ଟଙ୍କାରେ ପାଣି ମିଳିବ। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହି ପାଣିକୁ ସ୍ୱାସ୍ଥ୍ୟ ଉପଯୋଗୀ ଘୋଷଣା ମଧ୍ୟ କରାଯାଇଛି। ଗୁରୁବାର ସିକନ୍ଦରାବାଦ ରେଲୱେ ଷ୍ଟେଶନରେ ଏକ ମେଶିନ ଲଗାଯାଇଛି। ଯେଉଁଥିରେ ଅଟୋମେଟିକ ୱାଟର ଜେନେରେଟର ଲାଗିଛି। ଯାହା ପ୍ରତିଦିନ ୧୦୦୦ ଲିଟର ପାଣି ପ୍ରସ୍ତୁତ କରୁଛି। ଏହାକୁ ଏକ ଷ୍ଟିଲ ଟ୍ୟାଙ୍କରରେ ସଂରକ୍ଷିତ ରଖାଯାଉଛି। ଏହି ଟ୍ୟାଙ୍କର ପାଣିକୁ କେବେ ଖରାପ ହେବାକୁ ଦିଏ ନାହିଁ। ପବନରୁ ପାଣି ବାହାରିବା ପାଇଁ ମେଘଦୂତ ଉପାୟକୁ ମୈତ୍ରୀ ଆକ୍ୱାଟେକ 'ମେକ ଇନ ଇଣ୍ଡିଆ' ସୁନ୍ଦର ଭାବରେ ବିକଶିତ କରିଛି। ରେଲୱେ ଅଧିକାରୀଙ୍କ ମତରେ ଏହି ମେଶିନ ପରିବେଶ ପାଇଁ ବେଶ ଅନୁକୂଳ। ପ୍ରତି ଋତୁରେ ଏହା କାମ କରିପାରିବ। କୌଣସି ସ୍ରୋତ ଉପରେ ନିର୍ଭର ନ କରି ଏହାର ଅବିରତ ଜଳ ପ୍ରଦାନ କରିପାରିବାର କ୍ଷମତା ରହିଛି।



**କେମିତି ପବନରୁ ପାଣି ପ୍ରସ୍ତୁତ ହୁଏ ଜାଣନ୍ତୁ:** ଏକ ପ୍ରଣାଳୀ ମାଧ୍ୟମରେ ପବନ ମେଶିନ ଭିତରେ ପଶିଥାଏ। ଏଥିରୁ ସମସ୍ତ ଦୂଷିତ ପଦାର୍ଥକୁ ଛାଣି ଦିଆଯାଏ। ଏହା ପରେ ଯେତିକି ପବନ ବାକି ରହିଯାଏ ଏକ କୁଲିଂ ଚାମ୍ବର(ଶୀତଳ କକ୍ଷ)ରେ ପବନ ଥଣ୍ଡା ହୋଇଥାଏ। ଏହି ଥଣ୍ଡା ପବନ ପାଣିରେ ରୂପାନ୍ତରିତ ହୋଇଥାଏ ଏବଂ ବୁନ୍ଦା ବୁନ୍ଦା ହୋଇ ଟ୍ୟାଙ୍କରରେ ଜମା ହୋଇଥାଏ। ଏହି ପାଣିକୁ ପୁନର୍ବାର ଫିଲ୍ଟରିଂ କରାଯାଏ। ପାଣିକୁ ଅଲଟ୍ରା ଭାଓଲେଟ କିରଣରେ ରଖିଦିଆଯାଏ। ଯେଉଁଥିରେ ପାଣିରେ ଥିବା ପ୍ରଦୂଷକ ତତ୍ତ୍ୱ ନଷ୍ଟ ହୋଇ ବିଶୁଦ୍ଧ ପାଣି ମିଳିଥାଏ।

# ଗୁରୁମା'ଙ୍କ କନ୍ୟାଦାନ କଲେ ଶିକ୍ଷାର୍ଥୀ

## ନିଆରା ଗୁରୁଦକ୍ଷିଣା

**ପାଲି:** ବେଶ୍ ନିଆରା ଗୁରୁ-ଶିଷ୍ୟ ପରମ୍ପରା। କେଉଁ ଆବହମାନ କାଳରୁ ଭାରତୀୟ ସମାଜରେ ଏହି ପୂଜ୍ୟପୂଜାର ପରମ୍ପରା ପ୍ରଚଳିତ। ହେଲେ ରାଜସ୍ଥାନ ରାଜ୍ୟ ପାଲି ସୁନ୍ଦରନଗରସ୍ଥିତ ରାଜଶ୍ରୀ ସ୍କୁଲର ଛାତ୍ରୀଛାତ୍ର ଏହି ପରମ୍ପରାକୁ ଆଉ ଗୋଟିଏ ପାଦ ଆଗକୁ ନେଇଛନ୍ତି। ଶିକ୍ଷାନୁଷ୍ଠାନର ପ୍ରିୟ ଶିକ୍ଷୟିତ୍ରୀ ହେମା ପ୍ରଜାପତଙ୍କ କନ୍ୟାଦାନ କରି ସେମାନେ ସୃଷ୍ଟି କରିଛନ୍ତି ନିଆରା ଉଦାହରଣ। ଏହି ବିବାହ କାର୍ଯ୍ୟକ୍ରମରେ ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିବାବେଳେ ନିଜ ପକେଟରୁ ସେମାନେ ଖର୍ଚ୍ଚ କରିଛନ୍ତି ୧ ଲକ୍ଷ ୭୧ ହଜାର ଟଙ୍କା। ଗତ ଡିସେମ୍ବର ୧୦ରେ ହେମା ଜୀବନର ଦ୍ୱିତୀୟ ଇଂନିସ ଆରମ୍ଭ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ଏପରି ଗୁରୁଦକ୍ଷିଣାକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।ସମସ୍ୟା ଭିତରେ କଟିଛି ହେମାଙ୍କ ଶୈଶବ। ମାତ୍ର ୬ମାସର ହୋଇଥିବାବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ୧୬ବର୍ଷରେ ସେ ନିଜ ମା'କୁ ବି ହରାଇଲେ। ଏପରି କଷ୍ଟକର ସମୟରେ ଛୋଟ ଭଉଣୀଙ୍କ ଦାୟିତ୍ୱ ଆସିଥିଲା ତାଙ୍କ କାନ୍ଧକୁ। ହେମା ସ୍କୁଲ ଛୁଟି ପରେ ନିୟମିତ ୨ଘଣ୍ଟା ଆର୍ଥିକ ଏବଂ ପାଠପଢ଼ାରେ ପଛୁଆ ପିଲାଙ୍କୁ ପାଠ ପଢ଼ାଇଥାନ୍ତି। ସେମାନଙ୍କୁ ନିଃଶୁଳ୍କ କୋଚିଂ ଦେଇ ଅନ୍ୟମାନଙ୍କ ସମକକ୍ଷ କରିବାକୁ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ଛୁଟିଦିନରେ ମଧ୍ୟ ସେ ପିଲାଙ୍କ ଅତିରିକ୍ତ କ୍ଲାସ ନେଉଥିଲେ। ହେମା ୫ବର୍ଷରେ ମାତ୍ର ୬ଦିନ ଛୁଟି ନେଇଛନ୍ତି। ଗଣିତରେ ହେମାଙ୍କ ଭଲ ପାରଦର୍ଶିତା ରହିଛି। ସେ ଜୟନାରାୟଣ ବ୍ୟାସ ବିଶ୍ୱବିଦ୍ୟାଳୟରୁ ଗଣିତ ବିଷୟରେ ପ୍ରଥମ ଶ୍ରେଣୀରେ ଏମ୍‌ଏସ୍‌ସି ପାସ୍ କରିଛନ୍ତି। ଏଥିସହ ବିଏଡ୍ ମଧ୍ୟ କରିଛନ୍ତି। ଗତ ମହିଳା ଦିବସରେ ହେମାଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯିବା ସହ ୫୧ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା।

ଏପରି ଭିନ୍ନ ଗୁରୁଦକ୍ଷିଣାକୁ ନେଇ ହେମା କହିଛନ୍ତି, ପିଲାମାନଙ୍କ ଏପରି କାମ ସ୍ୱପ୍ନ ଭଳି ଲାଗୁଛି। ସ୍କୁଲ କର୍ତ୍ତୃପକ୍ଷ ଏବଂ ପିଲାମାନେ ତାଙ୍କୁ ଏତେ ସ୍ନେହ ଭଲପାଇବା ଦେବେ ସେ ଏକଥା ବିଶ୍ୱାସ କରିପାରୁନାହାନ୍ତି। ପାଠ ପଢ଼ାଇ ସେ ଏହାକୁ ପରିଶୋଧ କରିବେ। ସ୍କୁଲ ନିର୍ଦ୍ଦେଶକ ରାଜନ୍ଦ୍ରେ ସିଂ ଘରାସନୀ କୁହନ୍ତି, ହେମାଙ୍କ ବିବାହରେ କିଛି ନିଆରା କରିବାକୁ ପିଲାମାନେ ପ୍ରସ୍ତାବ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭାବନାକୁ ସମ୍ମାନ ଜଣାଇ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଥିରେ ଆବଶ୍ୟକ ସହାୟତା କରିଥିଲେ।



# ପିଆଜ କାଣ୍ଡ କୋଟିପତି

**ବେଙ୍ଗାଲୁରୁ:** ପିଆଜ ଏବେ ସାରା ଭାରତକୁ କନ୍ଦାଉଥିବାବେଳେ ରଣ ଭାରରେ ବୁଡିଥିବା ଜଣେ ଚାଷୀଙ୍କ ମୁହଁରେ ଏହା ହସ ଖେଳାଇ ଦେଇଛି। କର୍ନାଟକର ଏହି ଚାଷୀ ଜଣକ ହେଉଛନ୍ତି ମଲ୍ଲିକାର୍ଜୁନ। କର୍ନାଟକ ଚିତ୍ରଦୁର୍ଗ ଜିଲାର ଡୋଡାସିଦ୍ଧଭାନାହାଲ୍ଲିର ଚାଷୀ ମଲ୍ଲିକାର୍ଜୁନ ମାସକ ଭିତରେ ପିଆଜ ବିକି କୋଟିପତି ହୋଇଯାଇଛନ୍ତି। ୪୨ ବର୍ଷୀୟ ଏହି ଚାଷୀ ଜଣକ ରଣ କରି ପିଆଜ ଚାଷ କରିଥିଲେ। ତାଙ୍କ ନିଜର ୧୦ ଏକର ଜମି ସହିତ ଆଉ ୧୦ ଏକର ଲିଜ୍ ଆଣି ଏହି ଚାଷ କରିଥିଲେ। ୫୦ ଜଣ ଶ୍ରମିକଙ୍କୁ ବି ଚାଷରେ ଲଗାଇଥିଲେ। ଏହା ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଯଦି ଚାଷରେ କ୍ଷତି ହୋଇଥାନ୍ତା କି ପିଆଜ ଦର ମାଡ଼ ଖାଇଯାଇଥାନ୍ତା ତେବେ ତାଙ୍କ ରଣଭାର ବେଢି ଉପରେ କୋରଡା ମାଡ ଭଳି





ହୋଇଥାନ୍ତା। କିନ୍ତୁ ପିଆଜ ତାଙ୍କ ଭାଗ୍ୟ ବଦଳାଇଦେଲା। କୋଟିପତି ସଜାଇ ଦେଲା। ପରିବାରରେ ଖୁସି ଖେଳାଇଦେଲା। ଚାଷରୁ ପାଇଲେ ୨୪୦ଟନ୍ (ପାଖାପାଖି ୨୦ଟ୍ରକ)ପିଆଜ। ପିଆଜ ଦର କିଲୋପ୍ରତି ୨୦୦ଟଙ୍କା ଛୁଇଁବାକୁ ଯାଉଥିବାବେଳେ ମଲ୍ଲିକାର୍ଜୁନଙ୍କ ଉପରେ ଟଙ୍କା ବର୍ଷା କରିଯାଇଛି। ବେଙ୍ଗାଲୁରୁଠାରୁ ୨୦୦କିଲୋମିଟର ଦୂର ତାଙ୍କ ଗାଁରେ ଏହି ଚାଷକରି ସେ ଚିତ୍ରଦୁର୍ଗଜିଲାର ଚାଷୀମାନଙ୍କ ମଧ୍ୟରେ ସେଲିବ୍ରିଟି ପାଲଟିଯାଇଛନ୍ତି। ସେ ଏବେ ତାଙ୍କ ରଣ ଶୁଝିବା ପରେ ଘର ତିଆରି କରିବା ଲାଗି ଯୋଜନା କରିବା ସହ ଅଧିକ ଜମି କିଣି ଚାଷ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ମଲ୍ଲିକାର୍ଜୁନ। ମରୁଡି ପ୍ରବଣ ଅଞ୍ଚଳରେ ଅନେକ ଚାଷୀ ଚାଷ ଛାଡି ଦେଇଥିବାବେଳେ ସେ ୨୦୦୪ରୁ ବର୍ଷାଦିନେ ପିଆଜ ଚାଷ କରିଆସୁଛନ୍ତି। ଗତ ବର୍ଷ ସେ ଏହି ଚାଷରୁ ୫ ଲକ୍ଷ ଟଙ୍କା ଲାଭ ପାଇଥିଲେ। କିନ୍ତୁ ଏଥର ସେ ଅଧିକ ଜମିରେ ଚାଷ କରି ଅକ୍ଟୋବର ଯାଏ ଚାପରେ ରହିଥିଲେ। ଚାଷରେ ୧୫ ଲକ୍ଷ ଖର୍ଚ୍ଚ କରି ୫ରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶା କରିଥିଲେ। କିନ୍ତୁ ପିଆଜ ଅମଳ କରିବାପରେ ନଭେମ୍ବର ପ୍ରଥମ ସପ୍ତାହରେ କୁଇଣ୍ଟାଲ ପ୍ରତି ୭ ହଜାର ଓ କିଛିଦିନ ପରେ ୧୨ ହଜାର ଟଙ୍କା ବିକ୍ରି କରି ଏବେ ପାଲଟିଯାଇଛନ୍ତି କୋଟିପତି।



**ଝୁନ୍‌ଝୁନ୍:** କୋଟି କୋଟି ଟଙ୍କା ରଣ ନ ଦେଇ ଫାଙ୍କୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ୫୦ ପଇସା ପଇଠ କରିବା ପାଇଁ ଏକ ଘରୋଇ ବ୍ୟାଙ୍କ ନୋଟିସ ପଠାଇବା ଭଳି ରୋଚକ ଖବର ସାମ୍ନାକୁ ଆସିଛି। ରାଜସ୍ଥାନର ଝୁନ୍‌ଝୁନ୍ ନିବାସୀ ଜିତେନ୍ଦ୍ର ସିଂ ଘର ବାହାରେ ବ୍ୟାଙ୍କ ଏମିତି ଏକ ନୋଟିସ ଝୁଲାଇ ଦେଇଯାଇଛି। ଜିତେନ୍ଦ୍ରଙ୍କ ମେରୁହାଡରେ ଆଘାତ ଲାଗିଥିବାରୁ ଏହି ନୋଟିସ୍ ପାଇବା ପରେ ସେ ବ୍ୟାଙ୍କ୍‌କୁ ଟଙ୍କା ଜମା କରିବାକୁ ଯାଇପାରିନାହାନ୍ତି। ତାଙ୍କ ପିତା ବିକ୍ରମ ସିଂ ଟଙ୍କା ଜମା କରିବା ପାଇଁ ବ୍ୟାଙ୍କରେ ପହଞ୍ଚିବା ପରେ ଟଙ୍କା ଜମାକରାଯାଇପାରିନାହିଁ ବୋଲି ଜଣାଇବା ସହ ବ୍ୟାଙ୍କ ତାଙ୍କୁ ଫେରାଇ ଦେଇଛି। ଏବେ ଜିତେନ୍ଦ୍ର ଏବାବାଦରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ବ୍ୟାଙ୍କ ପଠାଇଲା ୫୦ ପଇସାର ନୋଟିସ

## ଜୋତା ଚୋରାଇବାରୁ ରାଗିଗଲେ ବର

# ବିବାହ ଭାଙ୍ଗିଦେଲେ କନ୍ୟା

**ମୁଜାଫରନଗର:** ବିବାହ ସମୟରେ ଜୋତା ଚୋରାଇବା ଏକ ପରମ୍ପରା ରହିଛି। କନ୍ୟାଙ୍କ ଭଉଣୀ ଏହି ପରମ୍ପରା ନିଭାଇବାର ବିଧି ରହିଛି। କିନ୍ତୁ ଏହି ଜୋତା ଚୋରା ପରମ୍ପରା ଯୋଗୁ ଏକ ବିବାହ ଭାଙ୍ଗିଯାଇଛି। ଉତ୍ତର ପ୍ରଦେଶର ମୁଜାଫରନଗରରେ ଘଟିଛି ଏଭଳି ଘଟଣା। ସିସୌଲିରେ ଚାଲିଥିବା ଏକ ବିବାହ କାର୍ଯ୍ୟକ୍ରମରେ ବରର ଜୋତା ଚୋରାଇଥିଲେ ଶାଳୀ। ଏହାର ବଦଳରେ ଶାଳୀ ଏବଂ ତାଙ୍କ ସାଙ୍ଗମାନେ ଟଙ୍କା ମାଗିଥିଲେ। କିନ୍ତୁ ଏଥିରେ ରାଗି ଯାଇ ବର ସେଠାରେ ଉପସ୍ଥିତ କିଛି ମହିଳାଙ୍କୁ ଅପଶବ୍ଦ କହିଥିଲେ। ଘଟଣାରେ ବରଙ୍କୁ କନ୍ୟା ଘର ପକ୍ଷରୁ ଯେତେବେ ବୁଝାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ରାଗିଯାଇ ଜଣଙ୍କୁ ଚାପୁଡା ମାରିଥିଲେ। ଏସବୁ ଦେଖି କନ୍ୟା ନିଜ ବିବାହ ଭାଙ୍ଗି ଦେଇଥିଲେ। ଏପରିକି ଯୌତକ ବାବଦରେ ନେଇଥିବା ୧୦ ଲକ୍ଷ ଟଙ୍କା ଫେରାଇ ଦେବାକୁ ମଧ୍ୟ ଅଡି ବସିଥିଲେ। ବର, ତାଙ୍କ ପିତା ଏବଂ ଦୁଇ ସମ୍ପର୍କୀୟଙ୍କୁ କନ୍ୟା ଘର ପକ୍ଷରୁ ବନ୍ଧକ ରଖାଯାଇଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ମାମଲାର ସମାଧାନ ପାଇଁ ଉଭୟ ପକ୍ଷରୁ ବୁଝାଇଥିଲେ ମଧ୍ୟ କୌଣସି ସମାଧାନ ବାହାରିପାରି ନ ଥିଲା। ଫଳରେ ବିବାହ ଭାଙ୍ଗିଯାଇଥିଲା।



# ଆରମ୍ଭ ହେଲା ଫାଷ୍ଟାଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)/ ଚଣ୍ଡିଖୋଲ(ଡି.ଏନ.ଏ)



■ ରାଜ୍ୟର ୧୧ ଟୋଲ୍ ଗେଟ୍‌ରେ ଲାଗୁ
■ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରେ ଚ୍ୟାଲେଞ୍ଜ
■ ଆବଶ୍ୟକ ସଚେତନତା ଲୋଡ଼ା

ସାରା ଦେଶର ଜାତୀୟ ରାଜପଥଗୁଡିକରେ ଥିବା ଟୋଲ୍‌ଗେଟରେ ରବିବାରଠାରୁ ଫାଷ୍ଟାଗ୍ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଏ ନେଇ ଘୋଷଣା କରାଯାଇଥିଲା। ୨୦୧୯ ଡିସେମ୍ବର ୧ ତାରିଖରୁ ଏହି ବ୍ୟବସ୍ଥା ଲାଗୁ ହୋଇଥାଆନ୍ତା। ହେଲେ କେତେକ କାରଣରୁ ଏହାକୁ ଡିସେମ୍ବର ୧୫ ତାରିଖ ଯାଏ ଘୁଞ୍ଚା ଯାଇଥିଲା। ଓଡ଼ିଶାର ଜାତୀୟ ରାଜପଥର ୧୧ଟି ଟୋଲ୍ ଗେଟ୍‌ରେ ଏହି ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଫାଷ୍ଟାଗ୍ ବ୍ୟବସ୍ଥା ସହ ପୂର୍ବପରି ମାନୁଆଲ୍ ବ୍ୟବସ୍ଥା ମଧ୍ୟ ରହିଛି। ଆବଶ୍ୟକ ସଚେତନତା ଏବଂ ଭିତ୍ତିଭୂମି ପ୍ରସ୍ତୁତ ହୋଇ ନ ଥିବାରୁ ଏହି ବ୍ୟବସ୍ଥାକୁ ମାସେ ପର୍ଯ୍ୟନ୍ତ କୋହଳ କରାଯାଇଛି।

ଅଧିକାଂଶ ସ୍ଥାନରେ ପୂର୍ଣ୍ଣଭାବେ ଭିତ୍ତିଭୂମି ପ୍ରସ୍ତୁତ କରିବା ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଉଦାହରଣ ସ୍ୱରୂପ, ଚଣ୍ଡିଖୋଲ-ପାରାଦୀପ ୫ନଂ(କ) ଜାତୀୟ ରାଜପଥ ଉପରେ ଶ୍ରୀରାମପୁରଠାରେ ଏକ ଟୋଲ୍ ଗେଟ୍ ରହିଛି। ଲାଗୁ କରାଯାଇଥିବା ଫାଷ୍ଟାଗ୍ ବ୍ୟବସ୍ଥା ସମ୍ପର୍କରେ ଏ ପର୍ଯ୍ୟନ୍ତ ଅଧିକାଂଶ ଗାଡ଼ି ମାଲିକ ଓ ଚାଳକମାନେ ଠିକ୍ ଭାବେ ଜାଣିପାରି ନ ଥିବା ପରିଲକ୍ଷିତ ହୋଇଛି। ଏହି ବ୍ୟବସ୍ଥା ଲାଗୁ ପୂର୍ବରୁ ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ କରାଯାଇନାହିଁ। ଅପରପକ୍ଷରେ ଶ୍ରୀରାମପୁର ଟୋଲ୍ ଗେଟ୍‌ରେ ଏହି ବ୍ୟବସ୍ଥା ପାଇଁ ମେଶିନ ବସା ଯାଇଥିଲେ ମଧ୍ୟ ଏହାର ଭିତ୍ତିଭୂମି ନ ଥିବାରୁ ଗାଡ଼ି ଚାଳକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଲକ୍ଷ୍ୟ କରାଯାଇଛି। ଏପରି କି କେତେକ ବସ ଡାହାଣ ପଟ ରାସ୍ତା ଦେଇ ଅତିକ୍ରମ କରୁଥିବା ଦେଖା ଯାଉଛି। ଟୋଲ୍ ଗେଟ୍ ଗୁଡ଼ିକରେ ଆଲୋକୀକରଣ ସହ ଗାଡ଼ି ଚାଳକ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସହଯୋଗ ଯୋଗାଇ ଦେବାର ନିୟମ ରହିଥିବା ବେଳେ ଏଠାରେ ତାହା ଦେଖିବାକୁ ମିଳୁନାହିଁ। ପାନୀୟଜଳ, ଆଲୋକ ଓ ଶୌଚାଳୟ ଆଦି ସୁବିଧା ଏ ପର୍ଯ୍ୟନ୍ତ କରାଯାଇନାହିଁ। ବହୁ ଗାଡ଼ି ମାଲିକ ଫାଷ୍ଟାଗ ଆକାଉଣ୍ଟ ଖୋଲିପାରି ନାହାନ୍ତି। ଫାଷ୍ଟାଗ୍ ଆକାଉଣ୍ଟ ନ ଖୋଲିବା ଯୋଗୁ ସେମାନଙ୍କୁ ନଗଦ କ୍ୟାଶ ଦେବାକୁ ପଡୁଛି। ଏହି ଟୋଲ୍ ଗେଟ୍‌ରେ ଉଭୟ ପଟର ୩ଟି ଲେଖାଏ ୬ଟି କାଉଣ୍ଟର ରହିଥିବା ବେଳେ ୪ଟି କାଉଣ୍ଟରକୁ କ୍ୟାଶଲେସ ଫାଷ୍ଟାଗ୍ କରାଯାଇଛି। ଉଭୟ ପଟର ଗୋଟିଏ ଲେଖାଏ କ୍ୟାଶ କାଉଣ୍ଟର ରହିଥିବାରୁ ଭିଡ଼ ଅଧିକ ହେଉଛି। ଫଳରେ ଗାଡ଼ି ଚାଳକମାନେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ଟୋଲ୍ ଗେଟ୍ ଅଧୀକ୍ଷଣ ଯନ୍ତ୍ରୀ ପୂଜା ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି ଯେ, ନୂତନ ଭାବେ ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ ହେଉଥିବାରୁ ଏଭଳି ଅସୁବିଧା ହେଉଛି। ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମିଶ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଫାଷ୍ଟାଗ୍ ଲାଗୁ ହୋଇଥିବା ଟୋଲ୍ ଗେଟ୍‌ଗୁଡିକ ହେଲା, ୨୧୫ ଜାତୀୟ ରାଜପଥର ପାଣିକୋଇଲିଠାରୁ ରାମୁଳି ମଧ୍ୟରେ ଥିବା ବନଯୋଡି(ପଦ୍ମପୁର), ୬ ନମ୍ବର ଜାତୀୟ ରାଜପଥର ସମ୍ବଲପୁର ଓ ବରଗଡ ମଧ୍ୟରେ ଥିବା ବରଗଡ, ୧୬ ନମ୍ବର ଜାତୀୟ ରାଜପଥର ଗୁଡିପଡା, ୧୬ ନମ୍ବର ଜାତୀୟ ରାଜପଥର ଗୁରାପାଲି, ୨୧୫ ନମ୍ବର ଜାତୀୟ ରାଜପଥର ହସନପୁର, ୨୧୫ ନମ୍ବର ଜାତୀୟ ରାଜପଥର ଖଣ୍ଟାଘର, ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି, ୧୬ ନମ୍ବର ଜାତୀୟ ରାଜପଥର ସେରଗଡ, ଜାତୀୟ ରାଜପଥ ୫-ଏ'ର ଶ୍ରୀରାମପୁର, ଏନ୍‌ଏଚ୍-୧୬ର ମଙ୍ଗୁଳି ଏବଂ ଏନ୍‌ଏଚ୍-୩୧୬ର ପାଟଶାଣୀପୁର(ପିପିଲି)।

# କବିତା ଦେଇ କବିଙ୍କ ନାଁ ପଚାରିଲେ ମୁଖ୍ୟମନ୍ତ୍ରୀ

## ଟୁଇଟରରେ ଇକୋ ରିଟ୍ରିଟର ପ୍ରଚାର ପ୍ରସାର

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ପୁରୀ-କୋଣାର୍କ ନିକଟସ୍ଥ ବେଳାଭୂମିରେ ଇକୋ-ରିଟ୍ରିଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ରାଜ୍ୟ ପ୍ରଶାସନ ଏବଂ ବିଶେଷ ଭାବେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ପ୍ରଚାର ପ୍ରସାର ମଧ୍ୟ କରାଯାଉଛି। ଡିଜିଟାଲ ଯୁଗ ହୋଇଥିବାରୁ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଆଦିରେ ଏ ସମ୍ପର୍କିତ ପୋଷ୍ଟ ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ପ୍ରଶାସନିକ ଅଧିକାରୀ ଇକୋ-ରିଟ୍ରିଟ୍ ସମ୍ପର୍କିତ ପୋଷ୍ଟ କରୁଛନ୍ତି। ଯାହା ସାଧାରଣରେ ବେଶ୍ ଆଦୃତ ହେଉଛି। ଏହି କ୍ରମରେ ଟୁଇଟର ମାଧ୍ୟମରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆକାଉଣ୍ଟରୁ ୫୧ ସେକେଣ୍ଡର ଭିଡିଓ ଅପଲୋଡ୍ କରାଯାଇଥିଲା। ଇକୋ-ରିଟ୍ରିଟ୍ ସମ୍ପର୍କିତ ଏହି ଭିଡିଓଟି ବହୁତ ମନଲୋଭା ରହିଥିଲା। ଏଥିସହିତ ଦୁଇ ଧାଡି ଓଡ଼ିଆ କବିତା ମଧ୍ୟ ଉଲ୍ଲେଖ କରାଯାଇ ରଚୟିତାଙ୍କ ନାଁ ପଚରାଯାଇଛି। ଏହି କବିତାଟି ହେଉଛି- **'ନୀଳ ପାରବାର ଅଦୂରେ ଗାଏ ଅମର ଗୀତ**
**ଅମର ତରଙ୍ଗ ନର୍ତ୍ତନେ ବେଳା ହୁଏ ଧ୍ୱନିତା'**

ଏହି ପୋଷ୍ଟ ପରେ ବହୁ ଟୁଇଟର ବ୍ୟବହାରକାରୀ ଏହାର ଉତ୍ତର ଦେବାକୁ ଚେଷ୍ଟା ମଧ୍ୟ କରିଥିବା ଦେଖା ଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ସନ୍ଧ୍ୟା ୬ଟାରେ କବିତାର ରଚୟିତାଙ୍କ ନାଁ କବିବର ରାଧାନାଥ ରାୟ ବୋଲି ଉଲ୍ଲେଖ କରିଥିଲେ। ତାଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିବା ଏବଂ ଦେବାକୁ ପ୍ରୟାସ କରିଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

■ ସେଲ୍‌ଫି ନେବା କାଳ ହେଲା

# ଖରସ୍ରୋତାରେ ବୁଡ଼ି ଛାତ୍ରୀ ନିଖୋଜ



ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜାଖୋଜି କରୁଛନ୍ତି।

ଯାଜପୁର ଅଫିସ,୧୫।୧୨

ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀର ତନ୍ତୀଘାଇ ନିକଟରେ ରବିବାର ଅପରାହ୍ନରେ ସେଲ୍‌ଫି ଉଠାଇବାକୁ ଯାଇ ଜଣେ ଛାତ୍ରୀ ଖରସ୍ରୋତା ନଦୀରେ ନିଖୋଜ ହୋଇଯାଇଛନ୍ତି। ଛାତ୍ରୀ ଜଣକ ହେଲେ ରୁଦ୍ରଚରଣ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ସୁଜନପୁର ଗ୍ରାମର ସାଇତା ବେଗମ(୧୪)। ୫ଜଣ ସାଙ୍ଗଙ୍କ ସହ ଖରସ୍ରୋତା ନଦୀକୂଳକୁ ବୁଲିବାକୁ ଯାଇ ସେଲ୍‌ଫି ଉଠାଉ ଥିବାବେଳେ ହଠାତ ସାଇତାଙ୍କ ଗୋଡ ଖସି ଯାଇଥିଲା। ଚାହୁଁ ଚାହୁଁ ସେ ଖରସ୍ରୋତା ନଦୀର ପ୍ରଖର ଜଳସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବରୀ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ବହୁତ ଖୋଜାଖୋଜି କରିଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ସାଇତାଙ୍କର କୌଣସି ପତ୍ତା ମିଳି ନ ଥିଲା।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଶିବ



ରାଜିବ



ଅଭିଲାସ



ବିଶ୍ୱ

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଡିସେମ୍ବର ଶେଷସୁଦ୍ଧା ସଭାପତି ଚୟନ କରିବ ଭାଜପା: ଅରୁଣ

■ ରବିବାର ୧୭ ଜିଲାର ସଭାପତି ଚୟନ ପ୍ରକ୍ରିୟା ସରିଲା
■ ୧୭ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ
■ ଜିଲା ସଭାପତି ଚୟନ ପାଇଁ ରାଜ୍ୟରେ ୬ଜଣିଆ କମିଟି ଗଠିତ
■ ଆଜି ସରିବ ୧୯ ଜିଲାର ସଭାପତି ଚୟନ ପ୍ରକ୍ରିୟା

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ରାଜ୍ୟ ସଭା ସଦସ୍ୟଭାବେ ନିର୍ବାଚିତ ହେବାପରେ ପ୍ରଥମ ଥର ଲାଗି ରବିବାର ଓଡିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ତାଙ୍କୁ ଦଳ ପକ୍ଷରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଅରୁଣ କହିଛନ୍ତି ଯେ, ଭାଜପା ରାଜ୍ୟ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ସରିବ। ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସଭାପତି ନିର୍ବାଚନ ହେବ। ସଭାପତି ପଦ ପାଇଁ ଏକ ମତଦାତା ସୂଚୀ ତିଆରି କରାଯାଇଥାଏ। ଏଥିରେ ସମସ୍ତ ସାଙ୍ଗଠନିକ ଜିଲାର ସଭାପତି ଓ ରାଜ୍ୟ ପରିଷଦର ସଦସ୍ୟମାନେ ରହିଥାନ୍ତି। ଏହି ମତଦାତା ସୂଚୀର ସଦସ୍ୟମାନେ ରାଜ୍ୟ ସଭାପତି ବାଛିଥାନ୍ତି। ଭାଜପାରେ କେବଳ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି। ସଭାପତି କିଏ ହେବ ତାହା ଏବେଠାରୁ କହି ହେବନାହିଁ। ଏହି ମତଦାତା ସୂଚୀରେ ଥିବା ମତଦାତାମାନେ ଏନେଇ ସ୍ଥିର କରିବେ ବୋଲି ଅରୁଣ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦଳର ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ରବିବାର ସୁଦ୍ଧା ୧୭ ଜିଲାର ସଭାପତି ଚୟନ ପାଇଁ ପ୍ରକ୍ରିୟା ଶେଷ ହୋଇଯାଇଛି। ସୋମବାର ବାକି ୧୯ଟି ଜିଲା ସଭାପତି ଚୟନ ପ୍ରକ୍ରିୟା ସରିବ ବୋଲି ରାଜ୍ୟ ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ୧୭ ତାରିଖ ସୁଦ୍ଧା ଜିଲା ସଭାପତି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସରିବ। ଏହାପରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଡ୍ଡୀଙ୍କଠାରୁ ସମୟ ଲୋଡାଯିବ। ସେମାନେ ଯେବେ ସମୟ ଦେବେ ସେହି ଅନୁଯାୟୀ ରାଜ୍ୟ ସଭାପତି ନିର୍ବାଚନ କରାଯିବ। ଗତ ସପ୍ତାହରେ ୯ଟି ଗ୍ରୁପ୍ କରାଯାଇ ପ୍ରତ୍ୟେକଙ୍କୁ ୪ଟି ଲେଖାଏ ଜିଲାର ଦାୟିତ୍ୱ ବଣ୍ଟାଯାଇଥିଲା। କାହାକୁ କେଉଁ ଜିଲାର ସଭାପତି କଲେ ଭଲ ହେବ ସେ ନେଇ ସେହି ଗ୍ରୁପଗୁଡିକ କର୍ମୀଙ୍କ ସହ ଆଲୋଚନା କରି ମତାମତ ସଂଗ୍ରହ କରିଛନ୍ତି। ଅନ୍ୟପଟେ ରାଜ୍ୟସ୍ତରରେ ଏକ ୬ ଜଣିଆ ଗ୍ରୁପ କରାଯାଇଛି। ଉକ୍ତ ଗ୍ରୁପରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ, ସୁଦୀପ୍ତ ରାୟ, ସମୀର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ ଏବଂ ଭୃଗୁବକ୍ସି ପାତ୍ର ରହିଛନ୍ତି। ଏହି ଟିମ୍ ସହ ରବିବାର ବିଧାୟକ, ଏମ୍‌ପି, ଦଳର ସାଧାରଣ ସମ୍ପାଦକ ପ୍ରମୁଖ ଭେଟିଛନ୍ତି। ଏହି ପ୍ରକ୍ରିୟା ସରିବାପରେ ପୁନର୍ବାର ସବୁ ଜିଲାସ୍ତରରେ ଯେଉଁଠାରେ ଜଣେ ଲେଖା ସଭାପତି ଆବେଦନକାରୀ ଏବଂ ଦୁଇଜଣ ଲେଖା ଅଛନ୍ତି ସେହି ସ୍ଥାନଗୁଡିକର ସମୀକ୍ଷା କରାଯାଇ ଚୂଡାନ୍ତ ଜିଲା ସଭାପତି ରିପୋର୍ଟ ପ୍ରକାଶ ପାଇବ ବୋଲି ରାୟ କହିଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା ଘଟଣା

# ବିଚାର ବିଭାଗୀୟ ତଦନ୍ତ ଦାବି କଲା ଭାଜପା

ନବରଙ୍ଗପୁର,୧୫।୧୨(ବି.ପ୍ର.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପୂର୍ବତନ ଏମପି ବଳଭଦ୍ର ମାଝୀ ପୋଲିସ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସରକାର ୫-ଟି କରିଛନ୍ତି। ଏହା କେବଳ ପ୍ରହସନ। ନ୍ୟାୟ ବ୍ୟବସ୍ଥା ଭୁଶୁଡି ପଡିଛି। ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦିଆଯାଉ। ସ୍ଥାନୀୟ ଜିଲା ଜଜଙ୍କ ଦ୍ୱାରା ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ମାଝି ଦାବି କରିଛନ୍ତି।

ଅନ୍ୟପକ୍ଷରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ଉପଜିଲାପାଳ ଭାସ୍କର ରଇତୋ, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସମେତ ପରିବାର ଲୋକ ମୃତଦେହକୁ କାନ୍ଧ ଦେଇ ଶ୍ମଶାନରେ ପହଞ୍ଚିଥିଲେ। ସେଠାରେ ଖ୍ରୀଷ୍ଟ ସମ୍ପ୍ରଦାୟର ରୀତିନୀତିରେ ସତ୍କାର କରାଯାଇଥିଲା। ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଏଚ ହୃଦାନନ୍ଦ, ପାପଡାହାଣ୍ଡି ଏସଡିପିଓ, କୋଷାଗୁମୁଡା ଭାରପ୍ରାପ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଓ ଗୃହ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଘଟଣା ସ୍ଥଳରେ ଆଉ ଏକ ପ୍ୟାଣ୍ଟ ପଡିଥିବା ଜଣା ପଡିବା ପରେ ପୁଣି ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଥିଲା। ତେବେ ସନ୍ଧାନୀ କୁକୁର ପୁଣି କୋଟପାଡ ଥାନା ବଡକୁହୁଡି ଗାଁକୁ ଯାଇଥିଲା। ଏହି ଘଟଣାରେ କୋଟପାଡ ବ୍ଲକ ବଡ କୁହୁଡି ଗ୍ରାମର ୨ ଜଣ ଯୁବକଙ୍କୁ ପୋଲିସ କୋଟପାଡ ଥାନାରେ ଶନିବାର ଅଟକ ରଖିଥିଲା। ଏହାକୁ ବିରୋଧ କରି ଅଟକ ଯୁବକଙ୍କ ପରିବାର ପକ୍ଷରୁ କୋଟପାଡ଼ ଥାନା ସମ୍ମୁଖ ଜାତୀୟ ରାଜପଥରେ ରାସ୍ତାରୋକ କରାଯାଇଥିଲା। ଅଟକ ଯୁବକ ନିର୍ଦ୍ଦୋଷ ଏବଂ ତାଙ୍କ ବିରୋଧରେ କୌଣସି ପ୍ରମାଣ ନଥିବା ଦର୍ଶାଇ ତୁରନ୍ତ ଛାଡିବାକୁ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଯାନବାହାନ ଅଟକି ରହିଥିଲା। ଖବର ପାଇ ବୋରିଗୁମ୍ମା ଏସଡ଼ିପିଓ ହରେକୃଷ୍ଣ ମାଝୀ, ଥାନା ଅଧିକାରୀ ଉଲ୍ଲାସ ମାଝୀ ପ୍ରମୁଖ ଅବରୋଧକାରୀଙ୍କୁ ବୁଝାଇ ରାସ୍ତା ଅବରୋଧ ହଟେଇ ଥିଲେ। ରବିବାର କୋଷାଗୁମୁଡା ପୋଲିସ ଉକ୍ତ ଯୁବକଙ୍କୁ ନବରଙ୍ଗପୁର ଥାନାକୁ ଆଣି ପଚରାଉଚରା କରୁଛି।

## ଆଜି କ'ଣ କେଉଁଠି

**ବୌଦ୍ଧ**

■ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଧନୁଯାତ୍ରା ଓ କଂସବଧ ନାଟ୍ୟୋତ୍ସବର ସପ୍ତମ ସନ୍ଧ୍ୟା, ଭୈରବୀ ପଡିଆ, ସନ୍ଧ୍ୟା ୬ଟା ।

■ତୃତୀୟ ଗଡଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ପଡିଆ, ଅପରାହ୍ନ ୫ଟା ।

**କର୍ଲାମୁଣ୍ଡା**

■ତେରେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ**

■ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ଟାଙ୍ଗରପାଲି ବ୍ଲକ କାର୍ଯ୍ୟାMଳୟ, ସ୍କୁଲ ପରିସର, ପୂର୍ବାହ୍ନ ୧୦।୩୦ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ତାଳସାରୀ ବେଳାଭୂମିରୁ ମୃତ ଡଲଫିନ ଉଦ୍ଧାର

ଜଳେଶ୍ୱର/ଭୋଗରାଇ, ୧୫।୧୨(ଡି.ଏନ.ଏ.)



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ର ବେଳାଭୂମିରୁ ଏକ ମୃତ ଡଲଫିନ୍ ଉଦ୍ଧାର ହୋଇଛି। ରବିବାର ସକାଳେ ମାଛ ଧରିବାକୁ ଯାଇଥିବା ସ୍ଥାନୀୟ ଲୋକେ ଓ ମତ୍ସ୍ୟଜୀବୀମାନେ ବେଳାଭୂମିରେ ମୃତ ଡଲ୍‌ଫିନ୍‌କୁ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଏହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ଏହା ଏକ ନାକୁଆ ଡଲଫିନ୍ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ଡଲଫିନ୍ ଓଡ଼ିଶା ଉପକୂଳରେ ଅଧିକ ଦେଖାଯାଆନ୍ତି। ମାଛଧରା ଷ୍ଟିମର ଓ ଯନ୍ତ୍ରଚାଳିତ ଡଙ୍ଗା ଆଘାତରେ ମୃତ୍ୟୁବରଣ କରିଥିବା କୁହାଯାଉଛି। ବିଭିନ୍ନ ସମୟରେ ବହୁ ସାମୁଦ୍ରିକ ଜୀବ ମତ୍ସ୍ୟଜୀବୀମାନଙ୍କ ମୋଟରଚାଳିତ ଡଙ୍ଗା ଓ ଷ୍ଟିମର ଫ୍ୟାନ୍‌ବେଲ୍ଟ ଆଘାତରେ ମୃତ୍ୟୁବରଣ କରୁଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।

## ଶେଷ ସମିଆରେ ମିଲ୍‌ଲା ଭତା

# ଜୀବନ ମରନ୍ ସଂଗେ ଯୁଝୁଛନ୍ ହେମ



ପରିବାର ଲୋକ୍ ହେମକଁର ଭତା କାଗଜ୍‌ପତର ଦେଖଉଛନ୍।

ଅତାବିରା, ୧୫।୧୨ (ଡି.ଏନ୍.ଏ.)

ଧରିତ୍ରୀ ପ୍ରଭାବ

ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଯୋଜନାକେ କାଯ୍‌କାରୀ କରୁଥିବାର ଅଧିକାରୀ, କରମ୍‌ଚାରୀକଁର ଆଁତରିକତା ଅଭାବୁ ଅନେକ ଲୋକ୍ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା କି ସେମାନେ ମଲା ସମିଆ ତକ୍ ସରକାରୀ ସୁବିଧାରୁ ବଁଚିତ୍ ରହୁଛନ୍। ଏନ୍‌ତା ଗୁଟେ ତାଜା ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍‌ରେ। ସୂଚନା ହିସାବେ ଦେଶଭଟିଲି ପଁଚେତ୍ ଉଦେପୁର ଗାଁର ହେମ ଦନ୍ତା (୮୦)। ଆପ୍‌ନେ ଅନେକ ବଛର ହେଲା ଆରପାରକେ ଚାଲିଯାଇଛନ୍। ସେନ୍‌ତା ବଏସ୍ ଅଧିକା ଲାଗି ହେମ ବି ଠିକ୍‌ସେ ଚାଲବୁଲ କରି ନାଇଁ ପାରୁଥାଇ। ହେଲେ ସେ ସରକାରକଁର ଭତା ଯୋଜନାରୁ ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଅକ୍ଟୋବର ମାସେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲାରୁ ଭେଡ଼େନ ବ୍ଲକ ବିଡିଓ ମୁରଲୀଧର ନାୟକକଁର ନିରଦେଶରେ ପଁଚେତ୍ କତୁରପକ୍ଷ ହେମକୁଁ ଭତା ଯୁଗେଇ ଦେବାର ଲାଗି ପଦକ୍ଷେପ ନେଇଥିଲେ। ହେଲେ ଏହେଦେ ବୁଢ଼ୀ ହେମକଁର ଦିହିପା ବହୁତ୍ ଖରାପ ଅଛେ। ସେ ଖଟେ ପଡ଼ି ରହିଛନ୍। ଦେଖି ନାଇଁ ପାରବାର କି ଶୁନି ନାଇଁପାରବାର। ଘରର ଲୋକ୍ ନାକ୍‌ବାଟେ ପାଇପ୍‌ରେ ତରଲ ଖାଏଦ୍ ଦେଉଛନ୍। ଗୁଟେପରକାର ଏହେଦେ ସେ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। କେତେବେଲେ କାଣା ହେବା କିଛି କହି ନାଇଁ ହେବାର। ଇ ସମିଆରେ ରଏବାର ବିଭାଗୀୟ କରମ୍‌ଚାରୀମାନେ ହେମକଁର ଘରେ ପୁହୁଁଚି ତାହାକୁ ନଭେମ୍ବର ମାସର ୫ଶହ ଟଁକା ଭତା ଆର ପାସ୍ ବହି ଦେଇଛନ୍।

## ସଂକ୍ଷେପରେ

### ମୁମ୍ବାଇ ସିଟି ଏଫ୍‌ସି ଦଣ୍ଡିତ

ମୁମ୍ବାଇ, ୧୫।୧୨ (ପି.ଟି.)- ମ୍ୟାଚ ଅଫିସିଆଲଙ୍କୁ ଦୁର୍ବ୍ୟବହାର ପାଇଁ ମୁମ୍ବାଇ ସିଟି ଏଫ୍‌ସିର ୧୮ ବର୍ଷରୁ କମ୍ ଫୁଟ୍‌ବଲ ଦଳ ଦଣ୍ଡିତ ହୋଇଛି। ମୁମ୍ବାଇ ଡିଷ୍ଟ୍ରିକ୍ଟ ଫୁଟ୍‌ବଲ ଆସୋସିଏଶନ (ଏମ୍‌ଡିଏଫ୍‌ଏ)ର ଶୃଙ୍ଖଳାକମିଟି ଏହି ଟିମ୍‌କୁ ଚଳିତ ସିଜନର ଅବଶିଷ୍ଟ ପାଇଁ ସସ୍‌ପେଣ୍ଡ କରିଥିବାବେଳେ ୧୦ ଲକ୍ଷ ଟଙ୍କା ଜରିମାନା କରିଛି। ବୁଧବାର ଏକ ଏଲିଟ୍ ଡିଭିଜନ ମ୍ୟାଚ ପରେ ମୁମ୍ବାଇ ସିଟି ଏଫ୍‌ସି ୧୮ ବର୍ଷରୁ କମ୍ ଦଳର ଖେଳାଳି ଏବଂ ସହାୟକ ଷ୍ଟାଫ୍‌ମାନେ ଆସିଷ୍ଟାଣ୍ଟ ମ୍ୟାଚ ରେଫରି ଉମେଶ ପଟେଲଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଗୋଲକିପଂ କୋଚ୍ ଅବ୍‌ଦୁଲ କାଦିର, ଫିଜିଓ ଜୟ୍ ସିଂ, କୋଚ୍ ମୋହାନ ଦାସ, ଆସିଷ୍ଟାଣ୍ଟ କୋଚ୍ ସୁପ୍ରିତ୍ ଜାଠ୍‌ନା ଏବଂ ୧୦ଜଣ ଖେଳାଳିଙ୍କୁ ସସ୍‌ପେଣ୍ଡ କରାଯିବା ସହ ଜରିମାନା କରାଯାଇଛି।

### ମୋମୋତାଙ୍କୁ ବର୍ଷରେ ୧୧ ଟାଇଟଲ

ଶାଂଘାଇ, ୧୫।୧୨ (ଏଏଫ୍‌ପି)- ବିଶ୍ୱର ନମ୍ବର ୱାନ ଖେଳାଳି କେଣ୍ଟୋ ମୋମୋତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଜାପାନର ଏହି ଖେଳାଳି ୮ମ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ଇଣ୍ଡୋନେସିଆର ଆଣ୍ଟୋନୀ ସିନିସୁକା ଗିନ୍‌ଟିଙ୍ଗଙ୍କୁ ୧୭-୨୧, ୨୧-୧୭, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୮୭ ମିନିଟ ଧରି ଖେଳାଯାଇଥିଲା। ଏହି ବିଜୟ୍ ଦ୍ୱାରା ମୋମୋତା ଚଳିତ ବର୍ଷ ତାଙ୍କର ୧୧ତମ ଟାଇଟଲ ହାସଲ କରିପାରିଛନ୍ତି। ଅନ୍ୟପକ୍ଷରେ ଏହାକୁ ମିଶାଇ ୨୩ ବର୍ଷୀୟ ଗିନ୍‌ଟିଙ୍ଗଙ୍କର ଚଳିତ ବର୍ଷ ଖେଳିଥିବା ସମସ୍ତ ୫ଟି ଫାଇନାଲରେ ପରାସ୍ତ ହୋଇଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ତଥା ୨୫ବର୍ଷୀୟ ମୋମୋତା ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ଗେମ୍‌ରେ ବିଜୟ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ଗେମ୍‌ରେ ଗିନ୍‌ଟିଙ୍ଗ୍ ତାଙ୍କଠାରୁ ୧୭-୧୪ରେ ପଛୁଆ ରହିଥିବାବେଳେ ଡାହାଣ ପାଦରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଆଶୁ ଚିକିତ୍ସା ପାଇଁ ପଡ଼ିଆକୁ ଡାକ୍ତର ଆସିଥିଲେ। ଇଣ୍ଡୋନେସିଆ ଖେଳାଳି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ମୋମୋତା ଏହାର ଫାଇଦା ଉଠାଇ ସିଜନ ଶେଷ ଟୁର୍ନାମେଣ୍ଟକୁ ଷ୍ଟାଇଲରେ ଜିତିନେଇଥିଲେ।

### ତସନିମ୍‌ଙ୍କୁ ସ୍ୱର୍ଣ୍ଣ, ତାରାଙ୍କୁ ରୌପ୍ୟ

ସୁରାବାୟା (ଇଣ୍ଡୋନେସିଆ), ୧୫।୧୨ (ପି.ଟି.)-ଏଠାରେ ଚାଲିଥିବା ୧୭ ବର୍ଷରୁ କମ ଏବଂ ୧୫ ବର୍ଷରୁ କମ ଏସିଆ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତୀୟ ଖେଳାଳି ତସନିମ୍ ମୀର୍ ପ୍ରଥମ ଥର ୧୫ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ନିଜ ଦେଶର ତାରା ଶାହଙ୍କୁ ୧୭-୨୧, ୨୧-୧୧, ୨୧-୧୧ରେ ପରାସ୍ତ କରିଛନ୍ତି। ଏହି ବିଜୟ ଦ୍ୱାରା ତସନିମ ସ୍ୱର୍ଣ୍ଣ ଏବଂ ତାରାଙ୍କୁ ରୌପ୍ୟ ମିଳିଛି। ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣ ମ୍ୟାନମାରରେ ହୋଇଥିଲା। ଏଥିରେ ଏହି ଦୁଇ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ। ତସନିମ ଓ ତାରା ଉଭୟେ ଶନିବାର ସେମାନଙ୍କ ସେମିଫାଇନାଲ ମୁକାବିଲାରେ ଜାପାନିଜ ଖେଳାଳିଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ତସ୍‌ନିମ ୨୧-୧୬, ୨୧-୧୧ରେ ସୋରା ଇସିଓକାଙ୍କୁ ଏବଂ ତାରା ୨୧-୧୮, ୨୧-୧୪ରେ କାଜୁନେ ଇୱାତୋଙ୍କୁ ପରାସ୍ତ କରି ଫାଇନାଲଙ୍କୁ ଉନ୍ନୀତ ହୋଇଥିଲେ।

ଟି୨୦ ବିଶ୍ୱକପ୍ ପାଇଁ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଭାରତୀୟ ଦଳରେ ସ୍ଥାନ ପାଇବେ ବୋଲି ମୋର ଦୃଢ ବିଶ୍ୱାସ।
**-ଡ୍ୱେନ ବ୍ରାଭୋ, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର**



ଟି୨୦ ବିଶ୍ୱକପ୍ ପୂର୍ବରୁ ଏବି ଡି'ଭିଲର୍ସଙ୍କ ସମେତ କେତେଜଣ ଅବସରପ୍ରାପ୍ତ ଖେଳାଳିଙ୍କୁ ଫେରିବା ଲାଗି ହୁଏତ ମୁଁ ପ୍ରବର୍ତ୍ତାଇ ପାରେ।
**-ମାର୍କ ବାଉଚର, ଦକ୍ଷିଣ ଆଫ୍ରିକା କ୍ରିକେଟ କୋଚ୍**



■ ପ୍ରଥମ ଦିନିକିଆ: ହେଟମେର, ହୋପ୍‌ଙ୍କ ଶତକ

# ୱେଷ୍ଟଇଣ୍ଡିଜର ସହଜ ବିଜୟ

ଚେନ୍ନାଇ, ୧୫।୧୨

ମ୍ୟାନ୍ ଅଫ୍ ଦି ମ୍ୟାଚ ଶିମରନ ହେଟମେର ଓ ଶାଇ ହୋପ୍‌ଙ୍କ ଶତକ ଏବଂ ଦ୍ୱିଶତକୀୟ ଭାଗୀଦାରି ସହାୟତାରେ ୱେଷ୍ଟଇଣ୍ଡିଜ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ସହଜ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୮ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ୪୭.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ୨୯୧ ରନ ସଂଗ୍ରହ କରି ନେଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ ୧–୦ରେ ଅଗ୍ରଣୀଲାଭ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ହେଟମେର ୧୦୬ ବଲ୍‌ରୁ ସର୍ବାଧିକ ୧୩୯(୧୧ ଚୌକା, ୭ ଛକା) ରନ କରି ଆଉଟ ହୋଇଥିବାବେଳେ ହୋପ୍ ୧୫୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୧୦୨ ରନରେ ଅପରାଜିତ ରହିଥିଲେ। ହୋପ୍‌ଙ୍କ ସହିତ ନିକୋଲାସ ପୁରନ ୨୯ ରନରେ ଅପରାଜିତ ଥିଲେ। ୱେଷ୍ଟଇଣ୍ଡିଜ ମାତ୍ର ୧୧ ରନରେ ସୁନୀଲ ଆମ୍ବ୍ରିସ(୯)ଙ୍କ ଉଇକେଟ ହରାଇଥିଲେ ହେଁ ହୋପ୍ ଓ ହେଟମେର ଦ୍ୱିତୀୟ ଉଇକେଟରେ ୨୧୮ ରନର ଭାଗୀଦାରି ଗଢ଼ି ଦଳପାଇଁ ବିଜୟ ପଥ ପରିଷ୍କାର କରିଥିଲେ। କୌଣସି ଭାରତୀୟ ବୋଲର ଏ ଦୁଇ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇପାରି ନ ଥିଲେ। ମହମ୍ମଦ ଶାମି ୩୮.୪ ଓଭରରେ ହେଟମେରଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ହେଁ ସେତବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା। ହେଟମେରଙ୍କ ଆଉଟ ପରେ ହୋପ୍ ଓ ପୁରନ ଅସମାପ୍ତ ୩ୟ ଉଇକେଟ ଯୋଡ଼ିରେ ୬୨ ରନ ଯୋଗ କରି ଆହୁରି ୧୩ଟି ବଲ୍ ବାକିଥାଇ ମ୍ୟାଚର





ଦୁଇ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ଶିମରନ ହେଟମେର ଓ ଶାଇ ହୋପ୍।

ପରିସମାପ୍ତି ଘଟାଇଥିଲେ। ଭାରତ ପକ୍ଷରୁ ଦୀପକ ଚହର ଓ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବୋଲରମାନେ ଅଧିନାୟକ କିରନ ପୋଲାର୍ଡଙ୍କ ନିଷ୍ପତ୍ତିକୁ ଉଚିତ ମଧ୍ୟ ସାବ୍ୟସ୍ତ କରିଥିଲେ। ଭାରତ ସ୍କୋର ୨୧ ଥିବାବେଳେ ଲୋକେଶ ରାହୁଲ ଏବଂ ୨୫ ହୋଇଥିବାବେଳେ ଅଧିନାୟକ ବିରାଟ କୋହଲିଙ୍କ ପ୍ରାଇଜ୍ ଉଇକେଟ ନେଇ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଶେଲଡନ କଟ୍ରେଲ। ଭଲ ଆରମ୍ଭ କରିଥିବା ରୋହିତ ଶର୍ମା ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୫୬ ବଲ୍‌ରୁ ୬ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହୋଇଥିଲେ। ତେବେ ୪ ନମ୍ବର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଏବଂ ଚାପରେ ଥିବା ରିଷଭ ପନ୍ତ ୪ର୍ଥ ଉଇକେଟରେ ୧୧୪ ରନର ଭାଗୀଦାରି ଗଢ଼ି ଦଳକୁ ସଙ୍କଟ ପରିସ୍ଥିତିରୁ ଉଦ୍ଧାର କରିଥିଲେ। ୩୬.୪ ଓଭରରେ ଭାରତ ସ୍କୋର ୧୯୪ ହୋଇଥିବାବେଳେ ଆୟାରଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜୋସେଫ। ୮୮ଟି ବଲ୍‌ର ସାମ୍ନା କରିଥିବା ଆୟର ୫ ଚୌକା ଓ ୧ ଛକା ସହାୟତାରେ ୭୦ ରନ ସ୍କୋର କରିଥିଲେ। ସ୍ୱାଭାବିକ ଷ୍ଟାଇଲରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିବା ରିଷଭ ଏଠାରେ କ୍ୟାରିୟର ପ୍ରଥମ ଶତକ ହାସଲ କରିବା ଆଶା କରାଯାଉଥିଲା। ମାତ୍ର ସେ ୬୯ ବଲ୍‌ରୁ ୭୧(୭ ଚୌକା, ୧ ଛକା) ରନ କରିଥିବାବେଳେ ପୋଲାର୍ଡଙ୍କ ଏକ ସ୍ଲୋ ବଲ୍‌କୁ ଅଫ୍ କଟର ଖେଳିବାକୁ ଯାଇ ଡିପ୍ ସ୍କୋୟାରଲେଗ୍‌ରେ ଶିମରନ ହେଟମେରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଭାରତ ୪୫ ଓଭରରେ ୨୫୦ ଅତିକ୍ରମ କରିଥିବାରୁ ୩୦୦ ରନ ସ୍ପର୍ଶ କରିବା ଆଶା କରାଯାଉଥିଲା। ମାତ୍ର ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରମାନେ ଶେଷ ଭାଗରେ ଆକର୍ଷଣୀୟ ବୋଲିଂ କରିବାରୁ ଭାରତୀୟ ସ୍କୋର ୫୦ ଓଭରରେ ୨୮୭/୮ରେ ସୀମିତ ରହିଥିଲା। କେଦାର ଯାଦବ ୩୫ ବଲ୍‌ରୁ ୪୦(୩ ଚୌକା, ୧ ଛକା) ଓ ରବୀନ୍ଦ୍ର ଜାଡେଜା ୨୧ ବଲ୍‌ରୁ ୨୧(୨ ଚୌକା) ରନ କରିଥିବାବେଳେ ଶିବମ୍ ଦୁବେ ମାତ୍ର ୯ ରନ କରି ଆଉଟ ହୋଇ ଯାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କଟ୍ରେଲ, କେମୋ ପଲ୍ ଓ ଆଲଜାରି ଜୋସେଫ ୨ଟି ଲେଖାଏ ଏବଂ କିରନ ପୋଲାର୍ଡ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୨୮୭/୮(ପନ୍ତ–୭୧, ଆୟାର–୭୦, କେଦାର–୪୦, ରୋହିତ–୩୬, କଟ୍ରେଲ–୨/୪୬, ପଲ୍–୨/୪୦, ଜୋସେଫ–୨/୪୫, ପୋଲାର୍ଡ–୧/୨୮)।

ୱେଷ୍ଟଇଣ୍ଡିଜ ୪୭.୫ ଓଭରରେ ୨୯୧/୨(ହେଟମେର–୧୩୯, ହୋପ୍–୧୦୨*, ଚହର–୧/୪୮, ଶାମି–୧/୫୭)।




## ଆଜି ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ୍

କଟକ ଅଫିସ,୧୫।୧୨

ଭାରତ–ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ସୋମବାରଠାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସହ ଅନୁବନ୍ଧିତ ୟୁନିଟ୍ ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ଓସିଏ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଏହି ପ୍ରକ୍ରିୟା ଚାଲିବ। ବିସିସିଆଇ ପ୍ରାୟୋଜକଙ୍କ ସମେତ ଓସିଏ ସହ ଅନୁବନ୍ଧିତ ଥିବା ସମସ୍ତ ଜିଲା ସଂଘ, କ୍ଲବ, ସ୍କୁଲ, କଲେଜ ପାଇଁ ମୋଟ୍ ୮୯୪୬ଟି ଟିକେଟ ରଖାଯାଇଛି। ପ୍ରତ୍ୟେକ ୟୁନିଟ୍‌କୁ ପ୍ରତ୍ୟେକ ଗ୍ୟାଲେରୀରୁ ୧୦ଟି ଲେଖାଏ ଟିକେଟ ବିକ୍ରି ନିମନ୍ତେ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଅନ୍ୟ ସ୍ଥାନଗୁଡ଼ିକରୁ ମଧ୍ୟ କିଛି ସଂଖ୍ୟାରେ ଟିକେଟ୍ ଅନୁବନ୍ଧିତ ୟୁନିଟ୍ ଗୁଡ଼ିକ କିଣିବେ।

■ ଶ୍ରୀକୃଷ୍ଣ ବିଶ୍ୱାଳ ସ୍ମାରକୀ ଫୁଟ୍‌ଭଲି

## କନ୍ଧମାଳ ପୁରୁଷ, ଯାଜପୁର ମହିଳା ଚାମ୍ପିୟନ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସିଟି କ୍ଲବ ନୟାପଲ୍ଲୀ ଏବଂ ଓଡ଼ିଶା ଫୁଟ୍‌ଭଲି ଆସୋସିଏଶନ ଆନୁକୂଲ୍ୟରେ ମମତାଜ ଅଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ୟ ବାର୍ଷିକ ଫୁଟ୍‌ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମହିଳା ବିଭାଗ ଫାଇନାଲରେ ଯାଜପୁର ୧୫–୮, ୧୫–୯ରେ କଟକକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗରେ କନ୍ଧମାଳ ୧୫–୧୨, ୧୫–୫ ପଏଣ୍ଟରେ ଢେଙ୍କାନାଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରୁଷ ବିଭାଗରେ ରୁପାନ୍ତ ଦେହୁରୀ (କନ୍ଧମାଳ)ଏବଂ ମହିଳା ବିଭାଗରେ ଶାନ୍ତି ଭୋଇ(ଯାଜପୁର) ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। କଟକର ମୋନାଲିସା ନାୟକ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ନଟବର ସାମନ୍ତରାୟ, ଦିବାକର ଜେନା, ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବିନୀ ଦାସ, ସୌର୍ଯ୍ୟ ରଞ୍ଜନ ପରିଜା, ଫୁଟ୍‌ଭଲି ଆସୋସିଏଶନର ସଭାପତି ଦିଲୀପ କୁମାର ପ୍ରଧାନ, ସମ୍ପାଦକ ପ୍ରସନ୍ନ ରାଉତ କ୍ରୀଡ଼ା ସଂଗଠକ ସହଦେବ ରାଉତ, ଭାଗ୍ୟଧର ଜଗଦେବ, କୋଚ୍ ନନ୍ଦକିଶୋର ପଟ୍ଟନାୟକ, ସମରେନ୍ଦ୍ର ଜେନା, ମହିଳା ଫୁଟ୍‌ବଲର ସମ୍ପାଦିକା ସଙ୍ଗୀତା ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

# ଆଜିଠାରୁ ସର୍ବଭାରତୀୟ ପୋଲିସ ହକି

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

 କଳିଙ୍ଗ ଷ୍ଟାଡିୟମରେ ଆଉଏକ ବଡ଼ ହକି ଟୁର୍ନାମେଣ୍ଟ। ଏଥର କୌଣସି ଦେଶ ନୁହେଁ, ଭାରତର ବିଭିନ୍ନ ପୋଲିସ ଟିମ୍ ମଧ୍ୟରେ ହେବ ଲଢେଇ। ଅଲ୍ ଇଣ୍ଡିଆ ପୋଲିସ କଣ୍ଟ୍ରୋଲ ବୋର୍ଡ ଆନୁକୂଲ୍ୟରେ ଓଡିଶା ପୋଲିସ ପକ୍ଷରୁ ପ୍ରଥମଥର ପାଇଁ ସୋମବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ୬୮ତମ ସର୍ବଭାରତୀୟ ପୋଲିସ ହକି ଚମ୍ପିୟନଶିପ। ଏଥର ଏହି ଚାମ୍ପିୟନଶିପ୍‌ରେ ଭାଗନେଇଛନ୍ତି ବିଭିନ୍ନ ରାଜ୍ୟ ପୋଲିସ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍ମି ସମେତ ଦେଶର ୨୫ ଟିମ୍‌ର ୫ଶହ ଖେଳାଳି। ସେହିଭଳି ୨ଶହ କ୍ରୀଡା ପ୍ରଶାସକ ଓ ପ୍ରଶିକ୍ଷକ ମଧ୍ୟ ଏଥିରେ ଯୋଗଦେଇଛନ୍ତି। ଲିଗ୍ କମ୍ ନକ୍ ଆଉଟ ଆଧାରରେ ଖେଳ ହେବ। ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହଯୋଗ କରୁଥିବାବେଳେ ରାଜ୍ୟ ସରକାରଙ୍କ କ୍ରୀଡା ମାସ୍କଟ 'ଓଲି'କୁ ଏହି ପ୍ରତିଯୋଗିତାର ମାସ୍କଟ ଭାବେ ଗ୍ରହଣ କରାଯାଇଛି। ରବିବାର ପୋଲିସ ଭବନରେ ଚାମ୍ପିୟନଶିପ୍‌ର ଲୋଗୋ ଓ ମାସ୍କଟ 'ଓଲି'କୁ ଡିଜିପି ଅଭୟ ବିଭିନ୍ନ ରାଜ୍ୟର ପୋଲିସ ହକି ଟିମ୍ ଅଫିସିଆଲଙ୍କ ଉପସ୍ଥିତିରେ ଉନ୍ମୋଚନ କରିଛନ୍ତି। ପଞ୍ଜାବ ଜଲନ୍ଧରରେ ଖେଳାଯାଇଥିବା ୬୭ତମ ଚାମ୍ପିୟନଶିପ୍‌ରେ ସିଆରପିଏଫ୍ ହକି ଟିମ୍ ଚାମ୍ପିୟନ ଓ ବିଏସ୍‌ଏଫ୍ ଟିମ୍ ରନର୍ସ ଅପ୍ ହୋଇଥିଲା। ପଞ୍ଜାବ ଟିମ୍ ତୃତୀୟ ସ୍ଥାନରେ ଥିଲାବେଳେ ଓଡିଶା ପୋଲିସ ହକି ଟିମ୍ ସେମିଫାଇନାଲରୁ ହାରି ୪ର୍ଥ ସ୍ଥାନ ଅକ୍ତିଆର କରିଥିଲା। କିନ୍ତୁ ଏଥର ଟାଇଟଲ୍ ଆଶା ରଖିଛି ଓଡ଼ିଶା ପୋଲିସ ହକି ଟିମ୍। ଦମ୍‌ଦାର ଡିଫେଣ୍ଡର ସହ ଜବରଦସ୍ତ ଫରୱାର୍ଡ ପ୍ଲେୟାର ଓ ପାୱାରଫୁଲ ଗୋଲ୍ କିପର ଟିମ୍ ପାଇଁ ଏଭଳି ସୁଯୋଗ ଆଣିବ ବୋଲି କୁହାଯାଉଛି। ପୁଣି ହୋମ୍‌ଗ୍ରାଉଣ୍ଡ ଓ ହୋମ୍ କ୍ରାଉଡ୍‌ରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ ରହିଛନ୍ତି ଓଡିଶା ପୋଲିସ ହକି ଟିମ୍‌ର ଖେଳାଳି। ଚାମ୍ପିୟନଶିପ୍‌ରେ ସୁପରିଚାଳନା ପାଇଁ ଭୁବନେଶ୍ୱରସ୍ଥିତ ଓଏସ୍‌ଏପି ମୁଖ୍ୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସେଲ୍ ଖୋଲାଯାଇଛି। ଆସିଥିବା ଖେଳାଳି, କୋଚ୍, ଅଧିକାରୀ ଓ ଅତିଥିଙ୍କ ରହଣି ପାଇଁ ବିଭିନ୍ନ ସ୍ଥାନରେ ବ୍ୟବସ୍ଥା ହୋଇଛି। ସୋମବାର ସକାଳ ୯ଟାରେ ୭ମ ଓଏସ୍‌ଏପି ବାଟାଲିୟନ ପରିସରରେ ଉଦ୍‌ଘାଟନ ଓ ୨୪ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।




ପୋଲିସ ଡିଜି ଅଭୟ ହକି ଟିମ୍ ଅଧିକାରୀଙ୍କ ସହ ଚାମ୍ପିୟନଶିପ୍ ଲୋଗୋ ଉନ୍ମୋଚନ କରୁଛନ୍ତି।

■ କଳିଙ୍ଗଷ୍ଟାଡିୟମରେ ମୁହାଁମୁହିଁ ହେବେ ୨୫ ଟିମ୍

■ ଟାଇଟଲ୍ ଆଶା ରଖିଛି ଓଡ଼ିଶା ପୋଲିସ ହକି

■ ୭ମ ବାଟାଲିୟନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ

# ଆବିଦ୍‌ଙ୍କ ବିରଳ କୀର୍ତ୍ତିମାନ

ରାୱଲପିଣ୍ଡି, ୧୫।୧୨ (ଏଏଫ୍‌ପି)

ଦୀର୍ଘ ଏକ ଦଶନ୍ଧି ପରେ ପାକିସ୍ତାନ ଏହାର ଘରୋଇ ମାଟିରେ ଖେଳିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଡ୍ର'ରେ ଶେଷ କରିଛି। ଶ୍ରୀଲଙ୍କା ବିପକ୍ଷ ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ରବିବାର ଅନ୍ତିମ ତଥା ୫ମ ଦିବସରେ ବିନା ଫଳାଫଳରେ ସମାପ୍ତ ହୋଇଛି। ମ୍ୟାଚ୍ ଡ୍ର' ରହିଥିଲେ ମଧ୍ୟ ଘରୋଇ ପାକିସ୍ତାନ ଓପନର୍ ଆବିଦ୍ ଅଲି ଏକ ବିରଳ କୀର୍ତ୍ତିମାନ ହାସଲ କରିଛନ୍ତି। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଆବିଦ୍ ଉଭୟ ଦିନିକିଆ ଓ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ କରାଚୀରେ ୧୯ରୁ ଆରମ୍ଭ ହେବ।

୩୨ ବର୍ଷୀୟ ଆବିଦ୍ ୯୫ ରନ କରିଥିବାବେଳେ ବିଶ୍ୱ ଫର୍ନାଣ୍ଡୋଙ୍କ ବଲ୍‌ରୁ ଚୌକା ଓ ଡବଲ୍ ନେଇ ୧୧ତମ ପାକିସ୍ତାନ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ। ୧୦୯ ରନର ଅପରାଜିତ ଇନିଂସ ମଧ୍ୟରେ ସେ ୧୧ ଚୌକା ମାରିଥିଲେ। ପୂର୍ବରୁ ଆବିଦ ଗତ ମାର୍ଚ୍ଚରେ ଦୁବାଇଠାରେ ଅଷ୍ଟ୍ରେଲିଆ ବିପକ୍ଷ ପଦାର୍ପଣ ଦିନିକିଆ ମ୍ୟାଚରେ ମଧ୍ୟ ଶତକ ଅର୍ଜନ କରିଥିଲେ। ବିଶ୍ୱର ୧୫ତମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆ ପଦାର୍ପଣରେ ଶତକ ମାରିଥିଲେ ମଧ୍ୟ ତାଙ୍କୁ ଛାଡ଼ି ଅନ୍ୟମାନେ କେହି ଟେଷ୍ଟ ପଦାର୍ପଣରେ ଏହି ସଫଳତାକୁ ଦୋହରାଇ ପାରି ନ ଥିଲେ। ଏହି ମ୍ୟାଚ୍‌ରେ ମଧ୍ୟ ବାବର ଆଜମ ୧୦୨ ରନର ଅପରାଜିତ ଇନିଂସ ଖେଳିଥିଲେ। ପାକିସ୍ତାନ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୨୫୨ ରନ କରିଥିବାବେଳେ ମ୍ୟାଚ୍‌କୁ ଡ୍ର' ରଖାଯାଇଥିଲା। ପୂର୍ବରୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬ ଉଇକେଟ୍ ହରାଇ ୩୦୮ ରନ କରି ଇନିଂସ ଘୋଷଣା କରିଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ର ପ୍ରଥମ ୪ ଦିନରେ ମାତ୍ର ୯୧.୫ ଓଭର ଖେଳ ସମ୍ଭବପର ହୋଇପାରି ଥିଲା। ତୃତୀୟ ଦିବସ ସୁଦ୍ଧା ଶ୍ରୀଲଙ୍କା ୬ ଉଇକେଟ୍ ହରାଇ ୨୮୨ ରନ କରିଥିଲା। ବର୍ଷା ଯୋଗୁ ଶନିବାର ଗୋଟିଏ ବି ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ରବିବାର ଧନଞ୍ଜୟ ଡି ସିଲ୍‌ଭା (୧୦୨*)ଙ୍କ ଶତକ ହାସଲ ପରେ ଶ୍ରୀଲଙ୍କା ୩୦୮/୬ରେ ଏହାର ଇନିଂସ ଘୋଷଣା କରିଥିଲା। ସ୍ମରଣଯୋଗ୍ୟ, ୨୦୦୯ରେ ଏକ ଟେଷ୍ଟ ମ୍ୟାଚ୍ ସମୟରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ବସ ଉପରକୁ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ କୌଣସି ଦେଶ ଖେଳିଯିବାକୁ ରାଜି ହେଉ ନ ଥିଲେ।

ରାୱଲପିଣ୍ଡି ଟେଷ୍ଟ



ଆବିଦ୍ ଅଲି

ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମ ନିକଟରେ ଯଥେଷ୍ଟ ସମୟ ରହିଛି।
**-ଥୋମାସ ଡେନର୍ବି, ଭାରତୀୟ ଦଳର କୋଚ୍**



ଆମେରିକା ଟିମ୍‌ର ଜଣେ ଖେଳାଳି ଓ ଅଧିନାୟକ ହିସାବରେ ପ୍ରେସିଡେଣ୍ଟ୍ସ କପ୍ ଜିତିବା ମୋ ପାଇଁ ଗୌରବର ବିଷୟ।
**-ଟାଇଗର ଉଡ୍ସ, ବିଶିଷ୍ଟ ଗଲ୍ଫ ଖେଳାଳି**



## ସଂକ୍ଷେପରେ

### ଇଷ୍ଟ୍ ଇଣ୍ଡିଆ ସ୍ନୁକର: ଫାଇନାଲରେ ସୁବ୍ରତ

ଭୁବନେଶ୍ୱର,୧୫।୧୨(କ୍ରୀଡ଼ା ପ୍ରତିନିଧି): ପାଟଣାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ରବିବାର ଅନୁଷ୍ଠିତ ସେମିଫାଇନାଲରେ ସେ ବିହାରର ୨ ନମ୍ବର ଖେଳାଳି ଅର୍ଜୁନ ସିଂଙ୍କୁ ୪-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଝାଡ଼ଖଣ୍ଡର ନମ୍ବର ୱାନ ଖେଳାଳି ଆଦର୍ଶମ ବର୍ମାଙ୍କୁ ଭେଟିବେ।

### ଡ୍ର ସହ ଓଡ଼ିଶା ଏଫ୍‌ସିର ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ, ୧୫।୧୨: ଏଆଇଏଫଏଫ ହିରୋ ଏଲିଟ୍ ୟୁଥ୍ ଲିଗ୍(୧୮ ବର୍ଷରୁ କମ୍)ରେ ମ୍ୟାଚ ଡ୍ର ସହ ଓଡ଼ିଶା ଏଫସି ଏହାର ଅଭିଯାନ ଆରମ୍ଭ କରିଛି। ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମ ଟ୍ରେନିଂ ପିଚ୍-୨ରେ ଅନୁଷ୍ଠିତ ଓଡ଼ିଶା ଏଫସି-ପଞ୍ଜାବ ଏଫସି ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଓଡ଼ିଶା ଏଫସି ପକ୍ଷରୁ ଅକ୍ଷୁନ୍ନ ତ୍ୟାଗୀ ୨ଟି ଯାକ ଗୋଲ ସ୍କୋର କରିଥିଲେ। ତ୍ୟାଗୀ ମ୍ୟାଚର ୧୩ତମ ମିନିଟରେ ଗୋଲ ଦେଇ ଓଡ଼ିଶା ଏଫସିକୁ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧ ଶେଷ ହେବାର ୫ ମିନିଟ ପୂର୍ବରୁ ଫ୍ରେଡି ଲାଲାୱ୍ମାୱ୍ମା ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚର ୭୯ତମ ମିନିଟରେ ପୁଣି ତ୍ୟାଗୀଙ୍କ ଗୋଲ ବଳରେ ଓଡ଼ିଶା ଏଫସି ଅଗ୍ରଣୀ ହାସଲ କରିଥିଲା। ତେବେ ୯୦ ମିନିଟ ପରେ ଇଞ୍ଜୁରି ଟାଇମ୍‌ରେ ସତପାଲ ସିଂ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ଆଗାମୀ ୨୦ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ। ଏହି ତିନି ଦଳ ବ୍ୟତୀତ ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ସୁଦେବ ଫୁଟବଲ କ୍ଲବ, ବାଇଚୁଙ୍ଗ ଭୁଟିଆ ଫୁଟବଲ ସ୍କୁଲ୍ସ, କନ୍‌ସିଏଣ୍ଟ ଫୁଟବଲ, ମାକ୍ସିମସ୍ ପ୍ରାଇମ୍ ସ୍ପୋର୍ଟ୍ସ ଓ ୟୁନାଇଟେଡ ପଞ୍ଜାବ ଫୁଟବଲ କ୍ଲବ।

### ବୁଟ୍ ନ ଥିବାରୁ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ି ଜିତିଲେ ୩ ସ୍ୱର୍ଣ୍ଣ

ମାନିଲା,୧୫।୧୨: ଫିଲିପାଇନ୍ସରେ ଜଣେ କୁନି ବାଳିକା ଆଥ୍‌ଲେଟଙ୍କ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବ ସଭିଙ୍କୁ ଚକିତ କରିଛି। ବୁଟ୍ କିଣିବାକୁ ଅର୍ଥ ନ ଥିବାରୁ ପାଦରେ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ିଥିଲେ। ଆଉ ଜିତିଲେ ୩ ସ୍ୱର୍ଣ୍ଣ। ରିୟା ବୁଲୋସ ନାମ୍ନୀ ଆଥ୍‌ଲେଟ ଆନ୍ତଃ ସ୍କୁଲ ଦୌଡ଼ ପ୍ରତିଯୋଗିତାରେ ପାଦରେ ଭିନ୍ନ ଜୋତା ପିନ୍ଧିଥିଲେ। ବ୍ୟାଣ୍ଡେଜ ଦ୍ୱାରା ୧୧ ବର୍ଷୀୟା ଆଥ୍‌ଲେଟ ଏହି ଜୋତା ତିଆରି କରିଥିଲେ। କେବଳ ଏତିକି ନୁହେଁ, ବୁଟ୍‌ରେ ନାଇକର ଲୋଗୋ ମଧ୍ୟ ଲଗାଇଥିଲେ। ସିବିଏସ୍ ସ୍ପୋର୍ଟ୍ସ ଅନୁଯାୟୀ, ଏହି ଆଥ୍‌ଲେଟ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ୪୦୦ ମିଟର, ୮୦୦ ମି. ଓ ୧୫୦୦ ମି. ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। କୋଚ୍ ପେଡ୍ରିକ ବି. ଭାଲେନଜୁଏଲା ସୋସିଆଲ ମିଡିଆରେ ଉକ୍ତ ଆଥ୍‌ଲେଟଙ୍କ ଫଟୋ ଶେୟାର କରିଥିଲେ। ଏହାପରେ ନାଇକ କମ୍ପାନୀକୁ ଉକ୍ତ ଆଥ୍‌ଲେଟଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ଏକ ବାସ୍କେଟବଲ ଷ୍ଟୋର ମାଲିକ ଜେଫ କାରିଆସୋ ଟୁଇଟର ୟୁଜର୍ସଙ୍କ ଠାରୁ ନମ୍ବର ନେବା ପରେ ବୁଲୋସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

**ଦିବା-ରାତ୍ର ଟେଷ୍ଟ**

ପର୍ଥ, ୧୫।୧୨ (ଏଏଫପି)

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୨୯୬ ରନର ବୃହତ୍ ବ୍ୟବଧାନରେ ଜିତି ନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୪୬୮ ରନର ବିଶାଳ ଟାର୍ଗେଟ୍‌କୁ ପିଛା କରି ନ୍ୟୁଜିଲାଣ୍ଡ ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ଦ୍ୱିତୀୟ ଇନିଂସରେ ୧୭୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଡିସେମ୍ବର ୨୬ରୁ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ।

୨୫୦ ରନରେ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ ଶନିବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ୬ ଉଇକେଟ୍ ହରାଇ ୧୬୭ ରନ କରିଥିଲା। ରବିବାର ୨୧୭/୯ରେ ଦ୍ୱିତୀୟ ଇନିଂସ ଘୋଷଣା କରିବା ସହ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୬୮ ରନର ଏକ କଷ୍ଟସାଧ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଘରୋଇ ଦଳର ୩ ବୋଲର ମିଚେଲ ଷ୍ଟାର୍କ (୪/୪୫), ଜୋଶ୍ ହାଜେଲଉଡ୍ (୨/୩୧) ଓ ନାଥନ ଲିୟନ (୪/୬୩)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୬୫.୩ ଓଭରରେ ୧୭୧ ରନରେ ସୀମିତ ରହିଥିଲା। ବିଜେ ୱାଟଲିଂ (୪୦) ଓ କଲିନ ଡି ଗ୍ରାଣ୍ଡହୋମ୍ (୩୩)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି କିୱି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଏହି ଦିବା-ରାତ୍ର ପିଙ୍କ ବଲ୍ ଟେଷ୍ଟ ମ୍ୟାଚ୍‌ରେ ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍ନସ ଲାବୁସେନ (୧୪୩)ଙ୍କ ଶତକ ବଳରେ ୪୧୬ ରନ କରିଥିଲା। ଜବାବରେ ରସ୍ ଟେଲର (୮୦)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୬୬ ରନରେ ସୀମିତ ରହିଥିଲା। ମ୍ୟାଚରେ ମୋଟ୍ ୯ ଉଇକେଟ୍ ନେଇଥିବା ଷ୍ଟାର୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



ଉଇକେଟ୍ ହାସଲ ପରେ ମିଚେଲ ଷ୍ଟାର୍କଙ୍କୁ ସାଥୀ ଖେଳାଳିଙ୍କୁ ବଧାଇ।

**ସଂକ୍ଷିପ୍ତ ସ୍କୋର**

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୪୧୬/୧୦
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୬୬/୧୦
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୧୭/୯ ଘୋଷଣା
- ନ୍ୟୁଜିଲାଣ୍ଡ ୨ୟ ଇନିଂସ- ୧୭୧/୧୦

**ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର**

## ଡବଲ୍ସରେ ଋତୁପର୍ଣ୍ଣା ରନର୍ସଅପ୍



ଟ୍ରଫି ସହ ମନୀଷା ଓ ଋତୁପର୍ଣ୍ଣା ପଣ୍ଡା।

ଢାକା,୧୫।୧୨(ପି.ଟି.)

ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ମହିଳା ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ଋତୁପର୍ଣ୍ଣା ଓ ତାଙ୍କ ପାର୍ଟନର ମନୀଷା କେ. ଫାଇନାଲରେ ମାଲେସିଆର ତାନ୍ ପିଅର୍ଲି କୁଙ୍ଗ୍ ଲି ଓ ଥିନା ମୁରଲିଥରନଙ୍କଠାରୁ ୨୦-୨୨, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଉଦୀୟମାନ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ରବିବାର ଚଳିତ ସିଜନରେ ତାଙ୍କର ୫ମ ଅନ୍ତର୍ଜାତୀୟ ଟାଇଟଲ। ଏଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ସିଧାସଳଖ ଗେମ୍‌ରେ ମାଲେସିଆର ଲେଓଙ୍ଗ ଜୁନ ହାଓଙ୍କୁ ହରାଇଦେଇଛନ୍ତି। ୧୮ବର୍ଷୀୟ ଲକ୍ଷ୍ୟ ୨୨-୨୦, ୨୧-୧୮ ଗେମ୍‌ରେ ମ୍ୟାଚ୍ ଜିତିଛନ୍ତି। ଆସନ୍ତା ୨୦୨୦ ବର୍ଷ ସେ ତାଙ୍କର ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରିବେ ବୋଲି ଲକ୍ଷ୍ୟ ନିଜ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଛନ୍ତି।



ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍: ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍**

## ଅଂଶୁମାନ ସାମଲଙ୍କୁ ଟାଇଟଲ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅଂଶୁମାନ ସାମଲ, ବୈଭବ ମିଶ୍ର ଓ ହର୍ଷିତ ରଞ୍ଜନ ସାହୁ ୭.୫ ପଏଣ୍ଟ ଲେଖାଏ ପାଇଥିବାବେଳେ ବୁକୋଲଜରେ ଯଥାକ୍ରମେ ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ଜିତେନ୍ଦ୍ର କୁମାର ଦାସ, ଏସ.କେ. ରାଜା, ତନ୍ମୟ ତ୍ରିପାଠୀ, ରବୀନ୍ଦ୍ର କୁମାର ଓଝା, ମାନସ ରଞ୍ଜନ ପରିଡ଼ା ଓ ଅମରେନ୍ଦ୍ର ଖମାରି ଟପ୍-୧୦ ଫିନିଶ୍ କରିଛନ୍ତି। ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଶ୍ରେଷ୍ଠ ୨ ଜଣ ଲେଖାଏ ବାଳିକା ଓ ବାଳକ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସଞ୍ଜୟ ପଟ୍ଟନାୟକ ଶ୍ରେଷ୍ଠ ଭେଟେରାନ ଓ ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଅନୁଶାସନ ସଚିବ ତ୍ରିନାଥ ପଲାଇ, ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ସମ୍ପାଦକ ମୁରଲୀଧର ଦାସ, କ୍ରୀଡ଼ା ସମ୍ପାଦକ ରଣଜିତ ମୁଦୁଲି ଓ ଆଶିଷ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

## କନ୍ଧମାଳ ଜିଲାରେ ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତୀ ବେହେରା କନ୍ଧମାଳ ଜିଲା ଗସ୍ତ କରିଛନ୍ତି। ଜିଲାରେ ରହିଥିବା କ୍ରୀଡ଼ା ଭିତ୍ତିଭୂମିର ସେ ତଦାରଖ କରୁଛନ୍ତି। ରବିବାର ସେ କନ୍ଧମାଳ ଜିଲା ମିନି ଷ୍ଟାଡିୟମ ପରିଦର୍ଶନ କରି ନିର୍ମାଣକାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏଥିସହ ଜିଲାରେ ଜିଲାରେ ସାମଗ୍ରିକ କ୍ରୀଡ଼ାର ବିକାଶ ନେଇ ଏମ୍‌ପି ଅଚ୍ୟୁତ ସାମନ୍ତ, ପିଆରଆଇ ସଦସ୍ୟ ଏବଂ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ପରେ ମନ୍ତ୍ରୀ କନ୍ଧମାଳ ଜିଲା କ୍ରୀଡ଼ା ଛାତ୍ରାବାସ ପରିଦର୍ଶନ କରିଥିଲେ। ସେଠାରେ ରହିଥିବା ସୁବିଧା ଏବଂ ଅଭାବ ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେ ବାଲିଗୁଡ଼ା ଗସ୍ତ କରି ସେଠାରେ ଏକ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ସେଠାରେ ଥିବା ଏକ ମିନି ଷ୍ଟାଡିୟମର ସେ ପରିଦର୍ଶନ କରିଥିଲେ। ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ କ୍ରୀଡ଼ାର ବିକାଶ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବ ବୋଲି କ୍ରୀଡ଼ା ମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି।

## ପ୍ରଗତି ସ୍ପୋର୍ଟିଂର ବୃହତ୍ ବିଜୟ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିବସ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୧୧୨ ରନରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ବିବିସିଏ ୬୯ ରନ କରି ଅଲଆଉଟ ହୋଇ ଯାଇଥିଲା। ୭୮ ବଲ୍‌ରୁ ୬୨ ରନ ଏବଂ ୩ ଓଭରରେ ୭ ରନ ଦେଇ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ସୌମ୍ୟରଞ୍ଜନ ମହାରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରିକେଟ କୋଚ୍ ଟୁନା ସାହୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




ନିମାପଡ଼ା ଫୁଟ୍‌ବଲ ଚାମ୍ପିୟନ କଟକ ସାଇ ହଷ୍ଟେଲ ଦଳ।

**ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ**

## ସାଇ ହଷ୍ଟେଲକୁ ଟାଇଟଲ

ନିମାପଡ଼ା, ୧୫।୧୨ (ଡିଏନ୍‌ଏ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ୬ଷ୍ଠ ପଦ୍ମଲୋଚନ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲରେ କଟକ ସାଇ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କଟକ ସାଇ ହଷ୍ଟେଲ ୨-୧ ଗୋଲରେ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ପରାସ୍ତ କରିଥିଲା। ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କଟକ ସାଇ ହଷ୍ଟେଲର ଅବିନାଶ ସାମଲ ଓ ଅଜୟ ବାରହାଙ୍କ ଗୋଲ ବଳରେ ଦଳ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଚରମ୍ପା ପକ୍ଷରୁ ମଳୟ ନାୟକ ଗୋଲସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଚାମ୍ପିୟନ କଟକ ଦଳର ଚନ୍ଦ୍ର ମୁର୍ମୁ ଓ ଚରମ୍ପାର ଦୁର୍ଗା ପ୍ରସାଦ ନାୟକ ଯଥାକ୍ରମେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାଧିନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ, ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ କଟକ ସାଇ ହଷ୍ଟେଲକୁ ୩୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୭ଜଣ ରେଫରି ଓ ୧୦ ଜଣ ଫୁଟ୍‌ବଲ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ୍‌କୁ ଜାତୀୟସ୍ତରର ରେଫରି ବିଷ୍ଣୁପ୍ରିୟା ଦାସ, ସୁଦୀପ ଦାସ, ନିର୍ମଳ ମିଶ୍ର, ସରୋଜ ମହାରଣା, ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ମଞ୍ଜୁଳାମଣି ରାଜ୍ୟ ଓପନ ବ୍ଲିଜ୍ ଚେସ୍: ସ୍ୱୟମ୍ଭ ଚାମ୍ପିୟନ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସରରେ ରବିବାର ମଞ୍ଜୁଳାମଣି ମିଶ୍ର ରାଜ୍ୟ ଓପନ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ପୂରା ୭ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ମନୀଷ କୁମାର, ସଞ୍ଜୀବନ ନାୟକ, ନୀଲ୍‌ସୁ ପଟ୍ଟନାୟକ, ଏସ. ସତ୍ୟକାମ, ପ୍ରିୟଂଶ ଦାସ, ଦେବୀ ପ୍ରସାଦ ନାୟକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ୬ ପଏଣ୍ଟ ଲେଖାଏ ପାଇଥିବାବେଳେ ଟାଇବ୍ରେକର ପଦ୍ଧତିରେ ଯଥାକ୍ରମେ ଦ୍ୱିତୀୟରୁ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଜଗଦୀଶ ବାରିକ ଏବଂ ବିବେକ କୁମାର ଡିବରୱାଲ ୫.୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ଭାବରେ ୧୫,୦୦୦ଟଙ୍କାର ଅର୍ଥରାଶି ସହ ଟ୍ରଫି ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଭେଟେରାନ ବର୍ଗରେ ଏସ. ସୁନ୍ଦରରାଜନ, ୬ ବର୍ଷରୁ କମ୍ ବୟସ ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶିନୀ ଓ ସ୍ମୃତିରଞ୍ଜନ ସାହୁ, ୭ ବର୍ଷରୁ କମ୍ ବୟସ ବର୍ଗରେ ଆର୍ଯ୍ୟନ ବେହେରା ଓ ହର୍ଷିତ ସିଂ, ୯ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ବିକ୍ରମ ମିଶ୍ର ଓ ଶ୍ରଦ୍ଧା ମିଶ୍ର, ୧୧ ବର୍ଷରୁ କମ୍‌ରେ କୌସ୍ତୁଭ ଦାଶ ଓ ଯଶିତା ରାଉତ, ୧୩ ବର୍ଷରୁ କମ୍‌ରେ ସୌରଭ କର ଓ ପି. ସାଇରୂପା ଯଥାକ୍ରମେ ବାଳକ ଓ ବାଳିକା ବର୍ଗରେ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ ୫୧ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ସହ ମୋଟ ୧୪୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଙ୍କିତା ସାହୁ ଶ୍ରେଷ୍ଠ ମହିଳା ଓ ନିପୁନ ଆଦିତ୍ୟ ମହାନ୍ତି ଶ୍ରେଷ୍ଠ ଦିବ୍ୟାଙ୍ଗ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ରଞ୍ଜନ ମହାପାତ୍ର, ଅଜୟ ନାୟକ ଓ ବିନୋଦିନୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅବକାରୀ ସଚିବ ସୁଶୀଲ କୁମାର ଲୋହାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, 'ଆମ ପରିବାର' ଅନୁଷ୍ଠାନ ପକ୍ଷରୁ ଡ. ନଳିନୀ ପଟ୍ଟନାୟକ, ରାଜନାରାୟଣ ତ୍ରିପାଠୀ, ମହେଶ୍ୱର ବିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟମ୍ଭଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ଫିଡେ ଆର୍ବିଟର ଜ୍ୟୋତିରଞ୍ଜନ ନନ୍ଦ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ଜେନା, ଅବିନାଶ ଦାସ, ପ୍ରଣବ ମହାନ୍ତି, ସୂର୍ଯ୍ୟମିତ୍ର ସେନ୍ ଏବଂ ଆଶୁତୋଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ସ୍ୱୟମ୍ଭ ମିଶ୍ର।

ଘରୋଇ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଅନ୍ତର୍ଜାତୀୟ ବଜାରକୁ ନିର୍ମାଣ ସାମଗ୍ରୀ ରପ୍ତାନି ଉପରେ ଏବେ ଧ୍ୟାନକେନ୍ଦ୍ରିତ କରିଛୁ।
– ସୋରାବ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆକ୍ସନ କନଷ୍ଟ୍ରକଶନ ଇକ୍ୱିପମେଣ୍ଟ



ଭାରତରେ ମାନ୍ଦାବସ୍ଥା ଲାଗି ରହିଥିଲେ ମଧ୍ୟ ଶ୍ରମଶକ୍ତିରେ ଛଟେଇ ନେଇ କୌଣସି ଯୋଜନା ନାହିଁ। ନୂଆ ପ୍ରଡକ୍ଟ ଲାଇନ ଉପରେ ଧ୍ୟାନ ରହିଛି।
– ଗ୍ୱେଣ୍ଟର ବୁସେକ୍, ଟାଟା ମୋଟର୍ସ ଏମ୍‌ଡି ତଥା ସିଇଓ



## ସଂକ୍ଷେପରେ

### ଡିସେମ୍ବର ୩୧ ସୁଦ୍ଧା ପାନ୍-ଆଧାର ସଂଯୋଗ ଅନିବାର୍ଯ୍ୟ



**ନୂଆଦିଲ୍ଲୀ,୧୫-୧୨:** ଚଳିତ ବର୍ଷ ଶେଷ ସୁଦ୍ଧା ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍)ର ଆଧାର ସହ ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ରବିବାର ଆୟକର ବିଭାଗ ପକ୍ଷରୁ ଏ ନେଇ ଏକ ନୋଟିସ ଜାରି କରାଯାଇଛି। ଏକ ଉନ୍ନତ ଭବିଷ୍ୟତ ଗଠନ ସହ ନିରନ୍ତର ସେବା ଗ୍ରହଣ ଲାଗି ୩୧ ଡିସେମ୍ବର ପୂର୍ବରୁ ସଂଯୋଗ ପ୍ରକ୍ରିୟା ସାରିବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥି ଲାଗି ଆଉ ୧୫ ଦିନ ସମୟ ରହିଥିବା ବେଳେ ଧାର୍ଯ୍ୟ ତାରିଖ ଶେଷ ହେବା ଆଗରୁ ଲୋକମାନେ ସଂଯୋଗ ପ୍ରକ୍ରିୟା ଶେଷ କରିନେବାକୁ ସୂଚନା ରହିଛି। ଚଳିତ ବର୍ଷ ସେପ୍ଟେମ୍ବରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ପାନ୍ ଆଧାର ସଂଯୋଗ ସୀମାକୁ ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ସଂଯୋଗର ଶେଷ ତାରିଖ ଡିସେମ୍ବର ୩୦ ରହିଥିଲା। ଗତ ବର୍ଷ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ଆଧାରକୁ ବୈଧ ବୋଲି କହିଥିଲେ। ଆଇଟି ରିଟର୍ନ ଏବଂ ପାନ୍ ପ୍ରଦାନ ଲାଗି ଏହାକୁ ଅନିବାର୍ଯ୍ୟ କରାଯାଇଥିଲା।

### ୨୪ ଘଣ୍ଟିଆ ହେବ ଏନ୍‌ଇଏଫ୍‌ଟି ନେଣଦେଣ

**ନୂଆଦିଲ୍ଲୀ,୧୫-୧୨:** ଯଦି ଆପଣ ଅନଲାଇନ ନେଣଦେଣ ନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର (ଏନ୍‌ଇଏଫ୍‌ଟି) ଦ୍ୱାରା କରୁଥାନ୍ତି ତେବେ ଏହା ଆହୁରି ସୁବିଧାଜନକ ହୋଇଛି। ୧୬ ଡିସେମ୍ବରଠାରୁ ଏନ୍‌ଇଏଫ୍‌ଟି ନେଣଦେଣ ୨୪ ଘଣ୍ଟିଆ ହେବ। ଏହା ପୂର୍ବରୁ ଏହାର ୨୪ ଘଣ୍ଟିଆ ସେବା ଯୋଗାଣ ହେଉ ନ ଥିଲା। ସେହିଭଳି ଏନ୍‌ଇଏଫ୍‌ଟି ସେବା ୭ ସପ୍ତାହର ୭ ଦିନ ମିଳିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡିଛି। ଏହି ସୁବିଧା ଦ୍ୱାରା ଗ୍ରାହକ ଏକାଥରକେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଣଦେଣ କରିପାରିବେ। ଏହି ଧାରାକୁ ସୁଗମ କରିବା ଲାଗି ସବୁ ବ୍ୟାଙ୍କକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ଗ୍ରାହକଙ୍କୁ ଏ ନେଇ ସଚେତନ କରାଇବାକୁ କୁହାଯାଇଛି। ଏନ୍‌ଇଏଫ୍‌ଟି ଏବଂ ଆର୍‌ଟିଜିଏସ୍ ନେଣଦେଣ ଉପରେ ଚାର୍ଜ ନ ନେବା ଲାଗି ପୂର୍ବରୁ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି।

## ପ୍ରାକ୍ ବଜେଟ ପରାମର୍ଶ ପ୍ରକ୍ରିୟା
# ଆଜି ଅଂଶୀଦାରଙ୍କୁ ଭେଟିବେ ସୀତାରାମନ

**ନୂଆଦିଲ୍ଲୀ,୧୫-୧୨**

- ଅଭିବୃଦ୍ଧି ଫେରାଇ ଆଣିବାକୁ ସର୍ବୋଚ୍ଚ ପ୍ରାଥମିକତା
- ବିଭିନ୍ନ ପ୍ରସଙ୍ଗରେ ଅଂଶୀଦାରଙ୍କ ପରାମର୍ଶ ଲୋଡାଯାଇଛି
- ୫ ଲକ୍ଷ ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରିବାକୁ ଶିଳ୍ପର ଦାବି
- ଆୟକର ଢାଞ୍ଚାରେ ପରିବର୍ତ୍ତନ ଆଶା



୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଲାଗି ପ୍ରାକ୍ ବଜେଟ ପରାମର୍ଶ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହେଉଛି। ଏଥିଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଂଶୀଦାରଙ୍କୁ ଭେଟିବେ। ଏହା ମଧ୍ୟରେ ଶିଳ୍ପ ସଂଘ, କୃଷକଙ୍କ ସଂଘ ଏବଂ ଅର୍ଥନୀତିଜ୍ଞମାନେ ରହିଛନ୍ତି। ଏମାନଙ୍କ ସହ ଅର୍ଥମନ୍ତ୍ରୀ ଭେଟିବା ସହ ଦେଶର ବିକାଶ ହାର ଏବଂ ଚାହିଦା ବୃଦ୍ଧି ଲାଗି ପରାମର୍ଶ ଗ୍ରହଣ କରିବେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ବଜେଟକୁ ଚଳିତ ବର୍ଷ ଫେବୃୟାରୀ ପହିଲାରେ ସୀତାରାମନ ଉପସ୍ଥାପନ କରିବେ। ଅଂଶୀଦାରଙ୍କ ସହ ଏହି ପରାମର୍ଶ ପ୍ରକ୍ରିୟା ଚଳିତ ମାସ ୨୩ ତାରିଖ ଯାଏ ଚାଲିବ।

୨୦୧୯-୨୦ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସରକାରଙ୍କ ପ୍ରମୁଖ ପ୍ରସଙ୍ଗ ରହିବ ବୋଲି କୁହାଯାଉଛି। ଅର୍ଥ ମନ୍ତ୍ରଣାଳୟ ସୂଚନା ମୁତାବକ ସୀତାରାମନ ସୋମବାର ସକାଳେ ଗ୍ରୁପ ଅଫ୍ ନ୍ୟୁ ଇକୋନୋମି: ଷ୍ଟାର୍ଟ ଅପ, ଫିନଟେକ ଏବଂ ଡିଜିଟାଲ ସେକ୍ଟରକୁ ଭେଟିବେ। ଏହି ଦିନ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାର ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ଧାର୍ଯ୍ୟ ହୋଇଛି। ଦେଶ ମଧ୍ୟରେ ବାଣିଜ୍ୟ ସୁଗମତା, ନିୟାମକ ପରିବେଶ, ଘରୋଇ ନିବେଶ ଉପରେ ପ୍ରଭାବ, ରପ୍ତାନି ପ୍ରତିଦ୍ୱନ୍ଦ୍ୱିତା, ପେମେଣ୍ଟ ପ୍ରଦାନରେ ବିଳମ୍ବ ଏବଂ ଚୁକ୍ତି କାର୍ଯ୍ୟକାରିତା କ୍ଷେତ୍ରରେ ସରକାରଙ୍କ ଭୂମିକା ଘରୋଇ ନିବେଶକୁ ପୁନର୍ଜୀବିତ କରିବା ଭଳି ପ୍ରସଙ୍ଗ ଉପରେ ସରକାର ପରାମର୍ଶ ଲୋଡିଥିବା ଶିଳ୍ପଜଗତ ପକ୍ଷରୁ ସୂଚନା ରହିଛି।

ଶିଳ୍ପ ସଂଘଗୁଡିକୁ ଡିସେମ୍ବର ୧୯ରେ ଅର୍ଥମନ୍ତ୍ରୀ ଭେଟି ପାରନ୍ତି ବୋଲି କୁହାଯାଇଛି। ସରକାର ବର୍ତ୍ତମାନ ଯାଏ କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ବ୍ୟକ୍ତିଗତ ଆୟକର ଢାଞ୍ଚାରେ ପରିବର୍ତ୍ତନ ସହ ବେତନଭୋଗୀଙ୍କ ଲାଗି ଖୁସି ଖବର ସରକାର ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ସାମଗ୍ରୀ ଏବଂ ସେବା ଚାହିଦା ବଢାଇବା ଲାଗି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରିବା ଲାଗି ସରକାରଙ୍କ ନିକଟରେ ଶିଳ୍ପସଂଘଗୁଡିକ ଦାବି ରଖିଛନ୍ତି। ବର୍ତ୍ତମାନ ଏହି ସୀମା ୨.୫ ଲକ୍ଷ ଟଙ୍କା ରହିଛି। ଆୟକର ଆଇନ ୮୦ସି ଅନୁସାରେ ମୋଟ ଡିଡକସନ ଲିମିଟ୍ ୧.୫ ଲକ୍ଷ ଟଙ୍କାରୁ ଅନ୍ତତଃ ୩ ଲକ୍ଷ ଟଙ୍କାକୁ ବଢାଇବାକୁ ମଧ୍ୟ ଦାବି କରାଯାଇଛି। ବ୍ୟକ୍ତିଗତ ଟିକସଦାତାଙ୍କ ନିବେଶ ଏବଂ ଟିକସ ସଞ୍ଚୟ ଦିଗରେ ଏହା କାର୍ଯ୍ୟ କରିବ ବୋଲି ଶିଳ୍ପ ସଂଘ ପକ୍ଷରୁ କୁହାଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବଜେଟ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଛି। ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟ ସେମାନଙ୍କ ଯୋଜନା ଖର୍ଚ୍ଚ ନେଇ ପ୍ରସ୍ତୁତି କରୁଛନ୍ତି। ବଜେଟର ରୂପରେଖ କଣ ରହିଛି ତାକୁ ବଜାର ବିଶେଷଜ୍ଞମାନେ ଅପେକ୍ଷା କରି ରହିଛନ୍ତି। ବିଶେଷ କରି ବିତ୍ତୀୟ ନିୟଣ୍ଟ ଉପରେ ସମସ୍ତଙ୍କ ନଜର ରହିଥିବା ଶୁଣାଯାଉଛି।

## ଏସ୍‌ବିଆଇ ଗ୍ରୀନ୍ ମାରାଥନ୍‌ର ତୃତୀୟ ସଂସ୍କରଣ



**ଭୁବନେଶ୍ୱର,୧୫-୧୨**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ଗ୍ରୀନ ମାରାଥନର ତୃତୀୟ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଏମ୍‌ଡି ଧନଞ୍ଜୟ ତାମ୍ବେ, ଭୁବନେଶ୍ୱର ସର୍କଲ ସିଜିଏମ୍ ପ୍ରବୀଣା କାଲା ମାରାଥନକୁ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ସ୍ୱଚ୍ଛ ଓ ସବୁଜ ପରିବେଶର ପ୍ରଚାର ଲାଗି ଏଭଳି ଏକ ପଦକ୍ଷେପ ବ୍ୟାଙ୍କ ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଧାବିକା ଦ୍ୟୁତି ଚାନ୍ଦ ଏବଂ ଭାରତୀୟ ମହିଳା ଫୁଟବଲ ଟିମର ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାଏ ଯୋଗ ଦେଇଥିଲେ। ଦେଶର ପ୍ରମୁଖ ୧୫ ସହରରେ ଏହାକୁ ବ୍ୟାଙ୍କ ପକ୍ଷରୁ ଆୟୋଜନ କରାଯାଇଛି।

# ଟେକ୍ ଭୁବନେଶ୍ୱର ୨୦୧୯ ଆୟୋଜିତ

**ଭୁବନେଶ୍ୱର,୧୫-୧୨**

ଟେକ୍ ଭୁବନେଶ୍ୱରର ଚତୁର୍ଥ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମାଇଣ୍ଡ ଫାୟାର ସଲ୍ୟୁଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟେକ୍ନିକାଲ ଏବଂ ମୋଟିଭେଶନାଲ ସେସନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଇଲେକଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଆଇଟି ପ୍ରଫେସନାଲମାନେ ଏଭଳି ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଅଭିଜ୍ଞତା ଏବଂ ଶିକ୍ଷାକୁ ଅନ୍ୟମାନଙ୍କ ସହ ବାଣ୍ଟିବାରେ ଏକ ମଞ୍ଚ ପ୍ରଦାନ କରିଥାଏ ବୋଲି ମାଇଣ୍ଡ ଫାୟାରର ସିଓଓ ସୌମ୍ୟ ମିଶ୍ର କହିଛନ୍ତି। ଟେକ୍ ଭୁବନେଶ୍ୱର ଚତୁର୍ଥ ସଂସ୍କରଣରେ ଉଦ୍ୟୋଗ ଜଗତରୁ ୧୬ ଜଣ ବକ୍ତା ଯୋଗ ଦେଇଥିଲେ।



ଶିଳ୍ପ କ୍ଷେତ୍ରରେ ବିଭିନ୍ନ ଦିଗରେ ବକ୍ତାମାନେ ଆଲୋଚନା କରିବା ସହ ମତ ରଖିଛନ୍ତି। ଅନ୍ତରାର ସିଇଓ ଗିରିଶ ନୁଲି, ସିଏମ୍‌ଓଆକ୍ସିସ୍‌ର ସଂସ୍ଥାପକ ବିନୋଦ ହାରିଥ, ସ୍ଲାଗଲ୍ୟାବସ ସଂସ୍ଥାପକ ରଙ୍ଗରାଜନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚଳିତ ବର୍ଷ ପ୍ରାୟ ୧,୦୦୦ ସଫ୍ଟୱେର ପ୍ରଫେସନାଲ ଏଥିରେ ଯୋଗ ଦେଇଛନ୍ତି। ବ୍ଲକଚେନ ଏବଂ ମେଶିନ ଲର୍ନିଂ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ପର୍ଯ୍ୟବସିତ ହୋଇଛି। ଏଥିରେ ମାଇଣ୍ଡ ଫାୟାରର ସିଇଓ ଚିନ୍ମୟ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇବିସି ପ୍ରକ୍ରିୟା ପୂର୍ବରୁ ୯ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଇସଲା

**ନୂଆଦିଲ୍ଲୀ,୧୫-୧୨**

ଇନ୍‌ସଲଭେନ୍ସି ଆଇନରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରି ଆଡମିଶନ ଷ୍ଟେଜରେ ୯ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଇସଲା କରାଯାଇଛି। ଏହି ମାମଲାଗୁଡିକ ସହ ୩.୭୪ ଲକ୍ଷ କୋଟି ଟଙ୍କାର ଜଡିତ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି। ୨୦୧୬ରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଲାଗୁ ହୋଇଥିଲା। ଚାପଗ୍ରସ୍ତ ସମ୍ପତ୍ତିର ସମୟ ଭିତ୍ତିରେ ଏବଂ ବଜାର ଭିତ୍ତିକ ସମାଧାନ ଧାରା ଏହା ଦ୍ୱାରା ଗ୍ରହଣ କରାଯାଉଛି। ଏହି ଆଇନ ଅଧୀନରେ ୨୧,୧୩୬ ଆବେଦନ ଆସିଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ୨୮୩୮ ମାମଲା କର୍ପୋରେଟ ଇନସଲଭେନ୍ସି ସାମ୍ନାକୁ ଆସିଥିବା ବେଳେ ଏହା ମଧ୍ୟରେ ୩୦୬ ମାମଲା ବନ୍ଦ ହୋଇଛି।

# ରପ୍ତାନିରେ ହ୍ରାସ ଧାରା ଜାରି

**ନୂଆଦିଲ୍ଲୀ,୧୫-୧୨**



ଚଳିତ ଆର୍ଥିକ ବର୍ଷରେ ଲଗାତର ଭାବେ ପଞ୍ଚମ ଥର ଲାଗି ରପ୍ତାନିରେ ହ୍ରାସ ଘଟିଛି। ଚଳିତ ବର୍ଷ ନଭେମ୍ବରରେ ଦେଶ ମଧ୍ୟରୁ ରପ୍ତାନି ୦.୩୨% ଖସିଛି। ବିଶ୍ୱ ସ୍ତରରେ ଚାହିଦା ହ୍ରାସ, ଅଶୋଧିତ ତୈଳ ମୂଲ୍ୟ କମ୍ ରହିବା ଯୋଗୁ ଭାରତ ପେଟ୍ରୋଲିୟମ ସାମଗ୍ରୀ ରପ୍ତାନି ମଧ୍ୟ କମିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ସେହିଭଳି ଆମଦାନୀ ମଧ୍ୟ ୬ ମାସ ଲାଗି ହ୍ରାସ ଘଟିଛି। ଅର୍ଥ ବ୍ୟବସ୍ଥାରେ ଚାହିଦା ହ୍ରାସ ହେବା ଯୋଗୁ ପେଟ୍ରୋଲିୟମ, ଇଞ୍ଜିନିୟରିଂ ଏବଂ ଶିଳ୍ପ କ୍ଷେତ୍ରରେ ମାନ୍ଦାବସ୍ଥା ଲାଗି ରହିଛି। ଅଶୋଧିତ ତୈଳ ଆମଦାନୀ କମିବା ଯୋଗୁ ବାଣିଜ୍ୟ ନିଅଣ୍ଟ ମଧ୍ୟ କମ୍ ରହିଛି। ନଭେମ୍ବରରେ ଆମଦାନୀ ୧୨.୭୧% କମିବା ଯୋଗୁ ବାଣିଜ୍ୟ ନିଅଣ୍ଟ ୧୨.୧୨ ବିଲିୟନ ଡଲାର ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୬.୭୧ ବିଲିୟନ ଡଲାର ରହିଥିଲା ବୋଲି ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଚମଡା, ଜେମ୍‌ସ ଆଣ୍ଡ ଜୁଏଲେରି, ରେଡି ମେଡ ଗାର୍ମେଣ୍ଟ, ପେଟ୍ରୋଲିୟମ ରପ୍ତାନି କମିଛି।

# ଟିକସ ଫାଙ୍କିବା ଲାଗି ନୂଆ ଠିକଣା ଖୋଜୁଛନ୍ତି କୋଟିପତି

**ନୂଆଦିଲ୍ଲୀ,୧୫-୧୨**

ଋଣ ଶୁଝିବାକୁ ସକ୍ଷମ ନ ହେଉଥିବା ବ୍ୟକ୍ତିବିଶେଷ ସରକାରୀ ଏଜେନ୍ସିଠାରୁ ବଞ୍ଚିବା ଏବଂ ନିଲାମଠାରୁ ନିଜ ସମ୍ପତ୍ତିକୁ ରକ୍ଷା କରିବା ଲାଗି ଭାରତୀୟ କୋଟିପତିମାନେ ନୂଆ ତରିକା ଆପଣାଉଥିବା ଦେଖାଯାଇଛି। ଏମାନେ ମାଲ୍ଟା, ଦୁବାଇ, ସିଙ୍ଗାପୁର ଭଳି ସ୍ଥାନଗୁଡିକରେ ଟ୍ରଷ୍ଟ ସ୍ଥାପନ କରିବା ସହ ନିଜ ଟଙ୍କା ସେଠାକୁ ପଠାଉଛନ୍ତି। ରିୟଲ ଇଷ୍ଟେଟ ଏବଂ ଭିତ୍ତିଭୂମି ବିଜନେସ କ୍ଷେତ୍ରରେ ସକ୍ରିୟ ଦିଲ୍ଲୀର ଏକ ବିଜନେସ ପରିବାର ଉତ୍ତରାଧିକାର ଯୋଜନା ସମ୍ପର୍କରେ ପୂର୍ବରୁ କେବେ ଚିନ୍ତା କରି ନ ଥିବା ବେଳେ ନିକଟରେ ୟୁରୋପର ମାଲ୍ଟାରେ ଏକ ଫ୍ୟାମିଲି ଟ୍ରଷ୍ଟ ଗଠନ କରିଛି। ଏହି ଟ୍ରଷ୍ଟର ୨୦ ଲାଭାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ କେହି କେହି ଭାରତ ବାହାରେ ମଧ୍ୟ ରହୁଛନ୍ତି। ଏହି ପରିବାରର ମୋଟ ସମ୍ପତ୍ତି ୧୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଧୀରେ ଧୀରେ ସବୁ ସମ୍ପତ୍ତିକୁ ଉକ୍ତ ପରିବାର ଫ୍ୟାମିଲି ଟ୍ରଷ୍ଟକୁ ପଠାଉବା ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା ଘଟଣା ଏକ ସୂତ୍ରରୁ ଜଣାପଡିଛି। ସ୍ୱିସ୍ ବ୍ୟାଙ୍କ ଖୁଲାସା ପରେ କୋଟିପତିମାନେ ଏଭଳି ଆଡା ପରିବର୍ତ୍ତନ କରୁଥିବା କୁହାଯାଇଛି।

# ବେଦାନ୍ତ ଫ୍ୟାଶନ୍ସର ପ୍ରଚାର କରିବେ ଆଲିଆ

**କଲିକତା,୧୫-୧୨**

ମୋହେ ବ୍ରାଣ୍ଡର ମୂଳ କମ୍ପାନୀ ବେଦାନ୍ତ ଫ୍ୟାଶନ୍ସ ଲିମିଟେଡ ଏହାର ମାର୍କେଟିଂ ଷ୍ଟ୍ରାଟେଜି ଅନ୍ତର୍ଗତ ଆଲିଆ ଭଟ୍ଟଙ୍କ ସହ ଯୋଡି ହୋଇଛି। ୨୦୧୬ରେ ଶୁଭାରମ୍ଭ ହୋଇଥିବା ମୋହେ ବ୍ରାଣ୍ଡକୁ ମହିଳା ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଲାଗି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ନିକଟରେ ଅଧିକରୁ ଅଧିକ ବଲିଉଡ ସେଲିବ୍ରିଟିଙ୍କୁ ନିଜ ସହ ଯୋଡିଛି। ଭାରତୀୟ ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ବିଚାର କରି କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ବିଗତ ଦିନ ଗୁଡିକରେ ମୋହେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ବ୍ରାଣ୍ଡକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମାନ୍ୟବରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ମୋଦି କହିଛନ୍ତି।




CLASSIFIED DISPLAY
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

BUSINESS BUSINESS

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମ ନିକଟରେ ଯଥେଷ୍ଟ ସମୟ ରହିଛି।
-ଥୋମାସ ଡେନର୍ବି, ଭାରତୀୟ ଦଳର କୋଚ୍



ଆମେରିକା ଟିମ୍‌ର ଜଣେ ଖେଳାଳି ଓ ଅଧିନାୟକ ହିସାବରେ ପ୍ରେସିଡେଣ୍ଟ୍ସ କପ୍ ଜିତିବା ମୋ ପାଇଁ ଗୌରବର ବିଷୟ।
-ଟାଇଗର ଉଡ୍ସ, ବିଶିଷ୍ଟ ଗଲ୍ଫ ଖେଳାଳି



## ସଂକ୍ଷେପରେ

### ଇଷ୍ଟ ଇଣ୍ଡିଆ ସ୍ନୁକର: ଫାଇନାଲରେ ସୁବ୍ରତ

ଭୁବନେଶ୍ୱର,୧୫।୧୨(କ୍ରୀଡ଼ା ପ୍ରତିନିଧି): ପାଟଣାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ରବିବାର ଅନୁଷ୍ଠିତ ସେମିଫାଇନାଲରେ ସେ ବିହାରର ୨ ନମ୍ବର ଖେଳାଳି ଅର୍ଜୁନ ସିଂଙ୍କୁ ୪-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଝାଡ଼ଖଣ୍ଡର ନମ୍ବର ୱାନ ଖେଳାଳି ଆଦର୍ଶମ ବର୍ମାଙ୍କୁ ଭେଟିବେ।

### ଡ୍ର ସହ ଓଡ଼ିଶା ଏଫ୍‌ସିର ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ, ୧୫।୧୨: ଏଆଇଏଫଏଫ ହିରୋ ଏଲିଟ୍ ୟୁଥ୍ ଲିଗ୍(୧୮ ବର୍ଷରୁ କମ୍)ରେ ମ୍ୟାଚ ଡ୍ର ସହ ଓଡ଼ିଶା ଏଫସି ଏହାର ଅଭିଯାନ ଆରମ୍ଭ କରିଛି। ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମ ଟ୍ରେନିଂ ପିଚ୍-୨ରେ ଅନୁଷ୍ଠିତ ଓଡ଼ିଶା ଏଫସି-ପଞ୍ଜାବ ଏଫସି ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଓଡ଼ିଶା ଏଫସି ପକ୍ଷରୁ ଅକ୍ଷୁନ୍ନ ତ୍ୟାଗୀ ୨ଟି ଯାକ ଗୋଲ ସ୍କୋର କରିଥିଲେ। ତ୍ୟାଗୀ ମ୍ୟାଚର ୧୩ତମ ମିନିଟରେ ଗୋଲ ଦେଇ ଓଡ଼ିଶା ଏଫସିକୁ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧ ଶେଷ ହେବାର ୫ ମିନିଟ ପୂର୍ବରୁ ଫ୍ରେଡି ଲାଲାୱ୍ମାୱ୍ମା ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚର ୭୯ତମ ମିନିଟରେ ପୁଣି ତ୍ୟାଗୀଙ୍କ ଗୋଲ ବଳରେ ଓଡ଼ିଶା ଏଫସି ଅଗ୍ରଣୀ ହାସଲ କରିଥିଲା। ତେବେ ୯୦ ମିନିଟ ପରେ ଇଞ୍ଜୁରି ଟାଇମ୍‌ରେ ସତପାଲ ସିଂ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ଆଗାମୀ ୨୦ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ। ଏହି ତିନି ଦଳ ବ୍ୟତୀତ ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ସୁଦେବ ଫୁଟବଲ କ୍ଲବ, ବାଇଚୁଙ୍ଗ ଭୂଟିଆ ଫୁଟବଲ ସ୍କୁଲ୍ସ, କନ୍‌ସିଏଣ୍ଟ ଫୁଟବଲ, ମାକ୍ସିମସ୍ ପ୍ରାଇମ୍ ସ୍ପୋର୍ଟ୍ସ ଓ ୟୁନାଇଟେଡ ପଞ୍ଜାବ ଫୁଟବଲ କ୍ଲବ।

### ବୁଟ୍ ନ ଥିବାରୁ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ି ଜିତିଲେ ୩ ସ୍ୱର୍ଣ୍ଣ

ମାନିଲା,୧୫।୧୨: ଫିଲିପାଇନ୍ସରେ ଜଣେ କୁନି ବାଳିକା ଆଥ୍‌ଲେଟଙ୍କ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବ ସଭିଙ୍କୁ ଚକିତ କରିଛି। ବୁଟ୍ କିଣିବାକୁ ଅର୍ଥ ନ ଥିବାରୁ ପାଦରେ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ିଥିଲେ। ଆଉ ଜିତିଲେ ୩ ସ୍ୱର୍ଣ୍ଣ। ରିୟା ବୁଲୋସ ନାମ୍ନୀ ଆଥ୍‌ଲେଟ ଆନ୍ତଃ ସ୍କୁଲ ଦୌଡ଼ ପ୍ରତିଯୋଗିତାରେ ପାଦରେ ଭିନ୍ନ ଜୋତା ପିନ୍ଧିଥିଲେ। ବ୍ୟାଣ୍ଡେଜ ଦ୍ୱାରା ୧୧ ବର୍ଷୀୟା ଆଥ୍‌ଲେଟ ଏହି ଜୋତା ତିଆରି କରିଥିଲେ। କେବଳ ଏତିକି ନୁହେଁ, ବୁଟ୍‌ରେ ନାଇକର ଲୋଗୋ ମଧ୍ୟ ଲଗାଇଥିଲେ। ସିବିଏସ୍ ସ୍ପୋର୍ଟ୍ସ ଅନୁଯାୟୀ, ଏହି ଆଥ୍‌ଲେଟ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ୪୦୦ ମିଟର, ୮୦୦ ମି. ଓ ୧୫୦୦ ମି. ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। କୋଚ୍ ପେଡ୍ରିକ ବି. ଭାଲେନଜୁଏଲା ସୋସିଆଲ ମିଡିଆରେ ଉକ୍ତ ଆଥ୍‌ଲେଟଙ୍କ ଫଟୋ ଶେୟାର କରିଥିଲେ। ଏହାପରେ ନାଇକ କମ୍ପାନୀକୁ ଉକ୍ତ ଆଥ୍‌ଲେଟଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ଏକ ବାସ୍କେଟବଲ ଷ୍ଟୋର ମାଲିକ ଜେଫ କାରିଆସୋ ଟୁଇଟର ୟୁଜର୍ସଙ୍କ ଠାରୁ ନମ୍ବର ନେବା ପରେ ବୁଲୋସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

ପର୍ଥ, ୧୫।୧୨ (ଏଏଫ୍‌ପି)

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୨୯୬ ରନର ବୃହତ୍ ବ୍ୟବଧାନରେ ଜିତି ନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୪୬୮ ରନର ବିଶାଳ ଟାର୍ଗେଟ୍‌କୁ ପିଛା କରି ନ୍ୟୁଜିଲାଣ୍ଡ ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ଦ୍ୱିତୀୟ ଇନିଂସରେ ୧୭୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ

## ଦିବା-ରାତ୍ର ଟେଷ୍ଟ

ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଡିସେମ୍ବର ୨୬ରୁ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ।

୨୫୦ ରନରେ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ ଶନିବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ୬ ଉଇକେଟ୍ ହରାଇ ୧୬୭ ରନ କରିଥିଲା। ରବିବାର ୨୧୭/୯ରେ ଦ୍ୱିତୀୟ ଇନିଂସ ଘୋଷଣା କରିବା ସହ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୬୮ ରନର ଏକ କଷ୍ଟସାଧ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଘରୋଇ ଦଳର ୩ ବୋଲର ମିଚେଲ ଷ୍ଟାର୍କ (୪/୪୫), ଜୋଶ୍ ହାଜେଲଉଡ୍ (୨/୩୧) ଓ ନାଥନ ଲିୟନ (୪/୬୩)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୬୫.୩ ଓଭରରେ ୧୭୧ ରନରେ ସୀମିତ ରହିଥିଲା। ବିଜେ ୱାଟଲିଂ (୪୦) ଓ କଲିନ ଡି ଗ୍ରାଣ୍ଡହୋମ୍ (୩୩)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି କିୱି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଏହି ଦିବା-ରାତ୍ର ପିଙ୍କ ବଲ୍ ଟେଷ୍ଟ ମ୍ୟାଚ୍‌ରେ ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍ନସ ଲାବୁସେନ (୧୪୩)ଙ୍କ ଶତକ ବଳରେ ୪୧୬ ରନ କରିଥିଲା। ଜବାବରେ ରସ୍ ଟେଲର (୮୦)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୬୬ ରନରେ ସୀମିତ ରହିଥିଲା। ମ୍ୟାଚରେ ମୋଟ୍ ୯ ଉଇକେଟ୍ ନେଇଥିବା ଷ୍ଟାର୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



ଉଇକେଟ୍ ହାସଲ ପରେ ମିଚେଲ ଷ୍ଟାର୍କଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୪୧୬/୧୦
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୬୬/୧୦
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୧୭/୯ ଘୋଷଣା
- ନ୍ୟୁଜିଲାଣ୍ଡ ୨ୟ ଇନିଂସ- ୧୭୧/୧୦

■ ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର

# ଡବଲ୍ସରେ ଋତୁପର୍ଣ୍ଣା ରନର୍ସଅପ୍



ଟ୍ରଫି ସହ ମନୀଷା ଓ ଋତୁପର୍ଣ୍ଣା ପଣ୍ଡା ।

ଢାକା,୧୫।୧୨(ପି.ଟି.)

ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ମହିଳା ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ଋତୁପର୍ଣ୍ଣା ଓ ତାଙ୍କ ପାର୍ଟନର ମନୀଷା କେ. ଫାଇନାଲରେ ମାଲେସିଆର ତାନ୍ ପିଅର୍ଲି କୁଙ୍ଗ୍ ଲି ଓ ଥିନା ମୁରଲିଥରନଙ୍କଠାରୁ ୨୦-୨୨, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଉଦୀୟମାନ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ରବିବାର ଚଳିତ ସିଜନରେ ତାଙ୍କର ୫ମ ଅନ୍ତର୍ଜାତୀୟ ଟାଇଟଲ। ଏଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ସିଧାସଳଖ ଗେମ୍‌ରେ ମାଲେସିଆର ଲେଓଙ୍ଗ ଜୁନ ହାଓଙ୍କୁ ହରାଇଦେଇଛନ୍ତି। ୧୮ବର୍ଷୀୟ ଲକ୍ଷ୍ୟ ୨୨-୨୦, ୨୧-୧୮ ଗେମ୍‌ରେ ମ୍ୟାଚ୍ ଜିତିଛନ୍ତି। ଆସନ୍ତା ୨୦୨୦ ବର୍ଷ ସେ ତାଙ୍କର ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରିବେ ବୋଲି ଲକ୍ଷ୍ୟ ନିଜ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଛନ୍ତି।


ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍: ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# କନ୍ଧମାଳ ଜିଲାରେ ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତୀ ବେହେରା କନ୍ଧମାଳ ଜିଲା ଗସ୍ତ କରିଛନ୍ତି। ଜିଲାରେ ରହିଥିବା କ୍ରୀଡ଼ା ଭିତ୍ତିଭୂମିର ସେ ତଦାରଖ କରୁଛନ୍ତି। ରବିବାର ସେ କନ୍ଧମାଳ ଜିଲା ମିନି ଷ୍ଟାଡିୟମ ପରିଦର୍ଶନ କରି ନିର୍ମାଣକାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏଥିସହ ଜିଲାରେ ଜିଲାରେ ସାମଗ୍ରିକ କ୍ରୀଡ଼ାର ବିକାଶ ନେଇ ଏମ୍‌ପି ଅଚ୍ୟୁତ ସାମନ୍ତ, ପିଆରଆଇ ସଦସ୍ୟ ଏବଂ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ପରେ ମନ୍ତ୍ରୀ କନ୍ଧମାଳ ଜିଲା କ୍ରୀଡ଼ା ଛାତ୍ରାବାସ ପରିଦର୍ଶନ କରିଥିଲେ। ସେଠାରେ ରହିଥିବା ସୁବିଧା ଏବଂ ଅଭାବ ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେ ବାଲିଗୁଡ଼ା ଗସ୍ତ କରି ସେଠାରେ ଏକ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ସେଠାରେ ଥିବା ଏକ ମିନି ଷ୍ଟାଡିୟମର ସେ ପରିଦର୍ଶନ କରିଥିଲେ। ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ କ୍ରୀଡ଼ାର ବିକାଶ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବ ବୋଲି କ୍ରୀଡ଼ା ମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି।

■ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍

# ଅଂଶୁମାନ ସାମଲଙ୍କୁ ଟାଇଟଲ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅଂଶୁମାନ ସାମଲ, ବୈଭବ ମିଶ୍ର ଓ ହର୍ଷିତ ରଞ୍ଜନ ସାହୁ ୭.୫ ପଏଣ୍ଟ ଲେଖାଏ ପାଇଥିବାବେଳେ ବୁକୋଲଜରେ ଯଥାକ୍ରମେ ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ଜିତେନ୍ଦ୍ର କୁମାର ଦାସ, ଏସ.କେ. ରାଜା, ତନ୍ମୟ ତ୍ରିପାଠୀ, ରବୀନ୍ଦ୍ର କୁମାର ଓଝା, ମାନସ ରଞ୍ଜନ ପରିଡ଼ା ଓ ଅମରେନ୍ଦ୍ର ଖମାରି ଟପ୍-୧୦ ଫିନିଶ୍ କରିଛନ୍ତି। ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଶ୍ରେଷ୍ଠ ୨ ଜଣ ଲେଖାଏ ବାଳିକା ଓ ବାଳକ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସଞ୍ଜୟ ପଟ୍ଟନାୟକ ଶ୍ରେଷ୍ଠ ଭେଟେରାନ ଓ ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଅନୁଶାସନ ସଚିବ ତ୍ରିନାଥ ପଲାଇ, ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ସମ୍ପାଦକ ମୁରଲୀଧର ଦାସ, କ୍ରୀଡ଼ା ସମ୍ପାଦକ ରଣଜିତ ମୁଦୁଲି ଓ ଆଶିଷ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

# ପ୍ରଗତି ସ୍ପୋର୍ଟିଂର ବୃହତ୍ ବିଜୟ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିବସ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୧୧୨ ରନରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ବିବିସିଏ ୬୯ ରନ କରି ଅଲଆଉଟ ହୋଇ ଯାଇଥିଲା। ୭୮ ବଲ୍‌ରୁ ୬୨ ରନ ଏବଂ ୩ ଓଭରରେ ୭ ରନ ଦେଇ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ସୌମ୍ୟରଞ୍ଜନ ମହାରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରିକେଟ କୋଚ୍ ଟୁନା ସାହୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ନିମାପଡ଼ା ଫୁଟ୍‌ବଲ ଚାମ୍ପିୟନ କଟକ ସାଇ ହଷ୍ଟେଲ ଦଳ ।

# ମଞ୍ଜୁଳାମଣି ରାଜ୍ୟ ଓପନ ବ୍ଲିଜ୍ ଚେସ୍: ସ୍ୱୟମ୍ଭ ଚାମ୍ପିୟନ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସରରେ ରବିବାର ମଞ୍ଜୁଳାମଣି ମିଶ୍ର ରାଜ୍ୟ ଓପନ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ପୂରା ୭ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ମନୀଷ କୁମାର, ସଞ୍ଜୀବନ ନାୟକ, ନୀଲ୍‌ସୁ ପଟ୍ଟନାୟକ, ଏସ. ସତ୍ୟକାମ, ପ୍ରିୟଂଶ ଦାସ, ଦେବୀ ପ୍ରସାଦ ନାୟକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ୬ ପଏଣ୍ଟ ଲେଖାଏ ପାଇଥିବାବେଳେ ଟାଇବ୍ରେକର ପଦ୍ଧତିରେ ଯଥାକ୍ରମେ ଦ୍ୱିତୀୟରୁ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଜଗଦୀଶ ବାରିକ ଏବଂ ବିବେକ କୁମାର ଟିବରୱାଲ ୫.୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ଭାବରେ ୧୫,୦୦୦ଟଙ୍କାର ଅର୍ଥରାଶି ସହ ଟ୍ରଫି ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଭେଟେରାନ ବର୍ଗରେ ଏସ. ସୁନ୍ଦରରାଜନ, ୬ ବର୍ଷରୁ କମ୍ ବୟସ ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶନୀ ଓ ସ୍ମୃତିରଞ୍ଜନ ସାହୁ, ୭ ବର୍ଷରୁ କମ୍ ବୟସ ବର୍ଗରେ ଆର୍ଯ୍ୟନ ବେହେରା ଓ ହର୍ଷିତ ସିଂ, ୯ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ବିକ୍ରମ ମିଶ୍ର ଓ ଶ୍ରଦ୍ଧା ମିଶ୍ର, ୧୧ ବର୍ଷରୁ କମ୍‌ରେ କୌସ୍ତୁଭ ଦାଶ ଓ ଯଶିତା ରାଉତ, ୧୩ ବର୍ଷରୁ କମ୍‌ରେ ସୌରଭ କର ଓ ପି. ସାଇରୂପା ଯଥାକ୍ରମେ ବାଳକ ଓ ବାଳିକା ବର୍ଗରେ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ ୫୧ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ସହ ମୋଟ ୧୪୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଙ୍କିତା ସାହୁ ଶ୍ରେଷ୍ଠ ମହିଳା ଓ ନିପୁନ ଆଦିତ୍ୟ ମହାନ୍ତି ଶ୍ରେଷ୍ଠ ଦିବ୍ୟାଙ୍ଗ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ରଞ୍ଜନ ମହାପାତ୍ର, ଅଜୟ ନାୟକ ଓ ବିନୋଦିନୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅବକାରୀ ସଚିବ ସୁଶୀଲ କୁମାର ଲୋହାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, 'ଆମ ପରିବାର' ଅନୁଷ୍ଠାନ ପକ୍ଷରୁ ଡ. ନଳିନୀ ପଟ୍ଟନାୟକ, ରାଜନାରାୟଣ ତ୍ରିପାଠୀ, ମହେଶ୍ୱର ବିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟମ୍ଭଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ଫିଡେ ଆର୍ବିଟର ଜ୍ୟୋତିରଞ୍ଜନ ନନ୍ଦ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ଜେନା, ଅବିନାଶ ଦାସ, ପ୍ରଣବ ମହାନ୍ତି, ସୂର୍ଯ୍ୟମିତ୍ର ସେନ୍ ଏବଂ ଆଶୁତୋଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ସ୍ୱୟମ୍ଭ ମିଶ୍ର।

■ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ

# ସାଇ ହଷ୍ଟେଲକୁ ଟାଇଟଲ

ନିମାପଡ଼ା, ୧୫।୧୨ (ଡିଏନ୍‌ଏ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ୬ଷ୍ଠ ପଦ୍ମଲୋଚନ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲରେ କଟକ ସାଇ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କଟକ ସାଇ ହଷ୍ଟେଲ ୨-୧ ଗୋଲରେ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ପରାସ୍ତ କରିଥିଲା। ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କଟକ ସାଇ ହଷ୍ଟେଲର ଅବିନାଶ ସାମଲ ଓ ଅଜୟ ବାରହାଙ୍କ ଗୋଲ ବଳରେ ଦଳ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଚରମ୍ପା ପକ୍ଷରୁ ମଳୟ ନାୟକ ଗୋଲସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଚାମ୍ପିୟନ କଟକ ଦଳର ଚନ୍ଦ୍ର ମୁର୍ମୁ ଓ ଚରମ୍ପାର ଦୁର୍ଗା ପ୍ରସାଦ ନାୟକ ଯଥାକ୍ରମେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ, ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ କଟକ ସାଇ ହଷ୍ଟେଲକୁ ୩୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୭ଜଣ ରେଫରି ଓ ୧୦ ଜଣ ଫୁଟ୍‌ବଲ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ୍‌କୁ ଜାତୀୟସ୍ତରର ରେଫରି ବିଷ୍ଣୁପ୍ରିୟା ଦାସ, ସୁଦୀପ ଦାସ, ନିର୍ମଳ ମିଶ୍ର, ସରୋଜ ମହାରଣା, ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ମନମୁଣ୍ଡା, ୧୫।୧୨ (ଡି.ଏନ.ଏ) ଘର କାମ କରୁଥିବା ବେଳେ ଜଣେ ଶ୍ରମିକ ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି । ମୃତକ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଘିକୁଣ୍ଡି ପଞ୍ଚାୟତ ରତାଖଣ୍ଡି ଗ୍ରାମର ଶୁକଦେବ ତରିଆ (୨୭) । ସୂଚନା ଅନୁସାରେ, ଦେଉଳିର ଜଣେ ଠିକାଦାର ଶୁକଦେବଙ୍କୁ ଉକ୍ତ କାମରେ ନିୟୋଜିତ କରିଥିଲେ। ଘର ଛାତ ପଡିବା ପାଇଁ ସେ ରଡ୍ ବାନ୍ଧୁଥିବା ଘର ଉପର ଦେଇ ଯାଇଥିବା ୩୩ କେଭି ଲାଇନ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଶୁକଦେବଙ୍କ ଶରୀରର ପ୍ରାୟ ଅଧା ପୋଡି ଯାଇଥିଲା। ତାଙ୍କୁ ପ୍ରଥମେ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକଦେବଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି ।

## ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ | ଭାଗ ନେଲେ ୧ ହଜାର କ୍ରୀଡ଼ାବିତ୍





ସମ୍ବଲପୁର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ୩ଟି ବର୍ଗରେ ଦଳଗତ ଚାମ୍ପିୟନ ହାସଲ କରିଥିବା ଆଥ୍‌ଲେଟିକ କ୍ଲବ (ବାମ) । ପୁରୁଷ ବର୍ଗ ଚାମ୍ପିୟନ କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା କଲେଜ ପ୍ରଶିକ୍ଷାର୍ଥୀମାନେ (ମଝି) । ବାଳକ ୧୪ ଓ ୧୬ ବର୍ଷ ବର୍ଗର ଚାମ୍ପିୟନ ଆଦିତ୍ୟ ରେସିଡେନସିଆଲ ସ୍କୁଲ ଛାତ୍ରମାନେ ।

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଶନିବାରଠାରୁ ଚାଲିଥିବା ଦୁଇ ଦିନିଆ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୧୯ ରବିବାର ଉଦ୍‌ଯାପିତ ହୋଇଛି । ଏଥିରେ ଦ୍ୱିତୀୟ ଦିନରେ ୧ହଜାର ୧୦ଜଣ କ୍ରୀଡାବିତ ଭାଗ ନେଇ ମାର୍ଚ୍ଚପାଷ୍ଟରେ ଅତିଥିଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହିଳା ଓ ବାଳିକା ୨୦ ବର୍ଷରୁ କମ୍, ବାଳକ ୧୮ ବର୍ଷରୁ କମ୍ ବିଭାଗରେ ସମ୍ବଲପୁର ଆଥ୍‌ଲେଟିକ କ୍ଲବ୍ ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ପୁରୁଷ ବିଭାଗରେ କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା କଲେଜ ଚାମ୍ପିୟନ ହୋଇଛି। ୧୪ ବର୍ଷରୁ କମ୍ ବାଳିକାରେ ଫାଶିମାଲ ସରକାରୀ ଗର୍ଲ୍ସ ହାଇସ୍କୁଲ, ୧୬ବର୍ଷ ବର୍ଗରେ ଅମଲିଖମନ ଆବାସିକ ମିଶନ ୟୁପି ସ୍କୁଲ, ୧୮ ବର୍ଷ ବର୍ଗରେ ଭୋଜପୁର ବିଆରଜି ହାୟର୍ ସେକେଣ୍ଡାରି ସ୍କୁଲ, ବାଳକ ୧୪ ଓ ୧୬ ବର୍ଷ ବର୍ଗରେ ଶାସନ ଆଦିତ୍ୟ ରେସିଡେନସିଆଲ ସ୍କୁଲ ଓ ୨୦ ବର୍ଷ ବର୍ଗରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦଳଗତ ଚାମ୍ପିୟନ ହୋଇଛି। ଆୟୋଜକ ଜିଲା କ୍ରୀଡା ସଂଘ ଉପସଭାପତି ଦିଲୀପ କୁମାର ବିଶି ଏଥିରେ ଅଧକ୍ଷତା କରିଥିଲେ। ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ମୁଖ୍ୟଅତିଥି, ଇଂ. ଅଶୋକ ଜଲାନ, ଓସିଏ ଯୁଗ୍ମ ସମ୍ପାଦକ ମେହେତାଫ ଖାନ, କ୍ରୀଡା ସଂଗଠକ ବିଶ୍ୱମ୍ଭର ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ । ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିଥିବା ବେଳେ କ୍ରୀଡା ସମ୍ପାଦକ ସୁନ୍ଦରମଣୀ ବାରିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଖେଳ ଶିକ୍ଷକ ସାହେବ ଖମାରୀ ଓ ସରକାରୀ ମହିଳା କଲେଜ ଅଧ୍ୟାପିକା ସରିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଅରବିନ୍ଦ ସ୍କୁଲ ଛାତ୍ରୀ ପଦ୍ମା ପ୍ରିୟାଂଶି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ଅଶୋକ କୁମାର ସାହୁ, ସୁନୀଲ କୁମାର ସାହୁ, ବିକାଶ ମିଶ୍ର, ସୁବୋଧ କୁମାର ସାହୁ, ସୟଦ ଜିନ୍ଦା, ଅମୂଲ୍ୟ କୁମାର ମିଶ୍ର, ମନୋଜ ଭୋଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ମନୋରଞ୍ଜନ ପାଢ଼ୀ, ଜଗବନ୍ଧୁ ବେହେରା, ଚିତ୍ତରଞ୍ଜନ ପଣ୍ଡା, ବଦ୍ରିନାରାୟଣ ପୁରୋହିତ, ସୁଲୋଚନା ପଣ୍ଡା, ସୁରେନ୍ଦ୍ର ମୋହନ ପୁରୋହିତ ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ ।

## ବୀଣାପାଣି କ୍ରିକେଟ ଟୁର୍ନାମେଣ୍ଟ | ମାନେଶ୍ୱର ଚାମ୍ପିୟନ

**ଉଲୁଣ୍ଡା, ୧୫.୧୨(ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦକ୍ଷୀଣିପାଲିଠାରେ ୫ ଦିନ ଧରି ଚାଲିଥିବା ମା’ ବୀଣାପାଣି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆଠାରେ ହୋଇଥିବା ଏହି ମ୍ୟାଚର ଫାଇନାଲ ଖେଳରେ ମାନେଶ୍ୱର ଦଳ ଉଲୁଣ୍ଡା ଦଳକୁ ୬ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ମାନେଶ୍ୱର ଦଳ ସୁବର୍ଣ୍ଣପୁରକୁ ହରାଇଥିଲା। ଦ୍ୱିତୀୟ ସେମିରେ ଉଲୁଣ୍ଡା ଦଳ ଖଲିଆପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ଉଲୁଣ୍ଡା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିଥିଲା। ଜବାବରେ ମାନେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ଦୟାନିଧି ଦେହେରୀ, ଶଶିନ୍ଦ୍ର ଭୁକ୍ତା, ନରେନ୍ଦ୍ର ଭୋଇ, ବଷ୍ଟି ସାହୁ ପରିଚାଳନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁରେନ୍ଦ୍ର ଭୋଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରାମ କୁମାର ସାହୁ, ବାରନା ଡୁଙ୍ଗଡୁଙ୍ଗ, ସନ୍ତୋଷ ଭୁକ୍ତା, ଅନ୍ତରାମ ଦେହେରୀ, ରବିନ୍ଦ୍ର ଭୋଇ, ଭୁବନ ବଘାର, ଅମିତ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜେତା ମାନେଶ୍ୱର ଓ ଉପବିଜେତା ଉଲୁଣ୍ଡା ଦଳକୁ ଟ୍ରଫିସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ଟୁକୁମଣି ଏବଂ ମ୍ୟାନ ଅଫ ଦ ସିରଜ ମାନେଶ୍ୱରର ଶଙ୍କରଙ୍କୁ ପୁରସ୍କରା ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ମାନେଶ୍ୱର ଦଳର ଖେଳାଳିମାନେ।

## ନିଆଁରେ ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

ରାଉରକେଲା ଅଫିସ/ନୂଆଗାଁ,୧୫।୧୨(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଗାଡାମହଲା ଅଞ୍ଚଳରେ ରବିବାର ଅପରାହ୍ନରେ ଜୁହି ଖାତୁନ (୩୦) ନାମ୍ନୀ ଜଣେ ମହିଳା ନିଆଁରେ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଶାଶୁଘର ଝାଡ଼ଖଣ୍ଡ ରାଜ୍ୟରେ ହୋଇଥିବାବେଳେ ସେ କିଛି ଦିନ ହେବ ବାପ ଘର ଗାଡାମହଲା ଅଞ୍ଚଳରେ ରହୁଥିଲେ। ତାଙ୍କର ଦେହ ବାରମ୍ବାର ଅସୁସ୍ଥ ହେଉଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା ପୋଲିସ ନିକଟରେ ବୟାନ ଦେଇଛନ୍ତି ବୋଲି ବିଶ୍ରା ଥାନା ଅଧିକାରୀ ବନିତା ମାଝି କହିଛନ୍ତି।

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



ଜ୍ୟୋତିଷ୍ମା ଶତପଥି (ତୁତୁଲ)
ପୋଖରୀପୁଟ, ଭୁବନେଶ୍ୱର

ଶ୍ରୀ ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ, ଶୁଭେଚ୍ଛା ସହ : ନନା, ବୋଉ, ଆଈ, ମାମୁଁ, ଜେଜୁ ଆଈ, ପପୁ, ମାମୁଁ, ବାବା, ମମି, ଖୁସି ଦିଦି, ଲୁସି ଦିଦି, ନାନୀ, ପିଇସା, ପପା, ମାମା

ଧ-୧୫୭୩୧

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ (କୁନୁ)**
କପିଳେଶ୍ୱରପୁର, ପୁରୀ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେମା’, ଅଜା, ଆଈ, ବାପା, ମାମା, ମାମୁ, ମାଉସୀ, ପରିବାରବର୍ଗ ।

ଧ-୬୯୦୦୨

## ସାଇଟ୍ ସିନିଅର ଫୁଟବଲ ଟୁର୍ନାମେଣ୍ଟ | ବଲାଙ୍ଗୀର ଇଲେଭେନ୍ ଷ୍ଟାର ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୧୫।୧୨**

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଅନୁଷ୍ଠିତ ୫୩ ତମ ସିନିଅର ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗୀର ଇଲେଭେନ୍ ଷ୍ଟାର ଦଳ ୫-୦ଗୋଲରେ ଭବାନୀପାଟଣା ସ୍ପୋର୍ଟସ୍ ହଷ୍ଟେଲକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ଉଦ୍‌ଯାପନୀ ଉତ୍ସବରେ ଫୁଟବଲ ଆସୋସିଏଶନ ଅଫ୍ ଓଡିଶା ତଥା ବଲାଙ୍ଗୀର ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ୨୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ ଯୋଗ ଦେଇଥିଲେ । ଆୟୋଜନ କମିଟି ସମ୍ପାଦକ ଇଂ ନାରାୟଣ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସାଙ୍ଗଠନିକ ସମ୍ପାଦକ ଡ. ସିଦ୍ଧେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡାବିତ୍ ସୁନୀଲ ଚନ୍ଦ୍ର ବିଶ୍ୱାଳ, ଜିଲା ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ, କୋଷାଧକ୍ଷ ଆଦିତ୍ୟ ପଟ୍ଟନାୟକ, ପୂର୍ବତନ କ୍ରୀଡାବିତ ଗରୁଡଧ୍ୱଜ ସାଏ ମଞ୍ଚାସୀନ ହୋଇଥିଲେ । ଖେଳକୁ ସୁବ୍ରତ ପୁରୋହିତ, ନରସିଂ ସ୍ୱାମୀ ନାଇଡୁ, ଦେବରାଜ ନାହାକ ଓ ଶରତ ନନ୍ଦ ପରିଚାଳନା କରିଥିଲେ । ଡ. ପ୍ରମୋଦ କୁମାର ମିଶ୍ର, ଈଶ୍ୱର ମଚ୍ଛଖଣ୍ଡ, ଦେବାଶିଷ ପଟ୍ଟନାୟକ ତଥା ସାଇଟ ସ୍ପୋର୍ଟସ୍ ସୋସାଇଟି ସଭ୍ୟମାନେ ସହଯୋଗ କରିଥିଲେ । ଶେଷରେ ପଲ୍ଲୀଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।




ଚାମ୍ପିୟନ୍ ଓ ରନର୍ସ ଅପ୍ ଦଳର ଖେଳାଳିଙ୍କ ସହ ଅତିଥି, ଆୟୋଜକ।

Book for Marriage @1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room




THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076

## ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ ୨୦୧୯

## ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ସଇଁତଲା ବିଜୟୀ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ସିନାପାଲି, ୧୫।୧୨ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ରାଜିବ ଖେଳ ପଡିଆଠାରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ସଇଁତଲା ଏକାଦଶ ବିଜୟୀ ଲାଭ କରିଛି। ରବିବାର କଳାହାଣ୍ଡି ଜିଲା ଟିଟିଆ ଏକାଦଶ ଓ ବଲାଙ୍ଗୀର ଜିଲା ସଇଁତଲା ଏକାଦଶ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଟିଟିଆ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ୧୩.୩ ଓଭରରେ ୬୨ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । ଏହାର ଜବାବରେ ସଇଁତଲା ଏକାଦଶ ୯ ଓଭରରେ ୩ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ବିଜୟୀ ଲାଲ କରିଥିଲା। ମ୍ୟାଚରେ ରୋମିଓ ସାହା ସଇଁତଲା ଦଳର ପ୍ରମୁଖ ଅଲରାଉଣ୍ଡର ୫ ଉଇକେଟ ଅକ୍ତିଆର କରି ୧୬ ରନ ସଂଗ୍ରହ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ମ୍ୟାଚରେ ମୁଖ୍ୟଅତିଥି ଭାବରେ ଛତିଶଗଡ ରାଜ୍ୟ ବରିଷ୍ଠ ସାମାଜିକ କର୍ମୀ ବିଜୟଶଙ୍କର କଶ୍ୟପ, ଦୟାଶଙ୍କର କଶ୍ୟପ, ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ ସଭାପତି ଯୀଶୁରାମ ବୈଠାରୁ, ସମ୍ପାଦକ ଶ୍ୟାମ ନିଆଲ, ଘଣ୍ଟିଗୁଡା ସରପଞ୍ଚ ଓ ବରିଷ୍ଠ ଯୁବ ସଙ୍ଗଠକ ଦିବ୍ୟରଞ୍ଜନ ବୈଠାରୁଙ୍କ ସମେତ ଅନେକ ଉପସ୍ଥିତ ଥିଲେ। ଏହି ମ୍ୟାଚରେ ଅମ୍ପାୟାର ଭାବରେ ଭୁତେଶ୍ୱର ନାୟକ ଓ ପିୟୋଜ କସ୍ୟପ ମ୍ୟାଚ ପରିଚାଳନା କରିଥିଲେ। ହିନ୍ଦୀ ଓ ଓଡିଆରେ ବରିଷ୍ଠ ଉଦଘୋଷକ ବିଜୟ କୁମାର ସେଠୀ ଓ ଛତିଶଗଡର ବରିଷ୍ଠ ଉଦଘୋଷକ ତେଜରାଜ ଠାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ମକରଧ୍ୱଜ ବୈଠାରୁ ଦାୟୀତ୍ୱ ତୁଲାଇଥିଲେ ।

**ଅନଲାଇନ ମାଧ୍ୟମରେ ଏକକ ରସିଦ ବ୍ୟବସ୍ଥାର ପ୍ରଚଳନ**

ଜନସାଧାରଣଙ୍କର ସୁବିଧା ନିମନ୍ତେ ପରିବହନ ଆୟୁକ୍ତ, ଓଡ଼ିଶାଙ୍କ ଦ୍ୱାରା ଆସନ୍ତା ତା.୧୭/୧୨/୨୦୧୯ରିଖ ଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡ଼ିକରେ ଏକକ ରସିଦ୍ ବ୍ୟବସ୍ଥାର ପ୍ରଚଳନ କରାଯାଉଅଛି ।

- ଏହି ବ୍ୟବସ୍ଥା ମାଧ୍ୟମରେ ଆଗରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲର୍ଣ୍ଣିଙ୍ଗ ଲାଇସେନ୍ସ, ଡ୍ରାଇଭିଂ ଲାଇସେନ୍ସ, ମୋଟର ଯାନର ରେଜିଷ୍ଟ୍ରେସନ, ପରମିଟ୍, ଫିଟ୍‌ନେସ୍ ଓ ଅନ୍ୟାନ୍ୟ ସେବାପାଇଁ ପୈଠ କରାଯାଉଥିବା ଦେୟ ଗୁଡ଼ିକୁ ସରଳୀକରଣ କରାଯାଇ ଏକକ ରସିଦ୍ ବ୍ୟବସ୍ଥାର ପ୍ରଚଳନ କରାଯାଉଅଛି ।
- ବିଭିନ୍ନ ସେବା ପାଇଁ ଆବେଦନକାରୀ ପୂର୍ବରୁ ସରକାରୀ ଦେୟ ଅନ୍‌ଲାଇନ ମାଧ୍ୟମରେ ଦେଇପାରୁଥିଲେ ମଧ୍ୟ ସେବା ପ୍ରଦାନକାରୀ ସଂସ୍ଥା (Smart Chip Limited) ର ଦେୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କାଉଁଟର କୁ ଆସି ଅଲଗା ଦେବାକୁ ପଡୁଥିଲା । ବର୍ତ୍ତମାନ ଆଉ କୌଣସି ଦେୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଲାଇନରେ ଯାଇ ଭିଡ଼ରେ ଠିଆ ହୋଇ ଦେବାକୁ ପଡ଼ିବ ନାହିଁ ।






ବି. ଦ୍ର. : ଉକ୍ତ ଏକକ ରସିଦ୍‌ରେ ଆଦାୟ କରାଯାଉଥିବା କାଗଜ ଭିତ୍ତିକ ନଥିପତ୍ର (Paper based documents) ଯଥା LL, DL, Fitness Certificate ଓ Registration Certificate ଇତ୍ୟାଦିର ଦେୟ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କର କେସ ନଂ **4520 of 2019**ର ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ ଆଦାୟ କରାଯାଉଅଛି ।

ପରିବହନ ଆୟୁକ୍ତ, ଓଡ଼ିଶା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୧୬/୨୦୧୯ Sambalpur, Monday, December 16 / 2019

# ବାଇକ୍ ଆରୋହୀଙ୍କଠାରୁ ୫.୭ ଲକ୍ଷ ଲୁଟିନେଲେ

**କଣ୍ଟାବାଞ୍ଜି, ୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ୨୬ନଂ. ରାଜ୍ୟ ରାଜପଥର କାନୁଟ-ତଅଁଲା ଇଲେକ୍ଟ୍ରି ଗ୍ରୀଡ ନର୍ସରୀ ନିକଟରେ ରବିବାର ସନ୍ଧ୍ୟାରେ ମୁଖାପିନ୍ଧା ଲୁଟେରା ଜଣେ ବାଇକ୍ ଆରୋହୀଙ୍କଠାରୁ ୫ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ଏସ.ରେଡ୍ଡୀ ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟାନନ୍ଦ କରକରା ହସ୍‌ପିଟାଲକୁ ଯାଇ ଆହତଙ୍କୁ ପଚରାଉଚରା କରିବା ସହ ଘଟଣାର ଅନୁସନ୍ଧାନ କରିଥିଲେ। ଲୁଟେରାଙ୍କୁ ଧରିବା ପାଇଁ ନିକଟସ୍ଥ ଥାନାଗୁଡିକୁ ସୂଚନା କରାଯାଇଥିବା କରକରା କହିଛନ୍ତି। କଣ୍ଟାବାଞ୍ଜି ଅନୀଲ ବ୍ରଦର୍ସରେ କାମ କରୁଥିବା ଏସ.ରେଡ୍ଡୀ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଉକ୍ତ ଟଙ୍କା ସଂଗ୍ରହ କରି ବାଇକ୍‌ରେ ଫେରିବା ବାଟରେ ତଅଁଲା ଛକ ନିକଟରେ ଏହି ଘଟଣା ଘଟିଛି।



ଲୁଟେରାଙ୍କ ଆକ୍ରମଣରେ ଆହତ ବ୍ୟକ୍ତି।

# କଫସିରପ କାରବାରରେ ୧୪ଗିରଫ

**ସମ୍ବଲପୁର,୧୫।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ଥାନା ପୋଲିସ କଫସରିପ କାରବାର ଅଭିଯୋଗରେ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ସୌମ୍ୟରଞ୍ଜନ ତ୍ରିପାଠୀ, ଶ୍ରୀକାନ୍ତ ଦୀପ, ପ୍ରବୀଣ ମିଶ୍ର, ସୁଧାଂଶୁ କୁମ୍ଭାର, ମହମ୍ମଦ ନୁସାଦ ଅଲ୍ଲୀ, ମହମ୍ମଦ ଖଲି, ପ୍ରଦୀପ ରାଣା, ନିତେଇ ବରାଦ, ଘାଷି ବିଭାର, ପପି ବିଭାର, ସୁନୀଲ ସୋନକାର, ରାହୁଲ ନାଗ, ରୋଶନ ଝଲାରୁ ଓ ସତ୍ୟମ ନାଏକ। ଏମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ମୋଟ ୩୯ ହଜାର ଟଙ୍କା ପୋଲିସ ଜବତ କରିଛି।

# ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇ ମୃତ

**କଣ୍ଟାବାଞ୍ଜି, ୧୫।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ବେହେରେନସିଲେଟ ଗାଁରେ ଜମିବାଡି ବିବାଦକୁ କେନ୍ଦ୍ର କରି ଶନିବାର ରାତିରେ ବଡଭାଇର ଟାଙ୍ଗିଆ ଚୋଟରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବରାମ ମାଝି(୪୦)। ମୃତକଙ୍କ ସ୍ତ୍ରୀ ଶ୍ରୀମତ ମାଝୀଙ୍କ ଅଭିଯୋଗ ଅନୁସାରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ଶରତ ମାଝୀ(୪୫)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ମୁତାବକ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ତେବେ ଏ ନେଇ କଥାହେବା ପାଇଁ ଶରତ ଶନିବାର ରାତିରେ ଦେବରାମଙ୍କୁ ଡାକିଥିଲେ। ଦୁଇଭାଇଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ହଠାତ୍ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଶରତ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ସାନ ଭାଇ ଦେବରାମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ.୨୯୯/୧୯) ରୁଜୁ କରି ଅଭିଯୁକ୍ତ ବଡ଼ଭାଇ ଶରତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।


















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ
ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମହାଲକ୍ଷ୍ମୀ ପୂଜା ସମ୍ପନ୍ନ

ବରପାଲି, ୧୫।୧୨ (ଡି.ଏନ.ଏ)

ବରପାଲି ଭୁଲିଆ ସମାଜ ଉଦ୍ୟମରେ ଚାଲିଥିବା ୫ ଦିନିଆ ଲକ୍ଷ୍ମୀପୂଜା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପୂଜାକର୍ତ୍ତା ଗଣେଷ ମେହେର ଓ ତାଙ୍କ ସ୍ତ୍ରୀ ମୋହିନୀ ମେହେରଙ୍କ ଉପସ୍ଥିତିରେ ଲକ୍ଷ୍ମୀପୁରାଣ, ପଣ୍ଡିତଙ୍କ ବେଦମନ୍ତ୍ର ସହ ମହିଳାମାନଙ୍କ ହୁଳହୁଳିରେ ପୂଜା ମଣ୍ଡପ ପ୍ରକମ୍ପିତ ହୋଇଥିଲା। ସକାଳେ ବିସର୍ଜନ ସହ ଭସାଣି ଶୋଭାଯାତ୍ରା ହୋଇଥିଲା। ଶନିବାର ରାତିରେ ମୁରାସୁର ଦରବାରରେ ନୃସିଂହଙ୍କ ହାତରେ ମୁରାସୁର ବଧ ଅଭିନୀତ ହୋଇଥିଲା। ମୁରାସୁର ଭୂମିକାରେ ବୀରବଜରଙ୍ଗ ମେହେର, ମନ୍ତ୍ରୀ ସରୋଜ ବେହେରା ଓ ସେନାପତି ଭାବେ ଦିଲୀପ ଲହରିଆ ଅଭିନୟ କରିଥିଲେ। ପଣ୍ଡିତ ଯୋଗେଶ ଦାଶ, ଗୋବିନ୍ଦ ଦାଶ ପ୍ରମୁଖ ପୂଜକ ଦାୟିତ୍ୱ ତୁଲାଇଥିଲେ । ରାତିସାରା ମୀନାବଜାର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା ।

### ବ୍ରାହ୍ମଣ ସମାଜ ବୈଠକ

ପାଇକମାଳ, ୧୫।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ଏକ ବୈଠକ ବଳଦେବ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗିରିଶ ଚନ୍ଦ୍ର ନାୟକ ସଭାପତି, ସୁଶାନ୍ତ ପାଣିଗ୍ରାହୀ, ବାସନ୍ତୀ ମିଶ୍ର ଉପସଭାପତି, ସତ୍ୟନାରାୟଣ ଯୋଶୀ ସମ୍ପାଦକ, ସୁଶାନ୍ତ କୁମାର ପଣ୍ଡା, ନମିତା ରଥ ସହ ସମ୍ପାଦକ, ଜୟନାରାୟଣ ପୁରୋହିତ କୋଷାଧ୍ୟକ୍ଷ, ଆଶିଷ ରଞ୍ଜନ ଦାଶ ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ । ସେହିପରି ଲଳିତ ମୋହନ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଦିନେଶ ପଣ୍ଡା, ଆଲୋକ ମିଶ୍ର, ଜୟନ୍ତୀ ପଣ୍ଡା, ସବିତା ମିଶ୍ର, ଅଡିଟର ବିଭୂତି ଭୂଷଣ ମୁଣ୍ଡ, ମାତୃ ପ୍ରସାଦ ରଥ ସଭ୍ୟ ଅଛନ୍ତି । ଶେଷରେ ଗିରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଞ୍ଚଳିକ ରାଜପୁର କ୍ଷତ୍ରିୟ ସମାଜର ସମ୍ମିଳନୀ

ପଦ୍ମପୁର, ୧୫।୧୨ (ଡି.ଏନ.ଏ)

ଆଞ୍ଚଳିକ ରାଜପୁର କ୍ଷତ୍ରୀୟ ସମାଜର ସମ୍ମିଳନୀ ପଦ୍ମପୁର ଉପଖଣ୍ଡ ବଡମହୁଲପାଲିଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଫଗୁଲାଲ ସିଂହ ଅଧକ୍ଷତା କରିଥବଲେ । ମାଁ ଦୁର୍ଗାଙ୍କ ପୂଜାର୍ଚ୍ଚନା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା । ଏଥିରେ ସନଦାଦର, ପୁଟୁକା, ଲଉଡିଦର୍ହା, ଟେମରି, ପଦ୍ମପୁର, ଜାମଟବାହାଲ ଗ୍ରାମର କ୍ଷତ୍ରୀୟ ରାଜପୁତ ମହିଳା ପୁରୁଷ ଯୋଗଦାନ କରିଥିଲେ । ବିପିନ ଠାକୁର, ଲଳିତ ସିଂହ, କୃଷ୍ଣଚନ୍ଦ୍ର ଠାକୁର ମଞ୍ଚାସୀନ ଥିଲେ। ଅଲେଖ ଠାକୁର, ହରିଶଙ୍କର ସିଂ, ଶାରଦା ସିଂ ଠାକୁର ଜାତିର ସଙ୍ଗଠନ ଓ ଏକତାକୁ ମଜବୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପ୍ରାୟ ୩୦୦ ଶହ ରାଜପୁତ ଯୋଗଦାନ କରି ଝାରବନ୍ଧ ବ୍ଲକସ୍ତରୀୟ କମିଟି ଗଠନ କରିଥିଲେ । ଅନୁପ ଠାକୁର ସଭାପତି, ଅଲେଖ ଠାକୁର ଉପସଭାପତି, ସଞ୍ଜିତ ସିଂ ସମ୍ପାଦକ, ସନ୍ତୋଷ ସିଂହ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ଦାରା ସିଂହ, ଅଶୋକ ସିଂହ, ରାଜେନ୍ଦ୍ର ସିଂହ, କସ୍ତୁରୀ ସିଂହ, ତନୁଜା ସିଂହ, ଲିଙ୍ଗରାଜ ସିଂହ, ସୁଲୋଚନା ସିଂହ ସହଯୋଗ କରିଥିଲେ ।

## ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀ

# ୧୫୮ ଚିତ୍ରଶିଳ୍ପୀ ପୁରସ୍କୃତ

ବରଗଡ଼ ଅଫିସ୍, ୧୫।୧୨

ବରଗଡ଼ ସହରର ଚିତ୍ରକଳା ଅନୁଷ୍ଠାନ କଳା କଳ୍ପନାର ୧୧ତମ ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ସୌଖିନ କଳାକାର ମଞ୍ଚରେ ଉଦ୍‌ଘାଟିତ ହୋଇଛି । ଏହି ପ୍ରଦର୍ଶନୀରେ ଆସାମ, ନୂଆଦିଲ୍ଲୀ, ଭୋପାଳ, ଲକ୍ଷ୍ନୌ, ମୁମ୍ବାଇ, ବାଙ୍ଗାଲୋର, କଲିକତା ସମେତ ଓଡ଼ିଶାର ଅନୁଗୁଳ, ରାଜଗାଙ୍ଗପୁର, ରାୟଗଡ଼ା, କୋରାପୁଟ, ଟିଟିଲାଗଡ଼, କେଉଁଝର, ସମ୍ବଲପୁର, ବଲାଙ୍ଗୀର, ବରଗଡ଼ର ବହୁସଂଖ୍ୟକ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଉକ୍ତ ଉତ୍ସବରେ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ମୁଖ୍ୟ ଅତିଥି, ଓଡ଼ିଶା ଏଣ୍ଟର ପ୍ରାଇଜେସର ଚନ୍ଦ୍ରଶେଖର ବାଗ, ରୋଟାରୀ କ୍ଲବର ଅଧ୍ୟକ୍ଷ ପ୍ରକାଶ କର, ଚିତ୍ରଶିଳ୍ପୀ ଶଶଧର ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଳା କଳ୍ପନାର ଏହି ପ୍ରୟାସ ଚିତ୍ରକଳାର ପ୍ରଚାର, ପ୍ରସାର ଦିଗରେ ସହାୟକ ହୋଇପାରିବ। ଚିତ୍ରଶିଳ୍ପୀମାନେ ମୁଖ୍ୟସ୍ରୋତରେ ସାମିଲ ହେବା ସହିତ ଭାବର ଆଦାନ, ପ୍ରଦାନ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହା ସହିତ ଦେଶର କୋଣ, ଅନୁକୋଣରେ ରହିଥିବା ଚିତ୍ରଶିଳ୍ପୀଙ୍କ ସୃଜନଶୀଳତାକୁ ଅତିଥିମାନେ ପ୍ରଶଂସା କରିଥିଲେ । ଉକ୍ତ ଉତ୍ସବରେ ସମୁଦାୟ ୧୫୮ଜଣ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୧୫୨ ଶିଶୁ ଚିତ୍ରଶିଳ୍ପୀ ଓ ୬ଜଣ ଯୁବ ଚିତ୍ରଶିଳ୍ପୀ ରହିଥିଲେ । ସେହିପରି ଚିତ୍ରଶିଳ୍ପୀ ମନୋଜ ପ୍ରଧାନ, ରାଜେନ୍ଦ୍ର ମେହେର, ଶିଶୁ ଚିତ୍ରଶିଳ୍ପୀ ଶୁଭମ କୁମାର ନାୟକ, ହିତାଂଶୁ ଶେଖର ପ୍ରଧାନଙ୍କୁ ଅତିଥିବୃନ୍ଦ ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ୧୯୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ର ପ୍ରତିଯୋଗିତା ହୋଇଥିଲା । ଏଥିରେ ଅନୁଗୋଳର ଚିତ୍ରଶିଳ୍ପୀ ମନୋରଞ୍ଜନ ଦାସ, ବିନୟ କୁମାର ମହାନ୍ତି, ବୁର୍ଲାର ଶଶଧର ପତି ବିଚାରକ ଭାବେ ଯୋଗଦାନ କରିଥିଲେ। ସେହିପରି ଗାର୍ଡ଼େନିଆ ଏକାଡ଼େମୀ, ପ୍ରକାଶପୁରକୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭ୍ୟ ଅଶୋକ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଆଡ଼େଭୋକେଟ୍ କିରଣ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଚିସ୍ମିତା ଦାଶ, ବୃନ୍ଦାବନ ବିଶି, ଚନ୍ଦନ ମେହେର, ସୁଜିତ ମେହେର, ମନୋଜ ପ୍ରଧାନ, ଚୂଡ଼ାମଣି ସିଂ, ମୋହିତ ଭୋଇ, ବିଦ୍ୟାଧର ପ୍ରଧାନ, ହେମନ୍ତ ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ ।



ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଚିତ୍ରଶିଳ୍ପୀ ।





ଦେଶୀ ବିହନ ପରବରେ ଗୋମାତାଙ୍କୁ ପୂଜା କରାଯାଉଛି ।

## ଖରାମାଲରେ ଦେଶୀ ବିହନ ପରବ ଆରମ୍ଭ

ପାଇକମାଳ, ୧୫।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଖରାମାଲ ଗ୍ରାମରେ ଦେଶୀ ବିହନ ପରବ ରବିବାର ଆରମ୍ଭ ହୋଇଛି । ସନ୍ଧ୍ୟାରେ ଗାଁରେ ସମସ୍ତେ ଏକତ୍ରିତ ହୋଇ ଗୋମାତା ପୂଜନ କରିଥିଲେ । ପ୍ୟାରିଲାଲ ମାଝୀ ଓ ମୁକ୍ତା ମାଝୀ, କାର୍ତ୍ତିକ ମାଝୀ ଓ ଧନମତି ମାଝୀ, ପରମେଶ୍ୱର ମାଝୀ ଓ ସୁଭଦ୍ରା ମାଝୀ, ଗୋବର୍ଦ୍ଧନ ମାଝୀ ଓ ମଲ୍ଲି ମାଝୀ, ଗୋବର୍ଦ୍ଧନ ବରିହା ଓ ରତ୍ନି ବରିହା କର୍ତ୍ତା ଥିଲେ । ପୂଜକ ବ୍ୟାସଦେବ ପାତ୍ର, ନିରଞ୍ଜନ ପାଣ୍ଡେ, ଡ. ହରିଭାଇ ଆରିୟାନ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ପରବ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ସୋମବାର ଏଥିରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସମ୍ବଲପୁର, କୁଚିଣ୍ଡା, ପଦ୍ମପୁର, ବିଜେପୁର, ଗାଇସିଲେଟ ଅଞ୍ଚଳର ପାଖାପାଖି ୪ଶହରୁ ୫ଶହ ଚାଷୀ ଯୋଗଦେଇ ଦେଶୀ ବିହନ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ବରଗଡ଼ ଅଫିସ୍, ୧୫।୧୨

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ସୁରଭି ଚିତ୍ରଶିକ୍ଷା ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କଳା ଶିକ୍ଷକ ଦୁଃଖୀସେବକ ସାହୁ, ସମାଜସେବୀ ମନୋଜ ସେଠ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଗ୍ନି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ୫ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୪୮ଜଣ ଛାତ୍ରୀଛାତ୍ର ଏବଂ ୯ଜଣ କଳାଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ବରଗଡ଼ ବିଦ୍ୟାସାଗର ଏକାଡ଼େମୀର ଅଧ୍ୟକ୍ଷ ଜୟଦେବ ଭୋଇଙ୍କୁ ଚିତ୍ରଶିକ୍ଷାର ପ୍ରଚାର, ପ୍ରସାରରେ ଅବଦାନ ପାଇଁ ପୃଷ୍ଠପୋଷକ ସମ୍ମାନ ପ୍ରଦାନ କରାଯାଇଥିଲା। ରମାକାନ୍ତ ସିଂ ଅକେଲା, ଶଶିକାନ୍ତ ରାୟ, ସୁବ୍ରତ କୁମାର ସରାଫ, କୈଳାଶ ଦାଶ, ପ୍ରେରଣା ଭୁଏ, ଶାଶ୍ୱତ ଦାଶ, ସୁନୀଲ ଅଗ୍ରୱାଲ, ପ୍ରଭାତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।





ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

## ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ

ବରଗଡ଼ ଅଫିସ୍, ୧୫।୧୨

ବରଗଡ଼ ଜିଲାସ୍ତରୀୟ ବିଜ୍ଞାନମେଳା ରବିବାର ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଲେ। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ୍), ବୁର୍ଲାର ପ୍ରଫେସର ଡଃ ଦେବଦତ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ବିଜ୍ଞାନର ଆବଶ୍ୟକତା, ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ସେହିପରି ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଛତ୍ରପତି ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, କାର୍ଯ୍ୟକାରୀ ସମ୍ପାଦିକା ତଥା ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ବିଜ୍ଞାନ ସଂଯୋଜକ ତଥା ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ସାହିତ୍ୟିକ ଚକ୍ରପାଣି ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସାହିତ୍ୟିକ ଦାଶଙ୍କ ରଚିତ ପୁସ୍ତକ 'ପ୍ରାଥମିକ ଶିକ୍ଷାର ଭୂମିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଗୋବିନ୍ଦ ସେଠ, ରୋଜାଲିନ ମିଶ୍ର, ମଧୁସ୍ମିତା ଦାଶ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମର ସାଂସ୍କୃତିକ ସନ୍ଧ୍ୟାରେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ସଙ୍ଗୀତ ନିର୍ଦ୍ଦେଶକ ଚୈତନ୍ୟ ପାଇକଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଜାତୀୟ ସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜର୍ଜ ହାଇସ୍କୁଲର ବ୍ୟାଣ୍ଡ ଦଳକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ରାଣାପ୍ରତାପ ହାଇସ୍କୁଲର କର୍ମଚାରୀ ସହଯୋଗ କରିଥିଲେ । ଉକ୍ତ ବିଜ୍ଞାନମେଳାରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନୀତ ହୋଇଥିବା ବେଳେ ଆସନ୍ତା ୧୭ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।





ଜିଲାସ୍ତରୀୟ ବିଜ୍ଞାନମେଳାର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

### ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘ ବୈଠକ

ପାଇକମାଳ, ୧୫।୧୨ (ଡି.ଏନ.ଏ)

ପଶ୍ଚିମ ଓଡିଶା ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘ ବରଗଡର ଦଶମ ବାର୍ଷିକ ସଭା ପାଇକମାଳ ନୃସିଂହନାଥ କଲ୍ୟାଣ ମଣ୍ଡପରେ ରବିବାର ବାଳକୃଷ୍ଣ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉର୍କୁଲ ତାଣ୍ଡି ମୁଖ୍ୟଅତିଥି, ବଳରାମ ମିଶ୍ର, ଭକ୍ତଚରଣ ଦାସ, କୁମାର ମାହାନା, ବଡ ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଚାକିରୀ କାର୍ଯ୍ୟକାଳ ମଧରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ କିପରି ଚାକିରି ପ୍ରଦାନ କରାଯିବ ସେ ବିଷୟରେ ଆଲୋଚନା କରଯାଇଥିଲା । ଭରତ ଭୂଷଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପାଳ ଚନ୍ଦ୍ର ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ୧୫ଜଣ ପୁରାତନ କର୍ମୀଙ୍କୁ ଅତିଥିମାନେ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଆରମ୍ଭରେ ମୃତ କର୍ମଚାରୀମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୌତମ ପଣ୍ଡା, ପଞ୍ଚୁ ଦୀପ, ସୂର୍ଯ୍ୟମଣି ପ୍ରଧାନ, ଲବଙ୍ଗ ଦୀପ, ବାସନ୍ତୀ ସାହୁ, ଜୟନ୍ତୀ ପ୍ରଧାନ, ଉକିଆ ଗୁରୁ, ବିଳାସିନୀ ବେହେରା, ଗୋବର୍ଦ୍ଧନ ବାଗ, ଶିଶୁପାଳ ବରିହା ପ୍ରମୁଖ ସଭ୍ୟାସଭ୍ୟ ସହଯୋଗ କରିଥିଲେ। ୨୦୧୯-୨୦ ବର୍ଷ ପାଇଁ ସଭାପତି ବାଳକୃଷ୍ଣ ନାଗ, ଉପସଭାପତି ବଳରାମ ମିଶ୍ର, ସମ୍ପାଦକ ଦୟାନିଧି ମହାପାତ୍ର, କୋଷାଧ୍ୟକ୍ଷ ପୁରନ୍ଦର ମିଶ୍ର, ସାଙ୍ଗଠନିକ ସମ୍ପାଦକ ଭାବେ କୈଳାଶ ଚନ୍ଦ୍ର ଦୋରାଙ୍କୁ ମନୋନିତ କରାଯାଇଥିଲା । ଗାନ୍ଧୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣ ସମାଜ ବୈଠକ

ପାଇକମାଳ, ୧୫।୧୨ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ଏକ ବୈଠକ ବଳଦେବ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗିରିଶ ଚନ୍ଦ୍ର ନାୟକ ସଭାପତି, ସୁଶାନ୍ତ ପାଣିଗ୍ରାହୀ, ବାସନ୍ତୀ ମିଶ୍ର ଉପସଭାପତି, ସତ୍ୟନାରାୟଣ ଯୋଶୀ ସମ୍ପାଦକ, ସୁଶାନ୍ତ କୁମାର ପଣ୍ଡା, ନମିତା ରଥ ସହ ସମ୍ପାଦକ, ଜୟନାରାୟଣ ପୁରୋହିତ କୋଷାଧ୍ୟକ୍ଷ, ଆଶିଷ ରଞ୍ଜନ ଦାଶ ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ । ସେହିପରି ଲଳିତ ମୋହନ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଦିନେଶ ପଣ୍ଡା, ଆଲୋକ ମିଶ୍ର, ଜୟନ୍ତୀ ପଣ୍ଡା, ସବିତା ମିଶ୍ର, ଅଡିଟର ବିଭୂତି ଭୂଷଣ ମୁଣ୍ଡ, ମାତୃ ପ୍ରସାଦ ରଥ ସଭ୍ୟ ଅଛନ୍ତି। ଶେଷରେ ଗିରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପରବାହାଲ ଚାମ୍ପିୟନ

### ଟାକଧରା କପ୍ କ୍ରିକେଟ ଟୁର୍ନାମେଣ୍ଟ

ଝାରବନ୍ଧ, ୧୫।୧୨ (ଡି.ଏନ.ଏ)

ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କୋତନା ସ୍ଥିତ ଡ୍ୟାମ ପଡିଆରେ ଅନୁଷ୍ଠିତ ଟାକଧରା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଏଥିରେ ଉପରଦାହାଲ ଦଳ ଜାମ୍ପିୟନ ହୋଇଛି । ୫ ଦିନ ଧରି ଚାଲିଥିବା ଏହି ୨୫ତମ ଟାକଧରା କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଡ. ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଡା. ମାନସ ରଞ୍ଜନ ପ୍ରଧାନ, ହୃଷିକେଶ ପୋଢ଼, ଲଳିତ ପ୍ରଧାନ, ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଉପରବାହାଲ ଦଳ ଓ ରନର୍ସ କୋତନା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ଖେଳ ଉପରବାହାଲ ଓ କୋତନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ୧୦ ଓଭର ମ୍ୟାଚରେ କୋତନା ଦଳ ୯୩ ରନ କରିଥିଲା। ଏହାର ଜବାବରେ ଉପରବାହାଲ ଦଳ ୮.୧ ଓଭରରେ ମ୍ୟାଚ ଜିତିଥିଲା । ଏହି ଖେଳକୁ ରୁଷଭ ସେଠ ଓ ଅନୀଲ ପ୍ରଧାନ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ଧିରେନ୍ଦ୍ର ବାଙ୍କା । ରିତେଶ ବରିହା ଧାରା ବିବରଣୀ ଦେଇଥିଲେ । ଏହି ରୌପ୍ୟ ଜୟନ୍ତୀ କ୍ରିକେଟ ଟୁର୍ନାମେଣ୍ଟରେ ଜଗଦୀଶ ବାଙ୍କା, ଅନ୍ତର୍ଯାମୀ ବେହେର, ସଞ୍ଜୀବ ପ୍ରଧାନ, ସୁନୀଲ ଅଗ୍ରୱାଲ ସହଯୋଗ କରିଥିଲେ ।



ଖେଳ ପଡିଆରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ବିବିଏରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

# ଗୁଣାତ୍ମକ ଶିକ୍ଷାଦାନ ସଫଳତାର ଚାବିକାଠି

ବରଗଡ଼ ଅଫିସ୍, ୧୫।୧୨

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ବିବିଏ ଦ୍ୱିତୀୟ ବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ବିବିଏ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ଗୋଲି ସୁନୀତା ୮୯.୭୫, ମୁସ୍କାନ ଅଗ୍ରୱାଲ ୮୫.୧୩, ଶିବାନୀ ଅଗ୍ରୱାଲା ୮୪.୬୩, ମମଦା ଯାଦବ ୮୪, ଶୁଭ୍ର ପ୍ରକାଶ କର ୮୨.୮୮, କୁଳଦୀପ ମିଶ୍ର ୮୨.୫୦, ଅଙ୍କିତା ବାନାର୍ଜୀ ୮୧.୬୩, ସି.ଏଚ୍ ଅନସୂୟା ୮୧.୫୦, ଏକତା ଝା ୮୦.୮୮, ସ୍ୱୀକୃତି ପଣ୍ଡା ୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୦ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ, ୧୬ଜଣ ୭୦ରୁ ୭୯, ୨୦ଜଣ ୬୦ରୁ ୬୯ ପ୍ରତିଶତ ମାର୍କ ରଖିଛନ୍ତି । ସେହିପରି ଉକ୍ତ ଅନୁଷ୍ଠାନର ଶତ ପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତାର ସହିତ କୃତିତ୍ୱ ଅର୍ଜନ କରିଛନ୍ତି ବୋଲି ଅନୁଷ୍ଠାନର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି। ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟରେ ବିବିଏ, ବିସିଏ ପାଠ୍ୟକ୍ରମରେ ଗୁଣାତ୍ମକ ମାନର ଶିକ୍ଷାଦାନ ହିଁ ସଫଳତାର କାରଣ ବୋଲି ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କହିଛନ୍ତି । ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ସମସ୍ତ ଅଭିଭାବକ ତଥା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହିତ ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କୁ ସାଧୁବାଦ ଜଣାଇଛନ୍ତି । ସେହିପରି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଏଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।



ବାମରୁ ଗୋଲି ସୁନୀତା, ମୁସ୍କାନ ଅଗ୍ରୱାଲ ଶିବାନୀ ଅଗ୍ରୱାଲା



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ସାହିତ୍ୟ ପରିଷଦର କବିତା ଆସର

ଖପ୍ରାଖୋଲ,୧୫।୧୨(ଡି.ଏନ.ଏ.) ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ପାନ୍ଥ ନିବାସଠାରେ ସେଲାପଥର ସାହିତ୍ୟ ପରିଷଦର ବାର୍ଷିକ ଅଧିବେଶନ ସହ କବିତା ଆସର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କବିୟିତ୍ରୀ ସଂଯୁକ୍ତା ପରିଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ମୁଖ୍ୟ ବକ୍ତା ଭାବେ ଲେଖକ ରାଜୀବ ଶଗଡିଆ, ସମ୍ମାନିତ ଅତିଥି ଭାବେ ନିର୍ଝରିଣି ସାହିତ୍ୟ ପରିଷଦ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ, ସବିତା ଭୋଇ ପ୍ରମୁଖ ଯୋଗଦେଇ ହରିଶଙ୍କର ବାବାଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବିୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟେକେନ୍ଦ୍ର ଜାଲଙ୍କୁ କବି କରୁଣାକର ଭୋଇ ସ୍ମୃତି ସମ୍ମାନ ୨୦୧୯ରେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେଲାପଥର ସାହିତ୍ୟ ସଂସଦର ଆଗାମୀ କାର୍ଯ୍ୟ ପନ୍ଥା ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅଭୟ ତ୍ରିପାଠୀ, ଉପସଭାପତି ସଂଯୁକ୍ତା ପରିଛା, ସମ୍ପାଦକ ଧରମସିଂ ଧରୁଆ, ସହସମ୍ପାଦକ ସତ୍ୟାନନ୍ଦ ଭୋଇ, କୋଷାଧ୍ୟକ୍ଷ ଅଭିଲାଷ ଭୋଇଙ୍କୁ ସର୍ବ ସମ୍ମତିକ୍ରମେ ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧରମ ସିଂ ଧରୁଆ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା: ମୁନି, ଅଙ୍କିତ ଚାମ୍ପିୟନ

ଦେଓଗାଁ,୧୫।୧୨(ଡି.ଏନ୍.ଏ.) ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଉପମନ୍ୟୁ ବାଗଙ୍କ ଅଧକ୍ଷତା ଏବଂ ଅଧ୍ୟାପକ ସନ୍ତୋଷ କୁମାର ଜାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ବିଜୟ କୁମାର ସାହୁ ଯୋଗଦେଇଥିଲେ। ବାଳିକା ବିଭାଗରେ ମୁନି ଜାଲ ଓ ବାଳକ ବିଭାଗରେ ଅଙ୍କିତ ନାଗ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଦୁରଦିନରେ ଗରିବ୍ ପରିବାର

# ଭାଇ, ମାଏକିନାର ଚିକିତ୍ସା ଚିନ୍ତାରେ ବିକୀର୍ତ୍ତନ

ବିନିକା,୧୫।୧୨ (ଡି.ଏନ୍.ଏ.)





ମେରୁହାଡ଼ ରୋଗ୍‌ରେ ପୀଡ଼ିତ ସଂକୀର୍ତ୍ତନ(ବାମ)। ପୁଓ ଝି'ର ସଂଗେ ଦେବାଳୀ।

■ରୋଗ୍‌ରେ ଦୃଷ୍ଟି ଶକ୍‌ତି ହରେଇଛନ୍ ଦେବାଳୀ
■ଭାଇ ସଂକୀର୍ତ୍ତନ ମେରୁହାଡ଼ ରୋଗ୍‌ରେ ପୀଡ଼ିତ
■ପରିବାରଟା ମୂଲ୍ ସୁଖବାସୀ, ସଁପତି ବଲି କିଛି ନାଇଁ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡ଼ି ପଁଚେତ୍ ଢୁଲୁଣ୍ଡିପାଲି ଗାଁର ହରିଜନ ପଡ଼ାର ବିକୀର୍ତ୍ତନ ନାଗ(୩୧)। ପରିବାର କହେଲେ ବାପ୍ ରମେଶ ନାଗ, ମା' ସୁବିଧା, ମାଏକିନା ଦେବାଳୀ, ଭାଇ ସଂକୀର୍ତ୍ତନ, ଝି' ନିହାରିକା ଆର ପୁଓ ଶୁଭମକେ ନେଇ ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଚାଲଛପର ଘରଖଁଡ଼େ ଛାଡ଼ି ସଁପତି ବଲି କିଛି ନାଇଁ। ବିକୀର୍ତ୍ତନ ଆର ସଂକୀର୍ତ୍ତନ ଦୁଇ ଭାଇ କୁଲିମଜୁରି କରି ପରିବାର ଚଲଉଥିଲେ। ହେଲେ ହଠାତ୍ ୨୦୧୪ ସାଲେ ସଂକୀର୍ତ୍ତନଙ୍କର ମେରୁହାଡ଼ରେ ଅସ୍ୱିଧା ଦେଖାଦେଲା। ଏନ୍‌ତାଥି ବଡ଼ଭାଇ ବିକୀର୍ତ୍ତନ ଭାଇକେ ଧରି ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଆର ପଛେ କିମ୍ସ ହସ୍ପିଟାଲରେ ଭରତି କଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରି ମେରୁହାଡ଼ରେ ଅପରେଶନ ଦରକାର ଆର ଇଥିର ଲାଗି ବହୁତ୍ ଟଁକା ଦରକାର ବଲି କହେଲେ। ଏନ୍‌ତାଥି ବିକୀର୍ତ୍ତନ ଟଁକା ପଏସା ଅଭାବୁ ମୁହୁଁକାନ ଶୁଖେଇ ଭାଇକେ ଧରି ଘରକେ ଫିରିଆଏଲେ। ସେଦିନ୍‌ଠାନୁ ସଂକୀର୍ତ୍ତନ ଘରେ ଅକରମା ହେଇ ପଡ଼ିଛନ୍। ଇତାର ପରେ ୨୦୧୭ରେ ବିକୀର୍ତ୍ତନଙ୍କର ମାଏକିନା ଦେବାଳୀର ମୁଡ଼ଦୁଖା ହେଇ ଆଏଁଖ୍ ନାଇଁ ଦିଶ୍‌ଲା। ବିକୀର୍ତ୍ତନ ଦେବାଳୀକୁଁ ବୁର୍ଲାରେ ଭରତି କଲେ। ସେଠାନେ ଡାକ୍‌ତର ଦେବାଳୀକୁଁ ମାଙ୍ଗାଲୋର ନିମାନ୍ସକେ ନେବାକେ ପରାମଶ ଦେଲେ। ନିମାନ୍ସରେ ଡାକ୍‌ତର କିଛି ଉଷୋକଷା ଲେଖି ଦେଇ ମାସେ ଉତାରୁ ଆଏବ ଅପରେଶନ କରବାକେ ପଡ଼ବା, ଅପରେଶନ କଲେ ଦେବାଳୀଙ୍କର ଆଏଁଖ୍ ଦିଶବା ବଲି କହିଥିଲେ। ହେଲେ ବିକୀର୍ତ୍ତନ ଭାଇ ଆର ମାଏକିନାର ଚିକିତ୍ସାରେ ସବୁ ବିକିଭାଂଗି ସରବ୍‌ସୁଆଁତ୍ ହେଇଛନ୍। ଇଆଡ଼େ ୭ ପରାନୀ କୁଟୁମ ପୁଷ୍‌ବାର ବୋଝ୍‌ରେ ସଁଥ୍‌ଲି ହେଉଛନ୍। ଏହେଦେ ବିକୀର୍ତ୍ତନ ଭାଇ ଆର ମାଏକିନାର ଚିକିତ୍ସା ଚିନ୍‌ତାରେ ଘାରି ହେଉଛନ୍। ଏନ୍‌ତାଥି ଗଲା ୯ ତାରିଖ ବିନିକା ବ୍ଲକରେ ଅନୁଷ୍ଠିତ ଜନଶୁନାନି ଶିବିରରେ ଦୁଇ ଭାଇ ଯାଇ ଜିଲାପାଳଙ୍କୁ ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଥିଲେ। ଜିଲାପାଳ ସଂକୀର୍ତ୍ତନଙ୍କର ଚିକିତ୍ସା କଟକ ବଡ଼ ଡାକ୍‌ତରଖାନାରେ କରବାକେ ସ୍ୱାସ୍ଥ୍ୟ ବିଭାଗକେ ନିରଦେଶ ଦେବାର ସଂଗେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୬ ହଜାର ଟଁକା ଦେଇଛନ୍। ସେନ୍‌ତା ଗଲାମାସ ଦେବାଳୀକୁଁ ଦିବ୍ୟାଙ୍ଗ ଭତା ମିଳିଛେ। ହେଲେ ୭ ପରାନୀ କୁଟୁମ ଗୁଟେ ଝୁପ୍‌ଡ଼ିରେ ରହୁଥିଲେ ବି ଆଏଜ୍‌ତକ ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ଅସାହା ନିହାତି ଗରିବ୍ ଦୁଖି ପରିବାର ଉପରେ ଜିଲା ପରଶାସନ ଆର ରାଏଜ୍ ସରକାର ଦୃଷ୍ଟି ଦେଇ ସଂକୀର୍ତ୍ତନ, ଦେବାଳୀଙ୍କର ଚିକିତ୍ସା ସଂଗେ ସବୁ ପରକାର ସରକାରୀ ସହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କୁଁ ପଚରାଲାରୁ ଇ ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଆପଣକରନୁ ଇ ଦୁଖି ପରିବାର ଉପରେ ଜାନ୍‌ବାକେ ପାଇଲି। ମୁଇଁ ସେଲେଡ଼ି ପଁଚେତ୍ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆର ସରପଁଚ୍‌ଙ୍କର ସଂଗେ କଥା ହେଇ ପଦକ୍ଷେପ ନେମି ବଲି ସେ କହିଥିଲେ।

**ବିପ୍ଳବ ରଞ୍ଜନ ଦାଶ**



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଇସ୍ ମିଲ୍ ସିଲ୍ କଲେ ଉପଜିଲାପାଳ

ବଲାଙ୍ଗୀର ଅଫିସ, ୧୫।୧୨

■ପାଟଣାଗଡ ଉପଜିଲାପାଳଙ୍କ ନେତୃତ୍ୱରେ ଚଢ଼ାଉ
■୧ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଗଚ୍ଛିତ ଅଭିଯୋଗ

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅଧୀନ ଢୁଙ୍ଗୁରିପାଲିଠାରେ ଥିବା ଆର୍‌ପି ରାଇସ ଏଣ୍ଡ ଚୁଡା ମିଲ୍‌ରେ ପାଟଣାଗଡ଼ ଉପଜିଲାପାଳ ସୋମନାଥ ମିଶ୍ର ରବିବାର ଚଢ଼ାଉ କରି ମିଲକୁ ସିଲ କରିଛନ୍ତି। ମିଲରେ ୧ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବେଆଇନ୍ ଭାବେ ଗଚ୍ଛିତ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉପଜିଲାପାଳ ମିଲ୍‌ରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏନେଇ ସୋମବାର ସମ୍ପୂର୍ଣ୍ଣ ଭାବେ ତଦାରଖ କରାଯିବ। ତଦନ୍ତ ପରେ ମିଲ୍‌ରେ ବାସ୍ତବରେ କେତେ ଧାନ ଗଚ୍ଛିତ ରହିଛି ସ୍ପଷ୍ଟ ହେବ। ଉପଜିଲାପାଳଙ୍କ ଚଢ଼ାଉ ବେଳେ ମିଲରେ ବହୁ ପରିମାଣର ଧାନ ବସ୍ତା ଥିବା ଦେଖାଯାଇଛି। ପ୍ରଦୂଷଣ ବୋର୍ଡର ପ୍ରମାଣପତ୍ର ନ ଥିବା ଓ ଅନ୍ୟାନ୍ୟ କାରଣରୁ ଚଳିତ ବର୍ଷ ଆର୍‌ପି ରାଇସ ଓ ଚୁଡା ମିଲ୍‌କୁ ଜିଲାର ସରକାରୀ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇନାହିଁ । ଏହା ସତ୍ତ୍ୱେ ରାଇସ ମିଲରେ ଏତେ ପରିମାଣର ଧାନ କୁଆଡୁ ଆସିଲା ତାହା ଜଣାପଡିନାହିଁ। ଜିଲାର କୌଣସି ଚାଷୀଙ୍କଠାରୁ ସିଧାସଳଖ ରାଇସ୍ ମିଲ୍ ମାଲିକମାନେ ଧାନ କିଣି ପାରିବେ ନାହିଁ ବୋଲି ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିବା ସତ୍ତ୍ୱେ ଏକ ଆଇନ ଖିଲାପକାରୀ ରାଇସ ମିଲରେ କିପରି ଏତେ ପରିମାଣର ଧାନ ଗଚ୍ଛିତ କରି ରଖିଛନ୍ତି ତାହା ଜିଲାରେ ବେଆଇନ୍ ଧାନ କିଣା ଦିଗକୁ ସୂଚିତ କରୁଛି। ଜିଲାର କିଛି ରାଇସ ମିଲ୍‌ର କମ୍ ମୂଲ୍ୟ ଦେଇ ଚାଷୀଙ୍କଠାରୁ ସିଧାସଳଖ ବେଆଇନ ଭାବେ ଧାନ କିଣୁଥିବା ନେଇ ଜିଲାର ଚାଷୀ, ଚାଷୀନେତା ଓ ବିରୋଧୀ ଦଳ ନେତାମାନେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି । ଏପରି କି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଆର୍‌ପି ରାଇସ ମିଲରେ ଏଭଳି ବେଆଇନ ଗଚ୍ଛିତ ଧାନ ଠାବ ହେବା ପରେ ଜିଲାରେ ରାଇସ୍ ମିଲ୍ ମାଲିକଙ୍କ ବେଆଇନ୍ ଧାନ କିଣା ଚର୍ଚ୍ଚାର ବିଷୟ ହୋଇଛି ।

# କ୍ରୀଡ଼ା ସଂଘର ପ୍ରଥମ କାର୍ଯ୍ୟକାରୀ ପରିଷଦ ବୈଠକ

■ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଚୟନ ଶିବିର ୨୦ରେ

ସୋନପୁର,୧୫।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପୁନର୍ଗଠିତ ହେବା ପରେ ପ୍ରଥମ କାର୍ଯ୍ୟକାରୀ ପରିଷଦ ବୈଠକ ରବିବାର ଏନଜିଓସିସି ସଭାଗୃହରେ ଉପସଭାପତି ଚିତ୍ତରଞ୍ଜନ ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପୀୟୁଷ କୁମାର ପଣ୍ଡା ବୈଠକର ଆଭିମୁଖ୍ୟ ବିଷୟରେ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଗତ ନଭେମ୍ବର ୯ ତାରିଖରେ ହୋଇଥିବା ସାଧାରଣ ବୈଠକ ପ୍ରସ୍ତାବକୁ କାର୍ଯ୍ୟନିର୍ବାହୀ କାଉନସିଲ ଅନୁମୋଦନ କରିଥିଲା। ଏହି ଅବସରରେ ଆସନ୍ତା ବର୍ଷ ପାଇଁ ଏକ କ୍ରୀଡା କ୍ୟାଲେଣ୍ଡର ଖସଡା ପ୍ରସ୍ତୁତ ସକାଶେ କାର୍ଯ୍ୟକାରୀ ସଦସ୍ୟ ଦିଲ୍ଲିପ ଗୁରୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ସେହିପରି ଆସନ୍ତା ୨୮, ୨୯ ଓ ୩୦ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା ଅଂଶଗ୍ରହଣ କରିବ। ଏଥିପାଇଁ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ କଲିମ ମହମ୍ମଦ ଓ ଆଦିତ୍ୟ କିଶୋର ଦାନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ୧୪ ଓ ୧୬ ବର୍ଷରୁ କମ ପ୍ରତିଯୋଗୀଙ୍କ ଅଂଶଗ୍ରହଣ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଯିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଯୋଗାଯୋଗ କରାଯିବ। ୧୪ ବର୍ଷ, ୧୫ ବର୍ଷ, ୧୮ ବର୍ଷ ଓ ୨୦ ବର୍ଷ ମହିଳା ଏବଂ ପୁରୁଷ ବର୍ଗରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀମାନେ ଜନ୍ମ ତାରିଖ ପ୍ରମାଣପତ୍ର ସହିତ ଆସନ୍ତା ଡିସେମ୍ବର ୧୮ତାରିଖ ସନ୍ଧ୍ୟା ସୁଦ୍ଧା ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ପଣ୍ଡା ଜଣାଇଛନ୍ତି ।

## ବାର୍ଷିକ କ୍ରୀଡ଼ା ପ୍ରସ୍ତୁତି ବୈଠକ

ବିନିକା,୧୫।୧୨(ଡି.ଏନ୍.ଏ.)

ବିନିକା ଏନ୍ଏସିସ୍ଥିତ ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ଅଧକ୍ଷ ଅଗସ୍ତି ଚରଣ ଦାଶ ଅଧକ୍ଷତା କରିଥିଲେ। ଖେଳ ଶିକ୍ଷକ ଦେବାଶିଷ ପାଢୀ କ୍ରୀଡ଼ା ପ୍ରତିଯୋଗିତାରେ ଅନୁଷ୍ଠିତ ବିଭିନ୍ନ ଖେଳରେ ଭାଗ ନେଉଥିବା ଛାତ୍ରୀଛାତ୍ରଙ୍କ ନାମ ତାଲିକା ପଠନ କରିଥିଲେ। ଶିବିରରେ ଶିକ୍ଷୟିତ୍ରୀ ମିନାକ୍ଷୀ ତ୍ରିପାଠୀ, ଜ୍ୟୋତି ମେହେର, ସ୍ନେହଲତା ନାୟକ, ପ୍ରଦୀପ ନାୟକ, ସିଦ୍ଧେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ, ଡିସେମ୍ବର ୧୭ ଓ ୧୮ତାଖରେ ସ୍କୁଲ ଖେଳ ପଡ଼ିଆରେ ବାର୍ଷିକ କୀଡ଼ା ଅନୁଷ୍ଠିତ ହେବ।

■ ଶୁକଦେବଙ୍କର ପାସେ ପୁହୁଁଚିଲା ବିଙ୍ଗ ହ୍ୟୁମାନ ସଂଗଠନ

# ଉଚ ଚିକିତ୍ସା ଲାଗି କଥାଦେଲେ

ଦେଓଗାଁ,୧୫।୧୨(ଡି.ଏନ.ଏ.)



ରୋଗ୍‌ରେ ପୀଡ଼ିତ ଶୁକଦେବଙ୍କର ପାସେ ବିଙ୍ଗହ୍ୟୁମାନର ସଦସିଅମାନେ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଁଚେତ୍ ଅଧୀନ ଚନ୍ଦ୍ରପୁର ଗାଁର ଶୁକଦେବ ନାଗ(୪୦)। ତାକର ଦୁଇ ଗୁଡ଼େ ହେଇଥିବାର ଘା' ପାଚି ଯାଇ ବଡ଼ା ଦୁଖ୍ ପାଉଛନ୍। ଉଷୋକଷା ଉତାରୁ ଘା' ନାଇଁ ଶୁଖିଲାରୁ ସେ ବଲାଙ୍ଗୀର ଭୀମଭୋଇ ମେଡିକାଲକେ ଚିକିତ୍ସା ଲାଗି ଯାଇଥିଲେ। ସେଠାନେ ଡାକ୍‌ତର ଚିକିତ୍ସା କରବାର ଜାଗାରେ ତମର ତାରିଖ ପଲେଇଗଲାନ, ପଛେ ଆଏବ କହି ଡିସଚାର୍ଜ କରିଦେଇଥିଲେ। ଶୁକଦେବ ମୁହୁଁକାନ ଶୁଖେଇ ଘରକେ ପଲେଇ ଆଏବାର ସଂଗେ ଦୁଖ୍ ସହି ଭଗବାନ ଭରସାରେ ପଡ଼ିଥିବାର ନଜରକେ ଆସିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ପଢ଼ି ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ ହ୍ୟୁମାନର ଜିଲା ସଭାପତି ସୋମନାଥ ମିଶ୍ରଙ୍କର ମଂଗୁଆଲତିରେ କେତେ ଝନ୍ ସଦସିଅ ଶୁକଦେବଙ୍କର ଘରେ ପୁହୁଁଚିଥିଲେ। ସେମାନେ ପରିବାର ସଂଗେ ଆଲୋଚନା କରବାରି ଶୁକଦେବଙ୍କର ଉଚ ଚିକିତ୍ସା ଦିଗେ ପଦକ୍ଷେପ ନେବାକେ କଥା ଦେଇଥିବାର ଜନାଯାଇଛେ।

# ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

ଟିଟିଲାଗଡ, ୧୫।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଅଗ୍ରଗାମୀ ସାଂସ୍କୃତିକ ସଂସଦ ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଏକ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାରସ, କଲିକତା, ଭୁବନେଶ୍ୱର ଓ ରାଉରକେଲା ଆଦି ବିଭିନ୍ନ ସ୍ଥାନରୁ ପ୍ରାୟ ୧୫ ଜଣ ସଙ୍ଗୀତ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ସ୍ମିତିପଦ୍ମା ଦାଶ, ଦେବଜ୍ୟୋତି ବୋଷ, କୁଳମଣି ସାହୁ, ମାନସ ପରିଡା, ସୁପ୍ରଭାତ ଭଟ୍ଟାଚାର୍ଯ୍ୟ, ଡ. ସୁଶାନ୍ତ କୁମାର ପାଣି, ରିତସ ସରକାର, ଭାରତୀ ଜେନା, ନିମାକାନ୍ତ ରାଉତରାୟ, ମନାଲି ଘୋଷ, ସଞ୍ଜନା ଜାନା, ଶତମନ୍ୟୁ ମିଶ୍ର, ବୁଦ୍ଧନାଥ ସ୍ୱାଇଁ ପ୍ରମୁଖ । ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ନିମାକାନ୍ତ ରାଉତରାୟ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଗଗନ ବାଗଙ୍କୁ ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିକତ କରାଯାଇଥିଲା। ସାଂସ୍କୃତିକ ସଂସଦର ଉପଦେଷ୍ଟା ରବିକିରଣ ସ୍ୱାଇଁ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିଲେ ସମ୍ପାଦକ ପ୍ରବୀଣ କୁମାର ଦାଶ, କୋଷାଧ୍ୟକ୍ଷ ହରିନାରାୟଣ ବିର୍ତ୍ତିଆ, ସଦସ୍ୟ ସନ୍ତୋଷ ଦାଶ, ପ୍ରତାପ ତ୍ରିପାଠୀ, ଦେବରାଜ ଭୋଇ, ରାଜକିଶୋର ପାଢ଼ୀ, ନରେନ୍ଦ୍ର ବେହେରା, ମଧୁଲିତା ବେହେରା, କିଶୋର ଦାଶ, ପ୍ରଜାପତି ମେହେର, ରଞ୍ଜନ ପଟ୍ଟନାୟକ, ପ୍ରହଲ୍ଲାଦ ପାଣିଗ୍ରାହୀ ଓ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଙ୍ଗୀତ ପ୍ରେମୀ। ଏହି ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ୧୯ ବର୍ଷ ଧରି ଏଠାରେ ଅନୁଷ୍ଠିତ ହୋଇ ଆସୁଛି ।

■ ବିଜେଡ଼ିର ବ୍ଲକସ୍ତରୀୟ୍ କର୍ମୀ ସମ୍ମିଳନୀ

# ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ

ବେଲପଡ଼ା,୧୫।୧୨(ଡି.ଏନ.ଏ.)




ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ବଲାଙ୍ଗୀର ଜିଲା ବେଲପଡ଼ା ନିକଟସ୍ଥ ଭରୁଆମୁଣ୍ଡା ଗ୍ରାମ କାଜୁବଗିଚାରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ବେଲପଡ଼ା ବ୍ଲକ ବିଧାୟକଙ୍କ ପ୍ରତିନିଧି ଗଣେଷ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରିବା ସହ ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ବକ୍ତବ୍ୟରେ କର୍ମୀମାନଙ୍କୁ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟାପ୍ରତି ଧ୍ୟାନ ଦେବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ବୁଝାଇବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ନୁନହାଡ଼ ସମିତି ସଭ୍ୟ ପୂରନ୍ଦର ବାଗ, ଅରୁଣ ପାଣିଗ୍ରାହୀ, ଦୁର୍ଯ୍ୟୋଧନ କୁମ୍ଭାର, କନ୍ଦର୍ପ ଦନ୍ତା, ଚନ୍ଦ୍ରଭାନୁ ମେହେର, ଜୟକିଷାନ ରଣା, ଲକ୍ଷ୍ମୀଧର ପୁଟା, ରଙ୍ଗାଧର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ନୂତନ ଭାବେ ତରା ଗ୍ରାମର ପୂରନ୍ଦର ବାରିକ, ରଞ୍ଜିତ ବାରିକ, ବୁଦାମୁଣ୍ଡା ଗ୍ରାମର ସୌଦେଷ ଷାଣ୍ଡ, ରାଜେନ୍ଦ୍ର ଷାଣ୍ଡ, ଚୂଡ଼ାମଣି ମେହେର, ତେତେଲମୁଣ୍ଡା ପଞ୍ଚାୟତର ଅଭି ଦୀପ, ତପିରାମ ବନଗୁଲା, ଭୋଲାନାଥ ମେହେର, ନିତ୍ୟାସୁନା, ବାସୁଦେବ ବିଶ୍ୱାଳ, ତପନ ବଚ୍ଛା, ଗିରିଧାରୀ ବଚ୍ଛାଙ୍କ ସହ ୩୪ଜଣ ବିଜେଡିରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ନବାଗତ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା।

■ କବରାପାଲିରେ ୫୫ତମ ଫୁଟବଲ ପ୍ରତିଯୋଗିତା

# ଝାରସୁଗୁଡାକୁ ହରାଇ ବେଲପାହାଡ ବିଜୟୀ

ପଡିଆବାହାଲ, ୧୫।୧୨ (ଡି.ଏନ.ଏ.)



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

ସମ୍ବଲପୁର ଜିଲା ଜୁଜୁମରା ବ୍ଲକ କବରାପାଲି ପଞ୍ଚାୟତର ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଝାରସୁଗୁଡା ଜୟ ଯାବନ କ୍ଲବକୁ ହରାଇ ବେଲପାହାଡ ବେଳେ କ୍ରିଷ୍ଟ ବୟଏ କ୍ଲବ ବିଜୟୀ ହୋଇଛି। ସନ୍ତୋଷ ପ୍ରଧାନ, ଗୌରାଙ୍ଗ ପାଣ୍ଡେ, ସନ୍ତୋଷ ଗଡତିଆ, ସୁରେନ୍ଦ୍ର ବଗର୍ତ୍ତି ଖେଳ ପରିଚାଳନା କରଇଥିଲେ। ଏହି ଅବସରରେ ଉଦ୍‌ଯାପନୀ ସଭାରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, କବରାପାଲି ସରପଞ୍ଚ ତିଲୋତ୍ତମା ବାଗ, ଯୁଯୁମୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ, ଯୁଯୁମୁରା ୧ ଜିଲା ପରିଷଦ ସଦସ୍ୟ ବିଭୀଷଣ ପ୍ରଧାନ, ଡା. ରାଜାରାମ ଷଡଙ୍ଗୀ, ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଫିରୋଜ ଖାନଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ରାଜୀବ ବେହେରାଙ୍କୁ ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ କରାଯାଇଛି। ତେବେ ସ୍ଥାନୀୟ ସରପଞ୍ଚ ତିଲୋତ୍ତମା ବାଗ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସଭାପତି ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମନୋଜ ବଢ଼ାଇ, ହେମନ୍ତ ସାହୁ, ସୁକଧାରୀ ବାଗ, ଦିଲୀପ ବଢ଼ାଇ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ଫୁଟବଲ ଖେଳରେ ପାରଦର୍ଶିତା ଲାଭ କରିଥିବା କ୍ଷୀରୋଦ ସାହୁ, ସନ୍ଦୀପ ସାହୁ ଓ ସରୋଜ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା।



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଉଲୁଣ୍ଡା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା
## ଉଗ୍ରସେନ ମହାରାଜଙ୍କ ରାଜୁତି, ଦୁର୍ମିଳାସୁର ନିଧନ

**ଉଲୁଣ୍ଡା, ୧୫।୧୨ (ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ତମ ବିରାଟ ଧନୁଯାତ୍ରାର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆୟୋଜକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଏହି ମହୋତ୍ସବରେ ଶତାଧିକ ଦର୍ଶକ ଯୋଗଦେଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପରିବେଷଣ ହୋଇଥିବା ମଞ୍ଚ ଅଭିନୟକୁ ଉପଭୋଗ କରିଥିଲେ। ହରିବଂଶ ପୌରାଣିକ କଥାବସ୍ତୁକ୍ରମେ ଛଦ୍ମବେଶୀ ଦୁର୍ମିଳାସୁର ଦ୍ୱାରା ଯମୁନା ତଟରେ ରାଣୀ ଇନ୍ଦୁମତୀଙ୍କ ସତୀତ୍ୱ ହରଣ, ଦୁର୍ମିଳାସୁର ଔରସରୁ କଂସ ଜନ୍ମ ଏବଂ କଂସ ଯୁବରାଜ ହେଲାପରେ ମାତାଙ୍କ ପ୍ରତିଶୋଧ ପାଇଁ ଦୁର୍ମିଳାସୁର ନିଧନ ଆଦି ଦୃଶ୍ୟ ପରିବେଷଣ ହୋଇଥିଲା। ସେହିପରି ଉଗ୍ରସେନ ମହାରାଜଙ୍କ ରାଜତ୍ୱରେ ମଥୁରାବାସୀ ସନ୍ତୁଷ୍ଟ ଥିବା ବେଳେ ଜୟ ଜୟକାର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ରାଜ ଦରବାର। ମହାରାଜ ଉଗ୍ରସେନ ରାଜ ଉଆଁସୁରୁ ହାତୀ ପିଠିରେ ବସି ରାଜଦରବାରରେ ପହଞ୍ଚିବା ପରେ ପ୍ରଜାଙ୍କ ଅଭିଯୋଗ ଶୁଣିବା ସହ ଅଭିଯୁକ୍ତଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ଉଗ୍ରସେନଙ୍କ ଦରବାରରେ ବିଭିନ୍ନ ଆଲବମ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୋପପୁରରେ ପାରମ୍ପରିକ ହରିବଂଶ ପାଠର ଆୟୋଜନ କରାଯାଇଥିବା ବେଳେ ମଞ୍ଜୁଲତା ତ୍ରିପାଠୀଙ୍କ ଦ୍ୱାରା ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଶ୍ରାଦ୍ଧବାର୍ଷିକୀରେ ଅଭିମନ୍ୟୁଙ୍କ ସ୍ମୃତିଚାରଣ

**ଟିଟିଲାଗଡ଼, ୧୫।୧୨(ଡି.ଏନ.ଏ.)**
ଯୁବ ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କର ୬ଷ୍ଠ ଶ୍ରାଦ୍ଧ ବାର୍ଷିକୀ ରବିବାର ବଲାଙ୍ଗୀର ଜିଲା ଟିଟିଲାଗଡରେ ପାଳିତ ହୋଇଯାଇଛି। ସକାଳୁ ବୀର ହନୁମାନ ବ୍ୟାୟାମଶାଳାଠାରେ ଥିବା ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଦଳର ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ ଓ ସହରର ବହୁ ଅଭିମନ୍ୟୁପ୍ରେମୀ ଯୋଗଦେଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ପରେ ଏକ ଭଜନ କାର୍ଯ୍ୟକ୍ରମ ପଙ୍କଜ ଜାଲ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏଥିରେ ବହୁ ମହିଳା, ପୁରୁଷ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ସ୍କୁଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା
# ଶୋଭନା, ସମ୍ମିତଙ୍କୁ ଟାଇଟଲ

**ସୋନପୁର,୧୫।୧୨(ନି.ପ୍ର.)**



ଅତିଥି ଓ ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତାଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସୁବର୍ଣ୍ଣପୁର ଜିଲା ବ୍ୟାଡମିଣ୍ଟନ ସଂଘ ତରଫରୁ ଆୟୋଜିତ ଜିଲାସ୍ତରୀୟ ସ୍କୁଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍କୁଲରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକ ସିଙ୍ଗଲ୍ସ ଓ ଡବଲ୍ସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଳକ ବିଭାଗ ସିଙ୍ଗଲ୍ସରେ ଆଇଡିଆଲ ପବ୍ଲିକ ସ୍କୁଲର ସମ୍ମିତ ଲୁଗୁନ ଚାମ୍ପିୟନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରାଜେଶ ନାରାୟଣ ସିଂ ରନର୍ସ ଅପ ହୋଇଥିଲେ। ବାଳକ ବିଭାଗ ଡବଲ୍ସରେ ଆଇଡିଆଲ ପବ୍ଲିକ୍ ସ୍କୁଲର ସମ୍ମିତ ଲୁଗୁନ ଓ ନୀଳ ମାଧବ ବାଗ ଯୋଡି ଚାମ୍ପିୟନ ଏବଂ ମହାରାଜା ହାଇସ୍କୁଲର ଶିବ ଷାଣ୍ଡ ଓ ବାଲଗୋବାଳ ମହାରଣା ଯୋଡି ରନର୍ସ ଅପ ହୋଇଥିଲେ। ସେହିପରି ବାଳିକା ବିଭାଗ ସିଙ୍ଗଲ୍ସରେ ସାହାରା ଟ୍ରଷ୍ଟ ସ୍କୁଲର ଶୋଭନା ରାଣୀ ମିଶ୍ର ଚାମ୍ପିୟନ ଓ ପ୍ରଜ୍ଞାଭାରତୀ ସ୍କୁଲର ଶୁଭସ୍ମିତା ମିଶ୍ର ରନର୍ସ ଅପ ହୋଇଥିଲେ। ସେହିପରି ବାଳିକା ବିଭାଗ ଡବଲ୍ସରେ ପ୍ରଜ୍ଞାଭାରତୀ ସ୍କୁଲର ଅନିଷା ପାଢୀ ଓ ମୁସ୍କାନ ମେହେର ଯୋଡି ଚାମ୍ପିୟନ ଓ ସାହାରା ଟ୍ରଷ୍ଟ ସ୍କୁଲର ଶୋଭନା ରାଣୀ ମିଶ୍ର ଓ ଶୁଭ୍ରା ସରସ୍ୱତୀ ପଣ୍ଡା ଯୋଡି ରନର୍ସ ଅପ ହୋଇଥିଲେ। ଏହି ପ୍ରତିଯୋଗିତାରୁ ବାଳକମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୨୦ ଓ ବାଳିକା ମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ ଜଣଙ୍କୁ ନେଇ ଜିଲା ବ୍ୟାଡମିଣ୍ଟନ ସଂଘ ଗ୍ରୀଷ୍ମ ଅବକାଶରେ ପ୍ରଶିକ୍ଷଣ ଶିବିର ଆୟୋଜନ କରିବ । ଜିଲାର ବ୍ୟାଡମିଣ୍ଟନ ପ୍ରତିଭା ମାନଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ କରିବା ପାଇଁ ସଂଘ ପ୍ରୟାସ କରିବ ବୋଲି ସୂଚନା ଦେଇଛି। ପ୍ରତିଯୋଗିତା ଅବସରରେ ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ପ୍ରତିଯୋଗୀ ଓ ସ୍କୁଲମାନଙ୍କୁ ପୁରସ୍କୃତ କରିଥିଲା। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଖେଳର ମହତ୍ୱ ବିଷୟରେ ବୁଝାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନରେ ଜିଲା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତା ଲକ୍ଷ୍ମୀ ନାରାୟଣ ବେହେରା, ସଞ୍ଜୟ ରାୟ, ଦୀନେଶ ମିଶ୍ର, ବୀରେନ୍ଦ୍ର ମେହେର, ପ୍ରକାଶ ମେହେର, ଧୀରେନ୍ଦ୍ର ମେହେର, ଉତ୍ତମ ମେହେର, ରାଜକିଶୋର ପାତ୍ର, ରାମ ଶଙ୍କର ମଲ୍ଲିକ, ସୁବାସ ବିଶ୍ୱାଳ, ଜୟନାରାୟଣ ମେଣ୍ଡେଲି, ବିଦ୍ୟାଧର ମିଶ୍ର, ଅଶ୍ୱିନୀ ମେହେର, ବାବୁଲି ସେଠୀ, ପ୍ରଫୁଲ୍ଲ ଧରୁଆ, ଆଦିତ୍ୟ ସାହୁ, ଜିଲୁ ସାହୁ ଓ ବିଶ୍ୱରଞ୍ଜନ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ଜିଲା ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

### ଭଗବତୀ ସ୍ପୋର୍ଟିଂ କ୍ଲବର ନୂତନ କର୍ମକର୍ତ୍ତା
## ନନ୍ଦକିଶୋର ସଭାପତି, ପ୍ରଦ୍ୟୁମ୍ନ ସମ୍ପାଦକ

**ସୋନପୁର,୧୫।୧୨(ନି.ପ୍ର.)**
ସୁବର୍ଣ୍ଣପୁରର କ୍ରୀଡା ଅନୁଷ୍ଠାନ ଭଗବତୀ ସ୍ପୋର୍ଟିଂ କ୍ଲବର ବାର୍ଷିକ ବୈଠକ ଲଙ୍କେଶ୍ୱରୀ ଗଣ୍ଡ ନିକଟସ୍ଥ ମହାନଦୀ ବାଲି ପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ନନ୍ଦ କିଶୋର ତ୍ରିପାଠୀ ସଭାପତି, ବିଶ୍ୱରଞ୍ଜନ ଦଳେଇ ଓ ନିରଞ୍ଜନ ପଣ୍ଡା ଉପସଭାପତି, ପ୍ରଦ୍ୟୁମ୍ନ କୁମାର ସାହୁ ସମ୍ପାଦକ, ବିଦ୍ୟାଧର ମିଶ୍ର ସହସମ୍ପାଦକ ଓ ମନୋରଞ୍ଜନ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟନିର୍ବାହୀ ସମିତି ସଭ୍ୟଭାବେ ହିମାଂଶୁ ମେହେର, ଦିଗାମ୍ବର ଶତପଥୀ, ଜୟନାରାୟଣ ମେଣ୍ଡେଲି, ଜୟଶଙ୍କର ମେହେର, ପୁରୁଷୋତ୍ତମ ପାତ୍ର, ପ୍ରଦୀପ ମହାନ୍ତି, ଅଶୋକ କୁମାର ମହାର୍ଣ୍ଣା, ସୁଜିତ କୁମାର ସାହୁ ମନୋନିତ ହୋଇଛନ୍ତି । ଉପଦେଷ୍ଟା କମିଟିକୁ ପୁରୁଷୋତ୍ତମ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଭାବେ କାନନ ତ୍ରିପାଠୀ ମନୋନିତ ହୋଇଥିଲେ। ଅତୀତରେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିବା ଭଗବତୀ ଟ୍ରଫି କ୍ରିକେଟ୍ ଟୁନାମେଣ୍ଟକୁ ପୁଣି ଥରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ଅନୁଷ୍ଠାନର ପ୍ରାୟ ୬୦ ଜଣ ସଭ୍ୟ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଭଗବତୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା ।



କ୍ଲବର ବାର୍ଷିକ ବୈଠକରେ ସଭ୍ୟାସଭ୍ୟ ଓ କର୍ମକର୍ତ୍ତା।

## ଜିଲା ସାମ୍ବାଦିକ ସଂଘର ବୈଠକ



ବୈଠକରେ ଯୋଗଦେଇଥିବା ସାମ୍ବାଦିକମାନେ।

**ଡୁଙ୍ଗୁରିପାଲି, ୧୫।୧୨(ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ରବିବାର ଜିଲା ସାମ୍ବାଦିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବ୍ୟୋମୋକେଶ ଦାଶ ଓ ଉପସଭାପତି ପବିତ୍ର ମୋହନ ପାଣ୍ଡିଆ ମଞ୍ଚାସୀନ ଥିଲେ । ସମ୍ପାଦକ ଦାଶ ବିବରଣୀ ପାଠ କରିଥିଲେ। ସଭାପତୀୟ ଅଭିଭାଷଣ ପରେ ଜିଲାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ସୁରକ୍ଷା ସକାଶେ କଠୋର ଆଇନ ପ୍ରଣୟନ କରାଯିବା, ଜିଲାର ସମସ୍ତ ବ୍ଲକରେ ସାମ୍ବାଦିକ ସଂଘ ଗଠନ, ବ୍ଲକ ସାମ୍ବାଦିକ ସଂଘର କାର୍ଯ୍ୟାଳୟ ସ୍ଥାପନ, ସମସ୍ତ ସାମ୍ବାଦିକଙ୍କୁ ଜୀବନ ବୀମା ଅନ୍ତର୍ଭୁକ୍ତ କରିବା, ଡୁଙ୍ଗୁରିପାଲି ଶିଶୁ ଯତ୍ନ ଡାକ୍ତରଖାନାକୁ ଶୀଘ୍ର କାର୍ଯ୍ୟକ୍ଷମ କରି ଖାଲିଥିବା ଡାକ୍ତର ପଦବୀ ପୂରଣ, ଡୁଙ୍ଗୁରିପାଲିରେ ଜିଲା କୃଷି କାର୍ଯ୍ୟାଳୟ ଓ ସୂଚନା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଇବା ସକାଶେ ପ୍ରସ୍ତାବଗୁଡିକ ଗୃହୀତ ହୋଇଥିଲା। ବୈଠକରେ ସଂଘର ମୃତ୍ୟୁଞ୍ଜୟ ଶତପଥୀ, ପର୍ଶୁରାମ ମିଶ୍ର, ସ୍ୱାଧିନ ମେହେର, ଶେଷଦେବ ବାରିକ, ପିନାକୀ ପଧାନ, ମାନଭଞ୍ଜନ ମିଶ୍ର, ଅଶୋକ ପଣ୍ଡା, ଦିଲୀପ ସାହୁ, ବିଜୟ ରଞ୍ଜନ ପଧାନ, ଇନ୍ଦ୍ରମଣି ଦାଶ, ଧ୍ରୁବରାଜ ମିଶ୍ର, ହିମାଂଶୁ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରତ ଭୂଷଣ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଢ଼, ଶକ୍ତ ମାନସିକତା ନାରୀଙ୍କୁ ସୁରକ୍ଷା ପ୍ରଦାନ କରେ

**ଅମରପାଲି, ୧୫।୧୨ (ଡି.ଏନ.ଏ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସୋନପୁର କଲେଜର ଅଧ୍ୟକ୍ଷ ତରୁଣ କୁମାର ମିଶ୍ର, ଆତ୍ମ ସୁରକ୍ଷା ତାଲିମ ବିଭାଗର ଜିଲା ସମନ୍ୱୟକାରୀ ତଥା ସୋନପୁର କଲେଜ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପିକା ଡ. ପ୍ରତିମା ରଥ, ଗୀତାଞ୍ଜଳି ପୂଜାରୀ, ରାଜେଶ୍ୱରୀ କର, ଅଧାପିକା ଗୀତାଞ୍ଜଳି ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ତାଲିମ ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଆତ୍ମସୁରକ୍ଷା ତାଲିମ ସମ୍ପର୍କରେ କହିଥିଲେ। ଦୃଢ଼ ଓ ଶକ୍ତ ମାନସିକତା ନାରୀଙ୍କୁ ସୁରକ୍ଷା ପ୍ରଦାନ କରିଥାଏ ବୋଲି ମତପ୍ରକାଶ ପାଇଥିଲା। ଅଧାପିକା ଜାମିନୀ ଦାଶଙ୍କ ସଂଯୋଜନା ଓ ଅଧାପିକା ହରପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୩ର ପ୍ରାୟ ୧୨୦ଜଣ ଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ୧୨ ଦିନ ଧରି ହେବାକୁ ଥିବା ଉକ୍ତ ତାଲିମ ଶିବିରରେ କଲ୍ୟାଣମୟୀ ତ୍ରିପାଠୀ ଓ ମାମି ଘିବିଲା ତାଲିମ ପ୍ରଦାନ କରୁଛନ୍ତି ।

## ଜୟ ହନୁମାନ ଫୁଟବଲ: ଜିତିଲା ଝାରବାହାଲି

**ଉଲୁଣ୍ଡା, ୧୫।୧୨(ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନିମନାଠାରେ ଜୟ ହନୁମାନ କ୍ଲବ ଅନୁକୂଲ୍ୟରେ ଏକଦିବସୀୟ ଜୟ ହନୁମାନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆୟୋଜିତ ହୋଇଯାଇଛି। ଫାଇନାଲ ଖେଳରେ ଝାରବାହାଲି ଦଳ ମାଲସିରିଗିଡି ଦଳକୁ ୫-୪ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଆୟୋଜକ ସଭାପତି ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ସମିତି ସଭ୍ୟ ଗୋପିନାଥ ମେହେର ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଗରୁ ଖେଳାଯାଇଥିବା ମ୍ୟାଚଗୁଡିକରେ ଝାରବାହାଲି ଦଳ ବଡମାଲ ଦଳକୁ ୪-୩ , ପୋଢଟିକିରା ଦଳ ନିମ୍ନା ଦଳକୁ ୧-୦, ଉଲୁଣ୍ଡା ଦଳ ମହିଶର ପିଣ୍ଡା ଦଳକୁ ୨-୧, ମାଲସିରିଗିଡି ଦଳ ମହଲାକଟା ଦଳକୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଝାରବାହାଲି ଦଳ ଉଲୁଣ୍ଡା ଦଳକୁ ୪-୩ ଏବଂ ଦ୍ୱିତୀୟ ସେମିରେ ମାଲଶିରିଗିଡି ଦଳ ପୁଢଟିକିରା ଦଳକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଖେଳକୁ ସୁଶାନ୍ତ ସେଠୀ, ସୁଦାମ ଜଗଦଲା, ସିର୍ଦ୍ଧାଥ ପାତ୍ର ପରିଚାଳନା କରିଥିଲେ। ବିଶ୍ୱଜିତ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ନାରାୟଣ ଝାଙ୍କରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଶ୍ରୀଯୁକ୍ତ ମେହେର ଯୋଗଦେଇ ବିଜେତା ଝାରବାହାଲି ଦଳକୁ ଟ୍ରଫିସହ ୩ହଜାର ଏବଂ ଉପବିଜେତା ମାଲଶିରିଗିଡି ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବେଷ୍ଟ ଗୋଲକିପର ଭାବେ ମାଲଶିରିଗିଡି ଦଳର ସୁରେନ ଏବଂ ମ୍ୟାନ ଅଫ ଦ ମ୍ୟାଚ ଭାବେ ଝାରବାହାଲି ଦଳର କୁହୁରୁଙ୍କୁ ପୁରସ୍କୃତ କରାଯାଇଥିଲା।



ରେଫରିଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ଝାରବାହାଲି ଓ ମାଲସିରିଗିଡି ଦଳର ଖେଳାଳିମାନେ।



ଜିଲା ଆୟୁର୍ବେଦିକ ମହାସଂଘର ପଥପ୍ରାନ୍ତ ସଭାରେ ଯୋଗଦେଇଥିବା କବିରାଜମାନେ।

## ଜିଲା ଆୟୁର୍ବେଦିକ ମହାସଂଘର ପଥପ୍ରାନ୍ତ ସଭା

**ଅମରପାଲି, ୧୫।୧୨ (ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖମ୍ବେଶ୍ୱରୀପାଲି ମହାନଦୀ ଘାଟରେ ଜିଲା ଆୟୁର୍ବେଦିକ ମହାସଂଘର ଏକ ପଥପ୍ରାନ୍ତ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଗଦାଧର ବାଦୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସଭାରେ ମହାସଂଘର ସଭାପତି କବିରାଜ ଉପେନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ । ସଭା ପ୍ରାରମ୍ଭରେ ମହାସଂଘର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଶାନ୍ତ ହୋତା ଓ ସଭ୍ୟ କବିରାଜ ସ୍ୱଜନ ପ୍ରଧାନ, କବିରାଜ ରାମ ମେହେରଙ୍କ ସ୍ୱର୍ଗବାସ ହୋଇ ସାରିଥିବାରୁ ତାଙ୍କର ଆତ୍ମାର ସଦଗତି ପାଇଁ ଶୋକ ପ୍ରାର୍ଥନା କରାଯାଇଥିଲା। କବିରାଜ ବୃନ୍ଦାବନ ବାରିକ, ପ୍ରଫୁଲ୍ଲ ସାହୁ, ନରୋତ୍ତମ ମହାପାତ୍ର, ମହେଶ୍ୱର ବାଘ, ରାମହରି ମେହେର, ସନ୍ତୋଷ ମେହେର, ବନମାଳୀ ମେହେର, ଲିଙ୍ଗରା ପ୍ରମୁଖ ସଭାରେ ମତବ୍ୟକ୍ତ କରିଥିଲେ। ଆୟୁର୍ବେଦିକ କବିରାଜଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସଂଘ ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କବିରାଜଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ସରକାରଙ୍କୁ ଦାବୀ କରାଯିବା ସହିତ ସଂଘକୁ ସୁଦୃଢ଼ କରିବାକୁ ମତପ୍ରକାଶ ପାଇଥିଲା। ଆସନ୍ତା ୨୯ ତାରିଖରେ ଏହାର ପରବର୍ତ୍ତୀ ବୈଠକ ସୋନପୁର ପଞ୍ଚରଥ ମନ୍ଦିରରେ ହେବ ବୋଲି ଘୋଷଣା କରାଯାଇଥିଲା।

### କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ
## ସୋନପୁରକୁ ହରାଇ ପାନସିଆଲି ଚାମ୍ପିୟନ

**ଅମରପାଲି, ୧୫।୧୨ (ଡି.ଏନ.ଏ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଳପୁରଠାରେ ଚାଲିଥିବା ୧୧ତମ କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ଲାଲ ସ୍ପୋର୍ଟିଂ ସୋନପୁରକୁ ହରାଇ ପାନସିଆଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୧୨-୧୨, ୫-୫ ଓ ସୁପର-୨ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା। ସୋନପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ପାନସିଆଲି ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୮୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ସୋନପୁର ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ୩୩ ରନ କରିଥିଲା। ଆବଶ୍ୟକ ୩୪ ରନକୁ ପାନସିଆଲି ଦଳ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ବିଜୟୀ ହେବାକୁ ସୁପର-୨ ଓଭର ଖେଳାଯାଇଥିଲା।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

ଏଥିରେ ପାନସିଆଲି ପ୍ରଥମେ ବ୍ୟାଟିଂ କରି ଗୋଟିଏ ଉଇକେଟ ହରାଇ ୨୭ ରନ କରିଥିଲା । ଜବାବରେ ସୋନପୁର ଦଳ ୧୮ ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ପାନସିଆଲି ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥି ଏବଂ ଲୁତୁରପଙ୍କ ସମିତି ସଭ୍ୟ ଲବ କୁମାର ସାହୁ, ପୋଲିସ ଏଏସଆଇ ସୁଦର୍ଶନ ଦେହୁରୀ ଓ ଆଇନଜୀବୀ ଶଙ୍କର୍ଷଣ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ପାନସିଆଲି ଦଳକୁ ନଗଦ ୮ହଜାର ଟଙ୍କା ଟ୍ରଫି ଓ ରନର୍ସଅଫ୍ ସୋନପୁରକୁ ନଗଦ ୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ଖେଳରେ ରାଜେନ୍ଦ୍ର ଜଗତ ଓ ବବୁଲ କଳତା ଅମ୍ପାୟାର, ଉଗ୍ରେସନ ମେହେର ଓ ଘନଶ୍ୟାମ ମେହେର ସ୍କୋରିଂ ଏବଂ ହିମାଂଶୁ ଖମାରୀ, ସିଟିକଣ୍ଠ ଚାନ୍ଦ ଓ ସୀତାଂଶୁ ଶେଖର ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମୃତ ଯୁବକଙ୍କ ପରିଚୟ ମିଳିଲା

ବରପାଲି,୧୫।୧୨(ଡି.ଏନ.ଏ)

ବରଗଡ଼ ଜିଲା ବରପାଲିରେ ଶନିବାର ସକାଳୁ ଉଦ୍ଧାର ହୋଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି । ସେ ବରଗଡ଼ ସହରର ୱାର୍ଡ଼ ନଂ-୨ ନିବାସୀ ପ୍ରଶାନ୍ତ ପରଧିଆ(୨୦) ବୋଲି ଜଣାପଡ଼ିଛି । ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯିବା ପରେ ସେଠାରେ ପକାଇ ଦିଆଯାଇଥିବା ଅନୁମାନ କରାଯାଉଛି। ପ୍ରଶାନ୍ତ ଗତ କିଛିଦିନ ତଳେ ଘରୁ ନିଜ ଜୁପିଟର ଗାଡ଼ି ଧରି ବାହାରିଥିଲେ ଏବଂ ସେହିଦିନଠାରୁ ଆଉ ଫେରି ନ ଥିଲେ। ଅନ୍ୟପଟେ ଶନିବାର କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ତାଙ୍କ ଶବକୁ ବରପାଲି ପୋଲିସ ଉଦ୍ଧାର କରିଥିଲା। ମାତ୍ର ମୃତକଙ୍କ ଜୁପିଟର ଗାଡ଼ି ଏବଂ ସେ ଧରିଥିବା ମୋବାଇଲ ମିଳିପାରି ନାହିଁ । ରବିବାର ଶବ ଚିହ୍ନଟ ପରେ ତାଙ୍କ ମୃତ୍ୟୁ ରହସ୍ୟ ପଦାକୁ ଆସିବ ଏବଂ ଏଥିରେ ସମ୍ପୃକ୍ତ ରହିଥିବା ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ଆଶା କରାଯାଉଛି। ପୋଲିସ ଏ ନେଇ ଅଧିକ ଛାନଭିନ୍ ଚଳାଇଛି ।

■ ନୂତନ ରାସ୍ତା ଲାଗି ଅଂଚଳବାସୀଙ୍କର ଦାବି

# ବେହାଲ ବରଗୋଛା-ଦପଲା ରାସ୍ତା

**ମନମୁଣ୍ଡା, ୧୫।୧୨ (ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ବରଗୋଛା-ଦପଲା ୨୦ କି.ମି. ରାସ୍ତା ବହୁତ୍ ବଛର ହେଲା ଦେଖିରେଖ, ମରାମତି ଅଭାବୁ ପିଚୁ ଉଠି ମେଟାଲ ଯାକ ଯାହିଁତାହିଁ ପଡ଼ିଛେ। ସେନ୍ତା ରାସ୍ତାର ଅନେକ ଜାଗାରେ ବଡ଼ ବଡ଼ ଖାଲ ହେଇଛେ। ଏନ୍ତାଥି ଚାରଚକିଆ ଗାଡ଼ି, ମୋଟରସାଇକେଲ ୨୦ କି.ମି.ରୁ ଅଧିକା ବେଗ୍‌ରେ ଯାଇ ନାଇଁପାରବାର। ସେନ୍ତା ସାଇକେଲିଆ ଆର ଚାଲତି ଲୋକ୍ ଇ ରାସ୍ତାରେ ଯିବାର ଆଗ୍ରୁ ୭ ଥର ଭାବୁଛନ୍। ରାସ୍ତାର ବେହାଲ ଅବସ୍ତା ଲାଗି ଅନେକ ସମିଆରେ ଛୋଟ ବଡ଼ ଦୁରଘଟନା ଘଟୁଛେ। ଲୋକ୍ ଖଁଡିଆ ଉଁଡିଆ ହେଇ ଡାକ୍ତରଖାନା ଯିବାର ନଜିର ବି ରହିଛେ। ଇ ରାସ୍ତାଟା ନୂତନ ଭାବେ ତିଆରି କରବାକେ ଅଂଚଳବାସୀ ଅନେକ ଦିନୁ ଦାବି କରିଆସୁଥିଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ ହେଉଛେ। ସେନ୍ତା ଇ ରାସ୍ତା ଉପରେ ଅଂଚଳର ବରଗୋଛା, ଶିଗାଡ଼ି, ଦେହେରୀସାହି, ମନୋହରପୁର, ବାଞ୍ଜିମୁଣ୍ଡା, ଗୋପାଳପୁର, ପାଲଝିର, ସେମିଲିକଟା, ତିଲକମାଲ, ବଡ଼ଦେହେରିପାଲି, ସାନଦେହେରିପାଲି, ଶୁଣ୍ଡିପଦର ଆଦି ଗାଁର ପାଖାପାଖି ୭୦ ହଜାର ଲୋକ ନିରଭର କରୁଛନ୍। ଗାଁବାସୀମାନେ ଫିଦିନ ଇ ରାସ୍ତା ଦେଇ କଣ୍ଟାମାଳ ବ୍ଲକ, କୋର୍ଟ, ତହସିଲ ଆଦି ଅଫିସ କାମ୍‌ରେ ଯାଆସ କରୁଛନ୍। ହେଲେ ରାସ୍ତାର ବେହେଲା ଅବସ୍ତା ଲାଗି ଫିଦିନ ବସ୍ ବି ଯିବାର ଆଏବାର ନାଇଁ କରବାର। ଯେନ୍‌ଥିରଲାଗି ଅଂଚଲବାସୀ ବହୁତ୍ ହଇରାନ ହରକତ ହେଉଛନ୍। ଏନ୍ତାଥି ଅଂଚଲବାସୀକୁ ୨୫ରୁ ୩୦ କି.ମି. ଦୂରିଆ ମନମୁଣ୍ଡାକେ ଆସି କଣ୍ଟାମାଳ ଯିବାକେ ପଡୁଛେ। ଲୋକ୍ ବ୍ଲକରୁ ଅଫିସ କାମ୍‌ବୁତା ସାରି ଫିରଲାବେଳେ ବେଲବୁଡୁଛେ। ଗାଡ଼ି ମଟର ଅଭାବୁ ଅନେକ ଗରିବ୍ ଦୁଖି ଘରକେ ଫିରି ନାଇଁପାରି କରି ମନମୁଣ୍ଡାରେ ରାଏତ୍ ବିତଉଛନ୍। ସେନ୍ତା ବରଗୋଛା-ଦପଲା ରାସ୍ତାରେ ଥିବାର କେତେ ପୁଲିଆ ବରଷା ପାଏନ୍ ଲାଗି ଖରାପ ହେଇଯାଇଛେ। ଇ ରାସ୍ତାକେ ନୂତନ ଭାବେ ତିଆରି କରବାକେ ବରଗୋଛାର ତନ୍ମୟ ସାହୁ, କଣ୍ଡେଶ୍ୱର ପ୍ରଧାନ, ବିଜୁ ଜିଲା କୃଷକ ସଭାପତି ଶାନ୍ତନୁ ଥାଙ୍ଗି, ଧ୍ରୁବଚରଣ ପ୍ରଧାନ ପରମୁଖ ଦାବି କରିଛନ୍। ସୂଚନା ହିସାବେ ଇ ରାସ୍ତାଟା ଆଗ୍ରୁ ଆରଡି ବିଭାଗ ଅଧୀନରେ ଥିଲା। ପାଖାପାଖି ୨ ବଛର ହେଲା ପିଡବ୍ଲୁଡି ଅଧୀନକେ ଯାଇଛେ। ବିଭାଗୀୟ କତୃରପକ୍ଷ ଇ ରାସ୍ତା ଉପରେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ମନମୁଣ୍ଡା ପିଡବ୍ଲୁଡି ଜେଇ ଗୋବିନ୍ଦ ନାଏକଙ୍କୁଁ ପଚରାଲାରୁ ରାସ୍ତାର ହାଲ୍ ବାବ୍‌ଦେ ମୁଇଁ ଉଚ କତୃରପକ୍ଷକୁଁ ଜନେଇଛେଁ ବଲି ସେ କହିଥିଲେ।



ବରଗୋଛା-ଦପଲା ରାସ୍ତାର ଅବସ୍ତା।

## ବୌଦ୍ଧ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

**ଜହ୍ନାପଙ୍କ, ୧୫।୧୨ (ଡି.ଏନ.ଏ)**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ବୌଦ୍ଧ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସଭାରେ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳ ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ସଚଳା ଗୁରୁ, ଦହ୍ୟା ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଦଶରଥ ମେହେର, ଜିଲା ଓଷ୍ଟା ସମ୍ପାଦକ ମନୋଜ ଗାଇଗରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟାର ବୌଦ୍ଧ ବ୍ଲକ ସଭାପତି ପ୍ରମୋଦ କୁମାର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ମୁଖ୍ୟଅତିଥି, ଶିକ୍ଷକ ଉପେନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୃପ୍ତିରଞ୍ଜନ ଦାନୀ, ସୁଧାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଧିରେନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଦହ୍ୟା, ମୁଣ୍ଡିପଦର, ସଂଗ୍ରାମପୁର, ଗୋଛାପଡା, ବୁଢ଼ିପଦର, ଜଗତି ଓ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶିକ୍ଷକ ସ୍ମୃତିରଞ୍ଜନ ସାହୁ, ପଦ୍ମଲୋଚନ ସାହୁ, ରଞ୍ଜିତ ଚାନ୍ଦ, ଅଶୋକ କୁମାର ସାମଲ, ବର୍ଷା ବୈଶାଳୀ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ୧୦ଟି ପ୍ରତିଯୋଗିତାରୁ ୨୦ଜଣ ପ୍ରତିଯୋଗୀ ଆସନ୍ତା ୨୦ ତାରିଖରେ ପଲସାଗୋରା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବକୁ ମନୋନିତ ହୋଇଅଛନ୍ତି ।

## ବିକାଶରେ ସ୍ୱଟଲାଇଟ୍-୨୦୧୯ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ସିମେଣ୍ଟନଗରସ୍ଥିତ ଏସିସି ବିକାଶ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକୋତ୍ସବ ସ୍ୱଟଲାଇଟ୍ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ବରଗଡ଼ ସିମେଣ୍ଟ କାରଖାନାର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଶ୍ରୀବାସ୍ତବ ମୁଖ୍ୟଅତିଥି, ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ରୀତୁ ଶ୍ରୀବାସ୍ତବ, ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ମଞ୍ଚାସୀନ ଅତିଥି ରହିଥିଲେ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶରେ ଅଭିଭାବକ, ଗୁରୁମାନଙ୍କ ଭୂମିକା ଉପରେ ମୁଖ୍ୟଅତିଥି ଶ୍ରୀବାସ୍ତବ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି କ୍ରୀଷ୍ଣା ବିକାଶ ସ୍କୁଲର ଶିକ୍ଷା ପଦ୍ଧତି ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିବୃନ୍ଦ ଉକ୍ତ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଗଙ୍ଗା ସଦନକୁ ଶ୍ରେଷ୍ଠ ସଦନ ଭାବେ ଘୋଷଣା କରିଥିଲେ। ଛାତ୍ର ଭୁବନାନନ୍ଦ ଦଲାଇଙ୍କୁ ବିକାଶ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବାପୁନ ରାଉତ ପୁରସ୍କାର ଘୋଷଣା କରିଥିଲେ । ଉକ୍ତ ସମାରୋହରେ ବରଗଡ଼ ସିମେଣ୍ଟ କାରଖାନାର ସମୀର ରାଉତ, ମଣିଶଙ୍କର ଓ ଅନ୍ୟ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ । ସେହିପରି ବିକାଶ ସ୍କୁଲ ସମୂହର ଅଧ୍ୟକ୍ଷ, ଅଧ୍ୟାପକ ଯୋଗ ଦେଇଥିଲେ । ଶିକ୍ଷକ ଦିଲୀପ ବେହେରା, ସୁଜାତା ଲାଲ, ପ୍ରୀତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ନାଟକ 'ରାଇ ମାନଭଞ୍ଜନ' ପରିବେଷିତ

**ବୌଦ୍ଧ,୧୫।୧୨(ସ୍ୱ.ପ୍ର)**

ବୌଦ୍ଧର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଚାଲିଥିବା ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବର ରବିବାର ଥିଲା ଷଷ୍ଠ ସନ୍ଧ୍ୟା। ଷଷ୍ଠ ରଜନୀରେ ନାଟକ 'ରାଇ ମାନଭଞ୍ଜନ' ପରିବେଷିତ ହୋଇଥିଲା। ଏହି ନାଟକରେ ରାଧାକୃଷ୍ଣଙ୍କ ମନମାଳିନ୍ୟ ଠାରୁ ରାଧାଙ୍କ ମାନ ଭାଙ୍ଗିବା, କୃଷ୍ଣଙ୍କ ମାଳ୍ୟାଣୀ, ନାପିତୁଣି, କାଚରାଣୀ ଏବଂ ଯୋଗୀ ବେଶ ହୋଇ ରାଧାଙ୍କ ଠାରୁ ମାନ ଭିକ୍ଷା ନେଇଥିଲେ । ମାନଭଞ୍ଜନ ପରେ ଅକ୍ରୁର ଆସି କୃଷ୍ଣ ବଳରାମଙ୍କୁ ମଥୁରା ବିଜୟ ପାଇଁ ରଥରେ ନେବା ଦୃଶ୍ୟ ପରିବେଷିତ ହୋଇଥିଲା। ନାଟକ ପ୍ରାରମ୍ଭରେ ନୃତ୍ୟ ନାଟିକା ମା ବୈଷ୍ଣୋଦେବୀ ପରିବେଷଣ ହୋଇଥିଲା । ଆଜିର ନାଟକରେ କୃଷ୍ଣ କୀର୍ତ୍ତିଚନ୍ଦ୍ର ଭୋଇ, ବଳରାମ ରାଜେଶ ଆଚାର୍ଯ୍ୟ, ରାଧା ଗୁଡୁ, ଅକ୍ରୁର ଭୂମିକାରେ ଧ୍ରୁବଚରଣ କରଡିଆ ଅଭିନୟ କରିଥିଲେ । ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଦେବାଙ୍ଗନ ମେହେର।

■ ଡୁମାଲ ପରିବାରର ବନ୍ଧୁ ମିଳନ

## ନାଟକ ମହାଗୌରୀ ମା' ମାହେଶ୍ୱରୀ ମଞ୍ଚସ୍ଥ



ଡୁମାଲ ପରିବାରର କଳାକାରମାନେ ନାଟକ ମଞ୍ଚସ୍ଥ କରୁଛନ୍ତି ।

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ସହରର ଗଙ୍ଗାଧରନଗର ସ୍ଥିତ ମିଳନ ମଣ୍ଡପରେ ରବିବାର ବରଗଡ଼ ଡୁମାଲ ପରିବାରର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡୁମାଲ ପରିବାରର କଳାକାରମାନେ ଅଧିଷ୍ଠାତ୍ରୀ ଦେବୀ ମାଁ ମାହେଶ୍ୱରୀଙ୍କ ଉପରେ ଆଧାରିତ ତଥା ଡୋଲାମଣି ସିଂଙ୍କ ରଚିତ ସଙ୍ଗୀତ ରୂପକ ନାଟକ ମହାଗୌରୀ ମାଁ ମାହେଶ୍ୱରୀ ମଞ୍ଚସ୍ଥ କରିଥିଲେ । ସେହିପରି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ମାଁ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କୁରୁଆଁସ୍ଥିତ ଉମା ମାହେଶ୍ୱରୀ ମନ୍ଦିରର ସେବାୟତମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ରହୁଥିବା ଡୁମାଲ ପରିବାରର ବହୁ ଆବାଳ ବୃଦ୍ଧ ବନିତା ଯୋଗଦାନ କରିଥିଲେ । ମନ୍ତ୍ରରାମ ଛନ୍ଦ, ଶ୍ରୀକାନ୍ତ ପ୍ରଧାନ, ଯୁଗଳ କର୍ମୀ, ଡୋଲାମଣି ସିଂ, ମନୋଜ ଛନ୍ଦ, ରଞ୍ଜିତ କର୍ମୀ, ରଞ୍ଜିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବୌଦ୍ଧ,୧୫।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ଗୃହରେ ରବିବାର ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ଅଖିଳ ଚାନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୌଦ୍ଧର ବିକାଶ କିପରି ହୋଇପାରିବ ସେଥିପ୍ରତି ଆଲୋଚନା କରାଯାଇଥିଲା । ଏହାସହ ବରିଷ୍ଠ ନାଗରିକମାନଙ୍କୁ ପ୍ରମାଣପତ୍ର ଓ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ, ସହରର ଜରି ଖଣ୍ଡିରେ ଆବର୍ଜନା ଉପରେ ଆଲୋଚନା ହୋଇଥିଲା । ବୈଠକରେ ବରିଷ୍ଠ ନାଗରିକମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆସନ୍ତା ମାର୍ଚ୍ଚ ମାସରେ ମଞ୍ଚର ମହାସଭା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ମଞ୍ଚର ସମ୍ପାଦକ ଅକ୍ଷୟ ମହାନ୍ତି, ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ମିଶ୍ର, ନାରାୟଣ ପରିଜା, ବନ ବିହାରୀ ପଟ୍ଟନାୟକଙ୍କ ସମେତ ଜିଲାର ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ ।

## ଫୁଟବଲ: ମର୍ହାପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ସହର ଉପକଣ୍ଠ ଖଲିଆପାଲିରେ ରାଜୀବ ଗାନ୍ଧୀ ଯୁବକ ସଂଘ ଆନୁକୂଲ୍ୟରେ ଖ୍ରୀଷ୍ଟମାସ କ୍ଲବ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାର ଫାଇନାଲକୁ ମୁଣ୍ଡା କ୍ଲବ ଓ ମର୍ହାପାଲି ଦଳ ଉନ୍ନୀତ ହୋଇଥିଲେ। ଏଥିରେ ମର୍ହାପାଲି ପ୍ରତିପକ୍ଷକୁ ହରାଇ ଚାମ୍ପିୟନ ହୋଇଥିଲା। ଓଡ଼ିଶା ଏଣ୍ଟରପ୍ରାଇଜେସର ଚନ୍ଦ୍ରଶେଖର ବାଗ, ପ୍ରମୋଦ ଦୋରା, ଚୈତନ୍ୟ ପାଇକ, ଅଶ୍ୱିନୀ ସାହୁ, ଆୟୁଷ ଅଗ୍ରୱାଲ ଅତିଥି ଭାବେ ଯୋଗଦାନ କରିଥିଲେ। ସୁକାନ୍ତ ବାଗ ଓ ପ୍ରଭାସ ପାଣିଗ୍ରାହୀ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ଡ୍ରେନ ପାଣି ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

**ବୌଦ୍ଧ,୧୫।୧୨(ସ୍ୱ.ପ୍ର)**

ବୌଦ୍ଧ ସହରରେ ନୂତନ ଭାବେ ଗଢିଉଠିଥିବା ଶ୍ରୀଜଗନ୍ନାଥ ବିହାର ବାସିନ୍ଦାଙ୍କ ପାଇଁ କାଳ ସାଜିଛି ଡ୍ରେନ ପାଣି । ସହରର ରାଜନପାଲି ବସ୍ତିର ନର୍ଦ୍ଦମା ପାଣି ଜଗନ୍ନାଥ ବିହାର ଦେଇ ମୁଖ୍ୟ ଡ୍ରେନକୁ ଯାଉଛି । କିନ୍ତୁ ଉକ୍ତ ଡ୍ରେନ ପାଣି ଠିକ ଭାବେ ଯାଇପାରୁ ନ ଥିବାରୁ ଏକ ବିଲ ମଧ୍ୟରେ ଜମି ରହୁଛି । ଫଳରେ ଦୁର୍ଗନ୍ଧ ହେବା ସହିତ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି । ଫଳରେ ସାହିବାସିନ୍ଦା ଠିକ ଭାବେ ଘର ଭିତରେ ରହି ପାରୁନାହାନ୍ତି । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍

## ବ୍ରୋଞ୍ଜ ପଦକ୍ ଜିତ୍‌ଲେ ସ୍ୱାଗତିକା

**ଭଟଲି,୧୫।୧୨ (ଡି.ଏନ୍.ଏ.)**

ଗୋଆ ମାପୁସା ପେଡମ୍ ସାଗ୍ ଇନ୍‌ଡୋର ଷ୍ଟାଡିୟମ୍‌ରେ ଡିସେମ୍ବର ପହେଲା ହପ୍ତାରେ ୩ ଦିନ୍ ଧରି ହେଇଥିବାର ଏସ୍‌ସିକେଏଫ୍‌ଆଇ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ରେ ବରଗଡ଼ ଜିଲାର ସ୍ୱାଗତିକା ମହାନ୍ତି ବ୍ରୋଞ୍ଜ ପଦକ ଜିତି ଜିଲାର ଟେକ୍ ରଖିଛନ୍। ଇଥିର ଲାଗି ଭିନ୍ ଭିନ୍ ଆଡୁ ତାକର୍ ନିକେ ଶୁଭେଚ୍ଛା ବାରତା ପୁହୁଁଚୁଛେ। ସ୍ୱାଗତିକାଙ୍କର ପରଦରଶନରେ ତାକର ଗୁରୁ ସମ୍ବଲପୁରର ଦୀପକ ଦାଶ ବି ବହୁତ ଖୁସି ହେଇଛନ୍।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଭଟଲିର ନମିତା ମହାନ୍ତି ଆରୁ ସୁରଜିତ ମହାନ୍ତିଙ୍କର ଗୁଟେବଲି ଝିଁ ସ୍ୱାଗତିକା ମହାନ୍ତି। ଛୁଆଦିନୁ ତାକର ଖେଲକୁଦ୍ ଉପରେ ଝୋଁକ୍ ରହିଥିଲାବେଲେ ସେ ଭଲ ପାଠ୍ ବି ପଢୁଛନ୍। ସେ ଥାନୀଅ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଢ଼ଲାବେଲେ ବି ଭିନେ ଭିନେ ଖେଲକୁଦ୍‌ଥି ଭାଂଗ ନେଇ ଅନେକ ପୁରସ୍କାର ପାଇଥିଲେ। ଆଏଜ୍‌କାଲି ଟୁକେଲ ଜନମ୍ ହେଲେ ଅନେକ ପରିବାର ଦୁଖି ହେଇଯାଉଛନ୍। ହେଲେ ସ୍ୱାଗତିକାର ଲେଖେଁ ଝିଁଟେ ପାଇ ତାକର ମା'ବାପ୍ ବହୁତ୍ ଗରବ୍ ଅନୁଭବ କରୁଛନ୍। ସେନ୍ତା ଯେନ୍‌ମାନେ ଟୁକେଲମାନକୁ ଆଡ଼ ନଜରଥି ଦେଖୁଛନ୍ ସେମାନକର ଲାଗି ଆମର ଝିଁ ଉଦାହରନ୍ ହେବାର କଥା ବଲି ସେମାନେ କହିଛନ୍। ଚଲତି ଡିସେମ୍ବର ୬, ୭ ଆର ୮ ତାରିଖ୍ ୩ ଦିନ୍ ଧରି ଗୋଆର ମାପୁସା ପେଡମ୍ ସାଗ୍ ଇନ୍‌ଡୋର ଷ୍ଟାଡିୟମ୍‌ରେ ତିନ୍ ନମ୍ବର ଏସ୍‌ସିକେଏଫ୍‌ଆଇ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହେଇଥିଲା। ପରତିଯୋଗିତାରେ ୮ଶହ ପରତିଯୋଗୀ ଭାଗ ନେଇଥିଲେ। ଇ ପରତିଯୋଗିତାଥି ସମ୍ବଲପୁରର ସ୍ୱୟମ୍ଭୁ ମାରର୍ଶାଲ ଆର୍ଟ୍ସ ଏକାଡେମୀ ତରଫୁ ସ୍ୱାଗତିକା ଭାଗ ନେଇ ବ୍ରୋଞ୍ଜ ପଦକ ଜତିଛନ୍। ସ୍ୱାଗତିକା ଏହେଦେ ସମ୍ବଲପୁରର ଗୁଟେ କଲେଜଥି ଯୁକ୍ତ ଦୁଇ ବିଜ୍ଞାନ ପାଠ୍ ପଢୁଛନ୍। ଇ ସଫଳତା ଲାଗି ତାକର ପୁରନା ସ୍କୁଲର ଗୁରୁମା ଗୁରୁଜୀ, ସାଂଗସାଥିମାନେ ଶୁଭେଚ୍ଛା ଜନେଇଛନ୍।





ସ୍ୱାଗତିକା ବ୍ରୋଞ୍ଜ ପଦକ ଆର ସାର୍ଟିଫିକେଟ ଦେଖଉଛନ୍।

## ଚୂଡାଖାଇ ଯାତ୍ରାରେ ନାଟକ ମଞ୍ଚସ୍ଥ

**ଜହ୍ନାପଙ୍କ, ୧୫।୧୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ ବଡମାଲରେ ଚୂଡାଖାଇ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସୁଶାନ୍ତ କୁମାର ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ଲୁହରେ ଲେଖା ମୋ କପାଳ ରେଖା' ମଞ୍ଚସ୍ଥ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉଦଘାଟନୀ ଉତ୍ସବରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସମିତି ସଭ୍ୟ ସୁଶୀଲ ଦୀପ, ବହିରା ହାଇସ୍କୁଲର ପ୍ରଧାନଶିକ୍ଷକ ଦେଶବନ୍ଧୁ ମହାକୁଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିତ୍ୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ ।

## ଜ୍ଞାନମେଳାରେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶନ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ର ସଂସ୍କାର ଆନ୍ତର୍ଜାତିକ ସ୍କୁଲରେ ଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରମାନେ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ସାହିତ୍ୟ ଉପରେ ଆଧାରିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସେଥିରେ ରାଜ୍ୟର ପର୍ବପର୍ବାଣୀ, ଖାଦ୍ୟ, ଫସଲ, ନଦୀବନ୍ଧ, ମନ୍ଦିର, ଦୁର୍ଗ, ଝରଣା, କଳ କାରଖାନା ଆଦି ରହିଥିଲା । ଏହା ସହିତ ଶକ୍ତି ସଂରକ୍ଷଣ, ସୌରଶକ୍ତିର ବ୍ୟବହାର, ଜଳ ସଂରକ୍ଷଣ, ଧୂଆଁ ନିୟନ୍ତ୍ରଣ, ଚନ୍ଦ୍ରୟାନ-୨, ଡ୍ରାଇଭିଂ ଆଲର୍ଟ ଉପରେ ମଧ୍ୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମାନ ସାୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରକଳ୍ପ ପ୍ରସ୍ତୁତିରେ ରାଜ କିଶୋର ଷଡ଼ଙ୍ଗୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ ।



ଅତିଥିମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

■ କୋସଲ ଯୁବ ସମନ୍ୱୟ ସମିତିର ନିଷ୍ପତ୍ତି

## ନିଯୁକ୍ତିରେ ସଂରକ୍ଷଣ ଲାଗି ଲଢ଼େଇ ହେବ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର କୋସଲ ଯୁବ ସମନ୍ୱୟ ସମିତିର କେନ୍ଦ୍ରୀୟ ପୁନର୍ଗଠନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କୋସଲାଞ୍ଚଳର ସମସ୍ତ ଜିଲ୍ଲାର ଯୁବ ସଙ୍ଗଠକମାନେ ଯୋଗଦାନ କରିଥିଲେ । କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏହାକୁ ଉଦଘାଟନ କରିଥିଲେ । କୋସଲ ଆନ୍ଦୋଳନକୁ ସଫଳ କରିବା ପାଇଁ ଯୁବକ, ଛାତ୍ରମାନେ ଆଗକୁ ଆସି ନେତୃତ୍ୱ ନେବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। କୋସଲ ଏକାଡେମିକ୍ସ ଫୋରମର ଯୁଗ୍ମ ଆବାହକ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋସଲାଞ୍ଚଳର ମାନବାଧିକାର ହନନ ସମସ୍ୟା, ଶିକ୍ଷା ସମସ୍ୟାରେ ଅଞ୍ଚଳର ଯୁବକ, ଛାତ୍ରମାନେ ଯୋଡ଼ି ହୋଇ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ ।

ଏହି ସମ୍ମିଳନୀରେ କୋସଲ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ଉଭୟ ସରକାରୀ, ବେସରକାରୀ ପ୍ରତିଷ୍ଠାନରେ ଶତକଡ଼ା ୮୦ ଭାଗ ସ୍ଥାନ ସ୍ଥାନୀୟ ଛାତ୍ରୀଛାତ୍ର, ଯୁବତୀ, ଯୁବକଙ୍କ ପାଇଁ ସଂରକ୍ଷଣ କରାଯିବା ଦାବି ନେଇ ବିଶାଳ ଯୁବ, ଛାତ୍ର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଏକ କୋର କମିଟି ଗଠନ କରାଯାଇଥିଲା। ଏଥିରେ ରିଲୁ ରଥ ସଂଯୋଜକ, ଦୀପକ ରଞ୍ଜନ ଦାଶ, ଦୀପକ ଦେବତା ଯୁଗ୍ମ ସଂଯୋଜକ, ଆଶାକ ପଣ୍ଡାଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିଲା । ନିତିନ ପ୍ରଧାନ, ଅଚ୍ୟୁତ ସିପୁନ ଖମାରୀ, ଉମାଶଙ୍କର ବେହେରା, ପ୍ରୀତମ ଠାକୁର, ମନୋଜ ରାଉଡ଼ିଆ, ଲରେନ୍ସ ପ୍ରଧାନଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ମନୋନିତ କରାଯାଇଥିଲା ।



“ ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ



## ଶ୍ରାଦ୍ଧବାର୍ଷିକୀରେ ଅଭିମନ୍ୟୁଙ୍କ ସ୍ମୃତିଚାରଣ

**ଟିଟିଲାଗଡ଼, ୧୫।୧୨(ଡି.ଏନ.ଏ.)** ଯୁବ ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କର ୬ଷ୍ଠ ଶ୍ରାଦ୍ଧ ବାର୍ଷିକୀ ରବିବାର ବଲାଙ୍ଗୀର ଜିଲା ଟିଟିଲାଗଡରେ ପାଳିତ ହୋଇଯାଇଛି। ସକାଳୁ ବୀର ହନୁମାନ ବ୍ୟାୟାମଶାଳାଠାରେ ଥିବା ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଦଳର ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ ଓ ସହରର ବହୁ ଅଭିମନ୍ୟୁପ୍ରେମୀ ଯୋଗଦେଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ପରେ ଏକ ଭଜନ କାର୍ଯ୍ୟକ୍ରମ ପଙ୍କଜ ଜାଲ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏଥିରେ ବହୁ ମହିଳା, ପୁରୁଷ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାର୍ଷିକ କ୍ରୀଡ଼ା: ମୁନି, ଅଙ୍କିତ ଚାମ୍ପିୟନ

**ଦେଓଗାଁ,୧୫।୧୨(ଡି.ଏନ୍.ଏ.)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଉପମନ୍ୟୁ ବାଗଙ୍କ ଅଧକ୍ଷତା ଏବଂ ଅଧ୍ୟାପକ ସନ୍ତୋଷ କୁମାର ଜାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ଗିରୀଗୋବର୍ଦ୍ଧନ ବିଶ୍ୱାଳଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ବାଳିକା ବିଭାଗରେ ମୁନି ଜାଲ ଓ ବାଳକ ବିଭାଗରେ ଅଙ୍କିତ ନାଗ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ମଦ ବନ୍ଦ ଦାବି ଜୋର ଧରିଲା

# ଥାନାର ଦ୍ୱାରସ୍ଥ ହେଲେ ସ୍ୱୟଂସହାୟକ ଗୋଷ୍ଠୀ

**ଦେଓଗାଁ,୧୫।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧୀନ ମୁରସିଂ ଗ୍ରାମରେ କୁଚିଆ ଦେଶି ମଦ ବିକ୍ରି ବନ୍ଦ ଦାବିରେ ୧୮ଟି ସ୍ୱୟଂସହାୟକ ଦଳର ସଦସ୍ୟା ଏବଂ ଗ୍ରାମବାସୀ ରବିବାର ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗାଁର ରାଧାକୃଷ୍ଣ, ସୁଭଦ୍ରା, ଜଗାକାଳିଆ,ମା’ ଲକ୍ଷ୍ମୀ, ତାରିଣୀ, ସନ୍ତୋଷୀ, ଓଁ ସାଇ ରାମ, ମା’ ସାରଳା, ଜୟମାଁ ଦୁର୍ଗା, ସ୍ୱୟଂସହାୟକ ଜଗନ୍ନାଥ ଗୋଷ୍ଠି, ମହାଲକ୍ଷ୍ମୀ ସଂଘ, ଜୟ ହନୁମାନ, କମଳା, ଜିତେନବୁଢ଼ି, ମା’ତୁଳସୀ, ବଜରଙ୍ଗବଳୀ ଓ ଶ୍ରୀରାମ ସ୍ୱୟଂ ସହାୟକ ଦଳର ମହିଳା ସଦସ୍ୟାମାନେ ଗାଁରେ ଅବାଧରେ ଦେଶୀମଦ ବିକ୍ରି କରୁଥିବା କୁଚିଆ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସଦସ୍ୟାଙ୍କ ଅଭିଯୋଗ ମୁତାବକ, ୨ଗାଁରେ ୩୦ରୁ ଉର୍ଦ୍ଧ୍ୱ ମଦ ବେପାରୀ ବେଆଇଭାବେ ରନ୍ଧା ମଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଫଳରେ ଗାଁରେ ଅଶାନ୍ତି ପରିସ୍ଥିତି ସୃଷ୍ଟି ହେବାସହ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷେ ମା’ ଭଉଣୀମାନେ ନିଜକୁ ଅସୁରକ୍ଷିତମନେ କରୁଛନ୍ତି। ମଦ ପିଇ ପ୍ରାୟ ପରିବାରରେ କଳହ ଉପୁଜିବା ସହ ଅନେକ ପରିବାର ତଳିତଳାନ୍ତ ହୋଇଯାଇଛନ୍ତି। ଏପରି କି ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦ କଲେ କୁଚିଆମାନେ ମହିଳାମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ପୋଲିସ ଏବଂ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।



ମୁରସିଂ ଗ୍ରାମରେ ମଦ କବିକ୍ରି ବନ୍ଦ ଦାବିରେ ସ୍ୱୟଂସହାୟକ ଦଳର ମହିଳାମାନେ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

**ମୁରିବାହାଲ, ୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟ୍ସ ଆନୁକୂଲ୍ୟରେ ୩୦ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ରବିବାର ଟିକେମନୀପାଲିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ଶ୍ରୀବସ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୟୁଥ ଓ ସ୍ପୋର୍ଟ ବ୍ଲକର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏଥିରେ ସର୍ବଭାରତୀୟସ୍ତରର ବଛାବଛା ୧୨ଟି ଦଳକୁ ନେଇ ଆସନ୍ତା ଜାନୁୟାରୀ ଶେଷ ସପ୍ତାହରେ ଟୁର୍ନାମେଣ୍ଟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଏକ ପରିଚାଳନ କମିଟି ଗଠନ କରାଯାଇଥିଲା। ସଭାପତି ଅଜିତ କୁମାର ତରିଆ, କାର୍ଯ୍ୟକାରୀ ସଭାପତି ନିମାଇଁଚରଣ ବଘାର, ଅଗସ୍ତି ବଘାର, ସାଧାରଣ ସମ୍ପାଦକ ପଦ୍ମଲୋଚନ ବାଗ, ମଣ୍ଟୁ ନାୟକ, ଉପସଭାପତି ଶେମନ୍ତ ବାଗ, ପ୍ରଫୁଲ୍ଲ କୁମାର ବଘାର, ସୁଧାଂଶୁ ପୋଡ଼ ଯାଦବ, ସମ୍ପାଦକ ଲଳିତ ବଘାର, ଅବିନାଶ ଭୋଇ ଓ କୋଷାଧକ୍ଷ ଭାବେ ବିଶ୍ୱବିହାରୀ ଯୋଶୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ବିଶିଷ୍ଟ କ୍ରୀଡାବିତମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଖେଳ ପଡିଆ ଦାୟିତ୍ୱ କ୍ରୀଡା ସମ୍ପାଦକ ବିକି ମହାରଣା, ସରୋଜ କୁମାର କିଣ୍ଡୋଙ୍କୁ ଦିଆଯାଇଥିଲା। ନାରାୟଣ ସାହୁ, ଭଗବାନ ମହାନ୍ତି, ରାଜୀବ କୁମାର ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ମୁଖ୍ୟ ଅତିଥି ତୁଷୁରା ମାରୱାଡି ଯୁବା ମଞ୍ଚ ଶାଖା ଅଧକ୍ଷଙ୍କୁ ସମ୍ମାନିତ କରୁଛନ୍ତି।

# ତୁଷୁରା ମାରୱାଡି ଯୁବା ମଞ୍ଚ ଶାଖା ସମ୍ମାନିତ

**ଗୁଡ଼ଭେଲା,୧୫।୧୨(ଡି.ଏନ୍.ଏ.)**

ଉତ୍କଳ ପ୍ରାନ୍ତୀୟ ମାରୱାଡିଯୁବା ମଞ୍ଚର ୩୧ତମ ପ୍ରାନ୍ତୀୟ ସଭା ଉଡାନ କାର୍ଯ୍ୟକ୍ରମ ବରଗଡ଼ସ୍ଥିତ ସ୍ୱଂୟସିଦ୍ଧ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତୁଷୁରା ମାରୱାଡି ଯୁବା ମଞ୍ଚର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶାଖା ଅଧକ୍ଷ ମନୋଜ କୁମାର ଜୈନଙ୍କୁ ସମ୍ମାନୀତ କରାଯାଇଥିଲା। ଉତ୍କଳ ପ୍ରାନ୍ତୀୟ ମାରୱାଡି ମହିଳା ସମିତି ଅଧକ୍ଷା ଗାୟତ୍ରୀ ଲାଠ ମୁଖ୍ୟଅତିଥି ଭାବେ ଯୋଗଦେଇ ତୁଷୁରା ଶାଖା ଅଧକ୍ଷ ଜୈନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷେ ମଣ୍ଡଳୀୟ ଉପାଧକ୍ଷ ଆଶିଷ ଚୌଧୁରୀ, ବିରେନ୍ଦ୍ର ଜୈନ, ଯୁବ ସମାଜିକ କର୍ମୀ ପବନ ଅଗ୍ରୱାଲ, ପୂର୍ବତନ ଜିଲା ରାଇସ ମିଲ ସଭାପତି ତଥା ପୂର୍ବତନ ପ୍ରାନ୍ତୀୟ କାର୍ଯ୍ୟକାରୀଣୀ କମିଟି ସଦସ୍ୟ ଦୀନଦୟାଲ କେଡିଆ, ପୂର୍ବତନ ଶାଖା ଅଧକ୍ଷ ବିକାଶ କେଡିଆ, ସମାଜିକକର୍ମୀ ଗଜାନନ ଅଗ୍ରୱାଲ, ଆଶିଷ କେଡିଆ, ରିଙ୍କି ଅଗ୍ରୱାଲ ପ୍ରମୁଖ ତୁଷୁରା ମାରୱାଡି ଯୁବା ମଞ୍ଚ ଅଧକ୍ଷ ଜୈନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ମହିଳା ଗୋଷ୍ଠୀଙ୍କୁ ଋଣ ସହାୟତା ପ୍ରତିଶ୍ରୁତି

**ଟିଟିଲାଗଡ଼,୧୫।୧୨(ଡି.ଏନ.ଏ.)**

ଟିଟିଲାଗଡ଼ ଏସ୍‌ଏଚଜି ହାଟ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ଅଗଷ୍ଟ ୩୧ ତାରିଖରେ ପୌର ପରିଷଦ ଆନୁକୂଲ୍ୟରେ ମନ୍ତ୍ରୀ ଟୁକୁନି ସାହୁ ଏହାର ଉଦ୍‌ଘାଟନ କରିଥିବା ବେଳେ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସହରରେ ଏଭଳି ହାଟ ଆୟୋଜନ ନେଇ ଉଦ୍ୟମ ଆରମ୍ଭ ହୋଇଛି। ଶୁକ୍ରବାର ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ହାଟକୁ ଆସି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏପରି କି ମହିଳାମାନଙ୍କ ସହ ସେ ଆଲୋଚନା କରିଥିଲେ। ଏହି ହାଟ ଦ୍ୱାରା ମହିଳାମାନେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବ୍ୟାଙ୍କ ସଭାପତି ମେହେର ହାଟ ପରିଦର୍ଶନ ପରେ ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତି ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବଲାଙ୍ଗୀର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମହିଳା ଜେଏଲଜିଙ୍କୁ ୨୧ କୋଟି ଟଙ୍କା ଋଣ ପ୍ରଦାନ କରିଛି। ଏନେଇ ୧୮ ହଜାର ମହିଳା ଉପକୃତ ହୋଇଛନ୍ତି। ଟିଟିଲାଗଡ ଏସ୍‌ଏଚ୍‌ଜି ହାଟରେ ସମ୍ପୃକ୍ତ ମହିଳା ଗୋଷ୍ଠୀଙ୍କୁ ସମବାୟ ବ୍ୟାଙ୍କ ଆର୍ଥିକ ଋଣ ସହାୟତା ପ୍ରଦାନ କରିବ। ମହିଳା ଜେଏଲଜିଙ୍କୁ ୫୦ ହଜାର ଏବଂ ଏସ୍‌ଏଚ୍‌ଜିଙ୍କୁ ୧ ଲକ୍ଷ ଟଙ୍କା ଋଣ ମାତ୍ର ୧ ପ୍ରତିଶତ ସୁଧରେ ପ୍ରଦାନ କରାଯିବ ବୋଲି ସଭାପତି ମେହେର ସ୍ପଷ୍ଟ କରିଛନ୍ତି। ବଲାଙ୍ଗୀର ଜିଲାର ଦେଓଗାଁ ବ୍ଲକରେ ଖୁବ ଶୀଘ୍ର ଏକ ମହିଳା ହାଟ ପ୍ରତିଷ୍ଠା ହେବ ବୋଲି କହିଥିଲେ। ସଭାପତି ମେହେରଙ୍କ ଗସ୍ତ ସମୟରେ ଟିଟିଲାଗଡ଼ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜୀବର୍ଦ୍ଧନ ରଣା, ସୁରପଭାଇଜର ଗୌରୀଶଙ୍କର ପଟ୍ଟନାୟକ, ସହଦେବ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଠାକୁରଦେଓ ଫୁଟବଲ: ଫାଇନାଲରେ ହାତୀସରା

**ଦେଓଗାଁ,୧୫।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ହାତୀସରା ପଞ୍ଚାୟତ ଅନ୍ତର୍ଗତ ନାଇକେନସିରାରେ ସ୍ଥାନୀୟ ଠାକୁରଦେଓ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଠାକୁରଦେଓ ଫୁଟବଲ ଟୁର୍ନାମେଣ୍ଟ ରବିବାର ପ୍ରଥମ ସେମିଫାଇନାଲ ଖେଳ ହାତୀସରା ଓ ସମରା ମଧ୍ୟରେ ହୋଇଥିଲା। ଏଥିରେ ହାତୀସରା ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଖେଳକୁ ଗଣେଷ ନାଗ, ବିକ୍ରମ ବାଙ୍କ, ବଳରାମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୁବନେତା ବିଶ୍ୱଜିତ ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସୋମବାର ନାଇକେନସିରା ଓ ମୁରସିଂ ମଧ୍ୟରେ ଦ୍ୱିତିୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ଟୁର୍ନାମେଣ୍ଟକୁ ରଞ୍ଜନ କୁଦେଇ, ନିଳାଞ୍ଚଳ ମେହେର, କୃଷ୍ଣ ଜାନୀ, ସ୍ୱାଧୀନ ବାଗ, ପଞ୍ଚୁ ବାଙ୍କ, ସର୍ଜନ କୁଦେଇ ପ୍ରମୁଖ ସହଯୋଗ କରୁଛନ୍ତି।


ନାଇକେନସିରାରେ ଠାକୁରଦେଓ ଫୁଟବଲ ପ୍ରଥମ ସେମିଫାଇନାଲ ଅବସରରେ ଖେଳାଳି ଗହଣରେ ଅତିଥିବୃନ୍ଦ।

# ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ ଅଭିଯୋଗ

**ସଇଁତଲା,୧୫।୧୨(ଡି.ଏନ୍.ଏ.)**

**ପ୍ରଧାନ ଶିକ୍ଷକଙ୍କ ଅସ୍ୱୀକାର**

ସଇଁତଲା ବ୍ଲକ ଅଧୀନ ଆମ୍ରପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବାନେଇ ଛାତ୍ରୀଛାତ୍ରମାନେ ନାମ ପୂରଣ କରିଛନ୍ତି। ନାମ ପୂରଣ କରିବା ନେଇ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୪ଶହ ୨୦ ଟଙ୍କା ଜମା କରିବା ସରକାରୀ ନିୟମ ରହିଛି। ହେଲେ ସରକାରଙ୍କ ନିୟମକୁ ବେଖାତିର କରି ବିଦ୍ୟାଳୟରେ ପ୍ରତି ଛାତ୍ରୀଛାତ୍ରଙ୍କଠାରୁ ୮ଶହ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଭାବକଙ୍କ କହିବା ମୁତାବକ, ଛାତ୍ରୀଛାତ୍ରମାନେ ପରୀକ୍ଷା ବାବଦକୁ ବିଦ୍ୟାଳୟରେ ଆଠଶହ ଟଙ୍କା ଲେଖାଏ ଦେଇଛନ୍ତି। ବିଦ୍ୟାଳୟରେ ୮୬ଜଣ ଛାତ୍ରୀଛାତ୍ର ଥିବାବେଳେ ୮୫ଜଣ ଚଳିତ ବର୍ଷ ପରୀକ୍ଷା ଦେବାନେଇ ନାମ ପୂରଣ କରିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨୨ଜଣ ଛାତ୍ରୀଛାତ୍ର ଏସ୍‌ସି, ଏସ୍‌ଟି ସମ୍ପ୍ରଦାୟର ରହିଛନ୍ତି। ଅନ୍ୟ ୬୩ଜଣ ଛାତ୍ରୀଛାତ୍ର ସାଧାରଣ ବର୍ଗର। ଟଙ୍କା ଆଦାୟ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ବିଜୟ କୁମାର ବାଗଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରିଥିଲେ। ଅଭିଭାବକମାନେ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ କରୁଥିବା କହିଥିଲେ। ଛାତ୍ରୀଛାତ୍ରମାନେ ଉକ୍ତ ଟଙ୍କା ବିଦ୍ୟାଳୟରେ ଜମା କରିଥିବା କହୁଥିବା ବେଳେ ଅଭିଭାବକମାନେ କାହିଁକି ଟଙ୍କା ଆଦାୟ କରିବେ ବୋଲି ପଚାରିବାରୁ ତାଙ୍କୁ ବଦନାମ କରିବା ପାଇଁ ଅଭିଭାବକମାନେ ଏଭଳି କହୁଥିବା କହିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ପ୍ରତ୍ୟେକ ଛାତ୍ରୀଛାତ୍ର ଆଠଶହ ଟଙ୍କା ଲେଖାଏଁ ଘରୁ ଆଣି ବିଦ୍ୟାଳୟରେ ଜମା କରିଥିବା କହିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ୍ୟ ଟଙ୍କା ଦେବା ଘଟଣାକୁ ସ୍ୱୀକାର କରିବା ସହ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

**ଟିଟିଲାଗଡ, ୧୫।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଅଗ୍ରଗାମୀ ସାଂସ୍କୃତିକ ସଂସଦ ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଏକ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାରସ, କଲିକତା, ଭୁବନେଶ୍ୱର ଓ ରାଉରକେଲା ଆଦି ବିଭିନ୍ନ ସ୍ଥାନରୁ ପ୍ରାୟ ୧୫ ଜଣ ସଙ୍ଗୀତ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ସ୍ଥିତିପଦ୍ମା ଦାଶ, ଦେବଜ୍ୟୋତି ବୋଷ, କୁଳମଣି ସାହୁ, ମାନସ ପରିଡା, ସୁପ୍ରଭାତ ଭଟ୍ଟାଚାର୍ଯ୍ୟ, ଡ. ସୁଶାନ୍ତ କୁମାର ପାଣି, ରିତସ ସରକାର, ଭାରତୀ ଜେନା, ନିମାକାନ୍ତ ରାଉତରାୟ, ମନାଲି ଘୋଷ, ସଞ୍ଜନା ଜାନା, ଶତମନ୍ୟୁ ମିଶ୍ର, ବୁଦ୍ଧନାଥ ସ୍ୱାଇଁ ପ୍ରମୁଖ । ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ନିମାକାନ୍ତ ରାଉତରାୟ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଗଗନ ବାଗଙ୍କୁ ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିକତ କରାଯାଇଥିଲା। ସାଂସ୍କୃତିକ ସଂସଦର ଉପଦେଷ୍ଟା ରବିକିରଣ ସ୍ୱାଇଁ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିଲେ ସମ୍ପାଦକ ପ୍ରବୀଣ କୁମାର ଦାଶ, କୋଷାଧକ୍ଷ ହରିନାରାୟଣ ବିର୍ତ୍ତିଆ, ସଦସ୍ୟ ସନ୍ତୋଷ ଦାଶ, ପ୍ରତାପ ତ୍ରିପାଠୀ, ଦେବରାଜ ଭୋଇ, ରାଜକିଶୋର ପାଢ଼ୀ, ନରେନ୍ଦ୍ର ବେହେରା, ମଧୁଲିତା ବେହେରା, କିଶୋର ଦାଶ, ପ୍ରଜାପତି ମେହେର, ରଞ୍ଜନ ପଟ୍ଟନାୟକ, ପ୍ରହଲ୍ଲାଦ ପାଣିଗ୍ରାହୀ ଓ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଙ୍ଗୀତ ପ୍ରେମୀ। ଏହି ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ୧୯ ବର୍ଷ ଧରି ଏଠାରେ ଅନୁଷ୍ଠିତ ହୋଇ ଆସୁଛି ।



କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ଚଲକିରେ ଯୁବ ଯାଦବ ସମାବେଶ

# ସଂଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

**ମୁରିବାହାଲ, ୧୫।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯୁବ ଯାଦବ ସମାଜର ଏକ ସମାବେଶ ରବିବାର ଚଲକି ଛକରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଗୁଡିଘାଟ, ଚଲକି, ଚଣାବାହାଲ, ବଡସାଇମରା ଓ ଇଚ୍ଛାପଡା ଆଦି ପାଞ୍ଚ ପଞ୍ଚାୟତର ସକ୍ରିୟ ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ସମାବେଶ ଓ ସାଂଗଠନିକ ବୈଠକରେ ଚଲକି ପଞ୍ଚାୟତ ଯୁବ ଯାଦବ ସଭାପତି ଧ୍ରୁବଳେଶ୍ୱର ବାଗ ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ଯାଦବର ବିକାଶ ଦ୍ୱାରା ସମାଜର ବିକାଶ ହୋଇପାରିବ ବୋଲି କହିଥିଲେ। ଏଥିସହିତ ପ୍ରତି ଗ୍ରାମରେ ଯୁବ ଯାଦବ ସାଂଗଠନିକ କମିଟି ମାନ ଗଠନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଯାଦବ ସମାଜ ସାଧାରଣ ସମ୍ପାଦକ ତରୁଣ ପୋଡ଼, କଣ୍ଟାବାଞ୍ଜି ନଗର ସଭାପତି ଦେବବ୍ୟାସ ନାଗ, ବେଲପଡା ବ୍ଲକ ଯୁବଯାଦବ ସଭାପତି ଗୋପବନ୍ଧୁ ଥପା, ଦେଷଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରଭାତ ଭୋଇ, ବ୍ଲକ ଉପଦେଷ୍ଟା ଶ୍ରୀପତି ଷାଣ୍ଡ, ବେଲପଡା ବ୍ଲକ ସମ୍ପାଦକ ଦିଲୀପ ବାଗ ପ୍ରମୁଖ ଯୋଗଦେଇଥିଲେ। ସମାଜରୁ ଅନ୍ଧବଶ୍ୱାସ ଓ କୁସଂସ୍କାର ଦୂର କରିବା, ଶିକ୍ଷାର ବିସ୍ତାର, ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାଜର ବରିଷ୍ଠ ସଭ୍ୟ ରୁଦ୍ର ମନହୀରା ଓ ଜେନୁରାମ ବାଗଙ୍କ ଆବାହନକ୍ରମେ ପ୍ରାୟ ୧୦୦ଜଣ ସକ୍ରିୟ ସଭ୍ୟ ବୈଠକରେ ଯୋଗଦେଇଥିଲେ। ମଧୁସୂଦନ ନାଗ, ଇନ୍ଦ୍ରମଣୀ ବନଛୋର, ଅର୍ଜ୍ଜନ ବାଗ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ଯୁବ ଯାଦବ ସମାବେଶରେ ଉପସ୍ଥିତ ସମାଜର ସକ୍ରିୟ ସଦସ୍ୟମାନେ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଦରଦାମ ବୃଦ୍ଧି ପାଇଁ ହୋଟେଲ ବନ୍ଦ

**ବୋଡେନ,୧୫।୧୨(ଡି.ଏନ.ଏ.):** ଦିନକୁ ଦିନ ଦରଦାମ ବୃଦ୍ଧି ଯୋଗୁ ନୂଆପଡା ଜିଲା ବୋଡେନ ବ୍ଲକ ସାପ୍ତାହିକ ବଜାର ପ୍ରାଙ୍ଗଣଠାରେ ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ଭାବେ ରାମ ଦଣ୍ଡସେନା, ସମ୍ପାଦକ ଦୁର୍ଯ୍ୟଧନ ସଲମାଙ୍କୁ ମନୋନୀତ କରାଯାଇଛି। ବୈଠକରେ ବର୍ଦ୍ଧିତ ଦରଦାମ ବଢ଼ି ଚାଲିଥିବାରୁ ରବିବାର ବୋଡେନ ସଦରମହକୁମାର ସମସ୍ତ ହୋଟେଲ ବନ୍ଦ ରଖାଯାଇଥିଲା। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ପାଣି ଟିକେ ମଧ୍ୟ ପିଇବା ପାଇଁ ମିଳି ନ ଥିଲା। ବୈଠକରେ ଜଳଖିଆ ଆଇଟମ ପ୍ଲେଟକୁ ୧୫ ଟଙ୍କା ଥିଲା ତାହା ବର୍ତ୍ତମାନ ୨୦ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ମିଲ୍ସକୁ ୪୦ ଟଙ୍କା ଥିବାବେଳେ ୫୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଉକ୍ତ ସଭାରେ ବବଲୁ ଗୁପ୍ତା ପରିଚାଳନା କରିଥିଲେ। ଏହି ବୈଠକରେ ମଦନ ଦଣ୍ଡସେନା, ଗଜିନ୍ଦ୍ର ନାଏକ, ପ୍ରଦୀପ ଗୁଆଲ, ଘନ ମାଝି, ଗୁଡୁ ଦଣ୍ଡସେନା, ପୂର୍ଣ୍ଣଚନ୍ଦ୍ର ଦଣ୍ଡସେନା, ଶୁଭମ ଗୁପ୍ତା, ରିପନ ହୋଟେଲ, ଯାଦବ ମାଝିଙ୍କ ସମତେ ଖଇରା, ଫରସରା, ପଲସାମାଳ ଛକ ପ୍ରଭୁତି ଗାଁଗୁଡିକରେ ହୋଟେଲ ମାଲିକମାନେ ଅଂଶଗ୍ରହଣ କରିଥିଲେ। ସମସ୍ତ ହୋଟେଲ ପାଇଁ ଆଗାମୀ ଦିନରେ ଫୁଡ ଲାଇସେନ୍ସ କରିବାକୁ ନିଷ୍ପତ୍ତି ନିଆଯାଇଛି।

ନୂଆପଡ଼ାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ

# ନବୀନଙ୍କ ମନ୍ତ୍ର ଫୁଙ୍କି ଗଲେ ମନ୍ତ୍ରୀ

**ନୂଆପଡ଼ା ଅଫିସ,୧୫।୧୨**



ପନମପୁର ସେବାଶ୍ରମରେ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ପାଛୋଟି ନେଉଛନ୍ତି ।

- ଅନ୍ୱେଷା ବିଲ୍ଡିଂକୁ ମୁହଁ ମୋଡିଲେ ମନ୍ତ୍ରୀ
- କୋମନାରେ କର୍ମୀ ସମ୍ମିଳନୀ

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଦୁଇଦିନିଆ ନୂଆପଡା ଜିଲା ଗସ୍ତସାରି ଫେରିଛନ୍ତି। ଏହିକ୍ରମରେ ବିଭାଗର ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲି ଦେଖିଥିବାବେଳେ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇ ଯାଇଛନ୍ତି । ହେଲେ କୋଟିଏ ଟଙ୍କାରେ ନିର୍ମିତ ଅନ୍ୱେଷା ବିଲ୍ଡିଂକୁ ନ ଦେଖି ମୁହଁ ମୋଡି ଚାଲିଯାଇଥିବାରୁ ନାନା ଚର୍ଚ୍ଚା ଚାଲିଛି ।

ଶନିବାର ପ୍ରଥମ ଦିନ ଗସ୍ତରେ ଖଡିଆଳ ନିର୍ବାଚନ ମଣ୍ଡଳୀ ବିଭିନ୍ନ ଅଞ୍ଚଳ ବୁଲି ନୂଆପଡା ସର୍କିଟ ହାଉସରେ ରହିଥିଲେ। ରବିବାର ପୂର୍ବାହ୍ନ ସାଢେ ୯ଟାରେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପାଢୀ ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ରାୟଗଡା ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଅବନୀ ଯୋଷୀ, ଟିଟୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ କାନଚନବେନ ରସିକଲାଲ ବିଦ୍ୟାଳୟରେ ଚାଲିଥିବା ଅନ୍ୱେଷା କାର୍ଯ୍ୟକ୍ରମ ଶିଶୁମାନଙ୍କ ସହ କିଛି ମୁହୂର୍ତ୍ତ କଟାଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ମଙ୍ଗଳ ବିଭାଗ ଅଧୀନରେ ଚାଲିଥିବା ପନମପୁରସ୍ଥିତ ସେବାଶ୍ରମ ବିଦ୍ୟାଳୟ ଯାଇଥିଲେ। ସେଠାର ଆଶ୍ରମ ଅନ୍ତେବାସୀ ଏବଂ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ପଢିବା ବଢିବା ଏବଂ ସଶକ୍ତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସେବାଶ୍ରମ ପ୍ରଧାନ ସେବକ ମଦନ ସୁନ୍ଦର ହୋତା ଅଧ୍ୟକ୍ଷତା କରିଥିଲେ । ଅପରାହ୍ନରେ ଖରିଆରରୋଡ ନିକଟସ୍ଥ ମୋଙ୍ଗରାପାଲି ହଷ୍ଟେଲ ବୁଲି ଦେଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ରାସ୍ତାରେ ସରକାରୀ ଅନୁଦାନରୁ ନିର୍ମିତ ବିଲ୍ଡିଂ ଗୃହ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିଲା। ବହୁ ସମୟ ଧରି ଛାତ୍ରୀଛାତ୍ରଙ୍କ ସହ ପୋଲିସ ଡେରା ପକାଇ ରହିଥିଲେ। କୌଣସି କାରଣରୁ ମନ୍ତ୍ରୀ ନ ଆସିବାରୁ ସମସ୍ତେ ନିରାଶ ହୋଇପଡିଥିଲେ। ବିଭାଗୀୟ ଅଧିକାରୀ ଏବଂ ନେତାମାନେ କାହିଁକି କେଜାଣି ଏଠାକୁ ଆଣିବାକୁ ଚାହିଁ ନ ଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଠାରୁ ଦର୍ଲିପଡା, ମିଛାପାଲି ଏବଂ ବରକୋଟସ୍ଥିତ ଆଶ୍ରମ ବୁଲି ଦେଖିଥିବାବେଳେ ଶେଷରେ କୋମନା କଲ୍ୟାଣ ମଣ୍ଡପରେ ଆୟୋଜିତ ବିଜେଡିର କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀଙ୍କ ସମେତ ବିଧାୟକ ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଅବନୀ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। ଏହ କାର୍ଯ୍ୟକ୍ରମ ସାରି ଫେରି ଯାଇଥିଲେ।

# ମନ୍ତ୍ରୀଙ୍କୁ ବିଦ୍ୟାଳୟ ସମସ୍ୟା ଜଣାଇଲେ ଅଭିଭାବକ

**ନୂଆପଡା ଅଫିସ,୧୫।୧୨**

ନୂଆପଡା ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଉପରେ ସ୍ଥାନୀୟ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇବେ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ନେଇ ଅସନ୍ତୋଷ ଅଭିଭାବକ ସଂଘ କର୍ମକର୍ତ୍ତା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଦାବି ଜଣାଇଛନ୍ତି । ରବିବାର ବିଦ୍ୟାଳୟ ପରିଦର୍ଶନ ଗସ୍ତରେ ଆସିଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ସାରକାଙ୍କୁ ଭେଟି ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟ କ୍ୟାମ୍ପସରେ ପାନୀୟ ଜଳର ଘୋର ସଙ୍କଟ ରହିଛି । ଏଠାରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପରିବାର ସମେତ ୬ଶହ ଜଣ ଲୋକ ରହୁଛନ୍ତି । ଏଥିସକାଶେ ରହିଥିବା ପାନୀୟ ଜଳ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ଏଥିପାଇଁ ୭୦ ହଜାର ଲିଟର ବିଶିଷ୍ଟ ଏକ ଓଭରହେଡ ଟ୍ୟାଙ୍କର ଆବଶ୍ୟକତା ରହିଥିବା ସଂଘ ଦାବି କରିଛି । ପିଲାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଫ୍ରିଜର ଆକ୍ୱାଗାର୍ଡ ବ୍ୟବସ୍ଥା କରିବା, ଏକ ଆମ୍ବୁଲାନ୍ସ ଯୋଗାଦେବା ସହ ଜଣେ ସ୍ଥାୟୀ ଷ୍ଟାଫ ନର୍ସ ନିଯୁକ୍ତି ଦରକାର । ଏଠାରେ ପିଲାଙ୍କ ଖାଦ୍ୟ ବ୍ୟବସ୍ଥା ଉପରେ ବିଭାଗ ଦୃଷ୍ଟି ଦେବା ସହ ବ୍ୟାଗ ଏବଂ ଟାୱାଲ ନିମ୍ନ ମାନର ଯୋଗାଣ ହୋଇଥିବାରୁ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରାଯାଇଛି । ଏଠାରେ ଅଭିଭାବକ ସଂଘ କେବଳ ନାଁକୁ ମାତ୍ର ଗଠନ କରାଯାଇଛି । ତାକୁ ଯେତିକି ଗୁରୁତ୍ୱ ଦେବା କଥା ତାହା କରାଯାଉ ନ ଥିବାରୁ ପିଲାଙ୍କ ଅସୁବିଧା ଦିନକୁ ଦିନ ବଢିଚାଲିଛି। ପିଲାଙ୍କୁ ନିରାପତା ସକାଶେ ଏକ ଉଚ୍ଚ ପାଚେରି ଆବଶ୍ୟକତା ରହିଥିବାରୁ ଏହା ଉପରେ ବିଭାଗ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବା ଜରୁରୀ ବୋଲି ସଂଘ କର୍ମକର୍ତ୍ତା ଦାବି କରିଛନ୍ତି । ସଂଘ ପକ୍ଷରୁ ସଭାପତି ଭକ୍ତବନ୍ଧୁ ଧରୁଆ, ସମ୍ପାଦକ ସୁରେଶ ଶବର, ସନ୍ତୋଷ ମେହେର ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଏହି ଦାବି ଜଣାଇଛନ୍ତି । ମନ୍ତ୍ରୀ ଏହା ଉପରେ ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଯୋଗ ପ୍ରଶିକ୍ଷଣ ଶିବିର



ସିନାପାଲିଠାରେ ଗାୟତ୍ରୀ ଶକ୍ତିପୀଠରେ ଆୟୋଜିତ ଯୋଗ ଶିବିର ।

**ସିନାପାଲି,୧୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିଠାରେ ଗାୟତ୍ରୀ ଶକ୍ତିପୀଠରେ ରବିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶାନ୍ତିକୁ ହରିଦ୍ୱାର ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟରୁ ଆସିଥିବା ସମୀକ୍ଷା ନେହେରା, ଜୁହି କୁମାୱାତ, ମେଧା ପାଟିଦାର ଉପସ୍ଥିତ ରହି ଯୋଗ ପ୍ରଶିକ୍ଷଣ ଦେବା ସାମାଜିକ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଗାୟତ୍ରୀ ପରିବାରରୁ ବହୁ ଗାୟତ୍ରୀ ପରିଜନ ଓ ଶ୍ରଦ୍ଧାଳୁ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନାରେ ମୁନେଶ ଅଗ୍ରୱାଲ, ତ୍ରିନାଥ ମେହେର, ଶ୍ରୀକା' ମେହେର, ନୌକାନ୍ତ ମେହେର ପ୍ରମୁଖଙ୍କ ସହ ମହିଳାମଣ୍ଡଳ ସହଯୋଗ କରିଥିଲେ।



କ୍ଷମତା ଏକ୍ସପ୍ରେସ୍ ଶିବିରରେ ରୋଗୀମାନେ ନାମ ପଞ୍ଜୀକରଣ କରୁଛନ୍ତି ।

# କ୍ଷମତା ଏକ୍ସପ୍ରେସ୍ ଶିବିର

**ଭବାନୀପାଟଣା,୧୫।୧୨ (ଡି.ଏନ.ଏ.)**

ଜିଲାରେ ଥିବା ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି, କିନ୍ନର, ନିଶାମୁକ୍ତ, ଭିକାରୀ, ନିରାଶ୍ରୟୀ ମହିଳା, କୃଷ୍ଣରୋଗରୁ ମୁକ୍ତ ବ୍ୟକ୍ତିମାନଙ୍କୁ ବିଭିନ୍ନ ପ୍ରକାର ସେବା ପ୍ରଦାନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓଡିଶା ପକ୍ଷରୁ କଳାହାଣ୍ଡି ଜିଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ୍ ସାଇନ୍ସେସ୍ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା କ୍ଷମତା ଏକ୍ସପ୍ରେସ୍ ନାମକ ଗାଡିର ବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ୧୩ଟି ବ୍ଲକର ୧୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଜରିଆରେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ସାହାଯ୍ୟ ବିଭିନ୍ନ ସେବା ଯୋଗାଇ ଦିଆଯିବ ବୋଲି କଳାହାଣ୍ଡି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ନାରାୟଣ ବେହେରା ପ୍ରକାଶ କରିଛନ୍ତି। ଗତ ଶୁକ୍ରବାର ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଜୁଗସାଇପାଟଣା ଗ୍ରାମପଞ୍ଚାୟତଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ୍ ସାଇନ୍ସେସ୍ ଅନୁଷ୍ଠାନର ଡା. ରାଜେଶ କୁମାର ସାହୁ, ଜିଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ରର ମୁଖ୍ୟ ସୁଭାଶିଷ ମହାନ୍ତି, ଡା. ଚିତ୍ତରଞ୍ଜନ ମୁଣ୍ଡ, ଭବାନୀପାଟଣା ବ୍ଲକ ଉନ୍ନୟନ ଅଧିକାରୀ ପ୍ରୀତି କୁମାର, ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗତ ୯ ତାରିଖଠାରୁ ଜୁନାଗଡ ବ୍ଲକ ଦୁନ୍ଦେଲମାଲଠାରୁ ଏହି କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲାରେ ଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ନିରୂପଣ, କାନପରୀକ୍ଷା ଏବଂ ସ୍ପିଚ୍ ଥେରାପି, ମାନସିକ ସମ୍ବନ୍ଧୀୟ ପରୀକ୍ଷା, ଦୃଷ୍ଟିଶକ୍ତି ପରୀକ୍ଷା, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଏବଂ କାଲିପର୍ ପାଇଁ ମାପ ଓ ଅନ୍ୟାନ୍ୟ ୧୫ଟି ବିଷୟ ଏହି ଶିବିରରେ ଚିହ୍ନଟ କରାଯିବ।

ମା’ ପାହାରଭଣ୍ଡାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଦାମନଯୋଡ଼ି ଚାମ୍ପିୟନ

**ସିନାପାଲି, ୧୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧାଠାରେ ମା’ ପାହାରଭଣ୍ଡାର ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଗତ ୮ ତାରିଖଠାରୁ ଚାଲିଥିବା ମା’ ପାହାରଭଣ୍ଡାର ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବିଶାଖାପାଟଣା ଓ ଦାମନଯୋଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦାମନଯୋଡି ଦଳ ପେନାଲଟି ମାଧ୍ୟମରେ ୪-୩ ଗୋଲରେ ବିଜୟ ଲାଭ କରିଥିଲା। ଚମ୍ପିୟନ ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳକୁ ମଧ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫାଇନାଲ୍ ମ୍ୟାଚରେ ବରିଷ୍ଠ କ୍ରୀଡାବିତ୍ କମଳ ପ୍ରସାଦ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ଲାଇନ ମ୍ୟାନ ଭାବେ ସୌରଭ ପଣ୍ଡା, ତାପସ ପତି, ବିପିନ ମେହେର ସହଯୋଗ କରିଥିଲେ। ଖେଳର ଧାରାବିବରଣୀ ପ୍ରଦାନ କରିବାରେ ଆନନ୍ଦାନନ୍ଦ ମେହେର, ବିଜୟ ସେଠୀ, କ୍ଷୀରସିନ୍ଧୁ ମେହେର, ପଦ୍ମଲୋଚନ ମେହେର ଦାୟିତ୍ୱ ନିର୍ବାହ କରିଥିଲ। ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧନୁଯାତ୍ରା କଂସ ମହାରାଜ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଚିତ୍ରଭାନୁ ସିଂ ମାଝି, ଗରୁଡଧ୍ୱଜ ବେହେରା, ସୁବ୍ରତ କୁମାର ଠାକୁର, ସନ୍ତୋଷିନୀ ଅଗ୍ରୱାଲ, ଭରତ ଚନ୍ଦ୍ର ମିଶ୍ର, ହରେଶ କେତକି, ସୁରେଶ୍ୱର ମେହେର, ବଳଦେବ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ପ୍ରମୋଦ ପଣ୍ଡା, ଉପସଭାପତି କମଳ ପ୍ରସାଦ ମିଶ୍ର, ସମ୍ପାଦକ ଗରୁଡଧ୍ୱଜ ବେହେରା, ସହ ସମ୍ପାଦକ ଚିନ୍ତାମଣି ହଂସଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

# ଗାୟତ୍ରୀ ମହାଯଜ୍ଞ ପ୍ରାକ୍ ପ୍ରସ୍ତୁତି

**ସିନାପାଲି,୧୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିଠାରେ ଆଗାମୀ ୨୦୨୦ ଡିସେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ରବିବାର ଉପଜୋନ୍‌ସ୍ତରୀୟ ପ୍ରାକ୍ ପ୍ରସ୍ତୁତି ବୈଠକ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶଶୀଭୁଷଣ ମାଝି ସଭାପତିତ୍ୱ କରିଥିବା ବେଳେ କେତନ ସିଂ ବାରି, ଚୈତନ୍ୟ ମେହେର, ଡମ୍ବରୁଧର ମେହେର, ଶୈଳେଶ ଅଗ୍ରୱାଲ, ଖଗପତି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମମତା ଥପ୍ପା, ତ୍ରିନାଥ ମେହେର ତଥା ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟରୁ ଆସିଥିବା ସମୀକ୍ଷା ନେହେରା, ଜୁହି କୁମାୱାତ, ମେଧା ପାଟିଦାର ତଥା ବୈଠକରେ ସିନାପାଲି, ଖଡିଆଳ, ବୋଡେନ ବ୍ଲକ ତଥା ପଡୋଶୀ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗାୟତ୍ରୀ ପରିବାରର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତରୁଣ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ସାମୂହିକ ଶାନ୍ତି ପାଠ ହୋଇଥିଲା।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଭବାନୀପାଟଣା,୧୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ମେର୍ଘରା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ସୁରେନ୍ଦ୍ର ମାଝି (୨୦)। ସୁରେନ୍ଦ୍ର ନିଜ ଘରେ ମୋବାଇଲ ଚାର୍ଜ କଲାବେଳେ ତାଙ୍କ ଡାହାଣ ହାତରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରତର ହୋଇଥିଲେ। ପରେ ଘର ଲୋକେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବା ଅବସ୍ଥାରେ ଅଧା ରାସ୍ତାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

କେରଳରେ ଯୁବତୀ ମୃତ୍ୟୁ ଘଟଣା

# ୬ ଦିନ ପରେ ଗାଁରେ ପହଞ୍ଚିଲା ମୃତଦେହ

ଗତ ୧୦ ଦିନ ମଧ୍ୟରେ ବ୍ଲକର ୨ ଜଣ ଦାଦନଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାନକୁଟ୍ରୁ ପଞ୍ଚାୟତ ବଛକା ଗାଁର ନଫିସା ହରିଜନ (୨୫)ଙ୍କ ଗତ ୮ତାରିଖରେ କେରଳରେ ମୃତ୍ୟୁ ଘଟିଥିଲା। ଦୀର୍ଘ ୬ ଦିନ ପରେ ଶନିବାର ନିଜ ଗାଁ ବିଜେପୁରରେ ଯୁବତୀଙ୍କ ମୃତହେଦ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ ବିଜେପୁରର କାର୍ତ୍ତିକ ନାଏକ ଓ କାନକୁଟ୍ରୁ ପଞ୍ଚାୟତ ବଛକା ଗାଁର ନଫିସା ହରିଜନ ଦୁଇଜଣ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ଗାଁରେ କୌଣସି କାମଧନ୍ଦା ନ ମିଳିବାରୁ ବାଧ ହୋଇ ଏହି ଦମ୍ପତି କେରଳକୁ ଯାଇଥିଲେ। ସେଠାରେ ତ୍ରିଶୁର ଜିଲାରେ ଥିବା ଏକ କାରଖାନାରେ କାର୍ତ୍ତିକ କାମ କରୁଥିବା ବେଳେ ନଫିସା ଘରେ ରହୁଥିଲେ। ଗତ ୮ତାରିଖରେ ନଫିସାଙ୍କୁ ଜ୍ୱର ହୋଇଥିଲା। ସ୍ୱାମୀ ଔଷଧ ଆଣି ଦେବା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଶେଷରେ ତାଙ୍କୁ ଗୁରୁତର ଅବସ୍ଥାରେ ତ୍ରିଶୁରର ଆତାନି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ନଫିସାଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଖବର ପାଇବା ପରେ ନଫିସାଙ୍କ ପରିବାର ଲୋକେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ସାକ୍ଷାତ କରି ମୃତଦେହ ଗାଁକୁ ଆଣିବା ପାଇଁ ଗୁହାରି କରିଥିଲେ। ହେଲେ ନଫିସା କେରଳର କୌଣସି ଜାଗାରେ କାମ କରୁ ନ ଥିବା ଓ ତାଙ୍କ ମୃତ୍ୟୁ ସ୍ୱଭାବିକ ଥିବାରୁ ଶ୍ରମ ବିଭାଗ ଶବ ଆଣିବା ପାଇଁ ମନା କରି ଦେଇଥିଲା । ପରେ ନଫିସାଙ୍କ ଶଶୁର ଘର ଲୋକେ ଜମିବାଡି ବିକ୍ରି କରି ନଫିସାଙ୍କ ମୃତହେଦ ଗାଁ ଆଣିବା ପାଇଁ ଚେଷ୍ଟା କରିଥିଲେ । କେରଳ ସରକାର କେରଳରୁ ବିଶାଖାପାଟଣାମ ପର୍ଯ୍ୟନ୍ତ ଉଡାଜାହଜରେ ଆଣିବା ପାଇଁ ୩୦ ହଜାର ଟଙ୍କା ସହାୟତା ରାଶି ଦେଇଥିବା ନଫିସାଙ୍କ ସ୍ୱାମୀ କାର୍ତ୍ତିକ ନାଏକ ପ୍ରକାଶ କରଥିବା ବେଳେ ବିଶାଖାପାଟଣାମରୁ ନିଜ ଗାଁ ବିଜେପୁର ପର୍ଯ୍ୟନ୍ତ ଆଣିବା ପାଇଁ ଆମ୍ବୁଲାନ୍ସରେ ୧୫ ହଜାର ଟଙ୍କା ନିଜେ ଖର୍ଚ୍ଚ କରିଥିବା କହିଛନ୍ତି। ଜିଲା ଶ୍ରମ ବିଭାଗ ପକ୍ଷରୁ କୌଣସି ସହୟତା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି କହିଛନ୍ତି । ଗତ ୧୦ ଦିନ ମଧ୍ୟରେ ବ୍ଲକର ୨ ଜଣ ଦାଦନର ମୃତ୍ୟୁ କେରଳରେ ଘଟିଥିବା ବେଳେ ଲାଞ୍ଜିଗଡ ବିଧାୟକ ପ୍ରଦିପ ଦିଶାରୀ ବ୍ଲକ ଅଞ୍ଚଳକୁ ଆସି ମଧ ତାଙ୍କ ପରିବାର ନିକଟକୁ ନ ଯିବା କିମ୍ବା କୌଣସି ସହାୟତା ନ କରିବାକୁ ନେଇ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି । ନଫିସାଙ୍କ ପରିବାର ଜ୍ଞ୍ୟାତି କୁଟୁମ୍ବ ଓ ଗ୍ରାମବାସୀ ୬ ଦିନ ହେଲା ମୃତଦେହକୁ ପରମ୍ପରା ଅନୁଯାଇ ଶତ୍କାର କରିବା ପାଇଁ ଅପେକ୍ଷା କରିଥିଲେ । ଏହି ପରିବାରବର୍ଗଙ୍କୁ ସରକାରୀସ୍ତରରୁ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୫ତମ ଟାଇଟନିକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କୁମିଟିମୁଣ୍ଡାକୁ ହରାଇ ରେନବୋ ମାନିଗୁଡା ଚାମ୍ପିୟନ

**କୋମନା,୧୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କୁମୁଟିମୁଣ୍ଡା ଖେଳ ପଡିଆରେ ଚାଲିଥିବା ୨୫ତମ ଟାଇଟନିକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ କୁମୁଟିମୁଣ୍ଡା କ୍ରିକେଟ ଦଳ ଓ ରେନବୋ ମାନିଗୁଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରେନବୋ ମାନିଗୁଡା ଟସ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା । କୁମୁଟିମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୩ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ରେନବୋ ମାନିଗୁଡା ଦଳ ୧୩ ଓଭରରେ ୫ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରି ବିଜୟ ହାସଲ କରି ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅଜବ ସିଂ ମାଝି, ସମ୍ମାନିତ ଅତିଥି ଭାବେ ଶୋଭିନ ଥପ୍ପା, ନରସିଂଗ ମହମ୍ମଦ, ଶ୍ୟାମସୁନ୍ଦର ବନଛୋର ପ୍ରମୁଖ ଯୋଗଦେଇ ବିଜେତା ମାନିଗୁଡା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମାନିଗୁଡା ଦଳର ଅଶୋକ ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ କମିଟି ଜାହିଦ ମହମ୍ମଦ, ସୁରଜ ମହମ୍ମଦ,ନରେଶ ପଣ୍ଡା, ସୋହେଲ ମହମ୍ମଦ ଓ ସୁରେଶ ବଘେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ସେମି ଯାତ୍ରା ସମ୍ପନ୍ନ

ରିଷିଡା,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ରିଷିଡା କନ୍ଧପଡା ପାଠ ସ୍ଥଳରେ ସେମି ଯାତରା ରବିବାର ସମ୍ପନ୍ନ ହୋଇଯାଇଛି । ପାରମ୍ପାରିକ ରୀତିନୀତିରେ ଧୂପ, ଦୀପ, ନଡିଆ ଭୋଗଦେଇ ପୂଜକ ହଂସରାଜ ପ୍ରଧାନୀ ପୂଜା କରିଥିଲେ। ଏହି ଅବସରରେ ମାନସିକଧାରୀ ଗୋଟିଏ ବୋଦା ବଳି ଦେଇଥିଲା । ଏହି ଯାତରା ପରେ ପରେ ଏହି ଅଞ୍ଚଳର ଲୋକେ ଶିମ୍ବକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ।

### ଅମୁନି ପ୍ରଦୂଷଣ, ଅଣନିଃଶ୍ୱାସୀ ଜନଜୀବନ

ଭବାନୀପାଟଣା,୧୫।୧୨ (ଡି.ଏନ୍.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହର ଦେଇ ବରଗଡ-ବୋରିଗୁମ୍ମା ୨୬ ନଂ. ଜାତୀୟ ରାଜପଥ ରାସ୍ତା ଧୂଳି ପୂର୍ଣ୍ଣ ହୋଇଥିବା ବେଳେ କେସିଙ୍ଗା ସହର ମୁଖ୍ୟ ରାସ୍ତା ଆମ୍ବେଦକର ଛକରୁ କଲେଜ ରୋଡ ଓ ଅନ୍ୟ ରାସ୍ତାଗୁଡିକ ମଧ୍ୟ ଶୋଚନୀୟ ଅବସ୍ଥା ସାଙ୍ଗକୁ ଧୂଳି ରାସ୍ତା ହୋଇଛି । ଫଳରେ ସହର ପରିବେଶ ଦୂଷିତ ହେବା ସହ ସାଧାରଣ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଦିନ ଜାତୀୟ ରାଜପଥ ଏବଂ ସହରର ବିଭିନ୍ନ ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଗାଡି ଚଳାଚଳ ହେଉଥିବାରୁ ଧୂଳି ଉଡି ବାୟୁ ପ୍ରଦୂଷିତ ହେଉଛି । ଯିବାଆସିବା କରୁଥିବା ସମୟରେ ଧୂଳି ଉଡିବା ଯୋଗୁ ଯାତ୍ରୀ ଅଣନିଶ୍ୱାସୀ ହୋଇପଡୁଛି । ଧୂଳି ସଫା କରିବା ପାଇଁ ନା ଜାତୀୟ ରାଜପଥ ବିଭାଗ ପଦକ୍ଷେପ ନେଉଛି, ନା ଏନ୍‌ଏସି କର୍ତ୍ତୃପକ୍ଷ ପଦକ୍ଷେପ ନେଉଛନ୍ତି । ସହର ମଧ୍ୟ ଦେଇ ତେଲ ନଦୀରୁ ବାଲି ଉଠାଣ ତଥା ବିଭିନ୍ନ କାର୍ଯ୍ୟ ପାଇଁ ମାଟି ଉଠାଣ ହେଉଥିବା ବେଳେ ବାଲି ଓ ମାଟି ବୋଝେଇ ଗାଡିଗୁଡିକ ତାରପଲିନ୍ ନ ଢାଙ୍କି ପରିବହନ କରୁଥିବାରୁ ମାଟି ଓ ବାଲି ଉଡି ରାଜରାସ୍ତାରେ ପଡୁଛି । ପରିବେଶ ଦୂଷିତ ହେଉଥିବା ବେଳେ ବିଭାଗ ପକ୍ଷରୁ କୌଣସି ଅଧିକାରୀଙ୍କ ନଜର ନ ପଡିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଏନ୍‌ଏସି ପକ୍ଷରୁ ପ୍ରତ୍ୟେକ ଦିନ ଝାଡୁ ମରାଯାଉଥିଲେ ମଧ୍ୟ ବାଲି ଓ ମାଟି ସଫା ହେଉ ନ ଥିବାରୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଏନ୍‌ଏସି ଅଧିନରେ ଥିବା ସହରର ବିଭିନ୍ନ ରାସ୍ତାଗୁଡିକ ମଧ୍ୟ ଶୋଚନୀୟ ହୋଇପଡିଛି । ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ତାହାର ସୁଫଳ ମିଳୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ କେସିଙ୍ଗା ଏନ୍‌ଏସି ପ୍ରଶାସକ ଦାୟିତ୍ୱରେ ରହିଥିବା ଭବାନୀପାଟଣ ଉପଜିଲାପାଳ ସୁଶାନ୍ତ କୁମାର ସିଂଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଲିଫ୍ଟ ଦେଇ ମହିଳାଙ୍କୁ ଗଣବଳାତ୍କାର ଘଟଣା

# ୩ ଅଭିଯୁକ୍ତ କୋର୍ଟଚାଲାଣ

**କଳାହାଣ୍ଡିରେ ପୁଣି ଲଜ୍ଜା**

ଭବାନୀପାଟଣା,୧୫।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ଜଙ୍ଗଲରେ ଘଟିଥିବା ଗଣବଳାତ୍କାର ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଏଭଳି ଏକ ଘଟଣା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ଘଟିଛି । ଲିଫ୍ଟ ଦେବା ବାହାନାରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଭବାନୀପାଟଣା ସଦର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ୱାମୀଙ୍କ ସାଙ୍ଗ ଓ ତାର ସମ୍ପର୍କୀୟ ଭାଇଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝସକେତନ ନାଗ ଓରଫ୍ ଆକଶ ନାଗ (୨୭), ତିଳ ନାଗ ଓରଫ୍ ଲକ୍ଷ୍ମୀକାନ୍ତ ନାଗ ଓରଫ ଅବନ (୩୨) ଓ କିଶୋର ଚନ୍ଦ୍ର ମହାଲିକ (୨୭) । ଜଣେ ମହିଳାଙ୍କ ଅସହାୟତାର ସୁଯୋଗ ନେଇ ତାଙ୍କ ସ୍ୱାମୀଙ୍କ ସାଙ୍ଗ ଓ ସମ୍ପର୍କୀୟ ଭାଇମାନେ ଜୋରଜବରଦସ୍ତି ଏକ ନାଳ ପାଖକୁ ଟେକି ନେଇ ଉକ୍ତ ମହିଳାଙ୍କୁ ଗଣବଳାତ୍କାର କରିଥିଲେ।



ଗିରଫ ୩ ଅଭିଯୁକ୍ତ ।

ଭବାନୀପାଟଣା ସଦର ଥାନା ଅଞ୍ଚଳର ପୀଡିତା ମହିଳାଙ୍କ ସ୍ୱାମୀ ଗୋଆରେ କାମ କରନ୍ତି। ତାଙ୍କ ସହ ମୁଖ୍ୟ ଅଭିଯୁକ୍ତ ତଲମଲା ଗ୍ରାମର ମଧ କାର୍ଯ୍ୟ କରନ୍ତି। ଗୋଆରୁ ସ୍ୱାମୀ ପଠାଇଥିବା ଟଙ୍କା ଓ କିଛି ସାମଗ୍ରୀ ଦେବା ପାଇଁ ତଲମଲାର ଯୁବକ ଝସକେତନ ନାଗ ଉକ୍ତ ଗ୍ରାମକୁ ଯାଇଥିଲେ। ସେଠାରେ ଉକ୍ତ ଟଙ୍କା ଓ ଜିନିଷପତ୍ର ଦେଇ ଫେରିବା ବେଳେ ଉକ୍ତ ମହିଳା ଜଣଙ୍କୁ ତାଙ୍କ ବାଇକରେ ବସାଇ ଭବାନୀପାଟଣା ଏଟିଏମ୍‌ରୁ ପଇସା ଉଠାଇବା ପାଇଁ ଆଣିଥିଲେ। ସେଠାରୁ ସେ ଗୋବରା ଗାଁକୁ ଯିବା ଓ ସେଠାରେ ମୋର କିଛି କାମ ଅଛି ବୋଲି କହି ମହିଳା ଜଣଙ୍କୁ ଭବାନୀପାଟଣାରୁ ଜୁନାଗଡ ରାସ୍ତାରେ ଗୋବରା ଛକ ପର୍ଯ୍ୟନ୍ତ ନେଇଯାଇଥିଲେ। ସେଠାରୁ ମୋବାଇଲ ଯୋଗେ ଅନ୍ୟ କାହାକୁ ଫୋନ କରିଥିଲେ। ସଙ୍ଗେ ୨ ଜଣ ଯୁବକ ସେଠାରେ ପହଞ୍ଚି ୩ ଜଣ ମିଶି ମହିଳା ଜଣଙ୍କୁ ଜୋରଜବରଦସ୍ତ ନିକଟରେ ଥିବା ଏକ ନାଳ ପାଖକୁ ନେଇ ଯାଇ ଗଣବଳାତ୍କାର କରିଥିଲେ। ପରେ ମହିଳାଙ୍କୁ ଏହି କଥା କାହାକୁ କହିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ତାଙ୍କୁ ସେଠାରେ ଛାଡି ଚାଲି ଆସିଥିଲେ। ମହିଳା ଜଣଙ୍କ ସାଙ୍ଗରେ ଆଣିଥିବା ତାଙ୍କ ଏଟିଏମ୍ କାର୍ଡ ଓ ଗଡରେଜ୍ ଚାବି ମଧ ସେମାନେ ତାଙ୍କଠାରୁ ଲୁଟି ନେଇଥିଲେ। ଗତ ୧୨ ତାରିଖରେ ମହିଳା ଜଣଙ୍କ ଏ ସମ୍ପର୍କରେ ଭବାନୀପାଟଣା ସଦର ଥାନାରେ ଏତଲା ଦେବା ପରେ ପୋଲିସ ତୁରନ୍ତ ଘଟଣାର ତନାଘନା ଚଳାଇ ମୁଖ୍ୟ ଅଭିଯୁକ୍ତ ଝସକେତନ ଓ ତାର ସମ୍ପର୍କୀୟ ଭାଇ ଅବନି ଓ କିଶୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏ ନେଇ ସଦର ଥାନାରେ ୟୁଏସ୍ ୩୭୬ ଡି/୩୯୪/୫୦୬/୨୯୪/୩୪ ଆଇପିସିରେ ଏକ ମାମଲା (ନଂ.୪୨୧/୧୯) ରୁଜୁ ହୋଇଛି।





ଶକ୍ତି ସଂରକ୍ଷଣ ଦିବସରେ ଆୟୋଜିତ ଶୋଭାଯାତ୍ରା ।

## ଶକ୍ତି ସଂରକ୍ଷଣ ଦିବସ, ମୋ ସ୍କୁଲ କାର୍ଯ୍ୟକ୍ରମ

ଭବାନୀପାଟଣା,୧୫।୧୨ (ଡି.ଏନ୍.ଏ.)

ସ୍ଥାନୀୟ ବ୍ରଜମୋହନ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସହର ପରିକ୍ରମା କରି ଶକ୍ତି ସଂରକ୍ଷଣ ଉପରେ ସହରବାସୀଙ୍କୁ ସଚେତନ କରାଇଥିଲେ। ପୂର୍ବାହ୍ନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶ୍ରୀ ସବିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଇକୋ କ୍ଲବ ଦାୟିତ୍ୱ ଶିକ୍ଷକ ପ୍ରକାଶ ନିଶଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ବିନାୟକ ରାଉତ୍ ସହକାରୀ ଯନ୍ତ୍ରୀ ୱେସକୋ ଯୋଗଦେଇ ବିଦ୍ୟୁତ୍ ଶକ୍ତି ତଥା ଅନ୍ୟ ଶକ୍ତି ସଞ୍ଚୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗତ ୧ ତାରିଖରେ ଶକ୍ତି ସଂରକ୍ଷଣ ଉପରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ସହ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ବିଦ୍ୟାଳୟର ୧୯୮୩ ବ୍ୟାଚ୍‌ର ଛାତ୍ର ଅଧ୍ୟାପକ ଡ. ତପନ କୁମାର ରଥ, ଏଡ୍‌ଭୋକେଟ୍ ସୁଶାନ୍ତ ମହାନ୍ତି, ଇଂ. କିର୍ତ୍ତୀଶଙ୍କର ସାମନ୍ତରାୟ, ଶିକ୍ଷାବିତ୍ ମହମ୍ମଦ ଜାକିର ପ୍ରମୁଖ ଯୋଗଦେଇ ସେମାନଙ୍କ ବାଲ୍ୟ ସ୍ମୃତି ଚାରଣ କରିବା ସହ ବିଦ୍ୟାଳୟ ବହୁବିଧ ଉନ୍ନତି ନିମନ୍ତେ 'ମୋ ସ୍କୁଲ' ଯୋଜନାରେ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଶରତ୍ ପୁରୋହିତ, ଗୋରେଖ ସାହୁ, ଦଧିଚନ୍ଦ୍ର ସାହୁ, ପ୍ରଦୀପ ନେଗୀ, ନରେଶ କୁମାର ଦାସ, ମଙ୍ଗଳୁ ପ୍ରଧାନ, କୁରୁକ୍ଷେତ୍ର ନାଏକ, ରାମଶଙ୍କର ମହାପାତ୍ର, ରମେଶ ପ୍ରଧାନ, ମୁରଲି ଦୀପ୍, ରୋସନଲାଲ ପ୍ରଧାନ, ରଶ୍ମିତା ପ୍ରଧାନ, ସୁପ୍ରିୟା ମିଶ୍ର, ଗିତାଞ୍ଜଳି ମଣ୍ଡଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ କରାଯାଉଛି।

## ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜା

କୋକସରା,୧୫।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରାଠାରେ ଆସନ୍ତା ଫେବୃଆରୀରେ ହେବାକୁ ଥିବା ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ ଓ ନବ ଦମ୍ପତି ଉତ୍ସବ ରବିବାର କୋକସରା ଫୁଟବଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଶାନ୍ତିକୁ ହରିଦ୍ୱାର ଗାୟତ୍ରୀ ଶାଖା ପରିବାର ତତ୍ତ୍ୱାବଧାନରେ ଧର୍ମଗଡ ବିଧାୟକ ମୌଷଧି ବାଗ ଓ ଅବସରପ୍ରାପ୍ତ ଶିକ୍ଷକ ଚଣ୍ଡି ପ୍ରସାଦ ପ୍ରଧାନୀ ଯୋଗଦେଇଥିଲେ। ଶାନ୍ତିକୁ ହରିଦ୍ୱାର ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ମଞ୍ଚ ପରିଚାଳନା କରିଥିବା ବେଳେ ଗୌତମ ପଣ୍ଡା ଓ ଧନଯଞ୍ଜୀ ପଣ୍ଡା ବେଦ ପାଠ ଓ ଯଜ୍ଞ ସଞ୍ଚାଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଂଯୋଜକ ବାସୁଦେବ ଯୋଷୀ ଓ ସମ୍ମାନିତ ଅତିଥି ଦୟାନିଧି ବାଗ, ଗଣେଶ ପ୍ରଧାନ ଯୋଗଦେଇଥିଲେ। ବ୍ଲକ ସଂଯୋଜକ ଯୁଗଳ କିଶୋର ହଂସଙ୍କ ନେତୃତ୍ୱରେ ବ୍ଲକ ଗାୟତ୍ରୀ ପରିବାର ଆୟୋଜନ କମିଟି ସଦସ୍ୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଯୁବ ସାମାଜିକ କର୍ମୀ ଆନନ୍ଦ କୁମାର ଗର୍ଗ, ଜିତେନ୍ଦ୍ର ପ୍ରଧାନୀ, ଉମେଶ ପ୍ରଧାନୀ, ମଣ୍ଟୁ ଶର୍ମା, ନାରାୟଣ ପଟ୍ଟନାୟକ, ବିଶ୍ୱମ୍ଭର ନାଏକଙ୍କ ସମେତ ମହିଳାମଣ୍ଡଳ ସମସ୍ତ କର୍ମକର୍ତ୍ତାମାନେ ଭୂମିପୂଜରେ ଉପସ୍ଥିତ ଥିଲେ।

## ସିଲେଇ ତାଲିମ ଶିବିର

ରିଷିଡା,୧୫।୧୨(ଡି.ଏନ୍.ଏ.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ପୌରକେଲା ସେବା ସଙ୍ଗଠନ ଦ୍ୱାରା ୩ ମାସିଆ ସିଲେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତହସିଲଦାର ସର୍ବେଶ୍ୱର ଜାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୌରକେଲା ସରପଞ୍ଚ କେତକି ରଣା, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରସନ୍ନ ମେହେର, ମେମୋରିଆଲ ୟୁଥ ଅର୍ଗାନାଇଜେସନ୍ ଜୁନାଗଡର ସମ୍ପାଦକ ଅବିନାଶ ମୁଣ୍ଡ, ସାମାଜିକ କର୍ମୀ ହେମସାଗର ସାହୁ, ଦେବେନ୍ଦ୍ର ପ୍ରସାଦ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୌରକେଲା ସେବା ସଂଗଠନର ସଭାପତି ସୁମନ୍ତ ଦଣ୍ଡସେନା, ସମ୍ପାଦକ ରୁଦ୍ରମଣି ରଣା ମଞ୍ଚାସିନ ଥିଲେ। ଏଥିରେ ୪୦ଜଣ ଶିକ୍ଷାର୍ଥୀ ତାଲିମ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ଜାତୀୟ ସ୍ୱେଚ୍ଛାସେବୀ କ୍ଷୀରୋଦ୍ର ସାହୁ ଓ ଶୁଚିସ୍ମିତା ଭୋଇ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ଜୋଲକୋ ଚାମ୍ପିୟନ

କେସିଙ୍ଗା,୧୫।୧୨ (ଡି.ଏନ୍.ଏ.)

ରଜତ ଜୟନ୍ତୀ ସମାରୋହ ଅବସରରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା ବିଦ୍ୟାପୀଠ ପଡିଆରେ ସୁଶାନ୍ତ ମହଲା ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜୋଲକୋ ଟିମ ୧-୦ ଗୋଲରେ ଶିରୋଲକୁ ହରାଇ ଚାମ୍ପିୟନ ହୋଇଛି। କେସିଙ୍ଗା ବିଡିଓ ଭୀମସେନ ଶବର ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ କାର୍ଯ୍ୟକାରୀ ସଦସ୍ୟ ଅଧ୍ୟାପକ ସୁଶାନ୍ତ ପାଢ଼ୀ, ପୂର୍ବତନ ଫୁଟବଲ ଖେଳାଳି ରଫ୍ କାଶ୍ୟପ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ରଜାପଡା, ସିକେରପଡା, କେସିଙ୍ଗା, ଭବାନୀପାଟଣା, ଜୋଲକୋ, ଟକାର୍ଲ, ଚିଚରଲା, ଶିରୋଲ ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲରେ କେସିଙ୍ଗାକୁ ହରାଇ ଶିରୋଲ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭବାନୀପାଟଣାକୁ ହରାଇ ଜୋଲକୋ ବିଜୟୀ ହୋଇଥିଲା । ମ୍ୟାଚ ରେଫରି ଭାବେ ନବୀନ ନାୟକ, ସରୋଜ ପରିଡା, ଛବି ନାୟକ, ରମେଶ ପ୍ରଧାନ, ବିଶେଶ୍ୱର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏସଏର ପ୍ରୋଗ୍ରାମ ମ୍ୟାନେଜର ସୁକଦେବ ଭୋଇ, ବୈଦ୍ୟନାଥ ମହାକୁଡ, ଡମ୍ବରୁ କରୁଆ, ସହଦେବ ଭୋଇ, ଅକ୍ଷୟ ବେହେରା, ଦିନ ସାହୁ, ବିଭୁତି ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।





ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମକଦ୍ଦମାର ବିଚାର କରାଯାଉଛି।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୪୪ କେସ୍ ଫଇସଲା

ଭବାନୀପାଟଣା,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତବର୍ଷର ଅନ୍ତିମ ତଥା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଓ ସଚିବ ସ୍ୱିଟି ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ୧୬୯ଟି ପ୍ରାକ୍ ମକଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୫୦,୬୧,୭୨୩ ଟଙ୍କା ଆଦାୟ କରାଯାଇଛି। ସେହିପରି ୮ଟି ଫୌଜଦାରି ମାମଲା ଫଇସଲା କରାଯାଇଥିଲା। ୧୨ଟି ମୋଟର ଦୁର୍ଘଟଣା ଜନିତ ମକଦମା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୭୨,୬୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୮ଟି ଏନ୍.ଆଇ. ଆକ୍ଟ ଅଣ୍ଡର ସେକ୍ସସନ୍ ୧୩୮ ମକଦମା ଫଇସଲା କରାଯାଇ ୧୬,୫୫,୮୭୯ ଟଙ୍କା ସମାଧାନ କରାଯାଇଥିଲା। ସେହିପରି ୧୫ଟି ବୈବାହିକ ବିବାଦ ଓ ୩୨ଟି ଅନ୍ୟାନ୍ୟ ଦେୱାନୀ ମକଦମା ଫଇସଲା କରାଯାଇଥିଲା।

ଉକ୍ତ ଲୋକ ଅଦାଲତରେ ଜିଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ, ଜଜ୍ ପରିବାର ଅଦାଲତ୍ ସୁଶାନ୍ତ ପଟେଲ, ଅତିରିକ୍ତ ଜିଲା ଜଜ୍ ତଥା ସଦସ୍ୟ ଚତୁର୍ଥ ମଟରଯାନ ଦୁର୍ଘଟଣା ନ୍ୟାୟାଧିକାରୀ ରଶ୍ମିତା ଦଳେଇ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଞ୍ଜନ କୁମାର ସୁତାର, ବରିଷ୍ଠ ଦେୱାନି ଜଜ୍ ମୋନାଲିସା ମହାନ୍ତି, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରଦ୍ଧାଞ୍ଜଳି ରାଏ, କନିଷ୍ଠ ଦେୱାନି ଜଜ୍ ଅନୁଶୀଳା ରଏ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପକ କୁମାର ସାଥୁଆ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ ପରିଚାଳନା କରିଥିଲେ। ସେହିପରି ଅଧ୍ୟକ୍ଷସ୍ଥାୟୀ ଲୋକ ଅଦାଲତ ବିଜୟ କୁମାର ମିଶ୍ର ୮ଟି ମକଦମା ଫଇସଲା କରି ୧୦,୨୫,୦୦୦ ଟଙ୍କା ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ରେଜିଷ୍ଟର ସିଭିଲକୋର୍ଟ ସ୍ମୃତୀ ସ୍ନିଗ୍ଧା ଦାସ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିତ୍ୟାନନ୍ଦ ଚୌବେ, ଅନୁରାଗ ଦେହୁରି, କୋର୍ଟ ମ୍ୟାନେଜର ଦେବାନନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଅରେବେଡାକୁ ହରାଇ ବାନେର ଚାମ୍ପିୟନ

କଲମପୁର,୧୫।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତ ଭେଲାଗାଁ ଆଦିଶକ୍ତି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଚାଲିଥିବା ପଞ୍ଚ ଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାନେର ଏବଂ ଅରେବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାନେର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଫାଇନାଲ ଖେଳକୁ ତାପସ ଦାସ ଏବଂ ଗୌତମ ମାଝି ପରିଚାଳନା କରିଥିଲେ। ଖେଳରେ ବିଟୁ ବାରିକ ଏବଂ ଗୋପାଳ ନାଏକ ଲାଇନସ ମ୍ୟାନ କାର୍ଯ୍ୟ ତୁଲାଇଥିବା ବେଳେ କାର୍ତ୍ତିକ ମାଝି, ସୁରେଶ ମାଝି, ନିଲ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ସେମିଫାଇନାଲ ଖେଳ ଅରେବେଡା ଏବଂଭେଜିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭେଜିଗୁଡା ଦଳକୁ ହରାଇ ଅରେବେଡା ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ବାନେର ଏବଂ ଚକୁଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚକୁଲିକୁ ହରାଇ ବାନେର ଦଳ ଫାଇନାଲରେ ପ୍ରବେଶ କରିଥିଲା । ଶେଷରେ ବାନେର ଏବଂ ଅରେବେଡା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଭେଲାଗାଁ ଆଦିଶକ୍ତି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ପଞ୍ଚ ଦିବସୀୟ ପାଦପେଣ୍ଡୁ ପ୍ରତିଯୋଗୀତା ଆୟୋଜିତ ଉଦ୍‌ଯାପିତ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ଧର୍ମଗଡ ସରପଞ୍ଚ ତଥା ନବରଙ୍ଗପୁର ଜିଲା ଭାଜପା ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, ମୁଖ୍ୟବକ୍ତା ଅଚ୍ୟୁତାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ଲହଦଲ, ସମ୍ମାନିତ ଅତିଥି ଭାବେ ପ୍ରିୟରଞ୍ଜନ ମାଝି, ସାମାଜିକ କର୍ମୀ ବଳଦେବ ନାଏକ, ସନାତନ ଦୁର୍ଗା, ସୁନ୍ଦରମୋହନ ଛତ୍ରିଆ, ନିଳକଣ୍ଠ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଲୋକେଶ ମାଝି, ନରେନ୍ଦ୍ର ନାଏକ, ବୁଟି ନାଏକ, ସାଧୁରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ। ପାଞ୍ଚ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ।



ବାନେର ଏବଂ ଅରେବେଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ର ଏକ ଦୃଶ୍ୟ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୬ ଡିସେମ୍ବର ୨୦୧୯



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

■ ଉଲୁଣ୍ଡା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

### ଦୁର୍ମିଳାସୁର ନିଧନ

**ଉଲୁଣ୍ଡା, ୧୫।୧୨ (ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ତମ ବିରାଟ ଧନୁଯାତ୍ରାର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆୟୋଜକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଏହି ମହୋତ୍ସବରେ ଶତାଧିକ ଦର୍ଶକ ଯୋଗଦେଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପରିବେଷଣ ହୋଇଥିବା ମଞ୍ଚ ଅଭିନୟକୁ ଉପଭୋଗ କରିଥିଲେ। ହରିବଂଶ ପୌରାଣିକ କଥାବସ୍ତୁକ୍ରମେ ଛଦ୍ମବେଶୀ ଦୁର୍ମିଳାସୁର ଦ୍ୱାରା ଯମୁନା ତଟରେ ରାଣୀ ଇନ୍ଦୁମତୀଙ୍କ ସତୀତ୍ୱ ହରଣ, ଦୁର୍ମିଳାସୁର ଔରସରୁ କଂସ ଜନ୍ମ ଏବଂ କଂସ ଯୁବରାଜ ହେଲାପରେ ମାତାଙ୍କ ପ୍ରତିଶୋଧ ପାଇଁ ଦୁର୍ମିଳାସୁର ନିଧନ ଆଦି ଦୃଶ୍ୟ ପରିବେଷଣ ହୋଇଥିଲା। ସେହିପରି ଉଗ୍ରସେନ ମହାରାଜଙ୍କ ରାଜତ୍ୱରେ ମଥୁରାବାସୀ ସନ୍ତୁଷ୍ଟ ଥିବା ବେଳେ ଜୟ ଜୟକାର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ରାଜ ଦରବାର। ମହାରାଜ ଉଗ୍ରସେନ ରାଜ ଉଆଁସୁରୁ ହାତୀ ପିଠିରେ ବସି ରାଜଦରବାରରେ ପହଞ୍ଚିବା ପରେ ପ୍ରଜାଙ୍କ ଅଭିଯୋଗ ଶୁଣିବା ସହ ଅଭିଯୁକ୍ତଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ଉଗ୍ରସେନଙ୍କ ଦରବାରରେ ବିଭିନ୍ନ ଆଲବମ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୋପପୁରରେ ପାରମ୍ପରିକ ହରିବଂଶ ପାଠର ଆୟୋଜନ କରାଯାଇଥିବା ବେଳେ ମଞ୍ଜୁଲତା ତ୍ରିପାଠୀଙ୍କ ଦ୍ୱାରା ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ବସ୍ତା,୧୫।୧୨(ସ୍ୱ.ପ୍ର.): ବସ୍ତା ଓ ଅମର୍ଦ୍ଦା ରୋଡ଼ ରେଳ ଷ୍ଟେଶନ ମଧବର୍ତ୍ତୀ ନାରଙ୍ଗାବାଦ ରେଲବାଇ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣକ ରେଲଧାରଣା ପାର୍ଶ୍ୱରୁ କୋଇଲା ଗୋଟାଇ ରେଳ ଧାରଣା ପାରି ହେଉଥିବା ବେଳେ ଏକ ଏକ୍ସପ୍ରେସ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆରପି ରାଇସ୍ ମିଲ୍ ସିଲ୍ କଲେ ଉପଜିଲାପାଳ

■ ପାଟଣାଗଡ ଉପଜିଲାପାଳଙ୍କ ନେତୃତ୍ୱରେ ଚଢ଼ାଉ
■ ୧ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଗଚ୍ଛିତ ଅଭିଯୋଗ

**ବଲାଙ୍ଗୀର ଅଫିସ, ୧୫।୧୨**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅଧୀନ ଡୁଙ୍ଗୁରିପାଲିଠାରେ ଥିବା ଆର୍‌ପି ରାଇସ ଏଣ୍ଡ ଚୁଡା ମିଲ୍‌ରେ ପାଟଣାଗଡ଼ ଉପଜିଲାପାଳ ସୋମନାଥ ମିଶ୍ର ରବିବାର ଚଢ଼ାଉ କରି ମିଲକୁ ସିଲ କରିଛନ୍ତି। ମିଲରେ ୧ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବେଆଇନ୍ ଭାବେ ଗଚ୍ଛିତ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉପଜିଲାପାଳ ମିଲ୍‌ରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏନେଇ ସୋମବାର ସମ୍ପୂର୍ଣ୍ଣ ଭାବେ ତଦାରଖ କରାଯିବ। ତଦନ୍ତ ପରେ ମିଲ୍‌ରେ ବାସ୍ତରେ କେତେ ଧାନ ଗଚ୍ଛିତ ରହିଛି ସ୍ପଷ୍ଟ ହେବ। ଉପଜିଲାପାଳଙ୍କ ଚଢ଼ାଉ ବେଳେ ମିଲରେ ବହୁ ପରିମାଣର ଧାନ ବସ୍ତା ଥିବା ଦେଖାଯାଇଛି। ପ୍ରଦୂଷଣ ବୋର୍ଡର ପ୍ରମାଣପତ୍ର ନ ଥିବା ଓ ଅନ୍ୟାନ୍ୟ କାରଣରୁ ଚଳିତ ବର୍ଷ ଆର୍‌ପି ରାଇସ ଓ ଚୁଡା ମିଲ୍‌କୁ ଜିଲାର ସରକାରୀ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇନାହିଁ। ଏହା ସତ୍ତ୍ୱେ ରାଇସ ମିଲରେ ଏତେ ପରିମାଣର ଧାନ କୁଆଡୁ ଆସିଲା ତାହା ଜଣାପଡିନାହିଁ। ଜିଲାର କୌଣସି ଚାଷୀଙ୍କଠାରୁ ସିଧାସଳଖ ରାଇସ୍ ମିଲ୍ ମାଲିକମାନେ ଧାନ କିଣି ପାରିବେ ନାହିଁ ବୋଲି ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିବା ସତ୍ତ୍ୱେ ଏକ ଆଇନ ଖିଲାପକାରୀ ରାଇସ ମିଲରେ କିପରି ଏତେ ପରିମାଣର ଧାନ ଗଚ୍ଛିତ କରି ରଖିଛନ୍ତି ତାହା ଜିଲାରେ ବେଆଇନ୍ ଧାନ କିଣା ଦିଗକୁ ସୂଚିତ କରୁଛି। ଜିଲାର କିଛି ରାଇସ ମିଲ୍‌ର କମ୍ ମୂଲ୍ୟ ଦେଇ ଚାଷୀଙ୍କଠାରୁ ସିଧାସଳଖ ବେଆଇନ ଭାବେ ଧାନ କିଣୁଥିବା ନେଇ ଜିଲାର ଚାଷୀ, ଚାଷୀନେତା ଓ ବିରୋଧୀ ଦଳ ନେତାମାନେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଏପରି କି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଆର୍‌ପି ରାଇସ ମିଲରେ ଏଭଳି ବେଆଇନ ଗଚ୍ଛିତ ଧାନ ଠାବ ହେବା ପରେ ଜିଲାରେ ରାଇସ୍ ମିଲ୍ ମାଲିକଙ୍କ ବେଆଇନ୍ ଧାନ କିଣା ଚର୍ଚ୍ଚାର ବିଷୟ ହୋଇଛି।



ବେଲପଡ଼ା ବ୍ଲକ୍‌ର ଡୁଙ୍ଗୁରିପାଲିସ୍ଥିତ ଆର୍‌ପି ରାଇସ ମିଲରେ ପାଟଣାଗଡ଼ ଉପଜିଲାପାଳ ଚଢ଼ାଉ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;
ଆଟିକା ପୋଛାର ମାଇପ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ
ଉଠିବ ସଅଳ, ଚାଲିବ ବେଗେ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ତୁଳସୀନଗର ଦୁର୍ଗାପୂଜା କମିଟି ବନ୍ଧୁ ମିଳନ

**ବଲାଙ୍ଗୀର ଅଫିସ,୧୫।୧୨**

ବଲାଙ୍ଗୀର ତୁଳସୀନଗର ଦୁର୍ଗା ପୂଜା କମିଟିର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର କଦଳୀମୁଣ୍ଡା ନର୍ସରୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଥିଲେ କମିଟି କର୍ମକର୍ତ୍ତା। କଣ୍ଠଶିଳ୍ପୀ ରଞ୍ଜିତ ମହାନ୍ତି ତାଙ୍କ ସୁମଧୁର ଗୀତରେ ସଦସ୍ୟମାନଙ୍କୁ ଆମୋଦିତ କରିଥିଲେ। ପରେ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ପୂଜା କମିଟି ଉପସଭାପତି ନିଳାଦ୍ରୀ ବିହାରୀ ସିଂ, ସାଧାରଣ ସମ୍ପାଦକ ସୁନୀଲ ମହାନ୍ତି, ସମ୍ପାଦକ ସଞ୍ଜୟ ମିଶ୍ର, କୋଷାଧ୍ୟକ୍ଷ ନାରାୟଣ ମିଶ୍ର, ଅଜୟ ମହାପାତ୍ର, ଯୁଗ୍ମ ସମ୍ପାଦକ ଆଲୋକ ପାଣିଗ୍ରାହୀ, ଗୋବିନ୍ଦ ବହିଦାର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଧ୍ରୁବଚରଣ ପାଣ୍ଡେ, ପୂର୍ବତନ ଏସ୍‌ପି ବିବେକ ରଥ, ଡା.ସୁବାସ ଦାଶ, ସୁଶୀଳ ଚାନ୍ଦ, ଡା ବିପିନ ମିଶ୍ର, କିଶୋର ରଥ, ବିପିନ ତ୍ରିପାଠୀ, ସୁରେନ୍ଦ୍ର ନେଗୀ, ଚକ୍ରଧର ରଣା, ହରେକୃଷ୍ଣ ଆଡଜୁଆଡ, ବନମାଳୀ ବାଗ, ବିଭୂତି ପୋଢ଼, ରଘୁ ବାଗ, ସୁଦାମ ସାହୁଙ୍କ ସହ ଅନ୍ୟ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଭାଇଚାର ସୃଷ୍ଟି କରିଥିବା ମତପ୍ରକାଶ ପାଇଥିଲା।



ତୁଳସୀନଗର ଦୁର୍ଗାପୂଜା କମିଟି ତରଫରୁ ଅନୁଷ୍ଠିତ ବନ୍ଧୁମିଳନ।

## ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ,୧୫।୧୨**

ବଲାଙ୍ଗୀର ଟାଉନ୍ ହଲ୍‌ଠାରେ ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି(କରଣ ସମାଜ)ର ବାର୍ଷିକ ଅଧିବେଶନ ଓ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅସୀମ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦିଲ୍ଲୀସ୍ଥିତ ଭାରତୀୟ ଲୋକସେବା ସଂସ୍ଥାନର ପ୍ରଫେସର ଡ. ସୁଜିତ୍ କୁମାର ପୃଷ୍ଟେଠ୍ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନ୍ୟାୟପୂର୍ଣ୍ଣ ସମାଜ ହିଁ ସ୍ଥିରତା ଓ ସମୃଦ୍ଧି ଆଣେ। କୌଣସି ପ୍ରସଙ୍ଗରେ ଯଦି ଜଣେ କହିପାରିବ ତେବେ ତାକୁ ଗଠନମୂଳକ ଭାବେ ଅନ୍ୟ ଜଣେ ସମାଲୋଚନା କରିବାର ଅଧିକାର ମଧ ଦିଆଯିବ କଥା। ହେଲେ ସମାଜରେ ଗଣତନ୍ତ୍ର, ସ୍ୱାଧୀନତା ବଜାୟ ରହିବ। ସମାଜ ନ୍ୟାୟ ସଙ୍ଗତ ହେବ। ଚିତ୍ରଗୁପ୍ତ ନ୍ୟାୟପୂର୍ଣ୍ଣ ଲୋକ ପ୍ରଶାସନର ପ୍ରତୀକ ବୋଲି ଡ. ପୃଷ୍ଟେଠ୍ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଖିଳ ଭାରତ କାର୍ଯ୍ୟ ମହାସଭା କାର୍ଯ୍ୟକାରୀ କମିଟି ସଦସ୍ୟ ବିକ୍ରମାନନ୍ଦ ବହିଦାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଣ ସମାଜ ସମ୍ପାଦକ ପ୍ରଦୀପ କୁମାର କୁଅଁର, ଉପସଭାପତି ଗୌରଚନ୍ଦ୍ର ପୃଷ୍ଟେଠ୍, ଅଶ୍ୱିନୀ ପଟ୍ଟନାୟକ, ସହସମ୍ପାଦକ ଦିଲୀପ ପୃଷ୍ଟେଠ୍, ଜୟରାମ ପଟ୍ଟନାୟକ, କୋଷାଧ୍ୟକ୍ଷ ମାନସ ରଞ୍ଜନ ବହିଦାର, ଯୁବ ଶାଖା ସଂଯୋଜକ ବିଶ୍ୱରଞ୍ଜନ ପୃଷ୍ଟେଠ୍, ମହିଳା ଶାଖା ସଂଯୋଜିକା କାଞ୍ଚନ ମଣି ଦାନୀ, ସୁଷମା ଚୌଧୁରୀ, ମୀନାକ୍ଷୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିବନାରୟଣ ବହିଦାର, ଆଦିତ୍ୟ ନାରାୟଣ ପଟ୍ଟନାୟକ, ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଭାରତୀ ପଟ୍ଟନାୟକ, ଛାତ୍ର ପ୍ରତିଭା ପ୍ରିୟଙ୍କା ପୃଷ୍ଟେଠ୍, ଶ୍ୱେତା ପଟ୍ଟନାୟକଙ୍କୁ ମାନପତ୍ର, ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମଶାଲ ଶୋଭା ଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।



ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ୧୯୮୮ ବ୍ୟାଚ୍ ବନ୍ଧୁ ମିଳନ କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୫।୧୨(ଡି.ଏନ.ଏ.):** ହରିଶଙ୍କର ପାନ୍ଥ ନିବାସଠାରେ ପାଟଣାଗଡ଼ ରମାଇହାଇସ୍କୁଲ ୧୯୮୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ନିଜ ସ୍ମୃତିକୁ ମନେ ପକାଇବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ନିଜ ବୃତିଗତ ଜୀବନର ବ୍ୟସ୍ତତା ମଧ୍ୟରେ କିଛି ସମୟ ପୁରୁଣା ସ୍ମୃତିକୁ ମନେପକାଇବା ବନ୍ଧୁ ମିଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ୮୮ ବ୍ୟାଚ୍ ସଭାପତି ଇସୁପ୍ ଖାନ୍, ସମ୍ପାଦକ ରାଜକିଶୋର ନିନା, ଦୟାନିଧି ହାତୀ, ଅଧ୍ୟାପକ ପ୍ରଦିପ୍ତ ପାଣିଗ୍ରାହୀ, ଶିଶୁ ରୋଗ ବିଶେଷଜ୍ଞ ଡା.ପିତବାସ ସା, ଡା.ଯୁଗଳ କିଶୋର ଭୋଇ, ସୁବୋଧ ମେହେର, ଭଗବାନ ମେହେରଙ୍କ ସମେତ ଜିଲା ତଥା ଜିଲା ବାହାରୁ ପୁରାତନ ଛାତ୍ର ଯୋଗଦେଇଥିଲେ।

## ସାହିତ୍ୟ ପରିଷଦର କବିତା ଆସର କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୫।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ପାନ୍ଥ ନିବାସଠାରେ ସେଲାପଥର ସାହିତ୍ୟ ପରିଷଦର ବାର୍ଷିକ ଅଧିବେଶନ ସହ କବିତା ଆସର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କବିୟିତ୍ରୀ ସଂଯୁକ୍ତା ପରିଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ମୁଖ୍ୟ ବକ୍ତା ଭାବେ ଲେଖକ ରାଜୀବ ଶଗଡିଆ, ସମ୍ମାନିତ ଅତିଥି ଭାବେ ନିର୍ଝରିଣି ସାହିତ୍ୟ ପରିଷଦ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ, ସବିତା ଭୋଇ ପ୍ରମୁଖ ଯୋଗଦେଇ ହରିଶଙ୍କର ବାବାଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବିୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟେକେନ୍ଦ୍ର ଜାଲଙ୍କୁ କବି କରୁଣାକର ଭୋଇ ସ୍ମୃତି ସମ୍ମାନ ୨୦୧୯ରେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେଲାପଥର ସାହିତ୍ୟ ସଂସଦର ଆଗାମୀ କାର୍ଯ୍ୟ ପନ୍ଥା ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅଭୟ ତ୍ରିପାଠୀ, ଉପସଭାପତି ସଂଯୁକ୍ତା ପରିଛା, ସମ୍ପାଦକ ଧରମସିଂ ଧରୁଆ, ସହସମ୍ପାଦକ ସତ୍ୟାନନ୍ଦ ଭୋଇ, କୋଷାଧ୍ୟକ୍ଷ ଅଭିଲାଷ ଭୋଇଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧରମ ସିଂ ଧରୁଆ ପରିଚାଳନା କରିଥିବା ବେଳେ ପ୍ରମୋଦ ଦାଶ, ସତ୍ୟାନନ୍ଦ ସାହୁ, ଟିକେଶ୍ୱର ଧରୁଆ, କ୍ଷୀରୋଦ୍ର କୁମାର ସାହୁ, ମୁରଳୀଧର ଶିକା, ଯଶୋବନ୍ତୀ ଶବର, ହେମକାନ୍ତୀନ୍ ନାଏକଙ୍କ ସହ ୫୦ରୁ ଉର୍ଦ୍ଧ୍ୱ କବିୟିତ୍ରୀ ଓ କବି ଉପସ୍ଥିତ ଥିଲେ। ଶେଷରେ ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ସେଲାପଥର ସାହିତ୍ୟ ପରିଷଦର କବିତା ଆସର କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଯୋଗଦେଇଥିବା କବିୟିତ୍ରୀ ଓ କବି।

■ ଶୁକଦେବଙ୍କର ପାସେ ପୁହୁଁଚିଲା ବିଙ୍ଗ ହ୍ୟୁମାନ ସଂଗଠନ

## ଉଚ ଚିକିଛା ଲାଗି କଥାଦେଲେ

**ଦେଓଗାଁ,୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଁଚେତ୍ ଅଧୀନ ଚନ୍ଦ୍ରପୁର ଗାଁର ଶୁକଦେବ ନାଗ(୪୦)। ତାକର ଦୁଇ ଗୁଡ଼େ ହେଇଥିବାର ଘା' ପାଚି ଯାଇ ବଡ଼ା ଦୁଖ୍ ପାଉଛନ୍। ଉଷୋକଷା ଉତାରୁ ଘା' ନାଇଁ ଶୁଖିଲାରୁ ସେ ବଲାଙ୍ଗୀର ଭୀମଭୋଇ ମେଡିକାଲକେ ଚିକିଛା ଲାଗି ଯାଇଥିଲେ। ସେଠାନେ ଡାକ୍ତର ଚିକିଛା କରବାର ଜାଗାରେ ତମର ତାରିଖ ପଲେଇଗଲାନ୍, ପଛେ ଆଏବ କହି ଡିସଚାର୍ଜ କରିଦେଇଥିଲେ। ଶୁକଦେବ ମୁହୁଁକାନ ଶୁଖେଇ ଘରକେ ପଲେଇ ଆଏବାର ସଂଗେ ଦୁଖ୍ ସହି ଭଗବାନ ଭରସାରେ ପଡ଼ିଥିବାର ନଜରକେ ଆସିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ପଢ଼ି ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ ହ୍ୟୁମାନର ଜିଲା ସଭାପତି ସୋମନାଥ ମିଶ୍ରଙ୍କର ମଂଗୁଆଲତିରେ କେତେ ଝନ୍ ସଦସିଅ ଶୁକଦେବଙ୍କର ଘରେ ପୁହୁଁଚିଥିଲେ। ସେମାନେ ପରିବାର ସଂଗେ ଆଲୋଚନା କରବାରି ଶୁକଦେବଙ୍କର ଉଚ ଚିକିଛା ଦିଗେ ପଦକ୍ଷେପ ନେବାକେ କଥା ଦେଇଥିବାର ଜଣାଯାଇଛେ।



ରୋଗ୍‌ରେ ପୀଡ଼ିତ ଶୁକଦେବଙ୍କର ପାସେ ବିଙ୍ଗହ୍ୟୁମାନର ସଦସିଅମାନେ।

■ ବିଜେଡ଼ିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

## ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ

**ବେଲପଡ଼ା,୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ନିକଟସ୍ଥ ଭରୁଆମୁଣ୍ଡା ଗ୍ରାମ କାଜୁବଗିଚାରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଲପଡ଼ା ବ୍ଲକ ବିଧାୟକଙ୍କ ପ୍ରତିନିଧି ଗଣେଷ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରିବା ସହ ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ବକ୍ତବ୍ୟରେ କର୍ମୀମାନଙ୍କୁ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟାପ୍ରତି ଧ୍ୟାନ ଦେବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ବୁଝାଇବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ନୁନହାଡ଼ ସମିତି ସଭ୍ୟ ପୁରନ୍ଦର ବାଗ, ଅରୁଣ ପାଣିଗ୍ରାହୀ, ଦୁର୍ଯ୍ୟୋଧନ କୁମ୍ଭାର, କନ୍ଦର୍ପ ଦନ୍ତା, ଚନ୍ଦ୍ରଭାନୁ ମେହେର, ଜୟକିଷାନ ରଣା, ଲକ୍ଷ୍ମୀଧର ପୁଟା, ରଙ୍ଗାଧର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ନୂତନ ଭାବେ ତରା ଗ୍ରାମର ପୁରନ୍ଦର ବାରିକ, ରଞ୍ଜିତ ବାରିକ, ବୁଦାମୁଣ୍ଡା ଗ୍ରାମର ସୌଦେଷ ଷାଣ୍ଡ, ରାଜେନ୍ଦ୍ର ଷାଣ୍ଡ, ଚୂଡ଼ାମଣି ମେହେର, ତେତେଲମୁଣ୍ଡା ପଞ୍ଚାୟତର ଅଭି ଦୀପ, ତପିରାମ ବନଗୁଲା, ଭୋଲାନାଥ ମେହେର, ନିତ୍ୟାସୁନା, ବାସୁଦେବ ବିଶ୍ୱାଳ, ତପନ ବଛା, ଗିରିଧାରୀ ବଛାଙ୍କ ସହ ୩୪ଜଣ ବିଜେଡିରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ନବାଗତ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା।




ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

■ ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

## ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ

**ବେଲପଡ଼ା,୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଡି.ଆର୍. ମେହେର ହାଇସ୍କୁଲରେ ୧୨ତାରିଖରୁ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୧୪ବ୍ଲକରୁ ୯୦ଟି ପ୍ରକଳ୍ପ ସ୍ଥାନପାଇଥିଲା। ଏହି ଅବସରରେ ଶକ୍ତି ସଂରକ୍ଷଣ ଉପରେ ଏକ ର୍‍ୟାଲି ଆୟୋଜିତ ହେବାସହ କୁଇଜ ପ୍ରତିଯୋଗିତା ହୋଇଥିଲା। ବିଜ୍ଞାନ ମେଳାରେ ୬ଜଣ ବିଚାରକ ୯୦ଟି ପ୍ରକଳ୍ପ ବୁଲି ମୁଲ୍ୟାଙ୍କନ କରି ଶେଷ୍ଠ ୧୨ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ସେଥିମଧ୍ୟରୁ ୬ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନିତ ହୋଇଛି। ପାଟଣାଗଡ଼ ଉପଜିଲାପାଳ ସୋମନାଥ ପଧାନଙ୍କ ସଭାପତିତ୍ୱ ଓ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କମିଶନର ମିଲାପ ଜୈନ ଯୋଗଦେଇ କଠିନ ପରିଶ୍ରମ ବ୍ୟକ୍ତିଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ସନାତନ ଠାକୁର ସଂକଳ୍ପ କର, ସ୍ୱପ୍ନ ଦେଖ ସ୍ୱପ୍ନକୁ ସାକରା କର ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ବେଲପଡ଼ା ବିଡିଓ ଭିକ୍ଟର ସୋରେଙ୍ଗ, ବିଇଓ ବୈକୁଣ୍ଠ ଶବର, ରାଜ୍ୟ ଓଷ୍ଟା ସଭାପତି ବିନୋଦ ପାଣିଗ୍ରାହୀ, ବିଜ୍ଞାନ ସଂଯୋଜକ କିଶୋର କୁମାର ବେହେରା, ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ମେଳା ସଂଗଠକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ୧୨ଟି ପ୍ରକଳ୍ପକୁ ଅତିଥିମାନେ ସମ୍ମାନିତ କରିଥିଲେ। ଏପରି କି ଜିଲା ତଥା ବ୍ଲକର ଶେଷ୍ଠ ସଂଗଠକ ହାଇସ୍କୁଲ ଭାବେ ଡି.ଆର୍. ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ପଣ୍ଡାଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଜିଲାସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।